

ଲ’ ଗ୍ରାଜୁଏଟ ସିଧାସଳଖ ଦେଇପାରିବେନି ପରୀକ୍ଷା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



‘ଆଖୋଁ କୀ ଗୁସ୍ତାଖିୟାଁ’ରେ ନଜର ଆସିବେ ସନୟା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୦ Vol. 22 No-50 21 MAY 2025 WEDNESDAY, BHUBANESWAR ବୁଧବାର, ୨୧ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦





No.1 Residential Institution

## KRISHNA VIKASH GROUP

AISSE 2025 Result **X** | AISSCE 2025 Result **XII** | **JEE** Mains 2025 Final Result

A School of Excellence For
Board / IIT-JEE / NEET / CUET / CA / UPSC Programme

Krishna Vikash Edu. Network Odisha | Chhattisgarh | Andhra Pradesh

Krishna Vikash Group of CBSE Schools

### AISSCE XII 2025 RESULTS (BARGARH)

SHUBHIKSHA School Topper 97.8% | JAANVI School Topper 97.8% | GAGAN School Topper 97.6% | SUBHAM School Topper 97.2% | ADRISH 97.2% | TRILOK 97.2%

96.6% SUBHADRA | 96.4% ANIKET | 96.4% SRIYAM | 96.4% HEMAKSHI | 96.4% RIDDHI | 96.4% SARANYA | 96.2% PRIYANSHU | 96.2% AUROSMITA | 96.2% PRATYUSH

96.0% BHUPENDRA | 96.0% MUSKAN | 95.8% PIYUSH | 95.8% DIVITA | 95.8% PIYUSH | 95.8% RONAK | 95.6% ABANI KANT | 95.6% PRAGYA | 95.6% ARTI

95.4% PRAGATI | 95.4% CHINMAYEE | 94.6% BANSITA | 94.4% ANWESHA | 94.4% SNEHAMAYEE | 94.4% ANWESHA | 94.2% BISWARANJAN | 94.2% LIPUN | 94.2% YASHOBANT

94.2% S. SANCHITA | 94.0% AADYA | 94.0% SWASTIK | 94.0% ROHAN | 93.8% SASWAT | 93.8% NIRLIPTA | 93.6% SIMRAN | 93.6% LOPAMUDRA | 93.4% AVANTIKA

93.4% NITISH | 93.4% KARISHMA | 93.2% TUSHAR | 93.0% AAYUSHMAN | 93.0% KEMMY | 93.0% KAMLESH | 93.0% SOUMYA | 93.0% TANVEER | 92.8% NAMRATA

92.8% PRIYANKA | 92.6% SLOKE | 92.6% BHUMIK | 92.4% PRIYANSHU | 92.4% SUPRABHA | 92.4% TAPASWINI | 92.2% NAMAN | 92.0% PRITI | 92.0% ANWESHA

91.8% SHIVAM | 91.6% ANWESH | 91.4% SAMBHAVNA | 91.4% MOHAN | 91.2% SUCHI | 91.2% ASHIKA | 91.2% TANUSKA | 91.2% RESHMA | 91.0% ADHISA

90.8% GARGI | 90.8% ANAM | 90.6% MONIKA | 90.6% PARTH | 90.6% SWASTI | 90.6% AAYUSHI | 90.6% HEMANEEL | 90.6% PARTHA | 90.6% DILESWARI

90.2% GARIMA | 90.2% PALAK | 90.2% SHIVAM | 90.0% BLESSY | 90.0% JAYANT | 90.0% ANKIT

### JEE Mains 2025 RESULTS

99.39 Percentile TOTAL PRATYUSH

HEMANEEL AIR (ST) 365 | SAMBHAVNA AIR (ST) 898 | PRATYUSH AIR (OBC) 2097

Students Eligible to get Admissions in NITs (as per 2024 Cut-off) 53

98 Percentile & Above in Total 04 | 97 Percentile & Above in Total 14 | 96 Percentile & Above in Total 21 | 95 Percentile & Above in Total 29

### JEE Adv. 2024

RITESH 99.646 Percentile, IIT, Mandi Data Science, AIR 1446
PRIYANK 99.640 Percentile, IIT, Kharagpur Civil Engg., AIR 4565

### NTA-CUET (UG) 2024

YASH (CBSE XII Commerce) 770/800 Marks (B.Com. Hons.) Kirori Mal College (North Campus) University of Delhi
P. Akshaya (CBSE XII Arts) 740/800 Marks (BA Hons. - Pol. Sc. + Philosophy) Kirori Mal College (North Campus) University of Delhi

15 students are admitted in DU in 2024
12 students Qualified in CUET 2023
10 students Qualified in CUET 2022

### NTA-NEET (UG) 2024

DIGAMBER 700 Marks AIIMS, Kalyani | SANAT 691 Marks SCB, Cuttack | SATYAM SAI 680 Marks VIMSAR, Burla

UTPALA 676 Marks VIMSAR | AFIRAAH 671 Marks ESIC, Faridabad | ARMAN 671 Marks VIMSAR

ROHIT 671 Marks VIMSAR | SAKET 670 Marks VIMSAR | PRATIK 665 Marks VIMSAR | PRITAM 665 Marks BBMCH

67 Eligible for Govt. Seats
34 Above 600 Marks
67 Above 500 Marks

### AISSE X 2025 RESULTS

HARIPRIYA 97.8% (Vikash Residential School, Bargarh Topper) | SHREYASH 97.8% (Krishna Vikash First Step, Bargarh Topper) | DAKSHYESH 97.2% (VRS, Bargarh) | ANWESHA 97.0% (KVFS, Bargarh) | SUCHISMITA 97.0% (KVFS, Bargarh) | VAGISHA 96.6% (VRS, Bargarh) | SPANDAN 96.4% (VRS, Bargarh)

**Vikash Residential School, Bargarh**

96.2% OMM SWARUP | 96.2% DEEPAK | 95.4% PIYUSH | 95.4% AMLAN | 95.2% BIDUSMITA | 95.0% REETIKA | 94.8% MILAN | 94.8% GOURAV

94.6% LINEYSHA | 94.4% SAMARTH | 94.4% ANSHIK | 94.0% ABHINAV | 94.0% OMM PRAKASH | 94.0% PRAVIN | 93.8% SATYAKANTA | 93.8% PALCHHIN | 93.8% KRISHNA

93.8% ANUSHKA | 93.6% PRATIGYAN | 93.6% SWAYAMSHREE | 93.6% SIMRAN | 93.4% ZENITH | 93.4% SHREEYASHREE | 93.4% HIMANSHI | 93.4% SOUMYA | 93.4% ARYAN

93.2% SANGRAM | 93.0% MORYA BALLAV | 92.8% STUTISHREE | 92.4% ANWESHA | 92.2% GARIMA | 92.2% LATA MANJURI | 92.2% MANAS | 92.0% ANSHUMAN | 92.0% CHARCHIT

92.0% ABHIGYAN | 92.0% ASHUTOSH | 91.8% SULAGNA | 91.8% PRATIBHA | 91.8% ISHITA | 91.6% SHRESHTHA | 91.4% A. ANURAG | 91.4% ARNIVA | 91.4% KUSUM

91.2% ISHANT | 91.2% JIBESH | 91.2% SARBAYU | 91.2% TUSARKANTA | 91.0% UZMA | 91.0% AYAN AKHTAR | 91.0% SWARNIKA | 90.8% SUBHAM | 90.8% DRISHTI

90.6% PRANJAL | 90.6% PRAYAS | 90.6% ABHINAV | 90.4% ABHISEK | 90.4% RASHMI | 90.2% GEETH SAI | 90.2% BHABESH | 90.0% BIBHRANSHU | 90.0% JOGESH

**Krishna Vikash First Step, Bargarh**

94.8% AYUSH | 94.8% SANSKRUTI | 94.8% SHOURYA | 94.8% VANSHIKA | 94.4% ARCHITA | 94.4% SOMYA | 93.8% ARMAAN | 93.4% ANUSKA

92.6% GAYATRI | 92.4% SHIBANSHU | 92.2% AANYA | 91.8% CHESTA | 91.4% JIYA | 91.0% PRIYANKA | 90.8% ANVI | 90.8% NAMAN | 90.6% ANUSHKA

90.4% PRATYUSH | 90.2% SAANVI

**Krishna Vikash IND Global School Rourkela**

94.4% AARIT | 93.8% SHLOK | 93.6% PIYUSH | 93.0% ANUSHKA | 91.8% SAKSHAM | 91.0% ISPITA

**Krishna Vikash Vijayam School, Visakhapatnam**

94.8% VIRAT | 94.6% SONAM | 94.2% K.V. LAKSHMI | 93.6% HAREESH | 93.4% KAVYA SRI | 93.2% VYBHAV | 93.0% DEBASHREETA | 92.6% SARATH

92.4% SAISHREE | 92.4% AIKYA | 91.6% SANJANA | 91.6% CHARAN SAI | 91.4% ESWAR | 91.2% SAI HASINI | 91.0% DEEPIKANJALI | 91.0% Y. KOLA | 91.0% GEETHIKA

91.0% JASWANTH | 90.8% DINESH | 90.2% SHIVA SAI

**CNEMS, Bargarh**

95.4% LOKESH | 94.8% AYUSHI | 91.2% PRIYANKA | 90.2% SRUTI RANI

**CNEMS, Dungri**

92.8% KRITIKA

**AISSE X 2025 Result Analysis**
Krishna Vikash Group of CBSE Schools

| > 95% | > 90% | > 80% | > 60% |
|---|---|---|---|
| 14 | 119 | 304 | 628 |

**AISSCE XII 2025 Result Analysis**
Vikash Residential School, Bargarh

| > 95% | > 90% | > 80% | > 60% |
|---|---|---|---|
| 26 | 84 | 281 | 539 |

KVAST 2025 Krishna Vikash Aptitude & Scholarship Test

Admission Tests for 1 Year Extended NEET/JEE/CUET 2025-26 Regular Classroom Programme
**SUPER 40**

Classes for Super40 from 02.06.2025
Test on Class XI + XII Syllabus
PCB/PCM/Humanities
Scan the QR Code or use the Registration link: https://vrsbgh.krishnavikash.com/super40

PHASE - II - 25th May 2025 (Sunday) 9 AM-1 PM
Test Centre : Krishna Vikash Campus, Barahaguda, Bargarh (Odisha)

**ADMISSIONS OPEN** (Co-Ed. Day/Residential)
**Nursery to IX & XI CBSE & +2 CHSE**
(XI Science / Commerce / Humanities | +2 Science / Commerce)

krishnavikash.com

CBSE : 99376 18855, 63707 04779
91245 99099, 93373 10441
CHSE : 94393 53433, 70641 40000

• ANGUL: 91246 09681 / 82 • ROURKELA: 70778 53111 • FIRST STEP, BARGARH: 70644 13477 • CEMENT NAGAR: 94396 65394 • BRAHMAPUR: 91246 09687 / 88 • RAIPUR: 77519 93222 • BHILAI: 91245 71067 / 68 / 69 • JAGDALPUR: 91240 87305 / 06 / 07 • VISAKHAPATNAM: 99662 12217 / 63014 64656.

ଓଡ଼ିଶା ଭାସ୍କର
ମହାନଗର



କଟକ(ଭାସ୍କର ନ୍ୟୁଜ): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ନିକଟରେ ଭେଣ୍ଡିଂ ଜୋନ୍ ନିର୍ମାଣ ବିରୋଧରେ ଆଗତ ଏକ ମାମଲାର ଶୁଣାଣି କରି ନିର୍ମାଣ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ବିଶ୍ୱବିଦ୍ୟାଳୟର ଷ୍ଟୁଡେଣ୍ଟ କାଉନ୍‌ସିଲ୍‌ର ବିଦ୍ୟାର୍ଥୀ ଅରୁପ୍ କୁମାର ଦେଓ, ଶ୍ରାବଣୀ ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣିବେଳେ କଟକ ମହାନଗର ନିଗମ କମିଶନରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଉତର ପାଖ ସମ୍ମୁଖରେ କଟକ ମହାନଗର ନିଗମର ଭେଣ୍ଡିଂ ଜୋନ୍ ନିର୍ମାଣକୁ ବିରୋଧ କରି ଉପରୋକ୍ତ ଛାତ୍ରଛାତ୍ରୀମାନେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ପରିଚାଳନା କରୁଥିଲେ ।



## ପୁଣି ଫେରିଲା କରୋନା ଭୟ

# ସତର୍କ ରହିବାକୁ ପରାମର୍ଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁଣି ଫେରିଛି କୋଭିଡ ଭୟ । ମୁମ୍ବାଇରେ ୨ ଆକ୍ରାନ୍ତଙ୍କ ମୃତ୍ୟୁ ପରେ ଚିନ୍ତା ବଢ଼ିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାବାସୀ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ସେ କହିଛନ୍ତି, ବହୁବିଧ ରୋଗରେ ଆକ୍ରାନ୍ତ ଥିବା ଲୋକେ ସାବଧାନ ରୁହନ୍ତୁ । କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ମାସ୍କ ପିନ୍ଧନ୍ତୁ । ଏବେ ବ୍ୟାପିଥିବା କୋଭିଡ୍ ଓମିକ୍ରନ୍ ର ସବ୍ ଭାରିଆଣ୍ଟ ଓଡ଼ିଶାରୁ ଚିହ୍ନଟ ହେଲେ ଜିନମ୍ ସିକ୍ୟୁଏନସ୍ ପାଇଁ ପଠାଯିବ । ଏପର୍ଯ୍ୟନ୍ତ କେନ୍ଦ୍ରରୁ କୌଣସି ମାର୍ଗଦର୍ଶିକା ଜାରି କରାଯାଇ ନାହିଁ । ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି, ଗତବର୍ଷ ମଧ ଏହି ସମୟରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏପର୍ଯ୍ୟନ୍ତ କୋଭିଡ୍ ଯୋଗୁ ଗୁରୁତର ହୋଇଥିବା ରୋଗୀ ସାମ୍ନାକୁ ଆସିନାହାନ୍ତି । ସିଙ୍ଗାପୁର ଏବଂ ହଂକଂରେ କୋଭିଡ ସଂକ୍ରମଣ ବଢୁଛି । ଭାରତରେ କିଛି ଆକ୍ରନ୍ତ ଚିହ୍ନଟ ହୋଇଛନ୍ତି । ଏହି ଭେରିଆଣ୍ଟରେ ଥଣ୍ଡା, ଛିଙ୍କ, କଫ ଓ ଗୋଡ଼ହାତ ବିନ୍ଧା ହେବ । ଯେଉଁମାନେ ବହୁବିଧ ରୋଗରେ ଆକ୍ରାନ୍ତ ସେମାନେ ସାବଧାନ ରୁହନ୍ତୁ । କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ସତର୍କ ରୁହନ୍ତି । ଏହି ଭେରିଆଂଟରେ ସଂକ୍ରମଣ ହାର କମ୍ ରହିଛି । ହେଲେ ଆମେ ସତର୍କ ରହିବା ଆବଶ୍ୟକ ।

## ବାଂଲାଦେଶୀଙ୍କୁ ଚିହ୍ନଟ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଂଲାଦେଶୀ ଚିହ୍ନଟ ନେଇ ଗୃହ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ବୈଠକରେ ଯୋଗ ଦେବେ ପୋଲିସ ଡିଜି , କ୍ରାଇମବ୍ରାଞ୍ଚ ଡିଜି ଆଇଜି ଓ ଡିଆଇଜି । ଓଡିଶାରେ କେତେ ବାଂଲାଦେଶୀ ରହିଛନ୍ତି ତାର ତାଲିକା ପ୍ରସ୍ତୁତ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ଅନ୍ୟପଟେ କୋଷ୍ଟଗାର୍ଡ ଏଡିଜି ତଟବର୍ତ୍ତି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ।

## ଯୁବକଙ୍କୁ ଗୋଡାଇ ଗୋଡାଇ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ମଞ୍ଚେଶ୍ୱର ଥାନା ଅର୍ନ୍ତଗତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଅଞ୍ଚଳରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଗୋଡାଇ ଗୋଡାଇ ହାଣିଛନ୍ତି କିଛି ଦୁର୍ବୃତ୍ତ । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି । ଦୁର୍ବୃତ୍ତମାନେ ତାଙ୍କୁ ଏକ ଖଣ୍ଡାରେ ଗୋଡ ଏବଂ ହାତକୁ ହାଣିଥିବା ଜଣାପଡ଼ିଛି । ଗୁରୁତର ଆହତ ହୋଇଥିବା ଯୁବକଜଣକ ହେଲେ ଚକେଇସିଆଣୀର ନାରୁ ପାତ୍ରଙ୍କ ପୁଅ ରୁଦ୍ର ପାତ୍ର । ରୁଦ୍ର ରାଜଧାନୀ କଲେଜରେ ପାଠ ପଢ଼ନ୍ତି । ତେବେ କେଉଁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଆକ୍ରମଣ କରାଯାଇଛି ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ପ୍ରଥମେ ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରୁଦ୍ରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା । ପରେ ସେଠାରେ ରୁଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍ସ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି ।



ରବିନ୍ଦ୍ର ମଣ୍ଡପଠାରେ ଜାଗୃତି ଜାତୀୟ ନୃତ୍ୟ ମହୋତ୍ସବରେ ଜଣେ ଓଡିଶୀ ନୃତ୍ୟଶିଳ୍ପୀଙ୍କ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ

## ପିଜିଟି ଶିକ୍ଷକଙ୍କ ଦକ୍ଷତା ବିକାଶ କର୍ମଶାଳା

# ଭାଗ ନେଲେ ୩୦୦ ପ୍ରଶିକ୍ଷାର୍ଥୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ୧୭ ଟି ସ୍ୱତନ୍ତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୩୦୦ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗ ଦେଇ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ରଘୁରାମ୍ ଆର୍ ଆୟର, ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବନ୍ଦନା ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ବିଶ୍ୱଜିତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦୁଇ ଦିନିଆ କର୍ମଶାଳାରେ ବିଦ୍ୟାଳୟର କାର୍ଯ୍ୟାଳୟ ପ୍ରତିଷ୍ଠାନ ପରିଚାଳନା, ପରୀକ୍ଷା ପରିଚାଳନା, ଅନଲାଇନ୍ ଏକାଡେମିକ୍ ସପୋର୍ଟ ପ୍ରୋଗାମ୍, ଏଚଆରଏମଏସ, ଆଇଏଫଏମଏସ ଆଦି ସମ୍ପର୍କରେ ପ୍ରଶିକ୍ଷଣ, ଇ-ଆଡମିଶନ, ଛାତ୍ରବୃତି, ଡିଜିଟାଲ୍ କ୍ଲାସ୍ ରୁମ୍ ବ୍ୟବହାର ଆଦି ସମ୍ପର୍କରେ ତାଲିମ୍ ଦିଆଯିବ ।

## ଟ୍ରେଡିଂରେ ଟଙ୍କା ଫେରସ୍ତ ନେଇ ଅପହରଣ, ୭ ଗିରଫ

କଟକ(ଭାସ୍କର ନ୍ୟୁଜ): କଟକ ବୟାଳିସ ମୌଜା ଥାନା ବଉଳକୁଦ ଅଞ୍ଚଳରୁ ଯୁବକ ଅପହରଣ ଘଟଣାରେ ୭ ଅଭିଯୁକ୍ତଙ୍କୁ ପୁଲିସ କେନ୍ଦ୍ରାପଡାରୁ ଗିରଫ କରିଛି । ଅଭିଯୋଗ ୧୨ ଘଣ୍ଟା ମଧ୍ୟରେ ଡିସିପିଙ୍କ ସ୍ୱତନ୍ତ୍ର ଟିମ ଯୁବକଙ୍କୁ ଉଦ୍ଧାର କରିବା ସହିତ ଏଥିରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ଗିରଫ କରିବାରେ କମିଶନରେଟ ପୋଲିସ ସଫଳ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ପି ଦିବ୍ୟଜ୍ୟୋତି (୨୭), ବୁଦ୍ଧଦେବ ବସୁ (୧୯), ରାଜେଶ ଦାସ (୨୯),ରାଜା ନାୟକ (୨୧), ବାବୁ ଓରଫ ପ୍ରଶାନ୍ତ ନାୟକ (୧୯), ରଞ୍ଜିତ ନାୟକ (୨୨)ଙ୍କ ସହ ଜଣେ ନାବାଳକ ରହିଥିବା କଟକ ଡିସିପି ସୂଚନା ଦେଇଛନ୍ତି । ଅପହରଣରେ ବ୍ୟବହୃତ କାର ସମେତ ୪ଟି ବାଇକ ଜବତ କରାଯାଇଛି । ସେୟାର ମାର୍କେଟ ଟ୍ରେଡିଂରେ ଲଗାଇଥିବା ଟଙ୍କା ଫେରସ୍ତ ନ କରିବାରୁ ଅଭିଯୁକ୍ତମାନେ ଯୁବକଙ୍କୁ ଅପହରଣ କରିଥିବା ପୁଲିସ ଅନୁସଂଧାନରୁ ଜଣାପଡିଛି । ମୁଖ୍ୟ ଅଭିଯୁକ୍ତ ରାଜେଶ ଓ ଦିବ୍ୟଜ୍ୟୋତି ଟ୍ରେଡିଂ ୟୁନିଟରେ ୬୦ରୁ ୭୦ ଲକ୍ଷ ଟଙ୍କା ନିବେଶ କରିଥିଲେ । ସମ୍ପୃକ୍ତ ଯୁବକଙ୍କୁ ପୂର୍ବରୁ ୨୦୨୨ ମସିହାରେ ମଧ ସମାନ ଢଙ୍ଗରେ ଅପହରଣ କରାଯାଇଥିବା କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅପହରଣ ଯୁବକ ହେଉଛନ୍ତ ୩୧ ବର୍ଷ ବୟସ୍କ ସୌମ୍ୟରଂଜନ ବେହେରା । ସେ ୨୦୧୯ରୁ ୨୦୨୨ ମସିହା ଭିତରେ ଭୁବନେଶ୍ୱର ଖାରବେଳ ନଗର ଅଂଚଳରେ ଏକ ସୟାର ମାର୍କେଟ ଟ୍ରେଡିଂ ୟୁନିଟ ଖୋଲିଥିଲେ । ପୂର୍ବରୁ ସେ ଭୁବନେଶ୍ୱର ବଡଗଡ଼ ଅଞ୍ଚଳରେ ରହୁଥିଲେ । ଟ୍ରେଡିଂରେ କ୍ଷତି ହେବା ପରେ ସେ କଟକ ବୟାଳିସ ମୌଜା ଥାନା ବଉଳକୁଦ ଅଞ୍ଚଳକୁ ଆସି ରହୁଥିଲେ । କେନ୍ଦ୍ରାପଡ଼ାର ରାଜେଶ ଦାସ ଜଣେ ଜିମ୍ ମାଲିକ ଓ ତାଙ୍କ ଜଣେ ସହଯୋଗୀ ଦିବ୍ୟଜ୍ୟୋତି, ଟ୍ରେଡିଂରେ ଟଙ୍କା ନିବେଶ କରିଥିଲେ । ସେମାନେ ଟଙ୍କା ଫେରି ନପାଇବାରୁ ସେ ସୌମ୍ୟରନଙ୍କୁ ଅପହରଣ କରିଥିଲେ ।

## 'ଓବିସି ସଂରକ୍ଷଣ ଉପରେ କହିବା ବିରୋଧୀଙ୍କ ନୈତିକତା ନାହିଁ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓବିସି ସଂରକ୍ଷଣ ପ୍ରସଙ୍ଗରେ ଉଭୟ ବିରୋଧି ବିଜେଡ଼ି ଓ କଂଗ୍ରେସର ଆନ୍ଦୋଳନ ପୂର୍ବରୁ ବର୍ଷିଲେ ମନମୋହନ ସାମଲ । ଓବିସି ସଂରକ୍ଷଣ ଉପରେ କହିବା ଲାଗି ସେମାନଙ୍କର ନୈତିକତା ନାହିଁ ବର୍ଗଙ୍କୁ ସଂରକ୍ଷଣ ଦେବା କ୍ଷେତ୍ରରେ ତାଙ୍କର ଭୂମିକା କଣ ଥିଲା । ମଣ୍ଡଳ କମିଶନ ବିରୋଧରେ ପଛୁଆ ବର୍ଗଙ୍କୁ ବଞ୍ଚିତ କରିବା ପାଇଁ ବିଜୁ ବାବୁ ସୁପ୍ରିମକୋର୍ଟ ଯାଇଥିଲେ । ପରେ କେବଳ ସମର୍ଥନ କରିବାର ଡିଣ୍ଡିମ ପ୍ରଧାନମନ୍ତ୍ରୀ କହିଛନ୍ତି । ଖୁବଶୀଘ୍ର ଜାତିଭିତ୍ତିକ ଜନଗଣନା ଆରମ୍ଭ ହେବ । ଏଭଳି ଐତିହାସିକ ନିଷ୍ପତି ନେଇଛନ୍ତି କେନ୍ଦ୍ର ସରକାର । ଓଡ଼ିଶାରେ ମଧ ସରକାର ନିଷ୍ପତି ନେଇଛନ୍ତି ପଛୁଆ ବର୍ଗଙ୍କୁ




ବୋଲି ସେ କହିଛନ୍ତି । ଇତିହାସକୁ ପଢନ୍ତୁ ବିରୋଧୀ । ସେମାନଙ୍କ ଆନ୍ଦୋଳନକୁ ଲୋକ ଗ୍ରହଣ କରିବେ ନାହିଁ । ମନମୋହନ ସାମଲ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ବିଧାନସଭାରେ କିଛି ତଥାକଥିତ ନେତା ବିରୋଧ ପାଇଁ ବିରୋଧ କରୁଥିଲେ । ସେମାନେ ଆଇନାରେ ନିଜ ମୁହଁ ଦେଖିବା ଉଚିତ । ପଛୁଆ ପିଟିଥିଲେ । ଶ୍ରୀ ସାମଲ କହିଛନ୍ତି ଯେ, କିନ୍ତୁ କଂଗ୍ରେସ ଓ ବିଜେଡ଼ି ଲମ୍ବା ସମୟ ଧରି ସରକାରରେ ରହି ମଧ ଲାଗୁ କରିପାରିଲେ ନାହିଁ । ଯେଉଁମାନେ ବିଧାନସଭାରେ ବିରୋଧ କରୁଥଲେ, ସେମାନଙ୍କୁ ଲୋକ ଜାଣିଛନ୍ତି । କେବଳ କୁମ୍ଭୀର କାନ୍ଦଣା କରିଛନ୍ତି । କିଛି କରିନାହାନ୍ତି କହି ବର୍ଷିଛନ୍ତି ମନମୋହନ ସାମଲ । ପଛୁଆ ବର୍ଗଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ସାମ୍ବିଧାନିକ ଅଧିକାର ମିଳିବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ବତନ ଜୁନିୟର ଆକାଉଣ୍ଟାଣ୍ଟ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ, ବଲାଙ୍ଗୀର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ପୂର୍ବତନ ଜୁନିୟର ଆକାଉଣ୍ଟାଣ୍ଟ-ସହ-ଲିଜ୍ କ୍ଲର୍କ କଳାନ୍ଦୀ ଚରଣ ଭୂୟାଁ, ବଲାଙ୍ଗିର ଡିଏଫଓ କାର୍ଯ୍ୟାଳୟରେ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ମାମଲା ଓଡ଼ିଶା ଭିଜିଲାନ୍ସ ବିଭାଗ ଦ୍ୱାରା ରୁଜୁ ଓ ତଦନ୍ତ କରାଯାଇଥିଲା । ଶ୍ରୀ ଭୂୟାଁ, ଯିଏକି ବର୍ତ୍ତମାନ ସେବାନିବୃତ୍ତ ତାଙ୍କ ବିରୁଦ୍ଧରେ ୨୭.୦୬.୨୦୧୯ ରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନଂ ୧୬ ଅନ୍ତର୍ଗତ ଦାୟର କରାଯାଇଥିଲା ଓ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ସେ ଜଣେ ଅଭିଯୋଗକାରୀଙ୍କ ଠାରୁ ୧୦ହଜାର ଟଙ୍କା ଲାଞ୍ଚ ମାଗିବା ଓ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହି ଲାଞ୍ଚ ଟଙ୍କା କିଛି ଚାଷୀଙ୍କ ରେକର୍ଡ ହୋଇଥିବା ଜମିରେ ଥିବା ଅପବର୍ଜିତ ଗଛକୁ କାଟିବା ଓ କଟା ଗଛକୁ କାଠ ମିଲ୍ ପର୍ଯ୍ୟନ୍ତ ନେଇଯିବା ପାଇଁ ଅନୁମତି ଦେବା ବଦଳରେ ମାଗିଥିଲେ । ଏନେଇ ଅଭିଯୋଗ ହେବା ପରେ ଉକ୍ତ ଆକାଉଣ୍ଟାଣ୍ଟଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ପରେ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଓ ଦୃଢ ସାକ୍ଷ୍ୟାଙ୍କ ଆଧାରରେ କୋର୍ଟ ଶ୍ରୀ ଭୂୟାଁଙ୍କୁ ତିନି ବର୍ଷର ସଶ୍ରମ କାରାଦଣ୍ଡ ଓ ୧୦,୦୦୦ ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି ।

## ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ



କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ମଙ୍ଗଳବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରି ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେପରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରନ୍ତି ସେ ଦିଗରେ ବିଭାଗୀୟ ଅଧିକାରୀ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟ ଅବକାଶ ଶେଷ ହେବା ପୂର୍ବରୁ ବିଭିନ୍ନ ବ୍ଲକର ବିଦ୍ୟାଳୟଗୁଡିକର ଶୌଚାଳୟ ନିର୍ମାଣ ତଥା ମରାମତି କାର୍ଯ୍ୟ ଶେଷ କରିବା, ଅଙ୍ଗନବାଡ଼ି ଗୃହ ନିର୍ମାଣ, ବନ ସୁରକ୍ଷା ସମିତି ଗୃହ ନିର୍ମାଣ, ସୁଭଦ୍ରା ଯୋଜନାର ହିତାଧିକାରୀ ଚିହ୍ନଟ ତଥା ପ୍ରାପ୍ୟ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ ମଧୁବାବୁ ପେନସନ୍ ଯୋଜନା ଅଧୀନରେ ଭତା ପ୍ରଦାନ ଆଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡିକ ଶେଷ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାଂ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଆଠଗଡ, ତିଗିରିଆ ଓ ଟାଙ୍ଗୀ-ଚୌଦ୍ୱାରର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ରାଜଧାନୀରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ । ମେ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାରିଦିନିଆ ଓଡିଶା ଗସ୍ତରେ ଆସିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ ବର୍ତ୍ତମାନ ଜିଲ୍ଲା ଖଣିଜ ଫାଉଣ୍ଡେସନ ଟ୍ରଷ୍ଟ ଡିଏମଏଫଟିର କାର୍ଯ୍ୟକାରିତା ନେଇ ଅଧ୍ୟୟନ କରିବେ । ବିଶେଷ ଭାବରେ ଖଣି ପ୍ରଭାବିତ ଅଞ୍ଚଳରେ ଅନ୍ତର୍ଭୁକ୍ତ ବିକାଶ ହାସଲ କରିବାରେ ଡିଏମ୍‌ଏଫ୍‌ଟି କାର୍ଯ୍ୟର ପ୍ରଭାବଶାଳୀତା, ଦକ୍ଷତା, ସ୍ୱଚ୍ଛତା ଏବଂ ସାମଗ୍ରିକ ପ୍ରଭାବର ମୂଲ୍ୟାଙ୍କନ କରିବା ପାଇଁ ସେ ଓଡିଶା ଆସିଛନ୍ତି ।

## ଜୁଲାଇ ୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

କଟକ(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚଳିତ ବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ନିମନ୍ତେ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଆସନ୍ତା ଜୁଲାଇ ୧ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ସପ୍ଲିମେଣ୍ଟାରୀ ପରୀକ୍ଷା ମେ ମାସ ୩୦ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷାର ପ୍ରଥମ ଦିନ ଜୁଲାଇ ୧ ତାରିଖ ମଙ୍ଗଳବାର ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ଅଲଟରନେଟିଭ ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହେବ । ସେହିପରି ଜୁଲାଇ ୨ ବୁଧବାର ସାମାଜିକ ବିଜ୍ଞାନ, ଜୁଲାଇ ୪ ଶୁକ୍ରବାର ଗଣିତ, ଜୁଲାଇ ୭ ସୋମବାର ଦ୍ୱିତୀୟ ଭାଷା ଇଂରାଜୀ, ହିନ୍ଦୀ, ଜୁଲାଇ ୮ ମଙ୍ଗଳବାର ଟିଏଲଭି ପ୍ରାକ୍ଟିକାଲ, ଜୁଲାଇ ୯ ବୁଧବାର ବିଜ୍ଞାନ ଏବଂ ଜୁଲାଇ ୧୦ ଗୁରୁବାର ତୃତୀୟ ଭାଷା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ଶି, ଭୋକେସନାଲ ଟ୍ରେଡ୍ ଥିଓରି ପରୀକ୍ଷା ଅନୁଷ୍ଠିତ ହେବ । ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀମାନେ ସମାନ ପ୍ରଶ୍ନପତ୍ର ଓ ଗୋଟିଏ ସିଟିଂରେ ପରୀକ୍ଷା ଦେବେ । ପରୀକ୍ଷା ପ୍ରତ୍ୟହ ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ୧୧.୩୦ରେ ଶେଷ ହେବ । କେବଳ ଗଣିତ ବିଷୟରେ ୧୧.୪୫ରେ ଶେଷ ହେବ । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ସପ୍ଲିମେଣ୍ଟାରୀ ପରୀକ୍ଷା ମେ ମାସ ୩୦ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରଥମ ଦିନ ମେ ୩୦ ତାରିଖ ସୋମବାର ଗୃହ ବିଜ୍ଞାନ, ଜୁଲାଇ ୧ ମଙ୍ଗଳବାର ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ଜୁଲାଇ ୨ ବୁଧବାର ସାମାଜିକ ବିଜ୍ଞାନ, ଜୁଲାଇ ୩ ଗୁରୁବାର ଭାରତୀୟ ସଂସ୍କୃତି ଓ ଐତିହ୍ୟ, ଜୁଲାଇ ୪ ଶୁକ୍ରବାର ଗଣିତ, ଜୁଲାଇ ୬ ରବିବାର ଗୃହ ବିଜ୍ଞାନ ପ୍ରାକ୍ଟିକାଲ, ଜୁଲାଇ ୭ ସୋମବାର ଇଂରାଜୀ, ଜୁଲାଇ ୮ ମଙ୍ଗଳବାର ପେଣ୍ଟିଂ ଥିଓରୀ, ଜୁଲାଇ ୯ ବୁଧବାର ବିଜ୍ଞାନ ଏବଂ ଜୁଲାଇ ୧୦ ଗୁରୁବାର ହିନ୍ଦୀ, ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ ।

## ୨୭ ପ୍ରତିଶତ ସଂରକ୍ଷଣ ଦାବିରେ ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ପଛୁଆ ବର୍ଗ (ଓବିସି)ଛାତ୍ର ଛାତ୍ରୀମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦାବିରେ ବିଶାଳ ମଶାଲ ଶୋଭାଯାତ୍ରା ମାଷ୍ଟର କ୍ୟାଣ୍ଟିନ ଠାରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସ ପର୍ଯ୍ୟନ୍ତ ଆୟୋଜିତ କରାଯାଇଥିଲା । ଏହି ଆନ୍ଦୋଳନରେ ଓଡ଼ିଶାର କୋଣ ଅନୁକୋଣରୁ ବହୁ ପରିମାଣରେ ଛାତ୍ରଛାତ୍ରୀମାନେ ଯୋଗ ଦେଇ ରାଜ୍ୟରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ଶୋଭାଯାତ୍ରାରେ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ଜେନା, ପ୍ରଶାନ୍ତ ଚମ୍ପତି, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପ୍ରକାଶ ମିଶ୍ର, ଅଜୟ ସାହୁ, ଯୁବ ନେତା ସୁକୁମାର ଗୌରବ, ଦେବବ୍ରତ ମହାନ୍ତି, ସୁଦୀପ ସାମଲଙ୍କ ସହ ଛାତ୍ର ନେତା ଶିବରଞ୍ଜନ ସାହୁ, ଆଶୁତୋଷ ରାଉତ, ସାହାରୁଖ୍ ଖାନ୍, ସନ୍ଦିପ ରାଉତରାୟ, ଅନୁପମ ମଲ୍ଲିକ୍ ଓ ରୁଦ୍ର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଯୁକ୍ତ ୨ ରେଜଲ୍ଟ ଓ ଯୁକ୍ତ ୩ ଆଡମିସନ ଦ୍ୱନ୍ଦ୍ୱକୁ ନେଇ ତେଜିଲା ରାଜନୀତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୁକ୍ତ ଦୁଇ ରେଜଲ୍ଟ ଓ ଯୁକ୍ତ ତିନି ଆଡମିସନ ଦ୍ୱନ୍ଦ୍ୱକୁ ନେଇ ତେଜିଲା ରାଜନୀତି । ବିଜେଡି ବିଧାୟକ ଦେବୀ ରଂଜନ ତ୍ରିପାଠୀ କହିଛନ୍ତି ଯେ, ୨୦୨୪ରେ ବିଚିତ୍ର ଜନତା ପାର୍ଟି ସରକାର ଶାସନକୁ ଆସିଛି । କିଭଳି ହାସ୍ୟାସ୍ପଦ ଘଟଣା ଘଟୁଛି । ବିଭାଗ ବିଭାଗ ଭିତରେ ତାଳ ମେଳ ରହୁନି । ଏହା ବିରଳ ଘଟଣା । ଆଜି ଯୁକ୍ତ ତିନି ଆଡମିସନ ପାଇଁ ଆବେଦନର ଶେଷ ତାରିଖ । କିନ୍ତୁ ଏଯାଏ ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ ପାଇନାହିଁ । ଓଡ଼ିଶାର ଛାତ୍ର ଛାତ୍ରୀ ଓ ଅଭିଭାବକ ଏବେ ଭାରାକ୍ରାନ୍ତ । ମାନସିକ ଚାପ ପାଇ ଜଦି କିଛି ଅଘଟଣ ଘଟେ ତେବେ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି ।

## ପୋଲାଭରମ୍ ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ରାଜ୍ୟ ସରକାର: ବିଜେଡି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବୈଠକରେ ଓଡିଶା ସରକାର ତାଙ୍କର ପକ୍ଷ ରଖିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି । ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ଅନୁନ୍ୟ ୨୦୦ ଗ୍ରାମ ଜଳମଗ୍ନ ହେବ ଓ ହଜାର ହଜାର ଆଦିବାସୀ ସେମାନଙ୍କର ଭିଟାମାଟି ହରାଇବେ । ପୋଲାଭରମ ପ୍ରକଳ୍ପକୁ ଆରମ୍ଭରୁ ବିଜୁ ଜନତା ଦଳ ବିରୋଧ କରିଆସୁଛି । ସରକାରରେ ଥିବାବେଳେ ଓ ଏବେ ବିରୋଧୀ ଦଳରେ ଥାଇ ମଧ ପୋଲାଭରମ ପ୍ରସଙ୍ଗରେ ଲଢେଇ କରିଆସୁଛି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୧ ବର୍ଷ ପୂରିବାକୁ ଯାଉଥିବା ବେଳେ ରାଜ୍ୟ ସରକାର ଏହି ପ୍ରସଙ୍ଗ ଉପରେ ପଦଟିଏ ମଧ ମୁହଁ ଖୋଲିନାହାନ୍ତି ବୋଲି ଦଳ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି (ହେଡ୍‌କ୍ୱାର୍ଟର) ଦେବୀ ପ୍ରସାଦ ମିଶ୍ର କହିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିଲା । ପରବର୍ତ୍ତୀ ସମୟରେ ଏକତରଫା ଭାବେ, ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା । ଏହି ପ୍ରକଳ୍ପର କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଓଡିଶାର ମାଲକାନଗିରି ଜିଲ୍ଲା ଉପରେ କ'ଣ ପ୍ରଭାବ ପଡିବ ତାହାର ଆକଳନ କରାଯାଇ ନଥିଲା । ତେଣୁ ୨୦୦୭ ମସିହାରେ ରାଜ୍ୟ ସରକାର ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । ଭୃଗୁ ବକ୍ସିପାତ୍ର କହିଥିଲେ, ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ଶୁଣାଣି କରି ଏଥିରେ କେନ୍ଦ୍ର ସରକାର ଏକତରଫା ଭାବେ ପ୍ରକଳ୍ପ କାର୍ଯ୍ୟ ନକରି, ଏଥିରେ ପ୍ରଭାବିତ ହେବାକୁ ଥିବା ସମସ୍ତ ରାଜ୍ୟର ମତାମତ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଜେଡି ମୁଖପାତ୍ର ପ୍ରଦୀପ ମାଝୀ କହିଥିଲେ, ଏହି ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ପ୍ରଭାବିତ କରିବ ଓ ମାଲକାନଗିରି ଜିଲ୍ଲାର ଆଦିବାସୀ ମାନଙ୍କ ଜୀବନ ଜୀବିକା ଉପରେ ଏହାର କ'ଣ ପ୍ରଭାବ ପଡିବ, ତାହାର କୌଣସି ଆକଳନ କରାଯାଇନାହିଁ । ଫେବୃଆରୀ ମାସରେ ମୋଟୁ ଠାରେ ହୋଇଥିବା ସମାବେଶରେ ହଜାର ହଜାର ଆଦିବାସୀମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିବା ପାଇଁ ଶପଥ ନେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜେ ଜଣେ ଆଦିବାସୀ ହୋଇଥିବାରୁ, ଏହି ପ୍ରସଙ୍ଗରେ ସେ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ ।



ହିତାଧିକାରୀଙ୍କୁ ଗୃହ ପ୍ରଦାନ କଲେ ବିଷ୍ଣୁଦେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପୁଟିନ୍‌ଙ୍କ ସହ ଆଲୋଚନା କଲେ ଟ୍ରମ୍ପ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୦ Vol. 22 No-50 21 MAY 2025 WEDNESDAY, BHUBANESWAR ବୁଧବାର, ୨୧ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଭୟର ଆତଙ୍କ ଖେଳାଉଛି ନୂଆ ଲହର

# ୨୫୭ ଆକ୍ରାନ୍ତ ଚିହ୍ନଟ

**କେରଳରେ ସର୍ବାଧିକ ୬୯ଜଣ ଚିହ୍ନଟ**

**ଦୁଇଜଣଙ୍କ ମୃତ୍ୟୁ ନେଇ ସୂଚନା**

**ସତର୍କ, ସଚେତନ ରହିବାକୁ ପରାମର୍ଶ**



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୫(ବ୍ୟୁରୋ): ପୁଣି ଆତଙ୍କ ଖେଳାଇଲାଣି କରୋନାର ନୂଆ ଲହର । ୨୦୨୦ ମସିହାରେ କରୋନା ଭାଇରସ୍ ସାରା ବିଶ୍ୱକୁ ଗ୍ରାସ କରିଥିବା ବେଳେ ଏହାର ପ୍ରଭାବ ଧୀରେ ଧୀରେ ଲୋପ ପାଇଯାଇଥିଲା । ତେବେ ଗତ କିଛିଦିନ ହେବ ପୁଣିଥରେ କରୋନା ଭାଇରସ୍ ମୁଣ୍ଡ ଟେକିବା ଆରମ୍ଭ କରିଛି । ହଂକଂ ଓ ସିଙ୍ଗାପୁର ପରେ ଏବେ ଭାରତରେ ମଧ୍ୟ ଏହି ନୂଆ ଲହର ଆତଙ୍କ ଖେଳାଇବା ଆରମ୍ଭ କରିଛି । ସରକାରୀ ତଥ୍ୟ ଅନୁଯାୟୀ ମଙ୍ଗଳବାର ସୁଦ୍ଧା ସାରା ଦେଶରେ ୨୫୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଚଳିତ ମାସ ୧୨ ତାରିଖ ପରଠାରୁ କେରଳରେ ସର୍ବାଧିକ ୬୯ଜଣ ଚିହ୍ନଟ ହୋଇଥିବା ବେଳେ ମହାରାଷ୍ଟ୍ରରେ ୪୪, ତାମିଲନାଡୁରେ ୩୪, କର୍ଣ୍ଣାଟକରେ ୮, ଗୁଜରାଟରେ ୬, ଦିଲ୍ଲୀରେ ୩, ହରିଆନା, ରାଜସ୍ଥାନ ଓ ସିକ୍କିମ୍‌ରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ମୁମ୍ବାଇର କିଙ୍ଗ ଏଡ୍‌ୱାର୍ଡ ମେମୋରିଆଲ ହସ୍ପିଟାଲରେ ଦୁଇଜଣ କରୋନା ଆକ୍ରାନ୍ତ ମୃତ୍ୟୁବରଣ ହୋଇଥିବା ଜଣାଯାଇଛି । ଏପଟେ ଥାଇଲାଣ୍ଡ, ସିଙ୍ଗାପୁର ଓ ହଂକଂ ସମେତ ଦକ୍ଷିଣପୂର୍ବ ଏସିଆରେ ନୂତନ ଲହର ଦେଖାଦେଇଛି । ସିଙ୍ଗାପୁରରେ ସର୍ବାଧିକ ୧୪ହଜାରରୁ ଅଧିକ ମାମଲା ଚିହ୍ନଟ କରାଯାଇଛି । ସେହିପରି ହଂକଂ ଓ ଥାଇଲାଣ୍ଡରେ ମଧ୍ୟ ଅଧିକ ମାମଲା ଚିହ୍ନଟ ହୋଇଛି । ସିଙ୍ଗାପୁରରେ ସାପ୍ତାହିକ ସଂକ୍ରମଣ ୨୮ ପ୍ରତିଶତ ବୃଦ୍ଧି ପାଇଥିବା ଏପ୍ରିଲ ଶେଷ ଭାଗରେ ୧୧,୧୦୦ଟି ମାମଲା ଚିହ୍ନଟ ହୋଇଥିଲା । ତେବେ ଚଳିତ ମାସର ପ୍ରଥମ ସପ୍ତାହରେ ଏହି ମାମଲା ସଂଖ୍ୟା ୧୪,୨୦୦ରେ ପହଞ୍ଚିଥିଲା । ହଂକଂରେ ଚଳିତ ମାସ ପ୍ରଥମ ସପ୍ତାହରେ ୩୧ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିଲା । ତେବେ ମୁମ୍ବାଇର କେଇଏମ୍ ହସ୍ପିଟାଲରେ ଯେଉଁ ଦୁଇଜଣ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିଲା ବୋଲି ଡାକ୍ତରଖାନା ସୂତ୍ରରୁ ସୂଚନା ଦିଆଯାଇଛି । ଜଣଙ୍କର ମୁଖ କର୍କଟ ରୋଗ ଥିଲା ଓ ଅନ୍ୟଜଣେ କିଡ଼ନୀ ରୋଗରେ ପୀଡ଼ିତ ଥିଲେ । ସୂଚନାଯୋଗ୍ୟ ଯେ, ୨୦୨୦ ମସିହାରେ କରୋନା ମହାମାରୀ ସାରାବିଶ୍ୱକୁ ଦୋହଲାଇ ଦେଇଥିଲା । ତେବେ ପୁଣିଥରେ ଏସିଆକୁ ଏହା ଫେରୁଥିବାରୁ ଆଶଙ୍କା ବୃଦ୍ଧି ପାଉଛି । ଯେଉଁମାନଙ୍କର ରୋଗ ପ୍ରତିରୋଧକ କ୍ଷମତା କମ୍ ସେମାନଙ୍କୁ ବୁଷ୍ଟର ଟିକା ନେବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି । ଅନ୍ୟପକ୍ଷରେ ଚୀନ୍ ମଧ୍ୟ କୋଭିଡ୍‌ର ଏକ ନୂତନ ଲହର ଦେଇ ଗତି କରୁଛି । ଚୀନ୍‌ରେ ଗତ ୬ ସପ୍ତାହ ମଧ୍ୟରେ କୋଭିଡ୍ ସଂକ୍ରମଣ ହାର ଦୁଇ ଗୁଣରୁ ଅଧିକ ରହିଛି । ଏହି ଦୁଇଟି ନୂଆ ଭାରିଆଣ୍ଟ ବିଶେଷ କ୍ଷତିକାରକ ନ ହେଲେ ବି ସତର୍କ ଓ ସଚେତନ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି । ଯେଉଁ ସ୍ଥାନରେ ମାମଲା ଅଧିକ ଗୁରୁତର ନାହିଁ ସେଠାରେ ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି • ପୃଷ୍ଠା ୫ ଦେଖନ୍ତୁ

## ଭାରତୀୟ ପାଣିପାଗ ବିଭାଗର ସୂଚନା

# କେରଳ ମୁହାଁ ମୌସୁମୀ



**୨୫ରେ ଛୁଇଁବା ସମ୍ଭାବନା**

ନୂଆଦିଲ୍ଲୀ, ୨୦।୫: ଖୁବ୍‌ଶୀଘ୍ର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବାର ସମ୍ଭାବନା ରହିଛି । ମୌସୁମୀ କେରଳ ଛୁଇଁବା ପାଇଁ ପାଗ ଅନୁକୂଳ ରହିଛି । ଏନେଇ ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ଛୁଇଁ ସାରିଥିବା ବେଳେ ୪ରୁ ୫ଦିନ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ଥିବା ନେଇ ଆଇଏମ୍‌ଡି କହିଛି । ପାଗ ଅନୁକୂଳ ଥିବାରୁ ମୌସୁମୀ ଶୀଘ୍ର କେରଳ ଉପକୂଳ ଛୁଇଁବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି । ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା ଯେ, ଚଳିତ ବର୍ଷ ମୌସୁମୀ ୨୭ ତାରିଖରେ କେରଳ ଉପକୂଳ ଛୁଇଁବ । ତେବେ ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ୨୫ ତାରିଖରେ ମୌସୁମୀ କେରଳ ଛୁଇଁବାର ସମ୍ଭାବନା ରହିଛି । ସାଧାରଣତଃ ଜୁନ୍‌ରେ ମୌସୁମୀ କେରଳ ଉପକୂଳ ଛୁଇଁଥାଏ । ଯଦି ମୌସୁମୀ ୨୭ ପୂର୍ବରୁ କେରଳରେ ପହଞ୍ଚିଯାଏ, ତେବେ ୨୦୦୯ ପରେ ଏହା ପ୍ରଥମଥର ପାଇଁ ହେବ ବୋଲି ଆଇଏମ୍‌ଡି କହିଛି । ୨୦୦୯ ମଇ ୨୩ରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା । ସାଧାରଣତଃ ମୌସୁମୀ ଜୁନ୍ ୧ରେ କେରଳରେ ପହଞ୍ଚିବା ପରେ ସାରା ଭାରତ ବର୍ଷରେ ବର୍ଷାର ପ୍ରଭାବ ଆରମ୍ଭ ହୋଇଯାଇଥାଏ । ସେପ୍ଟେମ୍ବରରେ ମୌସୁମୀ ଭାରତର ଉତ୍ତର-ପଶ୍ଚିମ ଅଞ୍ଚଳରୁ ହଟିଯାଇଥାଏ । ଅକ୍ଟୋବରରେ ସମ୍ପୂର୍ଣ୍ଣ ଭାବେ ଉତ୍ତର-ପଶ୍ଚିମ ଅଞ୍ଚଳରୁ ମୌସୁମୀ ଫେରିଯାଇଥାଏ ବୋଲି ଆଇଏମ୍‌ଡି କହିଛି । ଅନ୍ୟପକ୍ଷରେ ଦେଶରେ କେତେକ • ପୃଷ୍ଠା ୫ ଦେଖନ୍ତୁ

### ବର୍ଷାରେ ଆସାମ, ବେଙ୍ଗାଲୁରୁ ବେହାଲ

ନୂଆଦିଲ୍ଲୀ, ୨୦।୫: ପ୍ରବଳ ବର୍ଷାରେ ବେହାଲ ହୋଇପଡ଼ିଛି କର୍ଣ୍ଣାଟକର ବେଙ୍ଗାଲୁରୁ ଓ ଆସାମର ତଳି ଅଞ୍ଚଳ । ଅଦିନିଆ ବର୍ଷାରେ ଆସାମ ବୁଡ଼ିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗୌହାଟୀରେ ରାସ୍ତାଘାଟ ଜଳମଗ୍ନ ହୋଇଛି । ତଳିଅଞ୍ଚଳରେ ବେକେ ଲେଖାଏଁ ପାଣି ଜମି ଥିବାରୁ ଗାଡି ଚଳାଚଳ ଠପ୍ ହୋଇଛି ଓ ଜନଜୀବନ ଦୁର୍ବିସହ ହୋଇପଡ଼ିଛି । ଫଳରେ ବହୁ ସ୍କୁଲକୁ ବନ୍ଦ କରିଦିଆଯାଇଛି । ସେହିପରି ଆସାମର ଜୁ ରୋଡ୍, ନବୀନ ନଗର, ହାଟି ଗାଓଁ, ଗଣେଶଗୁଡି, ଗୀତାନଗର ଇତ୍ୟାଦି ଅଞ୍ଚଳରେ ବର୍ଷାପାଣି ଲହଡି ଖେଳୁଛି । ସେହିପରି ବେଙ୍ଗାଲୁରୁରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି । ପ୍ରଶାସନ ପକ୍ଷରୁ ବିଦ୍ୟୁତ୍ ମୋଟର ବ୍ୟବହାର କରାଯାଇ ବର୍ଷାଜଳ ନିଷ୍କାସନ କରାଯାଉଛି । ସହରର ୨୧୦ଟି ବନ୍ୟପ୍ରବଣ ଅଞ୍ଚଳ ଚିହ୍ନଟ ହୋଇଛି ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସଂକ୍ଷେପରେ...

### ଆଇବି ମୁଖ୍ୟଙ୍କ କାର୍ଯ୍ୟକାଳ ୧ବର୍ଷ ବୃଦ୍ଧି

ନୂଆଦିଲ୍ଲୀ, ୨୦।୫: ଇଣ୍ଟେଲିଜେନ୍ସ ବ୍ୟୁରୋର ମୁଖ୍ୟଥିବା ତପନ କୁମାର ଡେକାଙ୍କ କାର୍ଯ୍ୟକାଳ ୧ବର୍ଷ ବୃଦ୍ଧି କରାଯାଇଛି । ଏନେଇ କ୍ୟାବିନେଟ୍ ନିଯୁକ୍ତି କମିଟି ଅନୁମୋଦନ ପ୍ରଦାନ କରିଛନ୍ତି । ଶ୍ରୀ ଡେକା ଆସନ୍ତା ଜୁନ୍ ୩୦ରେ ଅବସର ଗ୍ରହଣ କରିବାର ଥିଲା । ତାଙ୍କୁ ୨୦୨୨ ଜୁନ୍‌ରେ ୨ବର୍ଷ ପାଇଁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିଲା ।

### ଜୁନ୍ ୧ ପର୍ଯ୍ୟନ୍ତ ବଢ଼ିଲା ଯୁକ୍ତ ୩ ନାମ ଲେଖା ଅବଧି

ଭୁବନେଶ୍ୱର ୨୦।୫ (ଭାସ୍କର ନ୍ୟୁଜ୍), : ଯୁକ୍ତ ୩ ନାମ ଲେଖା ଅବଧି ବୃଦ୍ଧି କରାଯାଇଛି । ଆସନ୍ତା ଜୁନ୍ ୧ତାରିଖ ପର୍ଯ୍ୟନ୍ତ ଏହି ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଏଥିନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ମାସ ୨୦ତାରିଖ ଆବେଦନର ଶେଷ ତାରିଖ ରହିଥିଲା । ତେଣୁ ଛାତ୍ରଛାତ୍ରୀମାନେ ଭୟଭୀତ ନହୋଇ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି ।

### ପାକିସ୍ତାନ ସେନା ମୁଖ୍ୟଙ୍କୁ ପଦୋନ୍ନତି

ଇସ୍‌ଲାମାବାଦ ୨୦।୫ : ଅପରେସନ ସିନ୍ଦୂର ଅଭିଯାନରେ ପାକିସ୍ତାନ ବିରାଟ ପରାଜୟ ଘଟିଛି । ଏହି ଅପରେସନରେ ଭାରତ ପକ୍ଷରୁ ପାକିସ୍ତାନର ଧଜିଆ ମଧ୍ୟ ଉଡାଯାଇଛି । ପାକିସ୍ତାନ ପରାଜିତ ହୋଇଥିବା ବେଳେ ମଙ୍ଗଳବାର ପାକିସ୍ତାନ ସରକାର ସେନାମୁଖ୍ୟ ଅସୀମ ମୁନ୍ନିରଙ୍କୁ ପଦୋନ୍ନତି ଦେଇଛନ୍ତି । ତାଙ୍କୁ ଫିଲ୍ଡ ମାର୍ଶଲ ର୍‍ୟାଙ୍କକୁ ପଦୋନ୍ନତି ଦିଆଯାଇଥିବା ପାକିସ୍ତାନ ସରକାର ପକ୍ଷରୁ ସୂଚନା ଦିଆଯାଇଛି ।

ସେନ୍‌ସେକ୍ସ: ୮୨,୦୫୯.୪୨

ସର୍ବାଧିକ: ୩୭.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୨୦।୫।୨୦୨୫ ର ମତାମତ**

ପୋଲାଭରମ ବିବାଦର ସମାଧାନ ପାଇଁ ଓଡ଼ିଶା ତା'ର ଦାବି ରଖିବା ଉଚିତ ନୁହେଁ କି ?

| ହଁ | ନା |
|---|---|
| ୮୫% | ୧୫% |

**ଆଜିର ପ୍ରସଙ୍ଗ**

ବାରମ୍ବାର ଘଟୁଥିବା ରେଳ ଦୁର୍ଘଟଣାକୁ ରୋକିବାକୁ ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ବଦଳିଲା ରାଜ୍ୟ କ୍ୟାବିନେଟ୍ ଢାଞ୍ଚା

# ସଚିବଙ୍କ କ୍ଷମତା ଉପରେ ଅଙ୍କୁଶ



- ମନ୍ତ୍ରୀଙ୍କ ପାଖକୁ ଯିବ କ୍ୟାବିନେଟ୍ ପ୍ରସ୍ତାବ ଫାଇଲ୍
- ୫ଦିନ ପୂର୍ବରୁ ଧାର୍ଯ୍ୟ ହେବ କ୍ୟାବିନେଟ୍ ତାରିଖ
- ଦୁଇଦିନ ପୂର୍ବରୁ ମନ୍ତ୍ରୀଙ୍କ ପାଖକୁ ଯିବ ଫାଇଲ୍
- ସବୁ ବିଭାଗକୁ ଚିଠି ଲେଖିଲେ ସଂସଦୀୟ ସଚିବ

ଭୁବନେଶ୍ୱର, ୨୦।୫(ଭାସ୍କର ନ୍ୟୁଜ): ବଦଳିଲା ରାଜ୍ୟ କ୍ୟାବିନେଟ୍‌ର ଢାଞ୍ଚା । ଏହାଫଳରେ ସଚିବଙ୍କ କ୍ଷମତା ଉପରେ ଅଙ୍କୁଶ ଲାଗିଲା । ଏନେଇ ସଂସଦୀୟ ବ୍ୟାପାର ବିଭାଗ ସଚିବ ସବୁ ବିଭାଗକୁ ଚିଠି ଲେଖିଛନ୍ତି । କ୍ୟାବିନେଟ୍ ବସିବାର ପାଞ୍ଚଦିନ ପୂର୍ବରୁ କ୍ୟାବିନେଟ୍ ବସିବା ତାରିଖ ଧାର୍ଯ୍ୟ କରାଯିବ । ୩ଦିନ ପୂର୍ବରୁ କ୍ୟାବିନେଟ୍‌ରେ ଉପସ୍ଥାପନ ହେବାକୁ ଥିବା ସମସ୍ତ ପ୍ରସ୍ତାବ ଚୂଡ଼ାନ୍ତ କରାଯିବ । ଦୁଇଦିନ ପୂର୍ବରୁ ମନ୍ତ୍ରୀଙ୍କ ନିକଟକୁ କ୍ୟାବିନେଟ୍ ପ୍ରସ୍ତାବ ସଂକ୍ରାନ୍ତୀୟ ଫାଇଲ ପଠାଯିବ । ନୂଆ ଢାଞ୍ଚା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ବିଭାଗୀୟ କ୍ୟାବିନେଟ୍ ବସିପାରିବ ନାହିଁ । ଅନେକ ଦିନ ପୂର୍ବରୁ କ୍ୟାବିନେଟ୍ ତାରିଖ କିମ୍ବା ପ୍ରସ୍ତାବ ସ୍ଥିର କରାଯିବ ନାହିଁ । କ୍ୟାବିନେଟ୍ ବସିବା ତାରିଖ ମାତ୍ର ପାଞ୍ଚଦିନ ପୂର୍ବରୁ ଚୂଡ଼ାନ୍ତ କରାଯିବ । ଦୁଇଦିନ ପୂର୍ବରୁ ମନ୍ତ୍ରୀଙ୍କ ପାଖକୁ କ୍ୟାବିନେଟ୍ ପ୍ରସ୍ତାବ ପଠାଯିବ ବୋଲି ସୂଚନା ଦିଆଯାଇଛି । ଏହି ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଆବଶ୍ୟକ ସ୍ଥଳେ ବିଭାଗୀୟ ସଚିବ କ୍ୟାବିନେଟ୍ ରୁମ୍‌କୁ ଯାଇପାରିବେ । କ୍ୟାବିନେଟ୍‌ରେ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନରଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ବାରଣ କରାଯାଇଛି । କ୍ୟାବିନେଟ୍ ଏଜେଣ୍ଡାରେ ଥିବା ପ୍ରସ୍ତାବିତ ସମ୍ପର୍କିତ ବିଭାଗୀୟ ସଚିବମାନେ କ୍ୟାବିନେଟ୍ ରୁମ୍‌ରେ ନ ବସି ପାଖ ରୁମ୍‌ରେ ବସିବେ । ଆବଶ୍ୟକ ସ୍ଥଳେ ବିଭାଗୀୟ ସଚିବମାନେ କ୍ୟାବିନେଟ୍ ବୈଠକ ରୁମ୍‌କୁ ଯାଇପାରିବେ । ପ୍ରସ୍ତାବ ଗୁଡିକ ଉପରେ ମୋହର ବାଜିବା ପରେ ତୁରନ୍ତ କାର୍ଯ୍ୟକାରୀ କରାଇବା ଦାୟିତ୍ୱ ମନ୍ତ୍ରୀମାନଙ୍କର ବୋଲି କୁହାଯାଇଛି । ତେବେ କାହିଁକି ଏଭଳି ଢାଞ୍ଚାରେ ପରିବର୍ତ୍ତନ ହେଲା ତାକୁ ନେଇ ଚର୍ଚ୍ଚା ମଧ୍ୟ ଲାଗି ରହିଛି । ଗତ ୮ ତାରିଖର ଏହି ନିର୍ଦ୍ଦେଶନାମା ଆଧାରରେ ଗତ ୧୪ ତାରିଖରେ ମଧ୍ୟ କ୍ୟାବିନେଟ୍ ବୈଠକ ବସିଥିଲା । ବିଜେଡି ସରକାର ସମୟରେ କ୍ୟାବିନେଟ୍ ଏଜେଣ୍ଡା ମନ୍ତ୍ରୀମାନଙ୍କ ପାଖକୁ ଯାଉନଥିବାର ବିରୋଧୀ ଅଭିଯୋଗ କରୁଥିଲେ । ମନ୍ତ୍ରୀ କହୁଥିଲେ କ୍ୟାବିନେଟ୍‌ରେ ପାରିତ ହୋଇଥିବା ପ୍ରସ୍ତାବ ବିଷୟରେ ସଚିବଙ୍କୁ ପଚାରିବା ପାଇଁ । ନୂଆ ବ୍ୟବସ୍ଥା ଅନୁଯାୟୀ ସଚିବଙ୍କ କ୍ଷମତାକୁ କମ୍ • ପୃଷ୍ଠା ୫ ଦେଖନ୍ତୁ

## ଖୋଲୁଛି ପାକିସ୍ତାନୀ ଗୁପ୍ତଚର ଜ୍ୟୋତିଙ୍କ ଗୁମର

# ରାମମନ୍ଦିରର କରିଥିଲେ ରେକି



ନୂଆଦିଲ୍ଲୀ/ହିସାର, ୨୦।୫: ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଦେଶର ଗୁପ୍ତତଥ୍ୟ ଯୋଗାଉଥିବା ଅଭିଯୋଗରେ ଗିରଫ ହୋଇଥିବା ହରିଆନାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି । ସେ ରାମମନ୍ଦିରର ରେକି କରିଥିବା ତଦନ୍ତ ବେଳେ ଜଣାପଡ଼ିଛି । ରାମମନ୍ଦିର ପ୍ରାଣ ପ୍ରତିଷ୍ଠାର ପରଦିନ ସେ ଅଯୋଧ୍ୟାରେ ପହଞ୍ଚି ହନୁମାନ ଗଡି, କନକ ଭବନ, ସରଜୁ କୂଳ ଓ ନୟାଘାଟ ଇତ୍ୟାଦି ସ୍ଥାନରେ ଭିଡିଓ ପ୍ରସ୍ତୁତ କରିଥିଲେ । ତେବେ ତାଙ୍କର ଏହି ଯାତ୍ରା ଧାର୍ମିକ ଯାତ୍ରା ନଥିଲା ବୋଲି ତଦନ୍ତକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି । ସେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ନିର୍ଦ୍ଦେଶରେ ରେକି କରିବା ପାଇଁ ଏହିସବୁ ସ୍ଥାନକୁ ଯାଇଥିବା ସନ୍ଦେହ କରାଯାଉଛି । ସୁରକ୍ଷା ଏଜେନ୍ସିଗୁଡିକର ଏହି ତଥ୍ୟ ପ୍ରକାଶ ପରେ ଅଯୋଧ୍ୟା ପୋଲିସ ପାଇଁ ଏକ ବଡ ଆହ୍ୱାନ ଦେଖାଦେଇଛି । ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ଜ୍ୟୋତିଙ୍କ ଏହି ଗସ୍ତକୁ ଅତ୍ୟନ୍ତ ଗମ୍ଭୀର ଓ ଚିନ୍ତାଜନକ ବୋଲି କୁହାଯାଉଛି । ତଦନ୍ତକାରୀ ସଂସ୍ଥାଗୁଡିକ କହିଛନ୍ତି ଜ୍ୟୋତି ଅଯୋଧ୍ୟା ଧାମରେ ରହିବା ସମୟରେ ଅନେକ ସନ୍ଦିଗ୍ଧ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ । ୨୦୨୪ ଜାନୁଆରୀ ୨୩ରେ ଜ୍ୟୋତି ଅଯୋଧ୍ୟାରେ ପହଞ୍ଚିଥିଲେ ଓ ସେଠାରେ ୧୬ ମିନିଟ୍ ୪୯ ସେକେଣ୍ଡର ଏକ ଭିଡିଓ ପ୍ରସ୍ତୁତ କରିଥିଲେ । ତଦନ୍ତକାରୀ ସଂସ୍ଥା କହିଛନ୍ତି ଯେ, ଏହି ତଥ୍ୟ ପରେ ଅଯୋଧ୍ୟାର ହୋଟେଲ, ରେଷ୍ଟୁରାଣ୍ଟ ଓ ମନ୍ଦିରଗୁଡିକର ସିସିଟିଭି ଫଟେଜ୍ ଯାଞ୍ଚ କରାଯାଉଛି । ଅଯୋଧ୍ୟାରେ ରହିବା ସମୟରେ • ପୃଷ୍ଠା ୫ ଦେଖନ୍ତୁ

### ଜ୍ୟୋତିଙ୍କ ପୁରୀ ଗସ୍ତକୁ ନେଇ ତନାଘନା

ପୁରୀ (ଭାସ୍କର ନ୍ୟୁଜ) ୨୦।୫: ପାକିସ୍ତାନୀ ଗୁପ୍ତଚର ଭାବେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପୁରୀ ଆସିବା ଘଟଣାକୁ ନେଇ ଜୋରସୋରେ ତଦନ୍ତ ଚଳାଇଛି ପୁରୀ ପୋଲିସ । ଏପଟେ ପୁରୀରେ ଜ୍ୟୋତିଙ୍କ ରହିବାକୁ ନେଇ ସାମ୍ନାକୁ ଆସିଛି । ଜ୍ୟୋତି ମାଲହୋତ୍ରା ଗତ ୨୦୨୪ ମସିହା ସେପ୍ଟେମ୍ବର ୨୧ ତାରିଖରେ ପୁରୀ ଆସିଥିଲେ । ବଡ଼ଦାଣ୍ଡ ସ୍ଥିତ ମାର୍କେଟ ଛକ ନିକଟରେ ଥିବା ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସର ୨୦୩ ନମ୍ବର କୋଠରୀରେ ରହିଥିଲେ । ସେପ୍ଟେମ୍ବର ୨୧ ତାରିଖ ଦିନ ୧୨ଟା ପରେ ହୋଟେଲକୁ ଆସିଥିଲେ, ପରଦିନ ଅର୍ଥାତ ସେପ୍ଟେମ୍ବର ୨୨ ତାରିଖ ସନ୍ଧ୍ୟାରେ ସେ ରୁମ୍ ଛାଡ଼ି ଦେଇଥିଲେ । କିନ୍ତୁ ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ତାଙ୍କର ରୁମ୍ ବୁକ୍ ରହିଥିଲା ବୋଲି କହିଛନ୍ତି ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ ମ୍ୟାନେଜର ଦିଲୀପ କହିଛନ୍ତି ଜ୍ୟୋତି ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ ଆସିବା ବେଳେ ତାଙ୍କ ସହିତ ଚନ୍ଦ୍ରକାନ୍ତା ନାମକ ଜଣେ ବୟସ୍କ ମହିଳା ମଧ୍ୟ ରୁମରେ ରହିଥିଲେ । ଉକ୍ତ ମହିଳା ଜଣକ ଜ୍ୟୋତି ମାଲହୋତ୍ରାଙ୍କ ମାଆ ବୋଲି ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସର ମ୍ୟାନେଜରଙ୍କୁ ସେ କହିଥିଲେ । ଜ୍ୟୋତି ମାଲହୋତ୍ରାଙ୍କ ରୁମ୍ କୁ ଅନ୍ୟ କୌଣସି ବ୍ୟକ୍ତି ଆସିନଥିବା ବେଳେ ତାଙ୍କ କାର୍ଯ୍ୟକଳାପ ମଧ୍ୟ କୌଣସି ସନ୍ଦେହଜନକ ନଥିଲା । ପୁରୀର ୟୁଟ୍ୟୁବର ସାଙ୍ଗ ପ୍ରିୟଙ୍କା ସେନାପତି ଜ୍ୟୋତିଙ୍କୁ ସେହିଠାକୁ ଦେଖା କରିବାକୁ ଆସିନଥିଲେ । ତେବେ ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଜ୍ୟୋତି ମାଲହୋତ୍ରାଙ୍କ ରୁମ୍ ବୁକ୍ ଥିବାବେଳେ ସେ କାହିଁକି ତା ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୨୨ ତାରିଖ ସନ୍ଧ୍ୟା ବେଳେ ରୁମ୍ ଛାଡିଲେ ସେନେଇ ପ୍ରଶ୍ନ ଉଠିଛି । • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ବରଷ ପୁଆଣି ପାଖ ହୋଇଲାଣି
ଆସିଗଲା ଜନ୍ମଦିନ,
ବରଷଯାକର କଥା ଆଉ କାମ
ହେବ ସବୁ ରୋମନ୍ଥନ ।
ସୁଶାସନ, ପ୍ରଶାସନ
କେମିତି କଅଣ ଘଟିଛି, ଘଟୁଛି
ଘଟିବାର ପ୍ରୟୋଜନ !

## ଟ୍ରେନ୍‌ରେ ଭୟଙ୍କର ଅଗ୍ନିକାଣ୍ଡ

# ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



କୋଲକାତା, ୨୦।୫: ଗତ କିଛି ବର୍ଷ ହେବ ଦେଶର ବିଭିନ୍ନ ସ୍ଥାନରେ ଟ୍ରେନ୍ ଦୁର୍ଘଟଣାମାନ ଘଟିବାରେ ଲାଗିଛି । କେତେବେଳେ ଟ୍ରାକ୍‌ରୁ ବଗି ଲାଇନ୍‌ଚ୍ୟୁତ ହେଉଛି ତ ଆଉ କେତେବେଳେ ଟ୍ରେନ୍‌ରେ ନିଆଁ ଲାଗିଯାଉଛି । ପୁଣି କେତେବେଳେ ବଗି ଛାଡ଼ି ଇଞ୍ଜିନ୍ ଅଲଗା ହେଇଯାଉଛି । ଏସବୁ ଭିତରେ ମଙ୍ଗଳବାର ପଶ୍ଚିମବଙ୍ଗର ସିଲିଗୁଡି ନିକଟ ଗାଇସାଲ ଷ୍ଟେସନରେ ସିଲିଗୁଡି-ମାଲ୍‌ଦା ଡିଏମ୍‌ୟୁ ଟ୍ରେନ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଅପରାହ୍ନ ୧ଟା ୫୫ରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ଯୋଗୁଁ ଟ୍ରେନ୍‌ରୁ ଘନ କଳାଧୂଆଁ ମଧ୍ୟ ବାହାରୁଥିଲା । ଟ୍ରେନ୍‌ରେ ନିଆଁ ଲାଗିବା ଖବର ମିଳିବା ପରେ ଯାତ୍ରୀମାନେ ତୁରନ୍ତ ଓହ୍ଲାଇ ପଡିଥିଲେ । ଘଟଣା ସଂପର୍କରେ ସୂଚନା ପାଇବା ମାତ୍ରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଯାତ୍ରୀମାନଙ୍କୁ ସୁରକ୍ଷିତଭାବେ ଟ୍ରେନ୍‌ରୁ ପଦାକୁ ଅଣାଯାଇଥିଲା ଏବଂ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ରେଳବିଭାଗ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି । ନିଆଁ ଲାଗିବାର କାରଣ ଜଣାପଡି ନଥିଲେ ବି ଯାନ୍ତ୍ରିକ ତ୍ରୁଟିରୁ ଏପରି ହୋଇଥିବା କୁହାଯାଉଛି । ତେବେ ପ୍ରଶାସନର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସବୁ ଯାତ୍ରୀ ରକ୍ଷା ପାଇଯାଇଥିବା ସୂଚନା ଦିଆଯାଇଛି ।

## କାମ କରିବକି ଭାରତର ବ୍ୟାନ୍ ଷ୍ଟ୍ରାଟେଜି ?

# ତୁର୍କୀ, ଆଜରବାଇଜାନ ଉପରେ ପଡ଼ିବ ପ୍ରଭାବ !



ନୂଆଦିଲ୍ଲୀ,୨୦।୫: ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସଂପର୍କ ବିଗିଡି ଯାଇଛି । ଅପରେସନ ସିନ୍ଦୁର ମାଧ୍ୟମରେ ଆତଙ୍କବାଦୀଙ୍କ ଉପରେ ପ୍ରତିଶୋଧ ନେଇଛି ଭାରତ । ଭବିଷ୍ୟତରେ ଯେକୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ଭାରତ ବିରୋଧରେ ଯୁଦ୍ଧ ବିବେଚନା କରାଯିବ ବୋଲି ଭାରତ ପକ୍ଷରୁ ପୂର୍ବରୁ ସ୍ପଷ୍ଟ କରାଯାଇଛି । ତେବେ ପାକିସ୍ତାନ ସହ ମିଶି ଭାରତ ଉପରେ ଆକ୍ରମଣ କରିବା ପାଇଁ ଖୋରାକ ଯୋଗାଇଥିଲା ତୁର୍କୀ । ଯଦିଓ ବିଳମ୍ବରେ ହେଲେବି ଭାରତ ଏହାର ଦୃଢ଼ ଜବାବ ଦେବାକୁ ଆଗଭର ହୋଇଛି । ଭାରତ ଉପରେ ଡ୍ରୋନ୍ ଆକ୍ରମଣ ପାଇଁ ତୁର୍କୀ ପକ୍ଷରୁ ୪୦୦ ଡ୍ରୋନ୍ ପଠାଯାଇଥିଲା । ତେଣୁ ତୁର୍କୀକୁ ସବୁ କ୍ଷେତ୍ରରେ ପାନେ ଦେବା ପାଇଁ ଭାରତୀୟ ନାଗରିକ ଓ ବ୍ୟବସାୟୀମାନେ ଏକାଠି ହୋଇଯାଇଛନ୍ତି । ତୁର୍କୀରୁ ଆସୁଥିବା ସବୁ ଫଳକୁ ଭାରତ ବଜାରରେ ବ୍ୟାନ୍ କରିବା ଆରମ୍ଭ ହୋଇଛି । ଗତ ଦୁଇ, ତିନି ଦିନ ହେବ ଭାରତର ବିଭିନ୍ନ ସ୍ଥାନରେ ବଡବଡ ବ୍ୟବସାୟୀମାନେ ତୁର୍କୀ ଫଳକୁ ନା' କରୁଛନ୍ତି । ସେମାନେ ସିଧା ସଳଖ କହୁଛନ୍ତି ଯେ, ଆଗାମୀ ଦିନରେ ତୁର୍କୀରୁ ଆସିବାକୁ ଥିବା ସମସ୍ତ ଫଳ ଉପରେ ରୋକ ଲଗାଯିବ । ଏପରିକି ବଜାରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ । ପାକିସ୍ତାନ ସହ ମିଶି ତୁର୍କୀ ଯେପରି ଭାରତ ବିରୋଧୀ ଷଡଯନ୍ତ୍ରରେ ସାମିଲ ହୋଇଛି, ତେଣୁ ଆମେ ତାକୁ ପାନେ ଦେବୁ ବୋଲି ବ୍ୟବସାୟୀ କହିଛନ୍ତି । ବାରମ୍ବାର ବିଶ୍ୱାସଘାତକତା କଲେ ବି ଭାରତ ଯେ ଏହାର ଦୃଢ଼ ଜବାବ ଦେଇପାରେ ଏକଥା ଅପରେସନ ସିନ୍ଦୂରରୁ ସ୍ପଷ୍ଟ ହୋଇଯାଇଛି । ସେହିପରି ଆଜରବୈଜାନ ପାକିସ୍ତାନକୁ ସହଯୋଗ କରୁଥିବାରୁ ତାକୁ ମଧ୍ୟ ବ୍ୟାନ୍ ଲଗାଯିବ ବୋଲି ଭାରତ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଅପରେସନ ସିନ୍ଦୂରକୁ ସ୍ଥଗିତ ରଖାଯାଇଥିଲେ ମଧ୍ୟ ଏହା ଶେଷ ହୋଇନାହିଁ । ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଅପରେସନ ସିନ୍ଦୂର ଏକ ଟ୍ରେଲର ଥିଲା ଆଗକୁ ପୁରା ଚିତ୍ର ଆସିବ ।

## ସିଏଚ୍‌ଏସ୍‌ଇର ସୂଚନା

# ଆଜି ଯୁକ୍ତ ଦୁଇ ରେଜଲ୍ଟ




ଭୁବନେଶ୍ୱର, ୨୦।୫(ଭାସ୍କର ନ୍ୟୁଜ): ବହୁ ପ୍ରତୀକ୍ଷିତ ଯୁକ୍ତ ଦୁଇ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇବ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ବୁଧବାର ଅପରାହ୍ନରେ ଏହି ପରୀକ୍ଷା ଫଳ ପ୍ରକାଶିତ ହେବ । ଏକ ସଂଗରେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାର ଫଳାଫଳ ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ଡିଜି ଲକର ଓ ଓ୍ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ପାଇପାରିବେ । ଦୁଇଦିନ ଭିତରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଥିଲେ । ତେବେ ପରୀକ୍ଷା ଫଳ ପ୍ରକାଶ ତାରିଖ ଘୋଷଣା ହେବା ପରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି । ପରୀକ୍ଷା ଫଳ କ'ଣ ରହିବ ସେ ନେଇ ମଧ୍ୟ ଚିନ୍ତା ବଢ଼ିଯାଇଛି । ଚଳିତବର୍ଷ ମୋଟ ୩ଲକ୍ଷ ୯୩ ହଜାର ୬୧୮ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଛି । ଚଳିତମାସ ତୃତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସିଏଚ୍‌ଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡା ସୂଚନା ଦେଇଥିଲେ । ଚଳିତ ବର୍ଷ ମାର୍ଚ୍ଚ ୨୭ ତାରିଖରେ ଏହି ପରୀକ୍ଷା ଶେଷ ହୋଇଥିଲା । ଏପ୍ରିଲ ୨ରୁ ଖାତାଦେଖା ଆରମ୍ଭ ହୋଇ ଚଳିତ ମାସ ୧ ତାରିଖରେ ସମାପ୍ତ କରାଯାଇଥିଲା ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ପୁଣି କରୋନାର ପଦଧ୍ୱନି

# ସତର୍କତା ଅବଲମ୍ବନ ଜରୁରି

ଆଜକୁ ପାଞ୍ଚ ବର୍ଷ ପୂର୍ବେ କରୋନା ବା 'କୋଭିଡ୍-୧୯' ମହାମାରୀ ରୂପ ନେଇ ସମଗ୍ର ବିଶ୍ୱକୁ କବଳିତ କରିବା ସଂଗେସଂଗେ ଜନଜୀବନକୁ ଥରହର କରିଥିଲା । ଏହି ଭୂତାଣୁଜନିତ ବ୍ୟାଧିର ଉପସ୍ଥିତିରେ ଚୀନ୍‌ର ଉହାନ ହୋଇଥିଲେ ହେଁ କେଉଁ କାରଣରୁ ଏହା ଗୋଟିଏ ପରେ ଗୋଟିଏ ଦେଶକୁ ମାଡି ଚାଲି ମୃତ୍ୟୁର ତାଣ୍ଡବ ଚଳାଇଲା, ତାହା ଏବେ ବି ଅସ୍ପଷ୍ଟ ରହିଛି । ଗତ ୨୦୨୦ ଓ ୨୦୨୧ ଏହି ଦୁଇବର୍ଷ କରୋନା ବିଭୀଷିକାକୁ ବିଶ୍ୱବାସୀ ଅଙ୍ଗେ ନିଭାଇଥିଲେ । ଏଥିଯୋଗୁଁ ସବୁ ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଠାରୁ ଆରମ୍ଭ କରି ବାଣିଜ୍ୟ ବ୍ୟବସାୟ ଅତ୍ୟଧିକ ମାତ୍ରାରେ ପ୍ରଭାବିତ ହେବା ସହିତ ଅର୍ଥନୈତିକ ଭିତ୍ତିଭୂମି ଦୋହଲି ଯାଇଥିଲା । ସରକାରୀ ପରିସଂଖ୍ୟାନ ଅନୁଯାୟୀ ଦୁଇ ବର୍ଷର ବିଭୀଷିକାରେ ବିଶ୍ୱରେ ୫ କୋଟିରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ପ୍ରତିଷେଧକ ଟୀକା ଉଦ୍ଭାବନ ଏବଂ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଫଳରେ ମହାମାରୀର ସଂକ୍ରମଣକୁ ରୋକାଯିବା ସମ୍ଭବ ହୋଇଛି । ତଥାପି ମଝିରେ ମଝିରେ କୋଭିଡ ଭୂତାଣୁର ନୂଆ ପ୍ରକାର ଭାରିଆଣ୍ଟ ବା ପ୍ରଜାତି ମୁଣ୍ଡ ଟେକିବାର ଖବର ନଜରକୁ ଆସିଥାଏ । ଏଇ କିଛିଦିନ ହେଲା ଏସିଆ ମହାଦେଶର ସିଙ୍ଗାପୁର, ହଂକଂ, ଚାଇନ୍ ଓ ଥାଇଲାଣ୍ଡରେ ପୁଣି କରୋନାର ପଦଧ୍ୱନି ଶୁଣାଯିବା ଚିନ୍ତାର କାରଣ ସାଜିଛି । ଏହିସବୁ ଦେଶରେ ଭୂତାଣୁର ନୂଆ ପ୍ରଜାତି (ଭାରିଆଣ୍ଟ) ଯୋଗୁଁ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି । ସିଙ୍ଗାପୁରରେ ମଇ ୧ରୁ ୧୯ ତାରିଖ ମଧ୍ୟରେ ତିନି ହଜାର ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବାବେଳେ ଏପ୍ରିଲ୍ ଶେଷ ସପ୍ତାହରେ ଏହି ସଂଖ୍ୟା ଏଗାର ହଜାର ଥିଲା । ସେହିପରି ହଂକଂରେ ଏଯାବତ ୮୧ଟି ନୂଆ ମାମଲା ଚିହ୍ନଟ ହୋଇଛି ଏବଂ ୩୦ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ଘଟିସାରିଲାଣି । ଚୀନ୍ ଓ ଥାଇଲାଣ୍ଡରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ନେଇ କୌଣସି ସୂଚନା ମିଳିନଥିଲେ ମଧ୍ୟ ଏହି ଦୁଇ ଦେଶରେ ହାଇ ଆଲର୍ଟ ଜାରି ହୋଇଛି । ବେସରକାରୀ ସୂତ୍ର ଅନୁଯାୟୀ ଚୀନ୍ ଓ ଥାଇଲାଣ୍ଡରେ ନୂଆ ଭାରିଆଣ୍ଟ ପୂର୍ବାପେକ୍ଷା ଦ୍ରୁତ ସଂକ୍ରାମକ ନୁହେଁ କିମ୍ବା ଅଧିକ ବିପଜ୍ଜନକ, ତାହାର କୌଣସି ପ୍ରମାଣ ବର୍ତ୍ତମାନ ସୁଦ୍ଧା ମିଳିନାହିଁ । ମାତ୍ର ଏହି ନୂଆ ଲହର କମ୍ ରୋଗ ପ୍ରତିଷେଧକ ଶକ୍ତି ଥିବା ଲୋକଙ୍କ ଉପରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି । ଭାରତରେ ମଧ୍ୟ ଏଇ କିଛିଦିନ ଭିତରେ କରୋନା କେଶ ଲେଉଟିବା ଆରମ୍ଭ କରିଛି ଏବଂ ମଇ ୧୨ ରୁ ୧୯ ତାରିଖ ମଧ୍ୟରେ ଗୋଟିଏ ସପ୍ତାହରେ ୧୬୪ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ଆମ ଦେଶରେ ସମୁଦାୟ ୨୫୭ ଜଣ ସକ୍ରିୟ କରୋନା ରୋଗୀ ଥିବାର ଜଣାପଡିଛି । ଅନ୍ୟ ରାଜ୍ୟ ତୁଳନାରେ କେରଳ, ତାମିଲନାଡୁ ଓ ମହାରାଷ୍ଟ୍ରରେ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅତୀତର ତିକ୍ତ ଅଭିଜ୍ଞତା ଦୃଷ୍ଟିରୁ କରୋନାର ପୁନଃ ସଂକ୍ରମଣକୁ ହାଲୁକା ଭାବରେ ଗ୍ରହଣ ନକରି ଆମକୁ ଜାଗ୍ରତ ରହିବାକୁ ପଡିବ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ କରୋନା କେବେହେଲେ ସଂପୂର୍ଣ୍ଣ ମୂଳପୋଛ ହେବନାହିଁ, ଏହା ସବୁକାଳେ ରହିବ । କିନ୍ତୁ ପ୍ରତିଷେଧକ ବଳରେ କେବଳ ନିୟନ୍ତ୍ରଣରେ ରଖାଯାଇପାରିବ । ଏହାକୁ ଦୃଷ୍ଟିରେ ରଖି ସରକାର ଓ ଜନସାଧାରଣ ସବୁ ସମୟରେ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବିଜ୍ଞତାର କାର୍ଯ୍ୟ ହେବ ।

# ଜେମ୍: ଚମକୁଛି ସରକାରୀ ସାମଗ୍ରୀ କ୍ରୟ ବଜାର

**ପୀୟୂଷ ଗୋଏଲ**

ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍) ବେଶ୍ ଦ୍ରୁତ ଗତିରେ ବିଶ୍ୱ ନେତୃତ୍ୱର ସ୍ଥାନ ଭାବରେ ମୁଣ୍ଡ ଟେକିବା ସହିତ ସରକାରୀ ସାମଗ୍ରୀ କ୍ରୟ କ୍ଷେତ୍ରରେ ଏକ ସ୍ୱଚ୍ଛ, ସମାବେଶୀ ଓ ସକ୍ରିୟ ପ୍ଲାଟଫର୍ମ ରୂପେ ଉଭା ହୋଇପାରିଛି । ଏହା ପ୍ରାୟ ୧.୬ ଲକ୍ଷ ସରକାରୀ କ୍ରେତାଙ୍କୁ ୨୩ ଲକ୍ଷ ବିକ୍ରେତା ଓ ସେବା ଯୋଗାଣକାରୀ ସଂସ୍ଥାଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ସଂଯୋଗ ସ୍ଥାପନ କରିବାରେ ସକ୍ଷମ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପରିକଳ୍ପନାର ଏହା ଏକ ପ୍ରମୁଖ ସାଧନ ପାଲଟିଛି ।

ଯେଉଁ ଦିନଠାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ପଣ୍ଟ ପରିବର୍ତ୍ତନକାରୀ ଡିଜିଟାଲ ଉପକ୍ରମର ଶୁଭାରମ୍ଭ କରିଛନ୍ତି, ସେହିଦିନ ଠାରୁ ବିଗତ ନଅ ବର୍ଷ ମଧ୍ୟରେ 'ଜିଇଏମ' ଏକ ସକ୍ରିୟ ବ୍ୟବସ୍ଥା ଭାବରେ କାର୍ଯ୍ୟ ସଂପାଦନ କରିଆସୁଛି । ସରକାର ଯେଉଁଭଳି ଭାବରେ ବିଭିନ୍ନ ଆବଶ୍ୟକ ସାମଗ୍ରୀ ଓ ସେବା କ୍ରୟ କରୁଛନ୍ତି ସେଥିରେ ଆମୂଳଚୂଳ ପରିବର୍ତ୍ତନ ଘଟିଛି । ଏହି ପ୍ରକ୍ରିୟାରୁ ଦୁର୍ନୀତକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରାଯାଇଛି ଏବଂ ଏହା ଷ୍ଟାର୍ଟ ଅପ୍, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.), ମହିଳା ତଥା ଦେଶର ଛୋଟ ଛୋଟ ଟାଉନମାନଙ୍କରେ ଥିବା ବ୍ୟାବସାୟିକ ସଂସ୍ଥାମାନଙ୍କୁ ଯଥେଷ୍ଟ ମାତ୍ରାରେ ସହାୟକ ହୋଇପାରିଛି ।

ଏହି ବ୍ୟବହାର ଉପଯୋଗୀ ସରଳ ପ୍ଲାଟଫର୍ମଟି ବାସ୍ତବ ପକ୍ଷେ ଏକ ଅମୂଲ୍ୟ ମଣି ଯାହା ପୂର୍ବରୁ ଅପଯଶ ଅର୍ଜନ କରିଥିବା ଯୋଗାଣ ଓ ନିଷ୍ପାଦନ ନିର୍ଦ୍ଦେଶାଳୟ ବ୍ୟବସ୍ଥାର ସ୍ଥାନ ଗ୍ରହଣ କରିଛି । ପୂର୍ବ ବ୍ୟବସ୍ଥାଟି ଅସ୍ୱଚ୍ଛ ଏବଂ ଅଣ- ପ୍ରତିଦ୍ୱନ୍ଦ୍ୱୀ ବ୍ୟବସ୍ଥା ହୋଇଥିବାବେଳେ ସେଥିରୁ କେତେକ ନିର୍ଦ୍ଦିଷ୍ଟ ସୁଯୋଗଖୋର ଗୋଷ୍ଠୀ ଫାଇଦା ହାସଲ କରୁଥିଲେ । ତେଣୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ, ଯାହାକି ବିଜ୍ଞାନ ଭବନଠାରେ ଅବସ୍ଥିତ, ଯଥାର୍ଥରେ ସେଠାରେ ପୂର୍ବରୁ ଥିବା ଏହି ନାମମାତ୍ର ସଂସ୍ଥା କାର୍ଯ୍ୟାଳୟଠାରେ କାର୍ଯ୍ୟ କରୁଛି ।

ଉଲ୍ଲେଖନୀୟ ଅଭିବୃଦ୍ଧି: ୨୦୧୬ ମସିହାରେ ଏହା ସ୍ଥାପନା ହେବା ଦିନଠାରୁ ଜିଇଏମ ପୋର୍ଟାଲ ମାଧ୍ୟମରେ ଅଦ୍ୟାବଧି ପ୍ରାୟ ୧୩.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ସାମଗ୍ରୀର ଅର୍ଡର କାରବାର ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ପ୍ଲାଟଫର୍ମ ଜରିଆରେ ସରକାରୀ କ୍ରୟ ମାତ୍ରା ୫.୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଏକ ରେକର୍ଡ ସୃଷ୍ଟି କରିଛି । ଚଳିତ ଆର୍ଥିକ ବର୍ଷରେ ଜିଇଏମ ତା'ର ବାର୍ଷିକ ବ୍ୟାବସାୟିକ କାରବାର ୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାର ଲକ୍ଷ୍ୟ ଧାର୍ଯ୍ୟ କରିଛି । ଏହା ନିଃସନ୍ଦେହ ଯେ ଜିଇଏମ ଏକ ପ୍ରଯୁକ୍ତିଗତ ଧାବମାନ ଅଶ୍ୱରେ ପରିଣତ ହୋଇଛି ଯାହା ସରକାରୀ ସାମଗ୍ରୀ କ୍ରୟର ସମଗ୍ର ପ୍ରେକ୍ଷାପଟରେ ଆମୂଳଚୂଳ ପରିବର୍ତ୍ତନ ଘଟାଇଛି ।

ବ୍ୟାବସାୟିକ କାରବାର ମାତ୍ରା ଓ ପରିମାଣ ଜିଇଏମକୁ ବିଶ୍ୱର ସର୍ବବୃହତ୍ ସରକାରୀ ସାମଗ୍ରୀ କ୍ରୟ ପୋର୍ଟାଲରେ ପରିଣତ କରିବାର ଆଶା ଏବେ ଉଜ୍ଜ୍ୱଳ ହୋଇଛି ଏବଂ ଏହା ନିକଟ ଭବିଷ୍ୟତରେ ଦକ୍ଷିଣ କୋରିଆର 'କୋନେପ୍ସ' ଭଳି ସୁପ୍ରତିଷ୍ଠିତ ସଂସ୍ଥାର ସ୍ଥାନ ଅଧିକାର କରିବାକୁ ଯାଉଛି ।

ଜିଇଏମ ସାଧୁତାରେ ବିଶ୍ୱାସୀ ବ୍ୟାବସାୟିକ ସଂସ୍ଥାମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବା ସହିତ ଅନେକ ନୂତନ କର୍ମସଂସ୍ଥାନ ସୃଷ୍ଟି କରିଛି, ଏହି ପରିପ୍ରେକ୍ଷୀରେ ଜିଇଏମର ଗୁରୁତ୍ୱ ଏହାର ଅବିଶ୍ୱସନୀୟ ଆର୍ଥିକ ଅଭିବୃଦ୍ଧିଠାରୁ ମଧ୍ୟ ଆହୁରି ଅନେକ ଦିଗରେ ପରିବ୍ୟାପ୍ତ, ଯାହା ଯେକୌଣସି ବଡ଼ ବଡ଼ ଇ-କମର୍ସ ସଂସ୍ଥାଙ୍କ ମନରେ ଈର୍ଷା ଜନ୍ମାଇବା ସ୍ୱାଭାବିକ କଥା ।

ସୁସଂଗତ ଅଭିବୃଦ୍ଧିର ଅଭିନବ ଇଞ୍ଜିନ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ, ସବ୍‌କା ବିକାଶ' ପରିକଳ୍ପନାର ଭାବନା ସହିତ ଜିଇଏମ ନ୍ୟାୟସଂଗତ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଇଂଜିନ ଭାବରେ କାର୍ଯ୍ୟ କରିଆସୁଛି । ଏହା ଷ୍ଟାର୍ଟ ଅପ୍ ସଂସ୍ଥା, କ୍ଷୁଦ୍ର ବ୍ୟାବସାୟିକ ଅନୁଷ୍ଠାନ ଓ ମହିଳା ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଓ ସେବାକୁ କୌଣସି ମଧ୍ୟସ୍ଥ ଅବା ଦଲାଲ ବିନା ସରକାରୀ କ୍ରେତାଙ୍କ ନିକଟରେ ପ୍ରଦର୍ଶିତ କରିବାର ସହଜ ସୁଯୋଗ ଯୋଗାଇଥାଏ । ଏହା କୌଣସି ପ୍ରତିବନ୍ଧକ ବିନା ପ୍ରବେଶର ସୁଯୋଗ ଯୋଗାଇବା ଦ୍ୱାରା ଏହି ପ୍ଲାଟଫର୍ମ ଛୋଟ ଛୋଟ ଘରୋଇ ଉଦ୍ୟୋଗୀମାନଙ୍କୁ ପ୍ଲାଟଫର୍ମକୁ ସଶକ୍ତ କରେ ଯଦ୍ୱାରା ସେମାନେ ଇ-ଟେଣ୍ଡରରେ ଅଂଶଗ୍ରହଣ କରିପାରନ୍ତି ଓ ସେମାନଙ୍କ ବ୍ୟବସାୟ ବଢ଼ାଇବାର ସୁଯୋଗ ପାଇପାରିଥାଆନ୍ତି ।

ସସାଯୋଜନା ନୀତିରେ ପରିଚାଳିତ ହୋଇ ଜିଇଏମ ଅନେକ ରଣନୀତିକ ଉପକ୍ରମକୁ ଆପଣାଇବା ସହିତ ବିଭିନ୍ନ ପ୍ରକାରର ରଣନୀତିକ କାର୍ଯ୍ୟପନ୍ଥାକୁ ସମର୍ଥନ ଜଣାଇଥାଏ ଯଦ୍ୱାରା ଛୋଟ ଛୋଟ ବ୍ୟବସାୟୀମାନେ ଏଥିରୁ ଉପକୃତ ହୋଇ ପାରିଥାଆନ୍ତି । ସେଥି ମଧ୍ୟରେ ସରକାରୀ କ୍ରେତାଙ୍କୁ ଚିହ୍ନଟ କରିବାର ବ୍ୟବସ୍ଥା ଏବଂ ଏମ.ଏସ.ଇ ଏବଂ ମହିଳା ନେତୃତ୍ୱାଧୀନ ବ୍ୟାବସାୟିକ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଚୟନକୃତ ଉତ୍ପାଦ ଓ ସେବା ଆଦି ସାମିଲ ।

ଲକ୍ଷ୍ୟ ଅତିକ୍ରମ: ସମ୍ପୂର୍ଣ୍ଣ ରୂପେ ଷ୍ଟୋର୍ ଫ୍ରଣ୍ଟ୍ ପ୍ରତି ସମର୍ପିତ ଜିଇଏମର କାରକ ଯଥା 'ଷ୍ଟାର୍ଟ ଅପ୍ ରନୱେ' ଏବଂ 'ଉମାନିଆ' ସକ୍ରିୟତାର ସହିତ ଏହିସବୁ ବ୍ୟାବସାୟିକ ସଂସ୍ଥାମାନଙ୍କ ଦୃଶ୍ୟତା ବୃଦ୍ଧିକୁ ଏବଂ ସରକାରୀ ସାମଗ୍ରୀ କ୍ରୟରେ ସେମାନଙ୍କ ଅଂଶ ବୃଦ୍ଧି ପାଇଁ କାର୍ଯ୍ୟ କରିଆସୁଛନ୍ତି । ଏହା ଫଳରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ (ଏମ.ଏସ.ଇ.)ମାନଙ୍କରୁ ୨୫ ପ୍ରତିଶତ ଏବଂ ମହିଳାମାନଙ୍କ ନେତୃତ୍ୱରେ ପରିଚାଳିତ ସଂସ୍ଥାମାନଙ୍କରୁ ୩ ପ୍ରତିଶତ ସାମଗ୍ରୀ କ୍ରୟ ଲକ୍ଷ୍ୟକୁ ସରକାର କେବଳ ଅନୁସରଣ କରିନାହାନ୍ତି ଏହାକୁ ଅତିକ୍ରମ ମଧ୍ୟ କରାଯାଇ ପାରିଛି । ଜିଇଏମ ଦ୍ୱାରା ପ୍ରାୟ ୩୮ ପ୍ରତିଶତ ବ୍ୟାବସାୟିକ କାରବାର ଏମ.ଏସ.ଇ.ମାନଙ୍କୁ ପ୍ରଦାନ କରାଯାଇଛି ଏବଂ ମହିଳା କୈନ୍ଦ୍ରିକ ସଂସ୍ଥାମାନଙ୍କ ଠାରୁ ଏଭଳି କାରବାର ମାତ୍ରା ପ୍ରାୟ ୪ ପ୍ରତିଶତ ଛୁଇଁଛି ।

୨୦୨୫ ମସିହା ଏପ୍ରିଲ ମାସ ସୁଦ୍ଧା ଜିଇଏମ ମାଧ୍ୟମରେ ଦେଶର ୩୦,୦୦୦ରୁ ଅଧିକ ଷ୍ଟାର୍ଟ ଅପ୍, ୩୮,୫୦୦ କୋଟିରୁ ଅଧିକ ଟଙ୍କାର ବ୍ୟାବସାୟିକ କାରବାର କରିଛନ୍ତି । ଅଧିକନ୍ତୁ ୧.୮୧ ଲକ୍ଷ ଉଦ୍ୟମ- ସତ୍ୟାର୍ପିତ ମହିଳା କୈନ୍ଦ୍ରିକ ଉଦ୍ୟୋଗୀ ଜିଇଏମ ପୋର୍ଟାଲ ମାଧ୍ୟମରେ ପ୍ରାୟ ୫୦,୦୦୦ କୋଟି ଟଙ୍କାର କାରବାର ଅର୍ଡର ହାସଲ କରିଛନ୍ତି ।

ବୃହତ୍ ସଞ୍ଚୟ: ଏହିସବୁ ପରିବର୍ତ୍ତନ ଅର୍ଥ ସଞ୍ଚୟରେ ରୂପାନ୍ତରୀତ ହୋଇପାରିଛି । କେତେକ ଅର୍ଡରର ପରିମାଣ କ୍ଷେତ୍ରରେ ଏହା ୩୩ ପ୍ରତିଶତରୁ ୯୬ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରିଛି । ଏଭଳି ଉଲ୍ଲେଖନୀୟ ସଞ୍ଚୟ ଏକ ସ୍ୱାଗତଯୋଗ୍ୟ ପରିବର୍ତ୍ତନ ଯାହାକି ମୋଦୀ ସରକାରଙ୍କ ମିଶନର ଉଦ୍ଦେଶ୍ୟକୁ ସାକାର କରେ ଏବଂ ଇଜ୍ ଅଫ୍ ଡୁଇଂ ବିଜିନେସ୍ ଏବଂ ଇଜ ଅଫ୍ ଲିଭିଂକୁ ସୁଗମିତ କରେ । ଦେଶର ସାଧାରଣ ନାଗରିକଙ୍କ ହିତସାଧନ ନିମନ୍ତେ ଏହା ଉପକାରସିଦ୍ଧ ସାବ୍ୟସ୍ତ ହୋଇପାରିଛି ।

ବିଶ୍ୱ ବ୍ୟାଙ୍କ୍ ପକ୍ଷରୁ କରାଯାଇଥିବା ଏକ ସ୍ୱାଧୀନ ଅଧ୍ୟୟନ ଦର୍ଶାଏ ଯେ ଜିଇଏମର କ୍ରେତାମାନେ ଏହା ଫଳରେ ପ୍ରାୟ ୯.୭୫ ପ୍ରତିଶତ ମଧ୍ୟବର୍ତ୍ତୀ ଲାଭ ପାଇପାରିଛନ୍ତି । ଏହା ଫଳରେ ଦେଶବାସୀ ଦେଉଥିବା କଷ୍ଟାର୍ଜିତ ଟିକସର ସୁବିନିଯୋଗ ତଥା ସଞ୍ଚୟ ହୋଇପାରୁଛି ଯାହାର ଆନୁମାନିକ ପରିମାଣ ପ୍ରାୟ ୧,୧୫,୦୦୦ କୋଟି ଟଙ୍କା । ଜିଇଏମ ମାଧ୍ୟମରେ କ୍ରୟ ଯୋଗୁ ସରକାରୀ ପରିଚାଳିତ ଏନ.ଟି.ପି.ସି. ସଂସ୍ଥା ପ୍ରାୟ ୨,୦୦୦ କୋଟି ଟଙ୍କା ସଞ୍ଚୟ କରିଛି । ଏକ ୨୦,୦୦୦ କୋଟି ଟଙ୍କାର ପାଲଟା ନିଲାମୀ ବ୍ୟବସ୍ଥା ଯୋଗୁ ଏହି ଲାଭ ମିଳିପାରିଛି । ଅପର ପକ୍ଷେ, ଜିଇଏମ ପ୍ରତିରକ୍ଷା ସରଞ୍ଜାମ, ଟୀକା, ଡ୍ରୋନ୍ ଏବଂ ବୀମା ଭଳି ସେବା କ୍ରୟ କରିବା ଦ୍ୱାରା ଏହି କାର୍ଯ୍ୟ ଅଧିକ ସ୍ୱଚ୍ଛ ଓ ସୁଲଭ ହୋଇପାରିଛି ।

ପରିଣାମ ସ୍ୱରୂପ, ଦେଶର କ୍ଷୁଦ୍ର ଉଦ୍ୟୋଗୀମାନେ ଢେର୍ ଆଶ୍ୱସ୍ତ ହୋଇଛନ୍ତି । ଜିଇଏମ ନିକଟରେ କାରବାର ଦେୟକୁ ହ୍ରାସ କରିଛି । ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଅର୍ଡର ନିମନ୍ତେ ସ୍ୱଳ୍ପ କାରବାର ଦେୟ (୦.୩୦%) ରଖାଯାଇଛି । ସେହିଭଳି ୧୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାରବାର ପାଇଁ ଦେୟ ମୂଲ୍ୟକୁ ୩ ଲକ୍ଷ ଟଙ୍କାରେ ସ୍ଥିର ରଖାଯାଇଛି - ପୂର୍ବରୁ ଏହା ୭୨.୫୦ ଲକ୍ଷ ଟଙ୍କା ଥିଲା ଏବଂ ଏହା ଏ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ ।

ପ୍ରଯୁକ୍ତି ଏ.ଆଇ: ବିଶାଳ ପ୍ରଯୁକ୍ତିଗତ ସଂସାଧନ ସହିତ, ଏହି ପ୍ଲାଟଫର୍ମ ନିରବଚ୍ଛିନ୍ନ ଭାବରେ ବୃଦ୍ଧି ପାଇ ଚାଲିଛି ଯାହାକୁ ପ୍ରଯୁକ୍ତିଗତ ସମାଧାନ ପନ୍ଥା ଜରିଆରେ ନୂତନ ତଥା ସହଜ ଉପାୟରେ ବ୍ୟାବସାୟିକ କାରବାରର ପଥ ଉନ୍ମୋଚନ କରିଛି । ଇତି ମଧ୍ୟରେ ଜିଇଏମ ଏକ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ସାଧନଯୁକ୍ତ ଚାର୍ଟବୋଟ୍ (ଜିଇଏମଏଆଇ) ଅବସ୍ଥାପନ କରିଛି । ଏହା ଏପରି ଏକ ସାଧନା ଯାହା ଆଲୋଚନାଜନିତ ବିଶ୍ଳେଷଣ ଏବଂ ବ୍ୟାବସାୟିକ ଧୀଶକ୍ତିଯୁକ୍ତ । ଏକ କ୍ଷୁଦ୍ର ଚାର୍ଟବୋଟ୍ ଆଠଗୋଟି ଆଞ୍ଚଳିକ ଭାଷାରେ ମଧ୍ୟ ଉପଲବ୍ଧ ଏବଂ ସେଥିରେ ସର୍ବାଧୁନିକ ପ୍ରଯୁକ୍ତିର ଉପଯୋଗ କରାଯାଇଛି । ଏଥିରେ ଭଏସ୍ କମାଣ୍ଡ୍ କାର୍ଯ୍ୟକ୍ଷମାତ ରହିଛି ଯାହାକି ଜିଇଏମ ପୋର୍ଟାଲରେ ଇଜ୍ ଅଫ୍ ଡୁଇଂ ବିଜିନେସ୍‌କୁ ଆହୁରି ସହଜସାଧ କରିବ ।

ଅଣୁ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ଉତ୍ପାଦନ ନିମନ୍ତେ ଜିଇଏମ ଅର୍ଥ ଯୋଗାଣ ବ୍ୟବସ୍ଥା ମଧ୍ୟ କରିଥାଏ । ଏହା ଯୋଗ୍ୟ କ୍ରୟ ଅର୍ଡର ଉପରେ ମାତ୍ର ୧୦ ମିନିଟରୁ କମ୍ ସମୟ ମଧ୍ୟରେ ବନ୍ଧକବିହୀନ ଋଣ ଯୋଗାଇ ଦେଇଥାଏ । ଇତି ମଧ୍ୟରେ ଏହି ପ୍ଲାଟଫର୍ମ ଜିଇଏମ ସହାୟ ୨.୦ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି ଯାହା ଏକ ସିଙ୍ଗଲ ୱିଣ୍ଡୋ ରୂପେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ କରିପାରୁଛି । ଏହି ପ୍ଲାଟଫର୍ମକୁ ଆହୁରି ସମାବେଶୀ ଓ ପ୍ରତିଦ୍ୱନ୍ଦ୍ୱୀ କରିବା ସକାଶେ ଏହାକୁ ଅଧିକ ପ୍ରଯୁକ୍ତିଯୁକ୍ତ କରିବାର ପ୍ରୟାସ ଜାରି ରହିଛି ।

ଭାରତର ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବାହକ ରୂପେ ଆଗେଇ ନେବା ଦିଗରେ ଜିଇଏମ ପୋର୍ଟାଲ ଏକ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ଅଭିମୁଖ୍ୟର ମଧ୍ୟ ଏହା ଅନ୍ୟତମ କାରକ । ତେଣୁ ସମାଜର ଶେଷ ସୀମାରେ ବସବାସ କରୁଥିବା ଅବହେଳିତ ଜନସାଧାରଣଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଉତ୍ଥାନ ନିମନ୍ତେ ଏହା ସଦାସର୍ବଦା ଅଧିକ ମାତ୍ରାରେ ଜାଗ୍ରତ ରହିଛି ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଯୋଗାଉଛି । ଏଥି ସହିତ ଦେଶର କରଦାତାଙ୍କ ବହୁମୂଲ୍ୟ ଅର୍ଥର ଯେପରି ସୁବିନିଯୋଗ ହୋଇପାରିବ ଏବଂ ଗୁଣାତ୍ମକ ମାନଯୁକ୍ତ ସାମଗ୍ରୀକୁ ପ୍ରତିଦ୍ୱନ୍ଦ୍ୱୀ ମୂଲ୍ୟରେ କ୍ରୟ କରାଯାଇପାରିବ ତାହା ମଧ୍ୟ ସୁନିଶ୍ଚିତ ହୋଇପାରିଛି ।

## ନୀତିବାଣୀ

**ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।**
**ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥**

**ଭାବାର୍ଥ :** ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି । ଚିନ୍ତା କରନାହିଁ ।

# ନାରୀ ଶକ୍ତି



**ସଂଗୀତା ମିଶ୍ର**
ସମାଜ ସେବୀ
ମୋ-୮୨୪୯୦୯୦୯୨୨

ନାରୀ ଶକ୍ତି ଅର୍ଥ ହେଉଛି ନାରୀମାନେ କେତେ ପରିମାଣରେ ଶକ୍ତିଶାଳୀ, ସ୍ୱାଧୀନ, ଦୃଢ଼ ଏବଂ ସମର୍ଥ ଅଟନ୍ତି, ସେଥିପାଇଁ ଏକ ମାନସିକ ଓ ସାମାଜିକ ଧାରଣା । ଏହା ମାନବ ସମାଜରେ ନାରୀଙ୍କ ସମାନ ଅଧିକାର, ସ୍ୱାଧୀନ ଅସ୍ତିତ୍ୱ ଏବଂ ଅବଦାନକୁ ସ୍ୱୀକାର କରିଥାଏ । ନାରୀରୁ ସୃଷ୍ଟି ଏ ସଂସାର । ଗୋଟିଏ ନାରୀ ବିଭିନ୍ନ ରୂପ ନେଇଥାଏ । ସେ କେତେବେଳେ କାହାର ଝିଅ ତ କେତେବେଳେ କାହାର ମା' ତ କେତେବେଳେ କାହାର ସ୍ତ୍ରୀ । ହିନ୍ଦୁ ଧର୍ମ ଅନୁଯାୟୀ ନାରୀମାନେ ଦେବୀଙ୍କ ଅଂଶ ଭାବେ ଗ୍ରହଣ କରାଯାନ୍ତି । ଦେବୀ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ଏବଂ କାଳି ଯେପରି ଶକ୍ତିର ପ୍ରତୀକ, ତେଣୁ ନାରୀମାନେ ମଧ୍ୟ ଏହି ଦିବ୍ୟ ଶକ୍ତିର ପ୍ରକାଶ । ଯେଉଁ ସମାଜ ନାରୀମାନଙ୍କୁ ସମ୍ମାନ ଦେଇ ତାଙ୍କ ସୁରକ୍ଷା କରିଥାଏ, ସେଇ ସମାଜ ସମୃଦ୍ଧ ଏବଂ ଶାନ୍ତିମୟ ରହେ । ମହିଳା ମାନେ ସୃଷ୍ଟି ସଂରକ୍ଷଣ ଏବଂ ଦୟାର ପ୍ରତୀକ । ସେମାନେ ହେଉଛନ୍ତି ମା', ଜୀବନଦାତ୍ରୀ ଏବଂ ସମ୍ମାନର ଅଧିକାରୀ । ସେମାନେ ଭଗବାନଙ୍କ ଶକ୍ତିର ଜୀବନ୍ତ ରୂପ ।

ଅତୀତରେ ନାରୀର ଭୂମିକା ଅନ୍ୟତମ ଥିଲା । ଅତୀତରେ ନାରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ ଏବଂ ସେମାନଙ୍କର କାର୍ଯ୍ୟ କେବଳ ଘରରେ ସୀମିତ ରହୁଥିଲା । ହାତକରଣା, ଗୃହକାର୍ଯ୍ୟ ଏବଂ ସନ୍ତାନ ପାଳନରେ ସେମାନଙ୍କ ଭୂମିକା ଜୋରଦାର ଥିଲା । ପ୍ରାୟତଃ ପତି ଅଥବା ପରିବାର ଉପରେ ନିର୍ଭର କରୁଥିଲେ । ସମ୍ପତ୍ତି ଉପରେ ମହିଳା ମାନଙ୍କ ଅଧିକାର ଅତ୍ୟନ୍ତ ସୀମିତ ଥିଲା । ମହିଳା ମାନଙ୍କୁ ଚୟନର ସ୍ୱାଧୀନତା ଦିଆଯାଉନଥିଲା ଏବଂ ସେମାନେ ସାମାଜିକ ଏବଂ ରାଜନୈତିକ ନିଷ୍ପତି ନେବାରେ ଅସମର୍ଥ ଥିଲେ । ସେମାନେ ଧର୍ମ, ପରମ୍ପରା ଏବଂ ସମାଜର ନିୟମ ମାନିଥିଲେ । ଅନେକ କ୍ଷେତ୍ରରେ ସେମାନଙ୍କ ମତାମତ ଗ୍ରହଣ ହୋଇଥିଲା ।

ଅତୀତରେ ଏବଂ ବର୍ତ୍ତମାନର ନାରୀ ମାନଙ୍କ ମଧ୍ୟରେ ମୂଳ ଅନ୍ତର ହେଉଛି ସ୍ୱାଧୀନତା, ଶିକ୍ଷା, ଆର୍ଥିକ, ସ୍ୱାଧୀନତା ଏବଂ ସମାଜରେ ତାଙ୍କର ଭୂମିକା । ଯେତେବେଳେ ଅତୀତରେ ନାରୀମାନେ ପରମ୍ପରାରେ ବାନ୍ଧି ରହିଥିଲେ, ଆଜି ସେମାନେ ସ୍ୱତନ୍ତ୍ରତା ଏବଂ ନୂଆ ଚେତନା ସହ ଆଗେଇ ଯାଉଛନ୍ତି । ଆଜିର ନାରୀମାନେ ଅତୀତର ଦୃଢ଼ତା, ପ୍ରଚେତନା ଏବଂ ଅଭିଜ୍ଞାତାକୁ ନେଇ ଏକ ସମାନ ସମାଜ ଗଠନ ପାଇଁ ଆଗେଇ ଚାଲୁଛନ୍ତି ।

ଆଧୁନିକ ସମାଜରେ ନାରୀମାନେ ପୂର୍ବାପେକ୍ଷ୍ୟା ଅଧିକ ସ୍ୱାଧୀନ, ଶିକ୍ଷିତ ଏବଂ ସବଳ ହୋଇଛନ୍ତି । ସେମାନେ ପରିବାର, ଶିକ୍ଷା, ଆର୍ଥିକ, ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଆଗ୍ରଗାମୀ ଭୂମିକା ଗ୍ରହଣ କରୁଛନ୍ତି । ଆଜିକାଲି ନାରୀମାନେ ଉଚ୍ଚ ଶିକ୍ଷା ଅର୍ଜନ କରି ଡାକ୍ତର, ଇଞ୍ଜିନିଅର, ଶିକ୍ଷକ, ବିଜ୍ଞାନୀ, ଓ ଅନ୍ୟାନ୍ୟ ପେଶାରେ ଅଗ୍ରସର ହେଉଛନ୍ତି । ଆଧୁନିକ ନାରୀ ଶିକ୍ଷାରେ ଅଗ୍ରଗାମୀ ଏବଂ ଏହି ଜ୍ଞାନ ଦ୍ୱାରା ସେ ନିଜ ଜୀବନକୁ ଓ ସମାଜକୁ ଉନ୍ନତି କରୁଛନ୍ତି । ଆଧୁନିକ ନାରୀ ନିଜେ ଉପାର୍ଜନ କରି ପରିବାରର ଅର୍ଥନୈତିକ ଯୋଗଦାନ କରୁଛନ୍ତି । ଆଧୁନିକ ନାରୀ ସ୍ୱାଧୀନ ଅଭିବ୍ୟକ୍ତି ଓ ସମାନ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି । ଆଧୁନିକ ନାରୀ ଘରୋଇ ଜୀବନ ଏବଂ ବୃତ୍ତି ଜୀବନ ମଧ୍ୟରେ ସମତା ବଜାୟ ରଖି ଉଭୟର ବିକାଶ କରୁଛନ୍ତି । ଆଧୁନିକ ନାରୀ ଏବେ କେବଳ ଘର ଏବଂ ପରିବାର ପରିଧିରେ ଅବସ୍ଥିତ ନୁହେଁ, ସେ ବିଶ୍ୱର ଏକ ମହତ୍ୱପୂର୍ଣ୍ଣ ଅଂଶ ଓ ଜଗତରେ ଏକ ନୂତନ ପରିବର୍ତ୍ତନ ଆଣୁଥିବା ଶକ୍ତି । ତେଣୁ କୁହାଯାଇଛି :

'ନାରୀ ତୁହି ବନ୍ଦନୀୟା କେତେ ରୂପ ତୋହରି
ସେନେହ ମମତାର ପ୍ରତୀକ ସାଜୁ ତୁହି ଭଗନୀ
ଦୁହିତା ବୋଲାଉ ପରା ସାଜୁ ପୁଣି ଘରଣୀ
ମାତୃ ରୂପେ ସନ୍ତାନର ସହ କେତେ ଅଳି
ସ୍ତ୍ରୀ ସାଜି ସ୍ୱାମୀ ସାଥେ ଚାଲି ଥାଉ ପୁଣି
ଗର୍ଭର ଯନ୍ତ୍ରଣା ପୁଣି ନିନ୍ଦା ଅପବାଦ
ଦୁଃଖ କଷ୍ଟ ସହି ଚାଲୁ ଜୀବନର ବାଟ
ତୋ ଲୁହ ଲୁଚାଉ ପରା ଦୁନିଆଁ ଆଗରେ
ଛାତିରେ ପଥର ଲଦି ଓଠରେ ହସୁରେ
ଚିରବନ୍ଦନୀୟା ତୁହି ତୋ ରୂପ ଅନେକ
ଅନ୍ୟାୟ ଦେଖିଲେ ସାଜୁ ଦୁର୍ଗା ମା' ରୂପ ।'

# ବେଇମାନ ତୁର୍କୀକୁ ପାନେ ଦେବାର ପଥ ପରିଷ୍କାର



**ଡ. ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଭାରତ-ପାକିସ୍ତାନ ଭିତରେ ଚାଲିଥିବା ଯୁଦ୍ଧରେ ତୁର୍କୀ ପାକିସ୍ତାନକୁ ଖୋଲା ଖୋଲି ସମର୍ଥନ ଦେଇଥିଲା । ଏପ୍ରିଲ ୨୨ ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କୀମାନେ ଧର୍ମ ପଚାରି ୨୬ ଲୋକଙ୍କୁ ହତ୍ୟା କରିଥିଲେ । ସେତେବେଳେ ଅନ୍ୟ ଦେଶ ଭଳି ତୁର୍କୀ ବି ଏହି ଅତଙ୍କୀ କାର୍ଯ୍ୟକଳାପକୁ ନିନ୍ଦା କରିଥିଲା । ହେଲେ ଯେତେବେଳେ ତୁର୍କୀ ଜାଣିବାକୁ ପାଇଲା ଏହି ଆତଙ୍କୀ କନେକ୍ସନ ପାକିସ୍ତାନ ସହ ଅଛି ସେତେବେଳେ ତୁର୍କୀର ସ୍ୱର ବଦଳି ଯାଇଥିଲା । ପହଲଗାମ ଆକ୍ରମଣର ଜବାବରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଆଉ ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଦେଇଥିଲା । ଯେଉଁଥିରେ ପାଖାପାଖି ୧୦୦ ଆତଙ୍କୀ ନିପାତ ହୋଇଥିଲେ । ଆତଙ୍କୀଙ୍କ ମୃତ୍ୟୁରେ ପାକିସ୍ତାନ ସରକାରଙ୍କୁ ତ ଦୁଃଖ ଲାଗିଥିଲା ତା ସହ ତୁର୍କୀକୁ ବି ଗଭୀର ଆଘାତ ଲାଗିଥିଲା । ତୁର୍କୀ ରାଷ୍ଟ୍ରପତି ମୃତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସୋସିଆଲମିଡିଆ ଏକ୍ସରେ ଲେଖିଥିଲେ କି, ଭାରତ-ପାକିସ୍ତାନ ଯୁଦ୍ଧରେ ମିସାଇଲ ମାଡ଼ ବ୍ୟାପକ ସଂଘର୍ଷରେ ପରିଣତ ହୋଇପାରେ । ଯେଉଁ କାରଣରୁ ଅନେକ ସଂଖ୍ୟାରେ ଲୋକ ସହିଦ ହୋଇଛନ୍ତି । ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଆମ ଭାଇମାନଙ୍କ ପାଇଁ ମୁଁ ପ୍ରାର୍ଥନା କରୁଛି । ଏଥିରୁ ଜଣାଯାଏ ଯେ ଆତଙ୍କବାଦକୁ ତୁର୍କୀ ପ୍ରତ୍ୟକ୍ଷ ଭାବେ ସମର୍ଥନ କରୁଛି । ତେବେ ପାକିସ୍ତାନ ଭାରତ ଉପରେ କରିଥିବା ଡ୍ରୋନ ଆଟାକକୁ ବିଫଳ କରିଥିଲା ଭାରତ । ଆଉ ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଥିଲା କି ପାକିସ୍ତାନ ଯେଉଁ ଡ୍ରୋନରୁ ଆଟାକ୍ କରିଥିଲା ତାହା ତୁର୍କୀର । ୱିଙ୍ଗ କମାଣ୍ଡର ଭୌମିକା ସିଂ ଆଉ ସୋଫିଆ କ୍ୟୁରେସି ଗଣମାଧ୍ୟମ ସହ କଥା ହୋଇ କହିଥିଲେ କି ସିଆଚୀନ ଠାରୁ ସର୍ କ୍ରିକ୍ ଯାଏଁ ପାଖାପାଖି ୩୦୦ରୁ ୪୦୦ ଡ୍ରୋନ ଆକ୍ରମଣର ପ୍ରୟାସ କରାଯାଇଥିଲା । ଆଉ ସେହି ସବୁ ଡ୍ରୋନ ତୁର୍କୀ ପାକିସ୍ତାନକୁ ଦେଇଥିଲା । ଭାରତ ପାକିସ୍ତାନ ଭିତରେ ସିଧାସଳଖ ଲଢେଇ ଆରମ୍ଭ ହେବା ପୂର୍ବରୁ ତୁର୍କୀର ଏକ ଯୁଦ୍ଧ ପୋତ କରାଚୀ ପୋର୍ଟରେ ପହଞ୍ଚିଥିଲା । ଏହି ଯୁଦ୍ଧ ପୋତ କରାଚୀରେ ପହଞ୍ଚିବା ପୂର୍ବରୁ ତୁର୍କୀର ଏୟାରକ୍ରାଫ୍ଟ ସି-୧୩୦ କରାଚୀରେ ଲ୍ୟାଣ୍ଡ କରିଥିଲା । ଆଉ ପାକିସ୍ତାନ ମିଡିଆ ଦାବି କରିଥିଲା କି ଏଥିରେ ଯୁଦ୍ଧାସ୍ତ୍ର ରହିଛି । ହେଲେ ତୁର୍କୀ ରକ୍ଷା ମନ୍ତ୍ରାଳୟ ଏହାକୁ ଖାରଜ କରି କହିଥିଲା କି, ଏଥିରେ ଯୁଦ୍ଧାସ୍ତ୍ର ନୁହେଁ ବରଂ ଏୟାରକ୍ରାଫ୍ଟ ଇନ୍ଧନ ଭରିବାକୁ କରାଚୀରେ ଲ୍ୟାଣ୍ଡ କରିଥିଲା ।

ପ୍ରଥମେ ତୁର୍କୀ ବିଷୟରେ ଟିକେ ଜାଣି ନେବା ଯେ ତାହାର କେଉଁ ଦେଶ ସହିତ କିପରି ସମ୍ପର୍କ ରହିଛି । ମଧ୍ୟପ୍ରାଚ୍ୟରେ ଦୁଇଟି ବଡ଼ ଦେଶ ହେଉଛି ତୁର୍କୀ ଏବଂ ଇସ୍ରାଏଲ । ୧୯୪୯ ମସିହାରୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ରହିଛି । ଗୋଟିଏ ସମୟ ଥିଲା ଯେତେବେଳେ ତୁର୍କୀ ଇସ୍ରାଏଲକୁ ମାନ୍ୟତା ଦେଇଥିବା ପ୍ରଥମ ମୁସଲିମ ଦେଶ ଥିଲା, କିନ୍ତୁ ଏହା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅସ୍ଥିରତା ଆସିଛି । ବିଶେଷକରି ତୁର୍କୀ ରାଷ୍ଟ୍ରପତି ରେସେପ ତାୟିପ ଏର୍ଡୋଗାନ କ୍ଷମତାକୁ ଆସିବା ପରେ, ଇସ୍ରାଏଲ ସହିତ ସମ୍ପର୍କ ତିକ୍ତ ହେବାକୁ ଲାଗିଲା ଏବଂ ଧୀରେ ଧୀରେ ଫାଟ ବୃଦ୍ଧି ପାଇଛି । ହମାସ ଆକ୍ରମଣର ଜବାବରେ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ତୁର୍କୀ ଖୋଲାଖୋଲି ଭାବରେ ଇସ୍ରାଏଲର ବିରୋଧ କରିଥିଲା । ତୁର୍କୀ ଇସ୍ରାଏଲ ସହିତ ବାଣିଜ୍ୟ ସମ୍ପର୍କକୁ ମଧ୍ୟ ନିଷିଦ୍ଧ କରିଥିଲା । ଇସ୍ରାଏଲ ଏବଂ ତୁର୍କୀ ମଧ୍ୟରେ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ, ଯେକୌଣସି ସମୟରେ ଉଭୟ ଦେଶ ମଧ୍ୟରେ ସାମରିକ ସଂଘର୍ଷ ଦେଖାଦେଇପାରେ, ଯାହା ଫଳରେ ମଧ୍ୟପ୍ରାଚ୍ୟ ପୁଣି ଥରେ ଯୁଦ୍ଧର କବଳରେ ପଡ଼ିଯିବ । ଆମେରିକା ନେତୃତ୍ୱାଧୀନ ନାଟୋର ୩୧ଟି ସଦସ୍ୟ ଦେଶ ମଧ୍ୟରୁ ତୁର୍କୀ ଗୋଟିଏ । ଏହା ସହିତ, ତୁର୍କୀର ଆମେରିକା ସହିତ ମଧ୍ୟ ଭଲ ସମ୍ପର୍କ ରହିଛି । ନାଟୋ ହେଉଛି ସଦସ୍ୟ ଦେଶମାନଙ୍କ ମଧ୍ୟରେ ଏକ ଚୁକ୍ତି, ଯେଉଁଥିରେ କୁହାଯାଇଛି ଯେ ଯଦି କୌଣସି ସଦସ୍ୟ ଦେଶ ଉପରେ ଆକ୍ରମଣ ହୁଏ, ତେବେ ନାଟୋ ସଦସ୍ୟ ଦେଶମାନେ ମିଶି ଏହାକୁ ରକ୍ଷା କରିବେ । ଅନ୍ୟପକ୍ଷରେ, ଆମେରିକା ଇସ୍ରାଏଲକୁ ଏକ ଅଣ-ନାଟୋ ସହଯୋଗୀର ମାନ୍ୟତା ଦିଏ । ଦୁଇ ଦେଶ ମଧ୍ୟରେ ବନ୍ଧୁତା ଏପରି ଯେ ଯେତେବେଳେ ଇସ୍ରାଏଲ ପାଲେଷ୍ଟାଇନରେ ହମାସ ଏବଂ ଏହାର ସହଯୋଗୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉଥିଲା, ସେତେବେଳେ ଆମେରିକା ଖୋଲାଖୋଲି ଭାବରେ ଏହାର ସମର୍ଥନରେ ଆସିଥିଲା । ଏପରିକି ଆମେରିକା ମଧ୍ୟ ଇସ୍ରାଏଲକୁ ଏହାର ଅନେକ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲା । ତଥାପି, ତୁର୍କୀ ସହିତ ବଢୁଥିବା ସାମରିକ ସଂଘର୍ଷରେ ଇସ୍ରାଏଲକୁ ଆମେରିକାର ସମର୍ଥନ ପ୍ରସଙ୍ଗ ତୁର୍କୀର ନାଟୋ ସଦସ୍ୟତା ଦ୍ୱାରା ଜଟିଳ ହୋଇଛି । ଏପରି ପରିସ୍ଥିତିରେ, ଇସ୍ରାଏଲ ତୁର୍କୀକୁ ନାଟୋରୁ ବାହାର କରିବାକୁ ଯଥାସମ୍ଭବ ଚେଷ୍ଟା କରୁଛି, ଯାହାଫଳରେ ଯଦି ଦୁଇ ଦେଶ ମଧ୍ୟରେ ବିବାଦର ପରିସ୍ଥିତି ଉପୁଜେ, ତେବେ ଆମେରିକା ତୁର୍କୀକୁ ସମର୍ଥନ କରିପାରିବନାହିଁ । ଏହି ପରିପ୍ରେକ୍ଷୀରେ ଅର୍ଥନୈତିକ କ୍ଷେତ୍ରରେ ତୁର୍କୀକୁ କୋଣଠେସା କରିବା ସହିତ, ଭାରତ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ତୁର୍କୀକୁ କୋଣଠେସା କରିପାରିବ । ଯେପରି ତୁର୍କୀରେ ମାନବାଧିକାର ଉଲ୍ଲଂଘନ ବୃଦ୍ଧି ପାଇଛି । ଭାରତ ଏହି ପ୍ରସଙ୍ଗରେ ଜାତିସଂଘରେ ତୁର୍କୀକୁ ଘେରାବନ୍ଦୀ କରିପାରିବ । ଏହା ତାଙ୍କ ବିଶ୍ୱସନୀୟତାକୁ ସିଧାସଳଖ ପ୍ରଭାବିତ କରିବ । ଭାରତ ବ୍ରିକ୍ସ, ଏ୨୦ରେ ତୁର୍କୀକୁ ମଧ୍ୟ ବିରୋଧ କରିପାରିବ । ଏହା ତାଙ୍କ ନୀତି ଉପରେ ପ୍ରଶ୍ନ ଉଠାଇପାରେ । ଏହା ପାକିସ୍ତାନକୁ ସମର୍ଥନ କରିବା ପାଇଁ ମଧ୍ୟ ବିରୋଧ କରିପାରିବ କାରଣ ଏହା ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛି । ଏପରି ପରିସ୍ଥିତିରେ, ତୁର୍କୀ ବିଶ୍ୱସ୍ତରରେ ପାକିସ୍ତାନ ଭଳି ଏକା ହୋଇଯିବ ।

ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତ ପାକିସ୍ତାନ ବିରୁଦ୍ଧରେ ଆରମ୍ଭ କରିଥିବା ଅପରେସନ ସିନ୍ଦୂର ବିପକ୍ଷରେ ପାକିସ୍ତାନକୁ ସାହାଯ୍ୟ କରିଥିଲା ତୁର୍କୀ । ଭାରତର ବନ୍ଧୁତାକୁ ଖାତିର ନକରି, ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଥିଲା । ପାକିସ୍ତାନୀ ସେନା ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଭାରତୀୟ ସୈନିକ ଏବଂ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା ପାଇଁ ବ୍ୟବହାର କରିଥିଲା । ତାହାର କାରଣ ହେଲା, ଚୀନ୍-ରୁଷର ଶକ୍ତିରେ ବଳବାନ୍ ତୁର୍କୀ । କାରଣ ଏହି ଦୁଇଟି ଶକ୍ତିଶାଳୀ ଦେଶ ସହିତ ତୁର୍କୀର ଭଲ ବାଣିଜ୍ୟିକ ସମ୍ପର୍କ ଅଛି । ତୁର୍କୀ ଆଣବିକ ଶକ୍ତି ପାଇଁ ରୁଷ ଉପରେ ନିର୍ଭରଶୀଳ । ସେ ଏହାକୁ ବହୁ ପରିମାଣରେ ଆମଦାନୀ କରେ । ରୁଷ ଏବଂ ଚୀନ୍ ସହିତ ଉନ୍ନତ ବାଣିଜ୍ୟ ସମ୍ପର୍କ ଭଳି ଭାରତ ସହିତ ତୁର୍କୀର ଭଲ ସମ୍ପର୍କ ନଥିବାରୁ ଭାରତ ବଦଳରେ ପାକିସ୍ତାନକୁ ସମର୍ଥନ କରିଥାଇପାରେ । ତେବେ ତୁର୍କିର ବେଇମାନ୍ ପରେ ଭାରତ ତୁର୍କୀର ବିଭିନ୍ନ ସାମଗ୍ରୀକୁ ରାଜ୍ୟବ୍ୟାପୀ ବର୍ଜନ କରାଯାଉଛି । ବିଶେଷ କରି ତୁର୍କୀରୁ ଆସୁଥିବା ସେଓକୁ ବର୍ଜନ କରାଯାଇଛି । ତୁର୍କୀରୁ ବହୁ ପରିମାଣରେ ଭାରତକୁ ମାର୍ବଲ ଆମଦାନୀ କରାଯାଏ । ଭାରତକୁ ଆମଦାନୀ ହେଉଥିବା ମାର୍ବଲର ୭୦ ପ୍ରତିଶତ ତୁର୍କୀରୁ ଅଣାଯାଇଥାଏ । ପ୍ରତିବର୍ଷ ତୁର୍କୀରୁ ପ୍ରାୟ ୧ ଲକ୍ଷ ୨୯ ହଜାର ୮୮୨ ମେଟ୍ରିକ୍ ଟନ୍ ସେଓ ଆମଦାନୀ କରାଯାଏ । ଏହା ବ୍ୟତୀତ କାର୍ପେଟ, ଫର୍ଣ୍ଣିଚର, ହାତ ତିଆରି ସାଜସଜ୍ଜା ସାମଗ୍ରୀ ତୁର୍କୀରୁ ଭାରତକୁ ଆସେ । ସେହିପରି ଏହି କପଡ଼ାରୁ ରେଶମ, ଲିନେନ୍, ଅଲିଭ୍ ତେଲ, ଶୁଖିଲା ଫଳ, ଚେରି, ମସଲା ଏବଂ କିଛି ଔଷଧୀୟ ପାନୀୟ ମଧ୍ୟ ଆମଦାନୀ କରାଯାଏ । ଶିଳ୍ପ ଯନ୍ତ୍ରପାତି, ନିର୍ମାଣ ଉପକରଣ ଏବଂ କୃଷି ଉପକରଣ ମଧ୍ୟ ତୁର୍କୀରୁ ଆମଦାନୀ କରାଯାଏ । ସେଭଳି କିଛି ଖାଦ୍ୟ ମଧ୍ୟରୁ ତୁର୍କୀଙ୍କର ମିଠା ଖାଦ୍ୟ 'କୁନାଫା' ବହୁତ ପ୍ରସିଦ୍ଧ । ସୋସିଆଲ ମିଡିଆ ଯୋଗୁଁ କୁନାଫାର ଧାରା ଅଧିକ ପ୍ରମୁଖ ହୋଇଛି । ଗତ କିଛି ଦିନ ମଧ୍ୟରେ, ଏପରି ଅନେକ ହୋଟେଲ ଖୋଲିଛି ଯେଉଁଠାରେ କୁନାଫା ଉପଲବ୍ଧ । କୁନାଫା ପୂର୍ବରୁ, ଦିଲ୍ଲୀରେ ତୁର୍କୀ କବାବ ବହୁତ ଲୋକପ୍ରିୟ ଥିଲା । ଏହି କବାବଗୁଡ଼ିକ ବହୁତ ମସଲାଯୁକ୍ତ ଏବଂ ଖଟା ହୋଇଥାଏ ଏବଂ ଲୋକମାନେ ପ୍ରାୟତଃ ଏହାର ସ୍ୱାଦ ପସନ୍ଦ କରନ୍ତି । ତେଣୁ ଭାରତ ତରଫରୁ ବୟକଟ୍ ଭିତରେ ଟ୍ରାଭେଲ୍ ଅପରେଟର ମାନେ ମଧ୍ୟ ତୁର୍କୀ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଗତ ୩-୪ ଦିନରେ ତୁର୍କୀ ପାଇଁ ହୋଇଥିବା ୭୦ ପ୍ରତିଶତରୁ ଅଧିକ ବୁକିଂ ବାତିଲ ହୋଇଛି । ଭାରତ ବିରୋଧରେ ଯୁଦ୍ଧରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିଲା, ଯାହା ପରେ ଭାରତରେ ତୁର୍କୀକୁ ବୟକଟ କରିବା ଆରମ୍ଭ ହୋଇଛି । ପ୍ରଥମେ ବ୍ୟବସାୟୀମାନେ ତୁର୍କୀରୁ ସେଓ ଏବଂ ମାର୍ବଲ୍ ଆମଦାନୀ ନକରିବାକୁ ନିଷ୍ପତ୍ତି ନେଇଥିଲେ । ଏବେ ଦେଶରେ ହ୍ୟାସଟ୍ୟାଗ୍ ବୟକଟ୍ ତୁର୍କୀ ଆରମ୍ଭ ହୋଇଛି । ଏହି କାରଣରୁ, ଭବିଷ୍ୟତରେ ତୁର୍କୀରୁ ଭାରତକୁ ଆସୁଥିବା ଅନ୍ୟ ସାମଗ୍ରୀ ଉପରେ ପ୍ରତିବନ୍ଧକ ଲଗାଯାଇପାରେ । ଏହି ବୟକଟ ପରେ ହୋଟେଲ ଗୁଡ଼ିକରେ କିଛି ଖାଦ୍ୟ ତାଲିକାରେ ତୁର୍କୀ ଖାଦ୍ୟ ଦେଖିବାକୁ ନ ମିଳିପାରେ ବୋଲି କୁହାଯାଉଛି । ଏହା ବି ହେବା ଆବଶ୍ୟକ । ହାତରେ ନ ମାରି ଭାତରେ ମାରିବା ଉପାୟ ହିଁ ସର୍ବଶ୍ରେଷ୍ଠ, ଯେପରି ପାକିସ୍ତାନକୁ ସିନ୍ଧୁ ନଦୀର ଜଳ ନ ଛାଡିବା । ଏଥିରୁ ଗୋଟେ କଥା ସ୍ପଷ୍ଟ ଯେ ଯୁଦ୍ଧ ବେଳେ ପାକିସ୍ତାନକୁ ଯୁଦ୍ଧାସ୍ତ୍ର ଓ ଡ୍ରୋନ ଦେବା ଓ ପରେ ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେବା, ଜଣାପଡୁଛି ତୁର୍କୀ କେତେ ସଙ୍କୋଟ ଦେଶ । ଯେଉଁ ଦେଶ ତାକୁ ବିପଦବେଳେ ସହାଯ୍ୟ କରିଥିଲା ସେହି ଦେଶ ବିରୋଧରେ ଯାଇ ଶତ୍ରୁ ଦେଶକୁ ସାହାଯ୍ୟ କରୁଛି ତୁର୍କୀ । ଏଥିପାଇଁ ତୁର୍କୀ କୁ ଗୋଟିଏ ଦଣ୍ଡ ଯେ ତାକୁ ସମ୍ପୂର୍ଣ୍ଣ ବୟକଟ୍ କରିବା ଓ ତାହା ସହ ସମ୍ପୂର୍ଣ୍ଣ ସମ୍ପର୍କଛିନ୍ନ କରିବା । ଏହା ହେଲେ ସେ କ'ଣ ଭୁଲ୍ କରିଛି, ତାହା ମରମେ ମରମେ ଭେଦିବ ଏବଂ ଚେତିବ !




ପାରାଦୀପ, (ଭାସ୍କର ନ୍ୟୁଜ୍): ପୂର୍ବତନ ଲୋକସଭା ସାଂସଦ, ପାରାଦୀପ ପୋର୍ଟ ଶ୍ରମିକ ସଂଘର ପ୍ରତିଷ୍ଠାତା ତଥା ସାମ୍ୟବାଦୀ ନେତା କମ୍ରେଡ଼ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ମଧୁବନ ସ୍ଥିତ ଶ୍ରମିକଭବନ ପରିସରରେ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୋର୍ଟ ଶ୍ରମିକସଂଘର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା କମ୍ୟୁନିଷ୍ଟ ନେତା ରମଣୀ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୟୁନିୟନର ସାଧାରଣ ସମ୍ପାଦକ ନନ୍ଦଲାଲ ସିଂ, ବଡପଡ଼ିଆ ବଣିକ ସଂଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ପାରିଷଦ ଅଜିତ ଷଡଙ୍ଗୀ, ସମ୍ପାଦକ ବିଚିତ୍ରା ନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲୋକନାଥ ଚୌଧୁରୀ ଶ୍ରମିକମାନଙ୍କ ହକ ପାଇଁ ସବୁବେଳେ ସଂଗ୍ରାମ କରୁଥିଲେ। ପାରାଦୀପ ସମେତ କୁଜଙ୍ଗ, ରାହମା, ଜଗତସିଂହପୁର ଓ ରାଜ୍ୟର ବହୁ ସ୍ଥାନରେ ତାଙ୍କର ଜନ୍ମ ଶତବାର୍ଷିକ ପାଳନ କରାଯାଇଛି। ପାରାଦୀପ ପ୍ରତି ତାଙ୍କର ଅଗାଢ ଆନୁଗତ୍ୟ ଥିଲା। ଦେଶ ଜାତି ପାଇଁ, ଶ୍ରମିକ ଖଟିକିଆ ଓ ଅବହେଳିତ ମାନଙ୍କ ପାଇଁ ଯିଏ ସେବା କରି ଚାଲି ଯାଇଛନ୍ତି ତାଙ୍କୁ ଆମେ ମନେରଖି ସେମାନଙ୍କର ପୂଜ୍ୟପୂଜା କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ବିଶ୍ୱାଳ ଉଲ୍ଲେଖ କରିଥିଲେ। ନୂତନ ଓଡିଶା ଗଠନ କରିବାରେ ତାଙ୍କର ଅବଦାନ ଥିଲା ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ୟୁନିୟନର ସମ୍ପାଦକ ତଥା ଯୁବନେତା ଆଲୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

### ଚୋରା ଦେଶୀ ଓ ବିଦେଶୀ ମଦ ଜବତ, ୪ ଗିରଫ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଅବକାରୀ ଥାନା ଅଧୀନ ପୀରହାଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଭ୍ରାମ୍ୟମାଣ ସ୍କ୍ୱାର୍ଡ଼ ଓ ତିହିଡ଼ି ଅବକାରୀ ପୁଲିସ ମିଳିତ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉରେ ବିପୁଳ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୪ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ୪ଟି ପୃଥକ ମକଦ୍ଦମା ରୁଜୁ କରାଯାଇଛି। ଏହି ଘଟଣାରେ ପୀରହାଟ କାନପୁର ଗ୍ରାମର କେଦାର ସାହୁ, କଣ୍ଡରାଗଡ଼ିଆ ଗ୍ରାମର ଅପର୍ତ୍ତି ବେହେରା, ଜାଫରବାଦ ଗ୍ରାମର ରତିକାନ୍ତ ମଲିକ, ଓ କମାରିଆ ବଜାରର ଅନନ୍ତ କୁମାର ଜେନାଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ନରୋତ୍ତମ ମିଶ୍ର, ତିହିଡ଼ି ଅବକାରୀ ଥାନା ଅଧିକାରୀ ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ମୋବାଇଲ ସ୍କ୍ୱାର୍ଡ଼ ପକ୍ଷରୁ ଅବକାରୀ ବିଭାଗ ଅଧିକାରୀ ରବି ବେହେରା, ଏଏସଆଇ ବିଜୟ ମଲିକ, କନେଷ୍ଟବଳ ଅଜିତ୍ କୁମାର ସିଙ୍କୁ, ସୁବାଶିଷ ରାଉତ, ପରେଶ ଚନ୍ଦ୍ର ଟୁଡୁ, ପ୍ରଶାନ୍ତି ସିଂ, ଅଜୟ ଦାସ, ସୁଦର୍ଶନ ପଲେଇ, ଶୁଭ୍ରମଣି ଦାସ, ବିଭୂପ୍ରସାଦ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ସୌନ୍ଦର୍ଯ୍ୟ ସୋରଡା ନାମରେ ବିଜୁପଟ୍ଟନାୟକ ପାର୍କ ନିର୍ମାଣରେ ଅନିୟମିତତା

ସୋରଡା, (ଭାସ୍କର ନ୍ୟୁଜ୍): ପୁଣି ଉଠିଲା ସୋରଡା ଏନଏସି ଅଞ୍ଚଳରେ ମୁକ୍ତା ଯୋଜୋନାରେ ୫ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଯୋଜନାଗୁଡ଼ିକ ମଧ୍ୟରେ ୱାର୍ଡ ନମ୍ବର ୧ରେ ଜଳସେଚନ ବିଭାଗର ଜଳାଶୟ ଜମିରେ ନିର୍ମାଣ କରାଯାଇଥିବା ଆମୋଦ ପ୍ରୋମୋଦ କରିବା ନିମନ୍ତେ ପାର୍କ, ବିଭିନ୍ନ ଖାଲିଥିବା ସ୍ଥାନର ଉନ୍ନତିକରଣ ନିମନ୍ତେ, ରଙ୍ଗୀନ ଲାଇଟ ସଜାଇବା, କୋଠୋଘର ନିର୍ମାଣ ଇତ୍ୟାଦି, ୱାର୍ଡ ନମ୍ବର ୨ରେ ଖାଲି ଅଞ୍ଚଳରେ ରାସ୍ତା ନିର୍ମାଣ, ନାଳ ନିର୍ମାଣ, କୋଠୋଘର ନିର୍ମାଣ, ରଙ୍ଗୀନ ଲାଇଟ ଲଗାଇବା, ବିଭିନ୍ନ ନଦୀ ରାସ୍ତା ନିର୍ମାଣ, କଲ୍ୟାଣୀ ମଣ୍ଡପ ନିର୍ମାଣ, ୱାର୍ଡ ନମ୍ବର ୧୧ରେ ବିଜୁପଟ୍ଟନାୟକ ପାର୍କ, ପିକନିକ ସ୍ପୋର୍ଟ, ଖୁଣ୍ଟେଶ୍ୱରୀ ପାହାଡ ଉପରେ ବିଭିନ୍ନ ଯୋଜୋନର ଘରଗୁଡିକ ନିର୍ମାଣ, ସଭାଗୃହ ନିର୍ମାଣ, କଲ୍ୟାଣ ମଣ୍ଡପ ନିର୍ମାଣ, ବିଭିନ୍ନ ଦୋକାନ ବଜାର ପାଇଁ ଗୃହଗୁଡିକ ନିର୍ମାଣ, ସୁଲଭ ଶୌଚାଳୟ ନିର୍ମାଣ ଏବଂ ଅତିଥିଗୃହ, ରାତ୍ରି ଯାପନ ଗୃହ, ୱାଚ ଟାୱାର ବିଭିନ୍ନ ରଙ୍ଗୀନ ଆଲୋକ ସଜା ବ୍ୟବସ୍ଥା ପାଇକ ସାହି ନିକଟ ଜାତୀୟ ରାଜପଥ ରାସ୍ତା ସୌନ୍ଦର୍ଯ୍ୟକରଣ, ଚର୍ଚ୍ଚ ଛକଠାରେ ବିଭିନ୍ନ ରଙ୍ଗିନ ଲାଇଟରେ ସଜାଯାଇଥିବା ଆଇ ଲଭ୍ ସୋରଡା ଓ ଏପରି ବିଭିନ୍ନ ଯୋଜନାର କାର୍ଯ୍ୟମାନ କରାଯାଇ ସୋରଡା ସହରର ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ବିଭିନ୍ନ କାର୍ଯ୍ୟମାନ ଏନଏସି ହାତକୁ ନେଇଥିଲା। ମାତ୍ର ଏନଏସିର କେତେକ ପ୍ରକଳ୍ପ ନିମ୍ନମାନର କରାଯାଇଥିବାରୁ ଉକ୍ତ ପ୍ରକଳ୍ପଗୁଡିକ ସୌନ୍ଦର୍ଯ୍ୟ ହରାଇବାରେ ଲାଗିଛି ଓ କିଛି ଚୋରି ହେଉଛି। ଏପରି ସହରରେ କୋଟିକୋଟି ଟଙ୍କାର ପ୍ରକଳ୍ପମାନ ଏପରି ସ୍ଥିତିରେ ଥିବାବେଳେ ଆମ ପ୍ରତିନିଧି ମୁକ୍ତା ଯୋଜନା ଖର୍ଚ୍ଚ ଅଟକଳ ସମ୍ପର୍କରେ ଇଓ, ବରିଷ୍ଠ ଜେଇ ତଥା ନୋଡାଲ ଅଫିସରଙ୍କୁ ପ୍ରକଳ୍ପ ଗୁଡିକର ଅଟକଳମାନ ପଚାରିଥିଲେ ମଧ୍ୟ କୌଣସି ସୂଚନା ଦେବା ପାଇଁ ସେମାନେ ଅନିଚ୍ଛା ପ୍ରକାଶ କରିଥିଲେ। ଯାହା ଫଳରେ ମୁକ୍ତା ଯୋଜୋନାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଖର୍ଚ୍ଚ ପାଇଁ ମଞ୍ଜୁର ହୋଇଥିବା କୋଟିକୋଟି ଟଙ୍କାର ଆଦେଶ ନାମାର ନକଲ ଓ ଖର୍ଚ୍ଚ ସମ୍ପର୍କରେ ସମସ୍ତ ସୂଚନା, ତଥ୍ୟ ପ୍ରଦାନ ପାଇଁ ଏନଏସିକୁ ବିଭାଗ ପଠାଇଥିଲେ ମଧ୍ୟ ଆବେଦନ କାରୀଙ୍କୁ ସୂଚନା ଦିଆଯାଉନାହିଁ। ପ୍ରକଳ୍ପ ଗୁଡିକର ନିର୍ମାଣ ସମ୍ପର୍କରେ ଏବଂ ଖର୍ଚ୍ଚର ଅଟକଳ ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା, ଗଞ୍ଜାମଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଉକ୍ତ ଅଫିସ ଏଓ ଏନଏସି, ସୋରଡାଙ୍କୁ ପଠାଇ ଦେଇଥିବା ଜଣାଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ସମାପନ କରି ମାର୍ବଲ ସୂଚନା ଫଳକରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଡୁଡା, ଇଓ, ଯନ୍ତ୍ରୀ (ବାରିଷ୍ଠ, କନିଷ୍ଠ) କିଛି ଲୋକପ୍ରତିନିଧିମାନଙ୍କ ନାମ ରଖିଥାନ୍ତି। କିନ୍ତୁ ପ୍ରକଳ୍ପମାନ ଉଦଘାଟନ ପରେ ସୂଚନା ଫଳକରେ ଦେଖିବାକୁ ମିଳୁଛି ଆର୍ଥିକ ଅଟକଳ ସମ୍ପର୍କିତ କୌଣସି ସୂଚନା ନାହିଁ। ତଥ୍ୟ ନଥିବା ଯୋଗୁଁ ସହରର ଜନସାଧାରଣରେ ଲୋକଙ୍କ ଆଡୁଆଳରେ ରଖାଯାଇଛି। ତେଣୁ ଏପରି ମହିଳା ଏସଏଚଜିମାନଙ୍କ ଦ୍ୱାରା ନିର୍ମାଣ କରାଯାଇ ଥିବା ପ୍ରକଳ୍ପଗୁଡିକର ଅଟକଳ ସ୍ୱତନ୍ତ୍ର ଅଡିଟ ଦ୍ୱାରା ଯାଞ୍ଚ କଲେ କୋଟିକୋଟି ଟଙ୍କାର ଦୁର୍ନୀତି ପଦାକୁ ଆସିବ ବୋଲି ସୋରଡା ପ୍ରେସକ୍ଲବର ଆଡଭାଇଜର ଆରପାଲୀ ସାରଥି ଦାବିକରିଛନ୍ତି।

## ରୋଗୀ ଦେଖା ସହ ପାଠପଢ଼ା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ୍ କଲେଜ୍‌ରେ ଚଳିତବର୍ଷ ପ୍ରଥମବର୍ଷ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କର ନାମଲେଖା ସହ ପାଠପଢ଼ା ଏବଂ ଅଂଚଳର ସ୍ୱାସ୍ଥ୍ୟସେବା ନିମନ୍ତେ ରୋଗୀ ଦେଖା ପାଇଁ ସୋମବାର ଦିନ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ବେଳେ କ୍ରିୟାନୁଷ୍ଠାନ କମିଟିର ସଭାପତି ପଦ୍ମଚରଣ ସାମଲ, ସମ୍ପାଦକ ବିଜୟ ପ୍ରଧାନ, ଉପଦେଷ୍ଟା ସୁରେଶ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ପରିଷଦ ରୀତା ଦାସ ଓ ସଦସ୍ୟ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀମଦ, ଦୁଇ ବାଇକ୍ ଜବତ, ଦୁଇ କୋର୍ଟଚାଲାଣ



ଭାପୁର, (ଭାସ୍କର ନ୍ୟୁଜ୍): ଖଣ୍ଡପଡା ଅବକାରୀ ବିଭାଗ ପକ୍ଷରୁ ଫତେଗଡ ଥାନା ଅଂଚଳରେ ସୋମବାର ସକାଳ ସମୟରେ ଚଢ଼ାଉ କରାଯାଇ ୩୮ ଲିଟର ଦେଶୀ ମଦ ଓ ଦୁଇ ବାଇକ୍ ଜବତ କରିବା ସହିତ ଦୁଇ ଜଣଙ୍କୁ କୋର୍ଟ ଫରୱାର୍ଡ କରାଯାଇଛି। ଘଟଣାରୁ ପ୍ରକାଶ, ଅବକାରୀ ଥାନା ଓଆଇସି ଦୀପକ କୁମାର ଜେନାଙ୍କ ସହିତ ଶୁଭଶ୍ରୀ ପାଣିଗ୍ରାହୀ, ନନ୍ଦୁ ରାମ୍, ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ବିଶ୍ୱସ୍ତସୂତ୍ରରୁ ଖବରପାଇ ଫତେଗଡ ଥାନା ଗୋଲାପୋଖରୀ ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନ ପ୍ରସାଦ ଗ୍ରାମର କବି ମଲ୍ଲିକ(୪୮) ଠାରୁ ୨୪ ଲିଟର ଓ ଉପେନ୍ଦ୍ର ସାହୁ ଠାରୁ ୧୪ ଲିଟର ଦେଶୀ ମଦ ଜବତ କରିଥିଲେ। ତାଙ୍କର ଦୁଇଟି ବାଇକ୍‌କୁ ମଧ୍ୟ ଜବତ କରି ଉଭୟଙ୍କୁ କୋର୍ଟ ଫରୱାର୍ଡ କରାଯାଇଥିବା ଅବକାରୀ ଥାନା ସୂତ୍ରରୁ ପ୍ରକାଶ।

# ନବ ନିର୍ମିତ ରାସ୍ତାରେ ଗାତ, ନଦୀ ବନ୍ଧ ଭୁଶୁଡିବା ଆଶଙ୍କା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ସାଲପୁର ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ସର୍ବୋପରି କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏକ ନବ ନିର୍ମିତ ରାସ୍ତାରେ ଗାତ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ଫଳରେ ଏହି ନଦୀବନ୍ଧରେ ଘାଇ ସୃଷ୍ଟିହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଠାରୁ ଅସୁରେଶ୍ୱର ପର୍ଯ୍ୟନ୍ତ ଲୁଣା ନଦୀ ବନ୍ଧର ବାମ ପାର୍ଶ୍ୱକୁ ପ୍ରାୟ ମାସକ ତଳେ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ପିଚୁ ରାସ୍ତାରେ ପରିଣତ କରାଯାଇଥିଲା। ସାଲେପୁର ପୂର୍ତ୍ତ ବିଭାଗ ଏହି ରାସ୍ତାର ତଦାରଖ କରୁଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। କିନ୍ତୁ ଠିକାଦାରଙ୍କ ମର୍ଜିରେ ଏହି ରାସ୍ତା ନିର୍ମାଣ କରାଯାଇଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ଅଟକଳ ଅନୁଯାଇ କରାଯାଇ ନଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ନିର୍ମାଣର ମାତ୍ର ମାସକ ଭିତରେ ଏହି ରାସ୍ତାରେ ଏକ ବିରାଟ ଗାତ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ତେବେ ଏହି ରାସ୍ତା ଦେଇ ଦୈନନ୍ଦିନ ବହୁ ଯାନ ବାହାନ ଯାଆସ କରୁଥିଲା ବେଳେ ଏଠାରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଲୁଣାନଦୀରେ ବନ୍ୟା ଜଳ ଆସିଲେ ଏଠାରେ ଘାଇ ସୃଷ୍ଟିହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କାନ୍ଥ କଣାକରି ଦୋକାନରୁ ଚୋରି

ବାଲିମେଲା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ବାଜରରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ତେବେ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ। ଏହି ତାର୍ଲାକୋଟା ଗ୍ରାମରେ ରହୁଥିବା ହରୀ ହନ୍ତାଳ ନାମକ ଜଣେ ବ୍ୟକ୍ତି କିଛିବର୍ଷ ହେବ ସେଠାରେ ଥିବା ପଞ୍ଚାୟତରଏକ ଷ୍ଟଲ ଭଡାରେ ନେଇ ଗୋଟିଏ କିରାନା ଦୋକାନ କରିଛନ୍ତି। ସବୁଦିନ ଭଳି ଗତକାଲି ରାତି ପ୍ରାୟ ୯ ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ପଳାଇଥିଲେ। ଆଜି ମଙ୍ଗଳବାର ସକାଳୁ ସେ ଦୋକାନ ଖୋଲି ଦେଖିଲା ବେଳେ କେହି ଦୁର୍ବୃତ୍ତ ମଧ୍ୟ ରାତ୍ରୀରେ ଦୋକାନ ଘରର ପଛ ପଟ କାନ୍ଥ କଣା କରି ଦୋକାନ ଭିତରେ ପଶି ଦୋକାନରେ ଥିବା କିଛି ନଗଦ ଟଙ୍କା ସହ ପ୍ରାୟ ୨୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଗୁଡିକୁ ଚୋରୀ କରି ନେଇ ଯାଇଛନ୍ତି ଏ ନେଇ ଦୋକାନ ମାଲିକ ହରି କୋରୁକୋଣ୍ଡା ଥାନାରେ ପହଞ୍ଚି ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ପ୍ରଶାନ୍ତ କୁମାର ସାବତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଦେଖିବାକୁ ମିଳିଛି।

# ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦୁଇଗୋଟି ଦାବିପତ୍ର ପ୍ରଦାନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଏକ ୧୦ ଜଣିଆ ପ୍ରତିନିଧି ଦଳ ସଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରକୁ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଶିକ୍ଷା ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ କେପି ମହାପାତ୍ରଙ୍କ ସବକମିଟି ରିପୋର୍ଟକୁ ଫାଇନାଲ ରିପୋର୍ଟ ଦର୍ଶାଇ ପ୍ରତ୍ୟେକ ୨୦ ଶତକଡା ଫି ବୃଦ୍ଧି କରିବା ବିଷୟରେ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହୋଇଥିବା ତଦନ୍ତ ରିପୋର୍ଟ ଓ ମାନ୍ୟବର ବିଧାୟକ ବାବୁ ସିଂଙ୍କ ଚିଠିକୁ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ତଦନ୍ତ ରିପୋର୍ଟ ଉପରେ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ ଅଭିଭାବକ ସଂଘର ୧୦ଜଣ ବରିଷ୍ଠ କର୍ମକର୍ତ୍ତା ତଦନ୍ତ ନସରିବା ପର୍ଯ୍ୟନ୍ତ ଚଳିତ ବର୍ଷ ୨୦୨୫-୨୦୨୬ ଫି ବୃଦ୍ଧିକୁ ବନ୍ଦ କରିବା ପାଇଁ ମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ଅନ୍ୟ ଗୋଟିଏ ଅଭିଯୋଗ ପତ୍ରରେ ୨୦୦କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଥିବା ଇଓଡବ୍ଲୁ କାର୍ଯ୍ୟାଳୟର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସଂଘ ପକ୍ଷରୁ ଦାବି କରିଥିଲେ ବୋଲି ସଂଘର ସମ୍ପାଦକ ବେହେରା ଜଣାଇଥିଲେ। ସେଠାରେ ଉପସ୍ଥିତ ଥିବା ଗୃହ ସଚିବ ସଂଘର ଦାବିକୁ ଗ୍ରହଣ କରି ତୁରନ୍ତ ଗଣଶିକ୍ଷା ସଚିବଙ୍କୁ ଲିଖିତଉତ୍ତର ମାଗିଥିବା ଜଣାପଡିଛି। ମାନ୍ୟବର ହାଇକୋର୍ଟଙ୍କ ନା କହି ଇଓଡବ୍ଲୁ ସ୍କୁଲର ସବକମିଟି କାଗଜକୁ ଦେଖାଇ ଫି ବୃଦ୍ଧି, ଅଭିଭାବକ ସଂଘର ଅଜଣାତରେ ନିଜ ଇଚ୍ଛା ଅନୁସାରେ ଦୁଇ ଜଣ ବ୍ୟକ୍ତି ବିଶେଷ ସମ୍ପର୍କୀୟ ମହିଳାଙ୍କୁ ସିଏମ୍‌ସି କମିଟିରେ ରଖିବା, ପିଟିଏମ୍ ମିଟିଂ ଉପସ୍ଥିତକୁ ଦେଖାଇ ଫି ବୃଦ୍ଧି ପାଇଁ ରାଜି ହୋଇଗଲେ ବୋଲି ମିଛ କହି କୋଟି କୋଟି ଟଙ୍କା ଲୁଟୁଥିବା ସ୍କୁଲର କାର୍ଯ୍ୟକଳାପ ବିଷୟରେ ଅବଗତ କରାଯାଇଥିଲା। ଅଭିଯୋଗ ଉପରେ ଖୁବ୍‌ଶୀଘ୍ର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ନିତ୍ୟାନନ୍ଦ ବେହେରା, ଶୁଭେନ୍ଦୁ କୁମାର ସାମନ୍ତ, ସତ୍ୟ ନାରାୟଣ ସାହୁ, ଶକ୍ତି ପ୍ରସାଦ ମହାନ୍ତି, ସଞ୍ଜୟ କୁମାର ବେହେରା , ତରଞ୍ଜିତ୍ ଖାନା, ଦେବିକା ସାମଲ, ସାଗରିକା ସାହୁ, ନିବେଦିତା ଦାସ, ସୁଚିସ୍ମିତା ସାମଲ,ଅଙ୍କିତା ନାୟକ, ତନ୍ମୟ, ଦୀପକ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ଦୁଇଗୋଟି ଦାବି ପତ୍ର ପ୍ରଦାନ କରିଥିଲେ ବୋଲି ସଂଘର ସଭାପତି ରଂଜନ କୁମାର ଦାସ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ଜଳସମ୍ପଦ ବିଭାଗର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ



ନିମାପଡ଼ା/ ଗୋପ, (ଭାସ୍କର ନ୍ୟୁଜ୍): ନିମାପଡ଼ା ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିକାଶର ଧାରା ଜାରି ରହିଥିବା ବେଳ ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀଙ୍କର ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଟି କୋଟି ଟଙ୍କାର ଶିଳାନ୍ୟାସ ସ୍ଥାପନ ହୋଇଥିବା ବେଳ ହଜାର ହଜାର ସଂଖ୍ୟକ ଜନସାଧାରଣ ଉପ-ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ନିମାପଡ଼ା କୁଶଭଦ୍ରା ପୋଲ ନିକଟସ୍ଥ ମହାକାଳୀ ମନ୍ଦିର ନିକଟେର ଜଳସମ୍ପଦ ବିଭାଗ ପକ୍ଷରୁ ୩ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ୧୧ ଗୋଟି ପ୍ରକଳ୍ପ ପାଇଁ ଶୁଭ ଭିତ୍ତିପ୍ରସ୍ତର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ସ୍ଥାପନ କରାଯାଇଛି। ନିମାପଡ଼ା ବ୍ଲକ୍ ରଟିଲୋ ପଂଚାୟତ ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଠାରେ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମାଣ ହେବାକୁ ଥିବା ଏକ ଅତିରିକ୍ତ ଶ୍ରେଣୀଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରୁଣେଇ ଛକ ଜାଗରିରି ଅଙ୍ଗନୱାଡ଼ି କେନ୍ଦ୍ରକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଉଦଘାଟନ କରିଥିଲେ। ବଳଙ୍ଗା ଗସ୍ତେର ଉପ-ମୁଖ୍ୟମନ୍ତ୍ରୀ ଯାଇଥିବା ବେଳ ଉଚ୍ଛୁପୁର ନରୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ଉପ-ମୁଖ୍ୟମନ୍ତ୍ରୀ ପରିଦର୍ଶନ କରିଥିବା ବେଳେ ମା' ଓ ଶିଶୁ ମାନଙ୍କର ପୋଷଣ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଶା ଦିଦିଙ୍କ ସହିତ ବିଶେଷ ଆଲୋଚନା କରିଥିଲେ। ଭୋଗଶାଳଦା ପଂଚାୟତ ଅଂଶାଲୋ ଗ୍ରାମ ନିକଟରେ ଏକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପରେ ନିମାପଡ଼ା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ଠାରେ ପହଂଚିଥିବା ବେଳେ ଦଳୀୟକର୍ମୀଙ୍କ ସହିତ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ବରିଷ୍ଠ ସଂଗଠକ ଯତିନ୍ଦ୍ର ସ୍ୱାଇଁ, ନିମାପଡ଼ା ବିଡ଼ିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମେନାଜ କୁମାର ପ୍ରଧାନ, ମୀନଲତା ମହାନ୍ତି, ନଗର ସଭାପତି ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ପୂର୍ତ୍ତ ଅଧିକାରୀ, ଜଳସେଚନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ଅଂଶାଲୋ ଗ୍ରାମକୁ ଗସ୍ତ କରିଥିବା ବେଳେ ଗ୍ରାମବାସୀମାନେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିକଟେର ପାଇ ବିଶେଷ ଆନନ୍ଦିତ ହୋଇଥିବା ବେଳ ଏହି ଗ୍ରାମକୁ ଏକ କମ୍ୟୁନିଟି ସେଣ୍ଟର ଓ ରାସ୍ତା ତୁରନ୍ତ ନିର୍ମାଣ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କର ଏପରି ସମର୍ଥନ ଦେଖି ପ୍ରଭାତି ପରିଡ଼ା ବିଶେଷ ଆନନ୍ଦିତ ହୋଇ କହିଛନ୍ତି, ନିମାପଡ଼ାର ବିକାଶ ମୋର ମୂଳଲକ୍ଷ୍ୟ। କୌଣସି ଗ୍ରାମରେ କିଛି ଅସୁବିଧା ହେବନାହିଁ। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ କେନ୍ଦ୍ର ଅନୁଦାନ ବାଦ୍ ରାଜ୍ୟ ସରକାରଙ୍କର ୮ଶହ କୋଟି ଟଙ୍କା ଅନୁଦାନ ଦିଆଯାଇଛି।

## ରାଜନୈତିକ ଆକ୍ରୋଶକୁ ନେଇ ଗୋଷ୍ଠୀସଂଘର୍ଷ

ଆଳି, (ଭାସ୍କର ନ୍ୟୁଜ୍): ଆଳି ଥାନା ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତର ହଦୁଆ ଗ୍ରାମରେ ମଧ୍ୟାହ୍ନ ସମୟରେ ରାଜନୈତିକ ଆକ୍ରୋଶକୁ ନେଇ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଘଟଣା ଅନୁଯାଇ ଗତ ୧୮ ତାରିଖି ଦିନ ଭାରତୀୟ ଜନତାପାର୍ଟିର ଏକ ମିଶ୍ରଣପର୍ବ ଗୋବିନ୍ଦପୁର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଅନ୍ୟଦଳ ଛାଡି ବିଜେପିରେ ଯୋଗ ଦେଇଥିବା କର୍ମୀମାନଙ୍କୁ ଆକ୍ରୋଶମୂଳକ ଭାବେ ଆକ୍ରମଣ କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନ ସମୟରେ ହଦୁଆ ଗ୍ରାମର ଶ୍ରୀଧର ନାୟକ (୭୧) ଗାଁ ମୁଣ୍ଡକୁ ଯାଇ ଫେରୁଥିବା ସମୟରେ ଉକ୍ତଗ୍ରାମର ଦୁଇଯୁବକ ଲୁହାରଡ଼ ଓ ଭୁଜାଲି ଦ୍ୱାରା ଶ୍ରୀଧରଙ୍କୁ ଅଚାନକ ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଲୋକେ ଆଳି ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ତାଙ୍କର ପ୍ରାଥମିକଚିକିତ୍ସା କରାଇ ସ୍ଥିତି ସଂକଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଆଳି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ତାର ତଦନ୍ତ ଚଳାଇଛି।

# 'ଅପରାଧ ଓ ଅପରାଧୀକୁ ପ୍ରଶ୍ରୟ ଦିଆଯିବ ନାହିଁ'

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ଅପରାଧ ଓ ଅପରାଧୀଙ୍କୁ ଯାଜପୁର ପୁଲିସ କୌଣସି ପରିସ୍ଥିତିରେ ପ୍ରଶୟ ଦେବ ନାହିଁ। ଅପରାଧୀ ଯେତେ ପ୍ରଭାବଶାଳୀ ବ୍ୟକ୍ତି ହେଉନା କାହିଁକି ପୁଲିସ ଖୋଜି ଖୋଜି ସେମାନଙ୍କୁ ଧରିବ ଓ ସେମାନଙ୍କ ବିରୁଦ୍ଧରେ ଶକ୍ତ ଆଇନଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସାମାନ୍ୟ ଥତମତ ହେବ ନାହିଁ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ କହିଛନ୍ତି। ଗତକାଲି କାନୁନଗୋ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝିଙ୍କ ଆଇନ୍ କାନୁନ୍ ସମ୍ପର୍କରେ ଜନସାଧାରଣ, ଗଣମାଧମ ପ୍ରତିନିଧି ଜାଣିବା ଦରକାର। ଜାଣିଲେ ହିଁ ଜିଣିବା। ଏକାଧିକ ଅପରାଧିକ ମାମଲାରେ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ପୁଲିସ ସାବାଡ କରିବ ଓ ଆବଶ୍ୟକ ପଡ଼ିଲେ ଜାତୀୟ ନିରାପତ୍ତା ଆଇନ୍ ବଳରେ ଗିରଫ କରିବ ବୋଲି ଦୃଢତାର ସହ ପ୍ରକାଶ କରିଛନ୍ତି ପୋଲିସ ଉଚ୍ଚ ଅଧିକାରୀ। ଯାଜପୁର ଜିଲାର ଧର୍ମଶାଳା ଓ ବିଞ୍ଝାରପୁର ଥାନା ଅଞ୍ଚଳରେ ଆଇନ୍ ଶୃଙ୍ଖଳା ନେଇ ଗଣମାଧମରେ ପ୍ରକାଶିତ ଖବର ତାଙ୍କ ନଜରକୁ ଆସିଛି ବୋଲି କାନୁନଗୋ ଏଭଳି କହିଛନ୍ତି। କେତେକ ଅଭିଯୁକ୍ତ ନ୍ୟାୟାଳୟରୁ ଜାମିନରେ ଆସି ପୂର୍ବଭଳି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ବେଳେ କେତେକଙ୍କ ନାମରେ ଗିରଫ ପରୱାନା ଥିଲେ ମଧ୍ୟ ଲୁଚିଛପି ଗଣ୍ଡଗୋଳ, ଚୋରି ଦଙ୍ଗା ଭିଆଉଛନ୍ତି। ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତର ସେକ୍ ବାସୋ ନାମରେ ଏକାଧିକ ମାମଲା ରୁଜୁ ହୋଇଛି। ଚଳିତ ବର୍ଷ ୫ଟି ଅପରାଧିକ ମାମଲା ତାଙ୍କ ନାଁରେ ରୁଜୁ ହୋଇଥିବା ବେଳେ ତାଙ୍କ ଜାମିନ ଆବେଦନ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ ହୋଇଛି। ମାତ୍ର ସେ ନିଜ ଅଞ୍ଚଳରେ ରହି ଅପରାଧିକ ମାମଲା ଘଟାଉଛି। ଏମାନଙ୍କୁ ସାବାଡ୍ କରିବା ପାଇଁ ଆଇନରେ ପ୍ରାବଧାନ ରହିଛି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କାନୁନଗୋ କହିଛନ୍ତି। ଠିକଣା ସମୟରେ ପୋଲିସ ସଠିକ୍ ପଦକ୍ଷେପ ନେବ। ଅପରାଧୀମାନେ ସୁଧୁରି ଯାଆନ୍ତୁ ଅନ୍ୟଥା ପୋଲିସ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ ବୋଲି ପୋଲିସ ଉଚ୍ଚ ଅଧିକାରୀ କହିଛନ୍ତି।

## ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ଜୁନ ୧୪ ଓ ୧୫ ଦୁଇ ଦିନ ବ୍ୟାପି ଦଶମ ବାର୍ଷିକ 'ରଜ ମହୋତ୍ସବ' ତିହିଡ଼ି ଟାଉନହଲ ପରିସରରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପ୍ରଥମଦିନ ଅଳତା ଓ ରଜପରୀ ପ୍ରତିଯୋଗିତା, ବ୍ଲକ ମେଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଓ ଅନ୍ୟ ପ୍ରତିଭାଧାରୀଙ୍କୁ ସମ୍ମାନୀତ କରାଯିବା ସହ ସାଧାରଣ ସଭା ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନ ନୃତ୍ୟ ପ୍ରତିଯୋଗିତା ଅନ୍ୟାନ୍ୟ ପ୍ରତିଭା ଭିତ୍ତିକ କାର୍ଯ୍ୟକ୍ରମ ହେବାକୁ ବୈଠକରେ ସ୍ଥିର ହୋଇଛି। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଲୋଚନକୁ ଆଣିବା, ଓଡ଼ିଶାର ସଂସ୍କୃତି ପରମ୍ପରା ଏବଂ ପର୍ବପର୍ବାଣିର ମହତ୍ୱକୁ ଉଜ୍ଜୀବିତ ରହିବା ଏହି ମହୋତ୍ସବର ମୂଳ ଲକ୍ଷ। ଏହି ପ୍ରସ୍ତୁତି ବୈଠକରେ ସଭାପତି କୈଳାସ ବେହେରା, ସମ୍ପାଦକ ନିରଂଜନ ବାରିକ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସଂଯୋଜକ ନୀଳମାଧବ ସେନାପତି, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ, ସମାଜସେବୀ ମନୋଜ ସେନାପତି, ସଦସ୍ୟ ସୁବ୍ରତ ମିଶ୍ର, ଯୋଗ ଗୁରୁ ସୁରେଶ ନାୟକ, ସୟଦ ରଫିଦ, ଅଲେଖ ବଳ, ସେକ ଆସିକ ପ୍ରମୁଖ ନିଜର ମତାମତ ଦେବାସହ ବୈଠକରେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କୁ ଏନ୍‌ଜିଟିର ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

## ସେକସରାଇ(କ) ଓ ମହମ୍ମଦନଗର ପାଟଣା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ପ୍ରସଙ୍ଗ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଗର୍ଭରେ ଥିବା ସେକସରାଇ(କ) ଓ ମହମ୍ମଦ ନଗର ପାଟଣା ବାଲି ଘାଟରୁ ବେଆଇନ ବାଲି ଉତ୍ତୋଳନ ଅଭିଯୋଗ ଉପରେ ଗତ ୧୭ ତାରିଖରେ ଏକ ଉଚ୍ଚସ୍ତରୀୟ ଟିମ ତଦନ୍ତ କରିଛି। ଏହା ପୂର୍ବରୁ ଗତ ୬ତାରିଖରେ ମଧ୍ୟ ଅନୁରୂପ ଭାବେ ତଦନ୍ତ କରାଯାଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ସେକସରାଇ (କ) ଓ ମହମ୍ମଦନଗର ପାଟଣା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ଓ ଏଥି ଜନିତ ପରିବେଶ କ୍ଷୟକ୍ଷତିର ଆକଳନ ପାଇଁ ତଦନ୍ତ ସକାଶେ ଏନଜିଟି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତଦନ୍ତକାରୀ ଟିମ ଏହି ଦୁଇ ବାଲିଘାଟ ବଦଳରେ ଅନ୍ୟ ବାଲିଘାଟକୁ ତଦନ୍ତ କରିଥିଲେ। ଯାହାକୁ ନେଇ ସାଧାରଣରେ ତଦନ୍ତକାରୀ ଟିମ୍‌ର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଥିଲା। ଏନେଇ ଏନଜିଟିରେ ମାମଲାର ଆବେଦନକାରୀ କାଳିଚରଣ ଚନ୍ଦ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଏନଜିଟିଙ୍କୁ ଇ-ମେଲ୍ ଜରିଆରେ ଲିଖିତ ଭାବେ ଅବଗତ କରିଥିଲେ। ଉପରୋକ୍ତ ଦୁଇ ସୈରାତରୁ ବେଆଇନ୍ ବାଲି ଉତ୍ତୋଳନ ପାଇଁ ଯେଉଁ ମାନଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା, ତଦନ୍ତକାରୀ ଟିମ ଦ୍ୱାରା ତଦନ୍ତ ସମୟରେ ସେହି ଅଭିଯୁକ୍ତମାନେ ୬ ତାରିଖରେ ହୋଇଥିବା ତଦନ୍ତ ସମୟରେ ଉପସ୍ଥିତ ରହି ଟିମକୁ ଆତିଥ୍ୟତା ଦେଖାଇଥିବା ନେଇ ଆବେଦନକାରୀ ଚନ୍ଦ ଇମେଲ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ। ଫଳରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗତ ୧୭ ତାରିଖ ୧୧ ଟା ସମୟରେ ପୁନଃ ତଦନ୍ତ କରାଯାଇଥିଲା। ତଦନ୍ତକାରୀ ଦଳରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ଆଞ୍ଚଳିକ ପରିବେଶ ବିଜ୍ଞାନୀ ମନମୋହନ ମୁର୍ମୁ, ରାଜ୍ୟ ସ୍ତରୀୟ ପରିବେଶ କର୍ତ୍ତୃପକ୍ଷ ବିଜ୍ଞାନୀ ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ସାମିଲ ହୋଇ ସେକସରାଇ(କ) ଓ ମହମ୍ମଦ ନଗର ପାଟଣା ବାଲିଘାଟକୁ ସେମାନେ ବୁଲି ଦେଖିଥିଲେ। ମହମ୍ମଦ ନଗରପାଟଣା ବାଲିଘାଟ ବିଏଲସି ଅନ୍ତର୍ଭୁକ୍ତ ଫରେଷ୍ଟ ଲ୍ୟାଣ୍ଡ ହୋଇଥିବା ବେଳେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଏଠାରୁ ଅବିଚାରିତ ଭାବେ କିପରି ବାଲି ଉତ୍ତୋଳନ କରାଯାଇଥିଲା। ତଦନ୍ତକାରୀ ଟିମ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଆଉ ଏକ ବିସ୍ମୟକର କଥା ହେଉଛି ୧୭ ତାରିଖରେ ପୁନଃ ତଦନ୍ତ ପାଇଁ ତଦନ୍ତକାରୀ ଟିମ ଆସୁଥିବା ଖବର ପାଇ ଚୋରାରେ ବାଲି ଉତ୍ତୋଳନ କରିଥିବା ଅଭିଯୁକ୍ତମାନେ ଉଦ୍ଦେଶ୍ୟମୂଳକ ଭାବେ ବାଲି ମହଜୁଦ ରଖା ଯାଉଥିବା ସ୍ଥାନକୁ ଲୁଚାଇବା ପାଇଁ ବାଡ଼ କରି ଘେରି ନେଇଥିଲେ। ତଦନ୍ତ ସମୟରେ ପାଖାପାଖି ଥିବା ଏହି ଦୁଇ ସୈରାତକୁ ମାପଚୁପ କରାଯାଇଥିଲା। ଏହି ଦୁଇ ସୈରାତରୁ ପାଖାପାଖି ୧୦ ରୁ ୧୫ଏକରରୁ ଉର୍ଦ୍ଧ୍ୱ ଜମିରୁ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ସେଠାରେ ଆଉ ବାଲି ନଥିବା ଜଣାପଡିଥିଲା ଯାହା ଆଗାମୀ ଦିନରେ ନଦୀ ଉପରେ ଓ ସ୍ଥାନୀୟ ପରିବେଶ ଉପରେ ଗଭୀର ପ୍ରଭାବ ପକାଇବ ବୋଲି କୁହାଯାଇଛି। ପ୍ରକାଶ ଯୋଗ୍ୟ ଯେ ସେକସରାଇ (କ) ଓ ମହମ୍ମଦ ନଗର ପାଟଣା ବାଲି ଘାଟରୁ ସରକାରୀ ନିୟମ ଉଲଘଂନ ପୂର୍ବକ ବେଆଇନ ବାଲି ଉତ୍ତୋଳନ ନେଇ ଚନ୍ଦ ଏନିଜିଟିରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି। ମାମଲାରେ ୧୧ଜଣ ସରକାରୀ ଅଧିକାରୀ ଓ ୫ ଜଣ ବାଲି ଉତ୍ତୋଳନ କାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆସନ୍ତା ୨୭ ତାରିଖରେ ସେମାନେ ସେମାନଙ୍କ ନୋଟିସର ଜବାବ ରଖିବେ ବୋଲି ଜଣାପଡ଼ିଛି।

# ନିମାପଡ଼ାରେ ବାଂଲାଦେଶୀଙ୍କୁ ହଟାଇବା ପାଇଁ ଦାବି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ବାଂଲାଦେଶୀମାନେ ସମସ୍ୟା ବଢ଼ାଇଥିବା ବେଳେ ବାଂଲାଦେଶୀମାନଙ୍କ ପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବା ସହିତ ଏହି ବସ୍ତି ମାନଙ୍କରେ ବହୁ ଅନୈତିକ କାର୍ଯ୍ୟକ୍ରମ କରାଯାଉଛି। କେତେକ ଓଡ଼ିଆ ଯୁବକ ଅନେକ ସମୟରେ ଏହି ବସ୍ତିରେ ବୁଲୁଥିବା ଓ ବସ୍ତି ବାସିନ୍ଦାଙ୍କ ଘରେ ବସି ଆଳାପ କରୁଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ବାରମ୍ବାର ବାଂଲାଦେଶୀ ହଟାଅ ନାରା ଦିଆଯାଉଥିଲେ ମଧ୍ୟ ବାଂଲାଦେଶୀ ମାନ ବିଭିନ୍ନ ସ୍ଥାନରେ ବସ୍ତି କରି ରହିବା ସହିତ ବିଭିନ୍ନ ହୋଟେଲ ମାନଙ୍କରେ କାର୍ଯ୍ୟ କରି ବିଶେଷ ତଥ୍ୟ ହାସଲ କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତୁରନ୍ତ ଏହି ବାଂଲାଦେଶୀମାନଙ୍କୁ ହଟାଇବା ପାଇଁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଂଚଳରେ ଅନେକ ବାଂଲାଦେଶୀ ଦୀର୍ଘଦିନ ହେବ ଏଠାରେ ବସ୍ତି ନିର୍ମାଣ କରି ରହି ଆସୁଛନ୍ତି। ନିମାପଡ଼ା କୁଶଭଦ୍ରା ପୋଲ ନିକଟସ୍ଥ ଗୋଲେଇ ଛକ ନିକଟରେ ଜଣେ ବ୍ୟକ୍ତି ନିଜ ଜାଗାକୁ ବାଂଲାଦେଶୀମାନଙ୍କୁ ଝୋପଡ଼ି ବସ୍ତି କରିବା ପାଇଁ ଭଡ଼ା ଲଗାଇ ଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ନିକଟରେ ଏକ ବିରାଟକାୟ ପୋଖରୀ ରହିଥିବା ବେଳେ ପୋଖରୀ ହୁଡ଼ା ଚାରି ପାଖରେ ବାଂଲାଦେଶୀ ମାନେ ବସ୍ତି ନିର୍ମାଣ କରି ରହୁଥିବା ବେଳେ ଏହି ବସ୍ତିରେ ଅନୈତିକ କାର୍ଯ୍ୟ ଚାଲୁଛି। ନିମାପଡ଼ା ସାରା ବାଂଲାଦେଶୀମାନେ ଗୋଟିକ ପରେ ଗୋଟିଏ ବସ୍ତି ନିର୍ମାଣ କରି ରହୁଛନ୍ତି। ଏହି ବାଂଲାଦେଶୀମାନଙ୍କର କାର୍ଯ୍ୟକଳାପ ସନ୍ଦେହ ସୃଷ୍ଟି କରିଥିବା ବେଳେ ତୁରନ୍ତ ଏମାନଙ୍କୁ ନିମାପଡ଼ାରୁ ହଟାଇବା ପାଇଁ ସଚେତନ ନାଗରିକଙ୍କ ପକ୍ଷରୁ ଦାବି ହୋଇଛି।



ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଛାତ୍ରଛାତ୍ରୀ ମାନେ ବିଇଡି ଶିକ୍ଷା ପାଇଁ ବାହାର ଜିଲ୍ଲା ଏବଂ ରାଜ୍ୟ ବାହାରକୁ ଯାଉଛନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁଭବ କରି ୨୦୧୮ ମସିହାରେ ଜିଲ୍ଲାରେ ବିଇଡି କଲେଜ କରିଥିଲେ। କିନ୍ତୁ ୨୦୧୮ ଠାରୁ ଆଜି ପର୍ଯ୍ୟନ୍ତ ନାମଲେଖାଇ ପାରୁ ନାହାଁନ୍ତି ଛାତ୍ର ଛାତ୍ରୀ। ଯାହା ଫଳରେ ଜିଲ୍ଲାର ଆଦିବାସୀ ଯୁବକ ଯୁବତୀ ମାନେ ବାହାର ଜିଲ୍ଲା ତଥା ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଜିଲ୍ଲାର ମାଥିଲି ବ୍ଲକ ତେଢେଙ୍ଗା ପଞ୍ଚାୟତ ଅନ୍ତର୍ଗତ କରାପାଲ୍ଲି ଗ୍ରାମର ଶିକ୍ଷାବିତ୍ ସଦାଶିବ ନାୟକ ଗତକାଲି ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କୁ ବିଇଡି ମହା ମହାବିଦ୍ୟାଳୟରେ ତୁରନ୍ତ ନାମଲେଖା ଚାଲୁ କରିବା ପାଇଁ ଅଭିଯୋଗ କରିଛନ୍ତି । ଆଦିବାସୀ ଯୁବକ ସଦାଶିବଙ୍କ ଅଭିଯୋଗ ପାଇବା ପରେ ଖୁବଶୀଘ୍ର ନାମ ଲେଖା ନେଇ ପ୍ରତିଶୃତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ଏପରି ଖବର ଜାଣିବା ପରେ ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ମିଳିତ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




କଣିହାଁ, (ଭାସ୍କର ନ୍ୟୁଜ୍ ) : ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହ ମିଳିତ ମଞ୍ଚ ଆହ୍ୱାନରେ ୨୦ମେ ଦେଶ ବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଉପଲକ୍ଷେ ମଙ୍ଗଳବାର ସକାଳ ସମୟରେ ଏନ୍‌ଟିପିସି କଣିହାଁଠାରେ ମିଳିତ ବିକ୍ଷୋଭ ଅନୁଷ୍ଠିତ ହୋଇ ଥିଲା। ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ପୁରୁଣା ପେନସନ ସ୍କିମ ପୁନଃ ପ୍ରଚଳନ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା କରିବା, ବିଦ୍ୟୁତ ସଂଶୋଧନ ବିଲ ୨୦୨୨ ବାତିଲ କରିବା, ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦରବୃଦ୍ଧି ବନ୍ଦ କରିବା, ସ୍କିମ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ଖାଲି ପଡିଥିବା ସମସ୍ତ ପଦବୀ ପୂରଣ ଓ ନୂତନ ନିଯୁକ୍ତି ସୃଷ୍ଟି କରିବା ଆଦି ୧୭ ଦଫା ଦାବିକୁ ନେଇ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇ ଥିଲା। ଏହି ବିକ୍ଷୋଭ ସଭାରେ ଆଇଏନଟିୟୁସି ନେତା ସତ୍ୟାନନ୍ଦ ସାହୁ, ଜଗବନ୍ଧୁ ପ୍ରଧାନ, ସୁଶୀଳ ବେହେରା, ଏଚ୍‌ଏମ୍‌ଏସ୍ ନେତା ଅରେନ୍ ପାଣି, ପ୍ରସନ୍ନ ପାଣି, ଏଆଇୟୁଟିୟୁସି ନେତା ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ କର୍ମଚାରୀ ବିରୋଧୀ ନୀତିର ଦୃଢ ପ୍ରତିବାଦ କରିଥିଲେ। ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ପୁଞ୍ଜିପତି ଶ୍ରେଣୀ ଓ ତାର ସ୍ୱାର୍ଥ ରକ୍ଷାକାରୀ ସରକାରର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ସଚେତନ ସଂଗଠିତ ଐକ୍ୟବଦ୍ଧ ମିଳିତ ଆନ୍ଦୋଳନ ଗଢି ତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ପ୍ରକାଶ ଗୋଛାଏତ, ସୁନିଆ ନାଏକ, ବିଜୟ ନାଏକ, ବାବୁଲି ସାହୁ, ବିନୋଦ ସାହୁ, ସୁରେଶ ବେହେରା, ଅଭୟ କୁମାର ନାଏକ ପ୍ରମୁଖ ସକ୍ରିୟ ଭୂମିକା ପାଳନ କରିଥିଲେ।

### ଇବ ନଦୀ କୂଳ ଖାଇବା ଘଟଣା

## ସ୍ଥିତି ସମୀକ୍ଷା କଲେ ଜଳସେଚନ ବିଭାଗ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ) : ବନ୍ୟା ବିପ୍ଳାତ ଯୋଗୁଁ ପ୍ରତି ବର୍ଷ ବର୍ଷା ଦିନରେ ଇବ ନଦୀ କୂଳ ଲାଙ୍ଘି ଜନବସତି ଓ ଚାଷ ଜମିକୁ ମାଡ଼ି ଯାଇଥାଏ। ଯାହା କାରଣରୁ ନଦୀକୂଳର ଅତଡ଼ା ଖସି ଇବ ନଦୀ ଗତି ପରିବର୍ତ୍ତନର ସଂକେତ ଦେଲାଣି। ଏପରି ହେଲେ ବିଶେଷ କରି ରାଜପୁର ପଂଚାୟତର ଦେଓଗାଁ, ସର୍ଗିମାଲ ଗ୍ରାମ ଓ ଅନ୍ୟାନ୍ୟ ଜନ ବସତି ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ନଦୀ କୂଳର ସୁରକ୍ଷା ଲାଗି ପଥର ପ୍ୟାଚିଂ, ବନ୍ୟା ପ୍ରତିରୋଧକ ପ୍ରାଚୀର ସହିତ ବୃକ୍ଷରୋପଣ କରିବା ଲାଗି ଲୋକେ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଗତ ବର୍ଷ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଜିଲ୍ଲା ପ୍ରଶାସନକୁ ଏ ବାବଦରେ ଲିଖିତ ଭାବେ ଜଣାଇଥିଲେ। ତେବେ ଚଳିତବର୍ଷ ବୁଦ୍ଧିଜୀବୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରାଯିବା ପରେ ଜଳସେଚନ ବିଭାଗ ପକ୍ଷରୁ ଘଟଣାର ଅନୁଧ୍ୟାନ କରାଯାଇଛି। ସୁନ୍ଦରଗଡ଼ ଜଳ ସେଚନ ଡିଭିଜନ ସୁପରିଟେଣ୍ଡେଣ୍ଟ ଇଂଜିନିୟରଙ୍କ ନିର୍ଦ୍ଦେଶ କ୍ରମେ ଆଜି କନିଷ୍ଠ ଯନ୍ତ୍ରୀ ଉମେଶ ବାଗକୁ ଦେଓଗାଁ ଇବ ନଦୀ କୂଳ ପରିଦର୍ଶନ କରି ସ୍ଥାନୀୟ ସରପଞ୍ଚ ସମେତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସମଗ୍ର ସମସ୍ୟା ବାବଦରେ ଏକ ରିପୋର୍ଟ ପ୍ରସ୍ତୁତ କରି ସୁପରିଟେଣ୍ଡେଣ୍ଟ ଇଂଜିନିୟରଙ୍କୁ ପ୍ରଦାନ କରାଯିବ ବୋଲି ଶ୍ରୀ ବାଗ କହିଛନ୍ତି। ପରିଦର୍ଶନ ବେଳେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ପୂର୍ବତନ ନାଏବ ସରପଞ୍ଚ ଗଦାଧର ରାଏ, ୱାର୍ଡ ମେମ୍ବର ଲତିକା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ଚୌଦ୍ୱାର କ୍ଲବ୍ ପରିଦର୍ଶନ




ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍ ) : ଚୌଦ୍ୱାର ରୋଟାରୀ କ୍ଲବ୍ ତରଫରୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ପରିଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କ୍ଲବ୍ ସଭାପତି ନରେଶ କୁମାର ସାହୁଙ୍କ ପୌରୋହିତ୍ୟରେ କପାଳେଶ୍ୱରସ୍ଥିତ ରୋଟାରୀ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଅତିଥି ଭାବେ ଯୋଗଦେଇ ଚୌଦ୍ୱାର କ୍ଲବ୍‌ର ବିଭିନ୍ନ ସେବାକାର୍ଯ୍ୟର ପ୍ରଶଂସା କରିବା ସହିତ କ୍ଲବ୍‌ର ସଦସ୍ୟ ସଦସ୍ୟା ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଆସିଷ୍ଟା□ଗଭର୍ଣ୍ଣର ଦେବାଶିଷ ଆଚାର୍ଯ୍ୟ, ସେକ୍ରେଟାରୀ ସୁଶାନ୍ତ କୁମାର ମହାପାତ୍ର, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ରୋଟାରିଆନ୍ ଇତୁନ୍ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଗତ ମ୍ୟାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଞ୍ଚଳର ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀ ଓ ସିବିଏସ୍‌ସି ଦଶମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚୌଦ୍ୱାର ଶିଶୁ ସଦନର ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯେଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। କ୍ଲବ୍ ସମ୍ପାଦକ ପବିତ୍ର ମୋହନ ସାହୁ ସ୍ୱାଗତ ଭାଷଣ ଓ ରବିନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ କୁମାର ଖୁଣ୍ଟିଆ, ପ୍ରତାପ କୁମାର ଶତପଥି, କାଶୀନାଥ ମହାନ୍ତି, କ୍ଷିତିନ୍ଦ୍ର କାନୁନଗୋ, ବିଶ୍ୱକଲ୍ୟାଣ ଦାସ, ପଞ୍ଚାନନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମାଇନିଂ ଅଞ୍ଚଳରେ ନିଯୁକ୍ତି ପାଇଁ ଦୁଇ ମାସିଆ ତାଲିମ

### ନିଯୁକ୍ତି ପାଇବେ ୭୦ ପ୍ରତିଶତ ତାଲିମ ପାଇଥିବା ବ୍ୟକ୍ତି




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ମହକୁମାର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ତରଫରୁ ମାଇନିଙ୍ଗ ଅଞ୍ଚଳରେ ନିଯୁକ୍ତି ସକାଶେ ଦୁଇ ମାସିଆ ତାଲିମ ଶିବିରର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂଜାର୍ଚ୍ଚନା କରି ତାଲିମ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମୀପୁର ବ୍ଲକ ମାଇନିଂ ଅଞ୍ଚଳ ଭାବେ ପରିଗଣିତ ହୋଇଥିବାରୁ ଆମ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ବ୍ଲକର ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ଅତି କମରେ ମାଟ୍ରିକ ପାସ କରିଥିବା ବ୍ୟକ୍ତି ବିଶେଷ ଏଠାରେ ମାଗଣାରେ ଟ୍ରେନିଂ ନେଇପାରିବେ ବୋଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଧାୟକ ପବିତ୍ର ସାଉନ୍ତା କହିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଟ୍ରେନିଂ ପିରିୟଡ଼ରେ ସମସ୍ତ ତାଲିମ ନେଉଥିବା ଛାତ୍ର ମାନଙ୍କର ଖର୍ଚ୍ଚ ଓ ରହିବା ବ୍ୟବସ୍ଥା ମାଗଣାରେ କରାଯାଇଛି। ତାଲିମ ପରେ ପରୀକ୍ଷା ଦେଇ ଉତୀର୍ଣ୍ଣ ହୋଇଥିବା ବ୍ୟକ୍ତି ମାନଙ୍କୁ ସ୍କିଲ ଇଣ୍ଡିଆ ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯିବା ସହ ୭୦ ପ୍ରତିଶତ ତାଲିମ ପାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ଅଧିକାରୀ ଭାବେ ଯୋଗ ଦେଇଥିବା ଜିଲ୍ଲା ନିଯୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ପ୍ରକାଶ କରିଥିଲେ। ଏଠାରେ କମ୍ପ୍ୟୁଟର ଯୋଗେ ତାଲିମ ଦିଆଯିବ ସକାଶେ ବ୍ୟବସ୍ଥା କରାଯାଇଥିବା ବେଳେ ଦୁଇଟି ଗ୍ରୁପରେ ୬୦ ଜଣଙ୍କୁ ତାଲିମ ପ୍ରଦାନ କରାଯିବ, ତାଲିମ ପରେ ଓଡିଶାର ପ୍ରତ୍ୟକ ସ୍ଥାନରେ ନିଯୁକ୍ତି ସୁଯୋଗ ମଧ୍ୟ ମିଳିପାରିବ ବୋଲି ସୂଚନା ପ୍ରଦାନ କରଜାଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରୋଜେକଟ ମୁଖ୍ୟ ମାନିର୍ମଳ ଗରଡ଼ା ପରିଚାଳନା କରିଥିବା ବେଳେ ଲକ୍ଷ୍ମୀପୁର ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗିଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଯୋଗ ଦେଇଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଲକ୍ଷ୍ମୀପୁର ଥାନା ଏସଆଇ ଶାନ୍ତିଲତା ବେହେରା, ହରିହର ପଟନାୟକଙ୍କ ସମେତ ପୋଲିସ କର୍ମୀ ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ ଗାଡ଼ି



ରାୟଗଡା, (ଭାସ୍କର ନ୍ୟୁଜ୍ ) : ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ କାର୍ଲାକଣା ଛକରେ ଭାରସାମ୍ୟ ହରାଇ ଓଲଟିଲା ମାକ୍ସ ପିକ୍‌ଅପ ଗାଡ଼ି । ଏହି ଗାଡିର ନମ୍ବର ସଂଖ୍ୟା ଓଡି ୧୮ ଖ୧୬୪୧ ଭୋର ସକାଳୁ କଲ୍ୟାଣ ସିଂପୁରରୁ ରାୟଗଡା ଅଭିମୁଖେ ଯାଉଥିଲା ଏହି ଗାଡ଼ିଟି ହଠାତ ଭାରସାମ୍ୟ ହରାଇ କାର୍ଲାକଣା। ଛକ ନିକଟରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ସମୟରେ ମାକ୍ସପିକଅପ ଗାଡ଼ିରେ ଡ୍ରାଇଭର ସମେତ ୨ଜଣ ମୋଟ ତିନିଜଣ ବସି ଥିଲେ ବୋଲି ଜଣାପଡିଛି। ସେମାନଙ୍କୁ ସାମାନ୍ୟ ଆହତ ହେଇଥିବା ଅଞ୍ଚଳ ବାସିଠୁ ଶୁଣିବାକୁ ମିଳିଛି। ଅଞ୍ଚଳବାସି ଦେଇଥିବା ସୂଚନା ଅନୁଯାୟୀ କଲ୍ୟାଣ ସିଂପୁରର ଜଣେ ବ୍ୟବସାୟୀଙ୍କ ମ୍ୟାକ୍ସ ପିକ୍‌ଅପ୍ ଭାନ ରାସନ୍ ଜିନିଷ ଆଣିବା ନିମନ୍ତେ ରାୟଗଡା ଅଭିମୁଖେ ଦୃତ ଗତିରେ ଯାଉଥିବା ବେଳେ କର୍ଲକୋଣା ଛକର ଏକ ବୁଲାଣୀରେ ଗାଡ଼ିକୁ ଆୟତ୍ତ କରି ନପାରି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ଗ୍ରସ୍ତ ଗାଡିରେ ଚାଳକ ସମେତ ତିନି ଜଣ ସଦସ୍ୟ ଗାଡିରେ ବସିଥିଲେ, ତିନ ଜଣ ବ୍ୟକ୍ତିଙ୍କୁ ସାମାନ୍ୟ ଆଘାତ ଲାଗିଛି ବୋଲି ଶୁଣିବାକୁ ମିଳିଛି। ସେହି ଛକ ନିକଟରେ ଉକ୍ତ ଘଟଣା ସମୟରେ କୌଣଷି ଭାରି ଯାନ ଯାତାୟତ କରୁ ନଥିବା ଜଣାପଡିଛି।

## ଆଦର୍ଶ ଶିକ୍ଷକଙ୍କ ପାନୀୟ ଜଳ ସେବା

ଟାଙ୍ଗୀ , (ଭାସ୍କର ନ୍ୟୁଜ୍ ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ହେଉଛି ଅସ୍ତବ୍ୟସ୍ତ। ଏହି ସମୟରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମରେ ଥିବା କଲୋନୀ ପ୍ରାଥମିକ ବିଦ୍ୟାଳୟ (ସୁନ୍ଦରପୁର)ର ଆଦର୍ଶ ଶିକ୍ଷକ ତଥା ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଏକ ଜନ କଲ୍ୟାଣକାରୀ ସେବା କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ନିଜ ପ୍ରଚେଷ୍ଟାରେ ତୃଷାର୍ତ୍ତ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପ୍ରଚଣ୍ଡ ରୌଦ୍ର ତାପରେ ପଥିକମାନଙ୍କୁ ଦହି ସରବତ, ବେଲ ପଣା, ପାନୀୟ ଜଳ ସେବା ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ବର୍ଷ ଗ୍ରୀଷ୍ମପ୍ରବାହ ସମୟରେ ଦିନକୁ ୩ ଘଣ୍ଟା ଲେଖାଏଁ ସେ ପାନୀୟଜଳ ସେବା ଯୋଗାଇ ଦିଅନ୍ତି ବୋଲି ଜନସାଧାରଣଙ୍କ ଠାରୁ ପ୍ରକାଶ।

## ପୌରାଞ୍ଚଳରେ ସନ୍ତୋଷଜନକ ସଫେଇ ହେଉନଥିବା ଅଭିଯୋଗ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍ ): ଜଳେଶ୍ୱର ପୌରାଞ୍ଚଳର ୧୭ଟି ୱାର୍ଡରେ ଠିକ୍ ଭାବେ ସଫେଇ କାର୍ଯ୍ୟ ହେଉନଥିବା ଅଭିଯୋଗ ହେଉଥିବା ବେଳେ ଏଥିନେଇ କେତେକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଠିକାଦାରର ଇଚ୍ଛାନୁସାରେ କାର୍ଯ୍ୟ ଏବଂ ନିର୍ଦ୍ଦିଷ୍ଟ କର୍ମଚାରୀ କାର୍ଯ୍ୟରେ ଯୋଗ ଦେଉନଥିବାରୁ ତଦନ୍ତ ଲାଗି ଅଭିଯୋଗ କରାଯାଇଛି । ଜଳେଶ୍ୱରର ୧୭ଟି ୱାର୍ଡରେ ପ୍ରାୟ ୬୫ହଜାର ଲୋକେ ବସବାସ କରି ଆସୁଛନ୍ତି । ଏଥିଲାଗି ୯୪ଜଣ କର୍ମଚାରୀ ପ୍ରତିଦିନ ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ମାସିକ ଖର୍ଚ୍ଚ ୧୯ ଲକ୍ଷ ଟଙ୍କା ବୋଲି ଜଣାଯାଇଛି । କିନ୍ତୁ ସଫେଇ କାର୍ଯ୍ୟ ସନ୍ତୋଷ ଜନକ ହେଉନଥିବାରୁ ଆଜି ଜଳେଶ୍ୱରର କେତେକ କାଉନ୍‌ସିଲରଙ୍କ ସହିତ ସ୍ଥାନୀୟ ବ୍ୟକ୍ତି ୧ ନଂ ଠାରୁ ୯ନଂ ୱାର୍ଡ ପର୍ଯ୍ୟନ୍ତ ବୁଲି ଜିପିଏସ୍ ଫଟୋଗ୍ରାଫ ଉତ୍ତୋଳନ କରିଛନ୍ତି । ୱାର୍ଡ ଗୁଡିକରେ ପ୍ରାୟ ୬୫ ଜଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଏହି କର୍ମଚାରୀମାନଙ୍କୁ ପ୍ରତ୍ୟୋକ୍ଷ ନାମକ ଏକ ଠିକା ସଂସ୍ଥା ନିୟୋଜିତ କରିଥାଏ ଓ ପାରିଶ୍ରମିକ ପ୍ରଦାନ କରିଥାଏ । ମ୍ୟୁନିସିପାଲଟିର ୪ଟି ଟ୍ରାକ୍ଟର ଥିବା ବେଳେ ମାତ୍ର ୨ଟି ବ୍ୟବହାର ହେଉଥିବାରୁ ପ୍ରତିଦିନ ଆବର୍ଜନା ଉଠାଯାଉନାହିଁ । ୧୯ଲକ୍ଷ ଟଙ୍କା ଖର୍ଚ୍ଚ ନେଇ ବହୁ ସମୟରେ ଆପତ୍ତି ଅଭିଯୋଗ ହୋଇ ଆସୁଛି । ଏଥିଲାଗି ପ୍ରଶାସନୀକ କମିଟି ଜିଲ୍ଲାପାଳ ଗଠନ କରି ତଦନ୍ତ କରିବାକୁ କାଉନ୍‌ସିଲର ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ଉମା ହେମ୍ବ୍ରମଙ୍କ ସହିତ ନେତୃସ୍ଥାନୀୟ ବ୍ୟକ୍ତି ଫାଲଗୁନୀ ପାଣିଗ୍ରାହୀ, ଅମୂଲ୍ୟ ଅଣ୍ଡିଆ, ସେକ୍ ଆସିରୁଦ୍ଦିନ ବକ୍ସ, ଦୁର୍ଗା ଭୂୟାଁ, ସେକ୍ ନାସିର ବକ୍ସ ଓ ଅର୍ଜୁନ ଦାସ ପ୍ରମୁଖ ଏକ ଦାବିପତ୍ର କାର୍ଯ୍ୟନିର୍ମାହୀ ଅଧିକାରୀଙ୍କ ମାଧ୍ୟମରେ ଜିଲାପାଳ ଓ ପୌରପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଟାଙ୍ଗଣା ପଲ୍ଲୀ କେଟିଏନପୁର ଗ୍ରାମରେ ମୃତ ଶ୍ରମିକ ପ୍ରମୋଦ ପ୍ରଧାନଙ୍କ ଶବ ପହଁଚିଛି। ସ୍ୱର୍ଗତ ଭିକାରୀ ପ୍ରଧାନଙ୍କ ସାନ ପୁଅ ପ୍ରମୋଦ ଗତ ୧୫ ତାରିଖରେ ଦାଦନ ଖଟିବା ପାଇଁ ସୁରତ ଅଭିମୁଖେ ବ୍ରହ୍ମପୁର ଷ୍ଟେସନରୁ ଅହମ୍ମଦାବାଦ ଟ୍ରେନରେ ଯାତ୍ରା କରିଥିଲେ। କୌଣସି କାରଣରୁ ଗତ ୧୬ ତାରିଖ ଦିନ ବେଲଗାଁ ଠାରେ ପ୍ରମୋଦ ଟ୍ରେନରୁ ଖସିପଡି ମୃତ୍ୟୁବରଣ କରିଥିଲେ। ସେଠାରୁ ପୁଅର ଶବ ଗ୍ରାମକୁ କିପରି ଫେରିବ ପରିବାର ଲୋକେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ତ ହୋଇଥିଲେ। ସୋମବାର ଦିନ ଗ୍ରାମରେ ଶବ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲ ଦାୟିତ୍ୱରେ ଥିବା ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ ମୃତ ଶ୍ରମିକଙ୍କ ଘରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରିଥିଲେ। ସେହିପରି ସୂଚନା ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ଗ୍ରାମରେ ପହଞ୍ଚି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେବା ସହ ୧୦ ହାଜର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସେହିପରି ଲକ୍ଷ୍ମୀପୁର ଗ୍ରାମର କଲେଜ ଛାତ୍ର ଡି ପୁରୁଷୋତ୍ତମ ପାତ୍ରଙ୍କ ଗତ ୭ ତାରିଖରେ ଏକ ଘରୋଇ କଲେଜରେ ଦେହାନ୍ତ ହୋଇଥିଲା, ଉକ୍ତ ପରିବାରକୁ ମଧ୍ୟ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ସହ ବିଧାୟକ ଶ୍ରୀ ନାୟକ ଉକ୍ତ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

## ସିବିଏସଇରେ ବ୍ଲକ ଟପ୍ପର ହେଲେ ବ୍ଲାକ ବେଲ୍ଟ ଛାତ୍ରୀ



ସଇଁତଳା, (ଭାସ୍କର ନ୍ୟୁଜ୍ ): ଚଳିତବର୍ଷ ସିବିଏସଇ ମ୍ୟାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ମ୍ୟାଟ୍ରିକ ପରୀକ୍ଷାରେ ୯୬ ପ୍ରତିଶତ ମାର୍କ ରଖି ସଫଳତା ହାସିଲ କରିବା ସହ ସଇଁତଳା ବ୍ଲକ ଟପ୍ପର ହୋଇଛନ୍ତି ଗୋଳାବାରୁଦ କାରଖାନା ବିଦ୍ୟାଳୟର ଛାତ୍ରୀ ଅବନ୍ତିକା ବେହେରା। ସଇଁତଳା ବ୍ଲକ କନ୍ଧଉଲବା ଗାଁର ବୁଲୁ ବେହେରା ଓ ନମ୍ରତା ବେହେରାଙ୍କ ଝିଅ ପ୍ରଥମ ଶ୍ରେଣୀରୁ ବଡ଼ମାଳ ର ଗୋଳାବାରୁଦ କାରଖାନା ବିଦ୍ୟାଳୟରେ ପଢୁ ଥିବା ସହ ଶିକ୍ଷା ସହ ଶାରୀରିକ ମଜବୁତ ପାଇଁ ବଡ଼ମାଳ ସ୍ଥିତ କଳାମନ୍ଦିରରେ ତାଇକୋଣ୍ଡୋ ପାଇଁ ମାଷ୍ଟର ଦେବାନନ୍ଦ ଚୌହାନ ଠାରେ ପ୍ରଶିକ୍ଷଣ ନେଉଥିଲେ। ଗତ ବର୍ଷ ରାଉରକେଲାରେ ଅନୁଷ୍ଠିତ ତାଇକୋଣ୍ଡୋ ବେଲ୍ଟ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ମାଷ୍ଟର ମୁକେଶ କୁମାର ସାହୁଙ୍କ ଠାରୁ ବ୍ଲାକ ବେଲ୍ଟ ହାସିଲ କରିଛନ୍ତି। ତେବେ ତାଙ୍କ ଏହି ସଫଳତାକୁ ନେଇ ଚାରି ଆଡୁ ଶୁଭେଚ୍ଛାର ବାର୍ତ୍ତା ଆସୁଥିବା ବେଳେ ଅବନ୍ତିକା ଭବିଷ୍ୟତ ରେ ଭାରତିୟ ପ୍ରଶାସନିକ ସେବାରେ ଯୋଗ ଦେଇ ଦେଶ ମାତୃକାର ସେବା କରିବା ପାଇଁ ସ୍ଥିର କରିଛନ୍ତି।

## ଟ୍ରଷ୍ଟ ପକ୍ଷରୁ ବଳଦେବଜିଉ ଗୋଠୀର୍ଥକୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଇଚ୍ଛାପୁର ବସନ୍ତବଗିଚା ନାଗପାଟଣାସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଗୋଠୀର୍ଥକୁ ୩ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ସଦସ୍ୟ ମମତା ଦାସ ଓ ଭୁବନମୋହନ ଦାସ ଗୋଠୀର୍ଥର ତତ୍ତ୍ୱାବଧାରକ ବିରଜା ପ୍ରସାଦ ପତିଙ୍କୁ ଏହି ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଗୋଠୀର୍ଥରେ ରହୁଥିବା ଗୋମାତାମାନଙ୍କ ଖାଦ୍ୟ, ପେୟ ଓ ଚିକିତ୍ସା ନିମନ୍ତେ ଏହି ସହାୟତା ପ୍ରଦାନ କରାଯାଇଛି।

### ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ

## ବିକଶିତ ଓଡ଼ିଶା ଗଠନ ପ୍ରତିଶ୍ରୁତି ପୂରଣ ହୋଇଛି : ଖାଦ୍ୟ ଯୋଗାଣ ମନ୍ତ୍ରୀ



ଅନୁଗୁଳ, (ଭାସ୍କର ନ୍ୟୁଜ) : ଅନୁଗୁଳ ସଭାଘର ଠାରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା ତରଫରୁ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଖାଉଟି କଲ୍ୟାଣ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ରାଜ୍ୟରେ ୨୪ ବର୍ଷ ଧରି ସ୍ଥାଣୁ ଅପାରଗ ସରକାରକୁ ଓଡିଶାର ଜନସାଧାରଣ ବଦଳାଇ ଡବଲ ଇଂଜିନ ସରକାର ଆଣିବା ପରେ ଆଜି ସମସ୍ତ କ୍ଷେତ୍ରରେ ବିକାଶ ଚାଲୁ ରହିଛି। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ଆଜି ମହିଳା, ଯୁବକ, ଶ୍ରମିକ ଓ କୃଷକ ମାନଙ୍କର ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟ କରୁଛି। ନିର୍ବାଚନ ସମୟରେ ବିଜେପିର ସଂକଳ୍ପ ପତ୍ରରେ ସ୍ଥାନିତ ହୋଇଥିବା ସମସ୍ତ ପ୍ରତିଶୃତି ଆଜି ଗୋଟି ଗୋଟି କରି ପୂରଣ ହେବାରେ ଲାଗିଛି। କୃଷକ ମାନଙ୍କର ଆୟ ଦୁଇଗୁଣିତ କରିବା ପ୍ରତିଶୃତି ଆଜି ପୂରଣ ହେବାରେ ଲାଗିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଚାଷୀ ମାନଙ୍କୁ ଦିଆଯାଇଛି। ବିକଶିତ ଓଡିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅହରହ ପରିଶ୍ରମ କରୁଛନ୍ତି ତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ପ୍ରକାଶ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ କୃଷକ ମାନଙ୍କର ସମସ୍ୟାକୁ ସବୁ କ୍ଷେତ୍ରରେ ହୃଦୟଙ୍ଗମ କରି ଯେଉଁ ଭଳି ଭାବେ ସମାଧାନ କରାଯାଉଛି ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ପ୍ରକାଶ କରିଥିଲେ। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ମୋହନ ସରକାର ୨୦୪୭ ଓ ୨୦୩୬ ମିଶନ କୁ ନେଇ ବିକଶିତ ଭାରତ ସଙ୍ଗେ ବିକଶିତ ଓଡ଼ିଶା ଗଠନ. ଦିଗରେ କାର୍ଯ୍ୟ କରୁଛନ୍ତି। ଓଡିଶାର ଜନସାଧାରଣ ଙ୍କର ସେବା କରିବାର ଦାୟିତ୍ୱ ବିଜେପି କୁ ମିଳିଛି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ନେତୃତ୍ୱରେ ସମଗ୍ର ରାଜ୍ୟରେ ବିକାଶ ର ଧାରା ଚାଲୁ ରହିବା ସହ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ନିଜର ଅଭିଯୋଗ ଜଣାଇ ପାରୁଛନ୍ତି, ବିଜେପି ସରକାର ଆଜି ଲୋକଙ୍କ ସରକାର ରେ ପରିଗଣିତ ହୋଇଛି, ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ବୋଲି ଶ୍ରୀ ପାଣି ପ୍ରକାଶ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଗତ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଜଗନ୍ନାଥ ଗଡ଼ନାୟକ, ପ୍ରମୁଖ ରାଜ୍ୟ ସରକାର ଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ ।ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେପିର ଜିଲ୍ଲାର ସମସ୍ତ ପଦାଧିକାରୀଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

## ଭୂମିହୀନ ସୁଜାତାଙ୍କୁ ଗୃହ ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା କାଞ୍ଜିଥାନା ଅନ୍ତର୍ଗତ କାଞ୍ଜିପାଣି ଗ୍ରାମର ସୁଜାତା ସିଂ(୬୨) ନାମକ ମହିଳାଙ୍କ ଘର ଭାଙ୍ଗି ଦେବାକୁ ସ୍ଥାନୀୟ ଲୋକେ ଧମକ ଦେଉଥିବାରୁ ତାଙ୍କୁ ସୁରକ୍ଷା ଦେବା ସହ ରହିବାକୁ ଘର ଯୋଗାଇଦେବାକୁ ଗତକାଲି କେନ୍ଦୁଝର କାଶିପୁର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ସୁଜାତାଙ୍କ ସ୍ୱାମୀ, ସୁରେଶ ସିଂ ବାହାରେ ବୁଲି କାମଧନ୍ଦା କରୁଛନ୍ତି। ଏଣୁ ସେମାନେ ବାରବୁଲା ଭାବେ ବୁଲି ବୁଲି ଶେଷରେ କାଞ୍ଜିପାଣିରେ ଏକ କୁଡିଆ ଘର ନିର୍ମାଣ କରି ରହୁଥିଲେ। ଉକ୍ତ କଚ୍ଚା ଘରେ ସେଠାରେ ୨୦୦୨ ମସିହାରୁ ସୁଜାତା ସ୍ୱାମୀ ପୁଅ ଝିଅ ସହିତ ରହୁଛନ୍ତି। ସେମାନେ ମୂଲ ମଜରୀ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ତେବେ ଉକ୍ତ ସ୍ଥାନରେ ଉକ୍ତ ଗ୍ରାମର ପ୍ରମିଳା ଆରୁକ ନାମକ ଜଣେ ମହିଳା ଏକ କ୍ୟାବିନ ବସାଇ ଦୋକାନ କରିଥିଲେ। ତେବେ ଗ୍ରାମର କିଛି ଲୋକ ତାଙ୍କ ପ୍ରରୋଚନାରେ ଘରଟିକୁ ଭାଙ୍ଗି ଦେବାକୁ ଧମକ ଚମକ ଦେବା ସହ ଉକ୍ତ ସ୍ଥାନରୁ ପଳାଇ ଯିବାକୁ କହୁଥିବା ସେ ଅଭିଯୋଗ କରିଛନ୍ତି। ଘର ଭାଙ୍ଗିଦେଲେ ପରିବାର କେଉଁଠି ରହିବେ ସେ ନେଇ ସମସ୍ତେ ଚିନ୍ତାରେ ରହୁଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଥାନା ତହସିଲ, ବିଡିଓଙ୍କୁ ଅଭିଯୋଗ କରିଥିଲେ। ଗୃହ ହୀନ ବୋଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନେ ଏକ ଘର ପାଇଥିଲେ। ପ୍ରଥମ କିସ୍ତି ୪୦ହଜାର ଟଙ୍କାରେ ଘର କାମ ଆରମ୍ଭ କରିଥିଲେ। ତେବେ ଉକ୍ତ ଘରକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଘର୍ କାମ ଅଧାରେ ଅଟକି ଯାଇଥିଲା। ସେହିପରି ସରକାରୀ ଜମିରେ ପ୍ରଧାନ ମନ୍ତ୍ରୀ ଘର ନିର୍ମାଣ ହେଉଥିବାରୁ ସ୍ଥାନୀୟ ତହସିଲଦାର ଉକ୍ତ ସରକାରୀ ଜାଗାରେ ଘର ନକରିବାକୁ ନୋଟିସ କରିବା ପରେ କାମ ଅଧାରୁ ବନ୍ଦ ରହିଛି। ଉପଯୁକ୍ତ ତଦନ୍ତ ସହ ତୁରନ୍ତ ଗୃହ ନିର୍ମାଣ ଆଦେଶ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ସୁଜାତା ନିବେଦନ କରିଛନ୍ତି। ତେବେ ସେମାନେ ଭୂମିହୀନ। ଏଣୁ ପ୍ରଶାସନ ଆବଣ୍ଟନ ଓ କାମ ଆରମ୍ଭ ପୂର୍ବରୁ ତାଙ୍କ ନାମରେ ଜମି କରିଥିଲେ ଏଭଳି ସ୍ଥିତି ଉପୁଜି ନ ଥାନ୍ତା କିମ୍ବା ସରକାର ଙ୍କ ଖର୍ଚ୍ଚ ହୋଇଥିବା ଟଙ୍କା ନଷ୍ଟ ହୋଇ ନ ଥାନ୍ତା। ଏଣୁ ସେମାନେ ବର୍ତ୍ତମାନ ବିପଦପୂର୍ଣ୍ଣ କୁଡିଆରେ ରହିବାକୁ ବାଧ ହେଉଛନ୍ତି ବୋଲି ସ୍ଥାନୀୟ ସାମାଜିକ କର୍ମୀ ତଥା ଆଇନଜୀବୀ ଦୈତାରୀ ଆପଟ କହିଛନ୍ତି।



ଏରସମା (ଭାସ୍କର ନ୍ୟୁଜ): ଏରସମା ବ୍ଲକ୍ ସଦର ମହକୁମା ଠାରେ ଜନନେତା ଲୋକନାଥ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମରଣିକା 'ଜନନାୟକ ଲୋକନାଥ' ଲୋକାର୍ପଣ ହୋଇଛି। ଏହି ଉପଲକ୍ଷେ ତହସିଲ ପଡ଼ିଆରେ ଆୟୋଜିତ ଲୋକନାଥ ଚୌଧୁରୀ ଜନ୍ମ ଶତବାର୍ଷିକ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ରାଜ୍ୟ ଉପସଭାପତି ଦେବୀ ମିଶ୍ର ଅନ୍ୟତମ ବରେଣ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ଶ୍ରମିକ ନେତା ପଞ୍ଚାନନ କାନୁନଗୋ ଯୋଗଦେଇ ଲୋକନାଥ ଚୌଧୁରୀ ଏକ ସାମ୍ୟବାଦ ସମାଜ ଚାହୁଁଥିଲେ। ସମାଜର ଖଟିଖିଆ ମେହନତୀ ଭାଗ ଚାଷୀଙ୍କୁ ହକ୍ ଦେବାପାଇଁ ଭୂସଂସ୍କାର ଆଇନର ଉପଯୋଗ ଓ ଭାଗଚାଷୀ ଆନ୍ଦୋଳନର ସେ' ପ୍ରମୁଖ ନେତୃତ୍ୱ ନେଇଥିଲେ ଏବଂ ତାଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥଲା ଏକ ସାମ୍ୟବାଦୀ ଚିନ୍ତା, ଚେତନା ଓ ଆଦର୍ଶ ରାଜନୀତିରେ। ତାଙ୍କ ରାଜନୈତିକ ଜୀବନ ଭିତରେ ଅନେକ ସଂସ୍କାର ମୂଳକ କାର୍ଯ୍ୟର ସଫଳ ରୂପାୟନ ହୋଇପାରିଥିଲା ବୋଲି କହିଥିଲେ। କମ୍ୟୁନିଷ୍ଟ ନେତା ଶଶିଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଜନ୍ମ ଶତବାର୍ଷିକୀ ସ୍ମୃତି ସଭାରେ ସାଂସଦ ବିଭୁପ୍ରସାଦ ତରାଇ,ବିଧାୟକ ସାରଦା ପ୍ରସନ୍ନ ଜେନା, ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ,ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସୁପ୍ରିମକୋର୍ଟ ଆଇନଜୀବୀ ସୁଶାନ୍ତ କାନୁନଗୋ, ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗୋଛାୟତ, ବାଲିକୁଦା ଏରସମା ଯୁବ ବିଜେଡ଼ି ସଭାପତି ପାର୍ଥ ସାରଥି ରାଉତ, ନୀତ୍ୟାନନ୍ଦ ଦାସ, ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ପ୍ରଫୁଲ୍ଲ ଦାସ, ଦିପ୍ତୀରାଣୀ ପ୍ରଧାନ,ସମିତି ସଭ୍ୟ ବିକ୍ରମ ମହାପାତ୍ର, ସମ୍ପାଦକ ଅରୁଣ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ବିଜୟ ସ୍ୱାଇଁଙ୍କ ପରିଚୟ ପ୍ରଦାନ ସହିତ ଦ୍ୱିଜରାଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଧ୍ରୁବ ଚରଣ ପାତ୍ର,ବଟକୃଷ୍ଣ ମିଶ୍ର ଓ ବିରଞ୍ଚି ନାରାୟଣ ମିଶ୍ରଙ୍କୁ ସମ୍ମାନୀତ କରାଯାଇଥିଲା।

**ମା'ର ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଦୁଇ ଅନାଥ ନାବାଳକ ଭିକ୍ଷା ମାଗିବା ଘଟଣା**

# ସହାୟତାର ହାତ ବଢ଼ାଇଲା ଓଡ଼ିଶା ଶ୍ରୀରାମ ସେବା ସଂଗଠନ

ଜଳେଶ୍ୱର, (ଭାସ୍କର ନ୍ୟୁଜ): କରାଳ ଗତିରେ ୮ ବର୍ଷ ପୂର୍ବରୁ ବାପା ସ୍ୱର୍ଗତଃ ସୃଷ୍ଟିଧର ସିଂ ଏବଂ ୧୧ ଦିନ ପୂର୍ବରୁ ମାଆ ସ୍ୱର୍ଗତଃ ସୀମା ସିଂଙ୍କୁ ହରାଇଛନ୍ତି ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ଆଦିବାସୀ ସାହିର ଦୁଇ ଅନାଥ ନାବାଳକ ଅନୁପ ସିଂ ଓ ସନୁପ ସିଂ। ସତରେ ଦୁଃଖ କଣ ଏମିତି ବି ଆସେ। ଆଜି ଅସହାୟ, ବେସାହାରା ହୋଇ ପଡ଼ିଛନ୍ତି ଦୁଇ ନାବାଳକ। ମୁଣ୍ଡ ଉପରୁ ଉଠିଯାଇଛି ବାପା ମାଆର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ। ମାଆର ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଅର୍ଥ ସାଜିଥିଲା ବାଧକ। ଏହି



ଘଟଣାଟି ବିଭିନ୍ନ ଗଣମାଧ୍ୟମରେ ଦୁଇ ବାପା ମାଆ ଛେଉଣ୍ଡ ନାବାଳକ ପିଲାଙ୍କ ବିଷୟରେ ଖବର ପ୍ରକାଶିତ ହେବା ପରେ ବିଭିନ୍ନ ରାଜନୈତିକ ଦଳର ନେତା,ବିଭିନ୍ନ ସଂଗଠନ ଆସି ସାହାଯ୍ୟର ହାତ ବଢାଇ ଥିଲେ। କିନ୍ତୁ ସେବାହିଁ ଧର୍ମ, ସେବାହିଁ କର୍ମ, ସେବାହିଁ ପୁଣ୍ୟ ଓ ମାନବ ସେବା ହିଁ ଈଶ୍ୱର ସେବାକୁ ବ୍ରତ ବୋଲି ଭାବି ଓଡିଶା ଶ୍ରୀରାମ ସେବା ସଂଗଠନର ରାଜ୍ୟ ସଭାପତି ଶ୍ରୀଯୁକ୍ତ କୃତିବାସ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି କୃତିବାସ ପଣ୍ଡା (ବାପି ନନା), ଜିଲ୍ଲା ଉପସଭାପତି ଅରୁପ କୁମାର ପତି, ଡ଼ାକ୍ତର ବିଜୟଲକ୍ଷ୍ମୀ, ନିତ୍ୟାନନ୍ଦ ସାହୁ, ରଶ୍ମିତା ବେହେରା ପ୍ରମୁଖ ଆରୁହା ଗ୍ରାମରେ ଆଜି ସକାଳ ୭ ଘଟିକା ସମୟରେ ପହଞ୍ଚି ୩ ଶହ ଲୋକଙ୍କ ଜଳଖିଆ ଓ ମଧ୍ୟାହ୍ନଭୋଜନର ସମସ୍ତ ଖର୍ଚ୍ଚ ବହନ କରି ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଂଚ ତପନୀ ଭୂୟାଁ, ସମିତି ସଦସ୍ୟା ମଧୁମିତା ମହାନ୍ତି, ପ୍ରାକ୍ତନ ସରପଞ୍ଚ ପ୍ରମିଳା ସାମଲ, ସମାଜସେବୀ ଶ୍ରୀକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁ, ହର ନାରାୟଣ ଦାସ ମହାପାତ୍ର, ଅଞ୍ଜଳୀ ସିଂ,ଶିକ୍ଷକ ତପନ ସିଂ, କଟିଆ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ମାନସଙ୍କ ପରିବାର



- ସରକାରୀ ସହାୟତା ଅପେକ୍ଷାରେ ପରିବାର
- ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ
- ପଲିଥିନ ଖଣ୍ଡେ ଧରାଇ ଦେଇ ପ୍ରଶାସନ ଚୁପ୍

ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ଼ ତହସିଲ ଅଧୀନ ମାଣିକାଗୋଡା ରାଜସ୍ୱ ନୀରିକ୍ଷକଙ୍କ ପରିସୀମା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ମାନସ ମନ୍ତ୍ରୀଙ୍କ ଘରେ ଗତ ୧୩ତାରିଖ ସକାଳ ସମୟରେ ଅଗ୍ନିକାଣ୍ଡ ଘଟି ସେ ସର୍ବସ୍ୱାନ୍ତ ହୋଇଛନ୍ତି। ଦୁଇବଖରା ଘରେଥିବା ଖାଦ୍ୟଶସ୍ୟ, ଆସବାବପତ୍ର ଓ କିଛି ଅର୍ଥ ସମେତ ଅନ୍ୟାନ୍ୟ ଜିନିଷପତ୍ର ପୋଡି ଭସ୍ମୀଭୂତ ହୋଇଯାଇଛି। ମୂଲଲାଗି ପରିବାର ପ୍ରତିପୋଷଣ କରୁଥିବା ମାନସ ମଧ ଘଟଣା ଦିନ ଜିଲ୍ଲା ବାହାରେ କାମ କରିବାକୁ ଯାଇଥିବା ବେଳେ ଘରେ ସ୍ତ୍ରୀ ନର୍ମଦା ଓ ଦୁଇଟି ସନ୍ତାନ ଥିଲେ।ଖବର ପାଇ ବୋଲଗଡରୁ ଦୁଇଟି ଅଗ୍ନିନିର୍ବାପକ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରଦିନ ମାନସ ଘରେ ପହଞ୍ଚି ମାଣିକାଗୋଡା ଆର୍‌ଆଇଙ୍କୁ ଭେଟିବା ପରେ ସେ ଆସି ଗୋଟିଏ ପଲିଥିନ ଦେଇଥିଲେ। ତା ପରେ ଆଉ କୌଣସି ସରକାରୀ ସହାୟତା ଦୂର କଥା କୌଣସି ପ୍ରଶାସନିକ ଅଧିକାରୀ ମଧ୍ୟ ତାଙ୍କ ପାଖରେ ପହଞ୍ଚି ନାହାନ୍ତି। ଏହାଭିତରେ ସେ ସ୍ଥାନୀୟ ସରପଞ୍ଚ ଓ ତହସିଲଦାରଙ୍କୁ ଭେଟି କିଛି ଆର୍ଥିକ ସହାୟତା ଆଶା କରିଥିଲେ ବି ନିରାଶ ହୋଇଛନ୍ତି ।ତାଙ୍କର ଏହି ଦୁଃଖ ସମୟରେ ସାହାଯ୍ୟର ହାତ ବଢାଇଛନ୍ତି କଳାଙ୍ଗ ଗ୍ରାମ ସଭାପତି ତଥା ଯୁବ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ହୋତା ।ସେ ଅଗ୍ନି ବିପନ୍ନ ମାନସ ଙ୍କ ଘରେ ସୋମବାର ପହଞ୍ଚି କିଛି ସହାୟତା ପ୍ରଦାନ କରିବା ସହ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଧାୟକଙ୍କ ସହ ଆଲୋଚନାକରି ପ୍ରଧାନମନ୍ତ୍ରୀ ଆବାସଯୋଜନା ରେ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି ଏବଂ ତାଙ୍କ ପରିବାର ପ୍ରତିପୋଷଣ ପାଇଁ ରେଡକ୍ରସ ପାଣ୍ଠି ରୁ କିଛି ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ମାନେ ତହସିଲଦାରଙ୍କୁ ନିବେଦନ କରିଛନ୍ତି।

# ଦଲାଲଙ୍କ କବ୍‌ଜାରେ ଗ୍ରାମ୍ୟ ପରିମଳ ପାନୀୟ ଜଳ କାର୍ଯ୍ୟାଳୟ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ସରକାର ବଦଳିଛି ସତ, କିନ୍ତୁ ସରକାରୀ ଅଫିସରଙ୍କ ମାନସିକତା ବଦଳିନି, ସେ ପୁରୁଣା ସରକାରୀ ଢଙ୍ଗରେ ଚାଲିଛି ସରକାରୀ ଅଫିସ । ସରକାରୀ ନିୟମକୁ ନ ମାନି ଏବଂ ବିନା ନୋଟିସରେ ଚଣ୍ଡିଖୋଲ ଗ୍ରାମ୍ୟ ପରିମଳ ଓ ପାନୀୟଜଳ କାର୍ଯ୍ୟାଳୟରେ ଟେଣ୍ଡରକୁ ନେଇ ଏକ ବଡ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁସାରେ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଯେ କୌଣସି କାମ କରାଯିବ ତାହା ଟେଣ୍ଡର ଡକା ଯିବାର ବ୍ୟବସ୍ଥା ରହିଛି । କିନ୍ତୁ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଛକରେ ଥିବା ପଂଚାୟତରାଜ ଓ ପାନୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏପରି କରା ନ ଯାଇ ଦଲାଲ ଙ୍କ ସହିତ ସମ୍ପୃକ୍ତ ଅଧିକ୍ଷକ ଯନ୍ତ୍ରୀ ପାଖାପାଖି ୧୫୦ ରୁ ଉର୍ଦ୍ଧ୍ୱ ନଳକୂପ ପାଇଁ ସଠିକ ଭାବେ ଟେଣ୍ଡର ନକରି କିଛି ଦଲାଲ ଙ୍କ ଦ୍ୱାରା ଏହାକୁ ସେମାନଙ୍କ ମଧ୍ୟରେ କୌଶଳ କ୍ରମେ ଦିଆଯାଇଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ




ଯେକୌଣସି କାର୍ଯ୍ୟ ପାଇଁ ଟେଣ୍ଡରକୁ ଯିବାକୁ ହେଲେ ପ୍ରଥମେ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସମ୍ପୃକ୍ତ କାର୍ଯ୍ୟର ବିବରଣୀ ସହିତ ଟେଣ୍ଡର ତାରିଖ ଲେଖାଯିବା ସହ କୌଣସି ଖବର କାଗଜରେ ଏହାର ବିଜ୍ଞାପନ କରାଯାଇ ଲୋକଙ୍କୁ ଅବଗତ କରିବା କଥା ।ଏ ବିଷୟ ରେ ଗ୍ରାମ୍ୟ ପରିମଳ ଓ ପାନୀୟଜଳ କାର୍ଯ୍ୟାଳୟର ଅଧିକ୍ଷକ

**ବିନା ନୋଟିସରେ ଟେଣ୍ଡର ଡାକିବା ଅଭିଯୋଗ**

ଯନ୍ତ୍ରୀଙ୍କୁ ଏ ବିଷୟରେ ପ୍ରତିକ୍ରିୟା ନେବାକୁ ବାରମ୍ବାର ମୋବାଇଲ ରେ କଲ୍ କଲାପରେ ମଧ ଫୋନ ଉଠାଇନଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ କହିଥିଲେ ଟେଣ୍ଡର ଆହ୍ୱାନ ଦାୟୀତ୍ୱ ଡିଭିଜନ ନିଷ୍ପତ୍ତି କରିଥାଏ। ତେବେ ଏଠାରେ ପ୍ରଶ୍ନ ଉଠୁଛି ବଡଚଣାର ବିଭିନ୍ନ ସ୍ଥାନରେ ଖୋଳା ଯିବାକୁ ଥିବା ୪ ଶହରୁ ଉର୍ଦ୍ଧ୍ୱ ନଳକୂପ ଖୋଳିବା ପାଇଁ ବ୍ୟବସ୍ଥା ଥିବା ବେଳେ ନିର୍ଦ୍ଧିଷ୍ଟ ଦୁଇ ଜଣ ଠିକାଦାରଙ୍କ ବିନା ଟେଣ୍ଡର ରେ ୧୫୦ ନଳକୂପ ଖନନ ପାଇଁ ଅନୁମତି ଦିଆଗଲା ।ମୌସୁମୀ ଆସିବା ପୂର୍ବରୁ ଏହି କାର୍ଯ୍ୟ ସାରିବା କଥା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ପାଇଁ ଏହିପରି କାର୍ଯ୍ୟ ହେଉଥିବାର ଅଭିଯୋଗ ହେଉଛି। ଅଭିଯୋଗ ହେଉଛି ସାଧାରଣ ଲୋକଟିଏ ଅଫିସ ଗଲେ, ଅଫିସ ରେ କୌଣସି ଅଧିକାରୀ ରହି ନାହାନ୍ତି । ଫଳ ରେ ଲୋକ ଟି ନିରାଶ ହୋଇ ଫେରୁଛି । ଏ ବିଷୟରେ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଯାଜପୁର ଜିଲ୍ଲା ପାଳ କି ପଦକ୍ଷେପ ନେଉଛନ୍ତି, ତାହା ଆଗାମୀ ଦିନରେ ଜଣାପଡିବ ।

## ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ଡେ ପାଳିତ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ସଦର ମହକୁମା ଆଓମା ଗୁରୁକୁଳ ପରିସରରେ ଜିଲାସ୍ତରୀୟ ଆର୍ଟ ଅଫ ଗିଭିଂ ଡେ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରତ୍ନାକର ଦାସ, ଶିକ୍ଷାବିତ୍ ମନୋଜ ସାହୁ, ଦୁର୍ଯ୍ୟୋଧନ ପାତ୍ର, ଗୋପୀକୃଷ୍ଣ ପଟ୍ଟନାୟକ ଓ ଦେବବ୍ରତ ସାନା ପ୍ରମୁଖ ପ୍ରାରମ୍ଭରେ ଯୋଗ ଦେଇଥିଲେ। ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ପରେ ଆର୍ଟ ଅଫ ଗିଭିଂ ଡେ ଉଦ୍ଦେଶ୍ୟ ସମ୍ପର୍କରେ ଅତିଥି ମାନେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଜିଲ୍ଲା ବରିଷ୍ଠ ସଂଯୋଜକ ରମ୍ୟରଞ୍ଜନ ପରିଡା, ଉପ ସଂଯୋଜକ ଉତ୍ତମ ସାହା, ସୁଶାନ୍ତ ସାମଲ, ମୁନା ତ୍ରିପାଠୀ , ବିନାଶ ମିଶ୍ର ଓ ପ୍ରସାଦ ନାୟକ ପ୍ରମୁଖ ସହଯୋଗ କରିଥିବାବେଳେ ଶ୍ୟାମ ନାୟକ ଏହାକୁ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଛତିଶଗଡ଼ର ଶ୍ରମିକ ମୃତ

ଭାପୁର, (ଭାସ୍କର ନ୍ୟୁଜ୍): ଛତିଶଗଡ ରାଜ୍ୟର ଜଣେ ଶ୍ରମିକ ନୟାଗଡ ଜିଲ୍ଲା ଭାପୁର ବ୍ଲକର ଏକ ବୋରିଂ ଟ୍ରକରେ କାର୍ଯ୍ୟ କରୁଥିବାବେଳେ ଏକ କାର ଦୁର୍ଘଟଣାରେ ରବିବାର ବିଳମ୍ବିତ ରାତ୍ରିରେ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ, ଛତିଶଗଡ ରାଜ୍ୟ ଦାନ୍ତୱାଡା ଜିଲ୍ଲା ଦକ୍ଷିଣ ଦାନ୍ତୱାଡା ଥାନା ଅନ୍ତର୍ଗତ ଗଦିନ୍ ପୋଷ୍ଟ ଅଫିସ ଅଞ୍ଚଳର ବଟୁ ରାମ୍ (୩୨) ନାମରେ ଜଣେ ଶ୍ରମିକ ଫତେଗଡ ଥାନା ଅଞ୍ଚଳରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ମୃତ ଦେହ ରବିବାର ବିଳମ୍ବିତ ରାତ୍ରୀରେ ସେହି ଥାନା ଅନ୍ତର୍ଗତ ବିଜିପୁର ଗ୍ରାମ୍ୟ ଛକ ଉପରୁ ପେଟ୍ରୋଲିଂ ସମୟରେ ଫତେଗଡ ପୋଲିସ ଉଦ୍ଧାର କରିଥିଲେ । ତାଙ୍କର ମୃତ୍ୟୁ ଦୁର୍ଘଟଣା, ହତ୍ୟା କି ଆତ୍ମହତ୍ୟା ଜନିତ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସର ତନାଘନା ଚାଲିଛି। ନିକଟରେ ଥିବା ସିସିଟିଭି ଫୁଟେଜକୁ ପୋଲିସ ତଦନ୍ତ କରି ଫେରିଥିବାବେଳେ ଝାପସା ଛବି ଆସୁଥିବାରୁ କିଛି ଜଣାପଡିନାହିଁ। କିନ୍ତୁ,ସେ ଶ୍ରମିକ ଜଣଙ୍କ ବିଳମ୍ବିତ ରାତ୍ରୀରେ ମଦ୍ୟପାନ କରି ଫେରୁଥିବାବେଳେ କୌଣସି ଅଜଣା ଗାଡ଼ି ଦୁର୍ଘଟଣା ଘଟେଇ ମୁହଁ ଉପରେ ଚକକୁ ଚଢ଼େଇ ଚାଲିଯାଇଥିବା ପୋଲିସ୍ ଅନୁମାନ କରୁଛି । ପୋଲିସ ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶ୍ରମିକ ଘରକୁ ଖବର ପଠେଇଥିବାବେଳେ ବ୍ୟବଚ୍ଛେଦ ନିମନ୍ତେ ଶବ କୁ ଖଣ୍ଡପଡ଼ା ପଠାଇ ତଦନ୍ତ ଚାଲୁ ରହିଛି ।

## ଅଟୋ ମାଲିକ ସଂଘ ପକ୍ଷରୁ ମୃତ ଡ୍ରାଇଭରଙ୍କୁ ସହାୟତା



ଜଳେଶ୍ୱର, (ଭାସ୍କର ନ୍ୟୁଜ୍ ) : ଆର୍ଥିକ ଅନାଟନକୁ ସାମ୍ନା କରିନପାରି ଜଣେ ଅଟୋ ଚାଳକ ଆତ୍ମହତ୍ୟା କରିଛି । ଜଳେଶ୍ୱର ଥାନା ଅନ୍ତର୍ଗତ ଆମ୍ବଡିଆ ଗାଁର ଦେବେନ୍ଦ୍ର ପ୍ରଧାନଙ୍କ ବିପ୍ଳବ(୨୬) ନିଜ ଋଣଭାର ଓ ଅଭାବ ମଧ୍ୟରେ ପରିବାର ପ୍ରତିପୋଷଣରେ ଅସମର୍ଥ ହେବାରୁ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଏହା ଜଣାଯିବା ପରେ ଅଟୋ ଓ ଅଟୋ ସଂଘ ପକ୍ଷରୁ କମଳ ଚକ୍ରବର୍ତ୍ତୀ, ଅଶୋକ ଦାସ, ମୃତ ବିପ୍ଳବର ଘରେ ପହଞ୍ଚି ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସଂଘର ସଭାପତି ଅକ୍ଷୟ ପାତ୍ର, ଉପସଭାପତି ରବିନ୍ଦ୍ର ଦାସ, ସଂପାଦକ ସଂଜୟ ଦାସ ଓ କାଶି ଗୋଛାୟତ, ରାଖାଲ ମଣ୍ଡଳ, ରବିନ୍ଦ୍ର ଜେନା, ଗୋପାଳ ଦାସ ପ୍ରମୁଖ ବହୁ ଅଟୋଚାଳକ ତାଙ୍କ ଘରେ ପହଞ୍ଚି ସମବେଦନା ଜ୍ଞାପନ କରିଛନ୍ତି ।

## ୩୮ ଲିଟର ଦେଶୀ ମଦ ଜବତ, ଦୁଇ କୋର୍ଟଚାଲାଣ



ଭାପୁର, (ଭାସ୍କର ନ୍ୟୁଜ୍ ) : ଖଣ୍ଡପଡା ଅବକାରୀ ବିଭାଗ ପକ୍ଷରୁ ଫତେଗଡ ଥାନା ଅଂଚଳରେ ସୋମବାର ସକାଳ ସମୟରେ ଚଢ଼ାଉ କରାଯାଇ ୩୮ ଲିଟର ଦେଶୀ ମଦ ଓ ଦୁଇ ବାଇକ୍ ଜବତ କରିବା ସହିତ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ଅବକାରୀ ଥାନା ଓ. ଆଇ.ସି. ଦୀପକ କୁମାର ଜେନାଙ୍କ ସହିତ ଶୁଭଶ୍ରୀ ପାଣିଗ୍ରାହୀ, ନନ୍ଦୁ ରାମ୍, ଲକ୍ଷ୍ମୀଧର ବେହେରା,ପ୍ରତ୍ୟୁଷ ରଞ୍ଜନ ଦେହୁରୀ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଫତେଗଡ ଥାନା ଗୋଳାପୋଖରୀ ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନପ୍ରସାଦ ଗ୍ରାମର କବି ମଲ୍ଲିକ(୪୮) ଠାରୁ ୨୪ ଲିଟର ଓ ଉପେନ୍ଦ୍ର ସାହୁ ଠାରୁ ୧୪ ଲିଟର ଦେଶୀ ମଦ ଜବତ କରିଥିଲେ। ତାଙ୍କର ଦୁଇଟି ବାଇକ୍‌କୁ ମଧ ଜବତ କରି ଉଭୟଙ୍କୁ କୋର୍ଟ ଫରୱାର୍ଡ କରାଯାଇଥିବା ଅବକାରୀ ଥାନା ସୂତ୍ରରୁ ପ୍ରକାଶ।

# ଲୋକନାଥଙ୍କ ଜନ୍ମ ଶତବାର୍ଷିକୀରେ ଶିଳାନ୍ୟାସ ଓ ଆଲୋଚନା

କୁଜଙ୍ଗ, (ଭାସ୍କର ନ୍ୟୁଜ୍ ): ବିଶିଷ୍ଟ ଜନନେତା, କମ୍ୟୁନିଷ୍ଟ ଆନ୍ଦୋଳନର ମହାନ ପ୍ରବକ୍ତା, କୁଜଙ୍ଗ ମାଟିର ସୁପୁତ୍ର କମ୍ରେଡ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ କୁଜଙ୍ଗ ଲୋକନାଥ ଭବନ ଠାରେ ତାଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିର ଶିଳାନ୍ୟାସ କରାଯାଇଛି। କୁଜଙ୍ଗ ସୂଚନା ଭବନ ଠାରେ ଆୟୋଜିତ କ.ଲୋକନାଥ ଜନ୍ମ ଶତ ବାର୍ଷିକ ସ୍ମୃତି ସଂସଦ ସଭାପତି ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକନାଥ ଲୋକଙ୍କ ନେତା ଶୀର୍ଷକ ଭବ୍ୟ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି। ଅତିଥି ଭାବେ ସାଂସଦ ଡକ୍ଟର ବିଭୁ ପ୍ରସାଦ ତରାଇ, ପୂର୍ବତନ ସାଂସଦ ତଥା କବି ଡକ୍ଟର ପ୍ରସନ୍ନ ପାଟଶାଣୀ, ପୂର୍ବତନ ମନ୍ତୀ ଶଶୀ ଭୂଷଣ ବେହେରା ଓ ଛତ୍ରପୁର ପୂର୍ବତନ ବିଧାୟକ ନାରାୟଣ ରେଡି ପ୍ରମୁଖ ଯୋଗ ଦେଇ ଶିଳାନ୍ୟାସ କରିବା ସହିତ



କ.ଲୋକନାଥଙ୍କୁ ଜଣେ ବିରଳ ସାଲିସ ବିହୀନ ନେତା ବୋଲି ମତବ୍ୟକ୍ତ କରିଥିଲେ। ଜଣେ ଜମିଦାର ପରିବାରରେ ଜନ୍ମ ହୋଇ ମଧ ସମସ୍ତ ସୁଖ ସମ୍ପଦକୁ ତୁଚ୍ଛ କରି ଗରିବ ମୁଲିଆ ମେହେନତି ମଣିଷ ସେବାରେ ଜୀବନ ତମାମ ବିତେଇ ଦେଇଥିବା ବିରଳ ବ୍ୟକ୍ତି ଓ ଅନେକ ଜନ ଆନ୍ଦୋଳନ ନେତୃତ୍ୱ ନେଇ ସଫଳତାର ଶୀର୍ଷରେ ସେ ପହଂଚି ଥିବାରୁ ସେ ଓଡିଶା ମାଟିର ବରପୁତ୍ର ହୋଇ ପାରିଥିବା ଡକ୍ଟର ପ୍ରସନ୍ନ ପାଟଶାଣୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ପୌର ପରିଷଦ ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ, ପରଦା ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ, ଶିକ୍ଷକ ନେତା ବସନ୍ତ ସାମଲ, ପ୍ରଭାକର ଭଟ୍ଟ, ଉତ୍କଳ ସାହିତ୍ୟ ସମାଜ ଉପସଭାପତି ଜୀବନାନନ୍ଦ ଅଧିକାରୀ, ଡାକ୍ତର ବିପିନ ସାମନ୍ତରାୟ ଓ ପ୍ରଶାନ୍ତ ସେଠି ବକ୍ତବ୍ୟ ରଖିଥିଲେ । କୁଜଙ୍ଗ ପ୍ରେସ କ୍ଲବ ସଭାପତି ଡକ୍ଟର ରଘୁନାଥ ସାହୁ ମଞ୍ଚ ପରିଚାଳନା କରି କୁଜଙ୍ଗ ବରପୁତ୍ର ମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସିପିଆଇ କୁଜଙ୍ଗ ଜୋନ ସମ୍ପାଦିକା ଚିନମୟୀ ସାହାଣୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିପିଆଇ ଜିଲ୍ଲା ସମ୍ପାଦକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ଜଣ କବି ଲାଲ ସଲାମ ଲୋକନାଥ କବିତା ପାଠ କରିଥିଲେ। ଛୟାନବେ ବର୍ଷୀୟ ବରିଷ୍ଠ ଶିକ୍ଷକ ନେତା ନିଶାକର ମୁଦୁଲିଙ୍କୁ ମଞ୍ଚରେ ଅତିଥି ମାନଙ୍କ ଦ୍ୱାରା ଲୋକନାଥ ଚୌଧୁରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସୁବାସ ମହାପାତ୍ର, ବିଷ୍ଣୁ ମୁଦୁଲି, ରବୀନ୍ଦ୍ର ମହାପାତ୍ର, ଶରତ ବେହେରା, ରବୀନ୍ଦ୍ର ମାଝୀ, ଶରତ ବଳିଆର ସିଂ, ରୁନିବାଳା ମାଝୀ, କଳ୍ପନା ଦାସ ଓ ନବୀନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତା ଶତ ବାର୍ଷିକ ଉତ୍ସବରେ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ଶତ ବାର୍ଷିକ ସ୍ମୃତି ସଂସଦ ସମ୍ପାଦକ ଶ୍ରୀନିବାସ ଜୁଝାର ସିଂ ମଞ୍ଚରେ ଘୋଷଣା କରିଥିଲେ।

# ହୋଟେଲ ଖାଦ୍ୟରେ ଚାଇନା ସଲ୍ଟର ବ୍ୟବହାରକୁ ବାରଣ

ଆସିକା(ଭାସ୍କର ନ୍ୟୁଜ): ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଦୀର୍ଘବର୍ଷ ହେଲା ଅପମିଶ୍ରିତ ଖାଦ୍ୟ ପଦାର୍ଥର ବହୁଳ ବ୍ୟବହାର ଚାଲିଛି। ଏହାକୁ ନିୟନ୍ତ୍ରଣ କରିବା

**ନିଦା ବିଷ୍ଣୁ ପାଲଟିଛି ପ୍ରଶାସନ**



ଦିଗରେ ପ୍ରଶାସନ ନିଦା ବିଷ୍ଣୁ ପାଲଟିଛି। ତେଣୁ ସଚେତନ ନାଗରିକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି । ଜଳଖିଆ ହେଉ ବା ମଧ୍ୟାହ୍ନ ଭୋଜନ ହେଉ କି ରାତ୍ରି ଭୋଜନ ଏଥିପାଇଁ ସାରା ଜିଲ୍ଲା ତଥା ଅନ୍ୟ ସହର ତୁଳନାରେ ଆସିକା ସହରରେ କମ୍ ଖର୍ଚ୍ଚରେ ପେଟପୁରା ଖାଦ୍ୟ ମିଳେ। ଆସିକା ଅଞ୍ଚଳରେ ବହୁ ପୁରାତନ ହୋଟେଲ୍ ଓ ରେଷ୍ଟୁରାଣ୍ଟ ରହିଛି। ତେବେ ଅଧିକାଂଶ ଦୋକାନରେ ପ୍ରସ୍ତୁତ ଖାଦ୍ୟରେ ଚାଇନା ସଲ୍‌ଟର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି ଚାଇନା ସଲ୍ଟ,ଭିନେଗାର ବିଭିନ୍ନ ପ୍ରକାରର କେମିକାଲରେ ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ତାହା କେହି ଜାଣନ୍ତି ନାହିଁ। ଆସିକା ସହରରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିଲା ବେଳେ ଫାଷ୍ଟଫୁଡ ସେଣ୍ଟର ମଧ ବୃଦ୍ଧି ପାଇବାରେ ଲାଗିଛି। ହେଲେ ପ୍ରତ୍ୟେକ ବ୍ୟବସାୟୀ ନିଜ ବ୍ୟବସାୟ ବଢାଇବା ପାଇଁ ଖାଦ୍ୟକୁ ସୁସ୍ୱାଦୁ କରିବା ଓ ଏହା ଆଖିକୁ ସୁନ୍ଦର ଦିଶିବା ପାଇଁ ଖାଦ୍ୟରେ ବହୁ ପ୍ରକାରର ରାସାୟନିକ ପଦାର୍ଥ ବ୍ୟବହାର କରିବାକୁ ପଛାଉନାହାନ୍ତି। ତେବେ ପ୍ରଶାସନ ପକ୍ଷରୁ ଏହାକୁ ଯାଞ୍ଚ କରାଯାଉନଥିବା ଯୋଗୁଁ ଏଭଳି ଅସ୍ୱାସ୍ଥ୍ୟକର ଖାଦ୍ୟ ଖୁଆଇ ବହୁ ବ୍ୟକ୍ତି ବିଭିନ୍ନ ସମୟରେ ପେଟ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୀର୍ଘ ଦିନ ଧରି ଚାଇନା ସଲ୍ଟ କିମ୍ବା କଲର ମିଶା ଖାଦ୍ୟ ଖାଇବା ଦ୍ୱାରା କିଡ୍‌ନୀ, ମସ୍ତିଷ୍କ ବିକାଶ ଅନଗ୍ରସର, ଅମ୍ଳ ଜନିତ ରୋଗ, ହୃଦ ରୋଗ ପରି ବହୁ ରୋଗର ଶିକାର ହୋଇଥାନ୍ତି । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବିନା ପଞ୍ଜୀକରଣ ବହୁ ଫାଷ୍ଟଫୁଡ ସେଣ୍ଟର ଚାଲିଛି। ପ୍ରଶାସନ ପକ୍ଷରୁ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା ପାଇଁ ଖାଦ୍ୟ ନିରୀକ୍ଷକ ନାହାନ୍ତି ଯାଞ୍ଚ ଅଭାବରୁ ଆସିକା ସହରରେ ଛତୁ ଫୁଟିଲା ଭଳି ଫାଷ୍ଟଫୁଡ ସେଣ୍ଟର ଖୋଲିଥିବା ଦେଖିବାକୁ ମିଳିଛି । ତେଣୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେଇ ଫାଷ୍ଟଫୁଡ ସେଣ୍ଟର ଗୁଡିକରେ ବିକ୍ରୀ ହେଉଥିବା ଖାଦ୍ୟ ଗୁଡିକର ଗୁଣବତ୍ତା ଯାଞ୍ଚ କରିବା ଦିଗରେ ପଦକ୍ଷେପ ନେବା ଓ ଅସାଧୁ ବ୍ୟବସାୟୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦୃଢଦାବି ହେଉଛି।

## ରାଶିଫଳ

**ବୁଧବାର, ୨୧ ମଇ ୨୦୨୫**



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ।



**ବୃଷ:** ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୌଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ବିରୋଧୀମାନେ ସକ୍ରିୟ ରହିବେ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**କନ୍ୟା:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୌଣସି ଚାହିଦା କାମ ସମ୍ଭବ। ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବରଗଡ଼ (ଭାସ୍କର ନ୍ୟୁଜ): ସହର ସନ୍ନିକଟ ଡାଙ୍ଗଷ୍ଟିତ ଶ୍ରୀରାମ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଗ୍ରାମବାସୀଙ୍କ ବିଶେଷ ଅନୁରୋଧ ଓ ସକ୍ରିୟ ସହଯୋଗରେ ଗ୍ରାମର ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରୀଷ୍ମ ଅବକାଶ ସମୟରେ ଛାତ୍ରଛାତ୍ରୀମାନେ ପୁସ୍ତକ ଠାରୁ ଦୂରେଇ ଯାଉଥିବା ସମୟରେ ସେମାନଙ୍କୁ ପାଠ୍ୟପୁସ୍ତକ ସହିତ ବାନ୍ଧି ରଖିବାର ଏକ କ୍ଷୁଦ୍ର ପ୍ରୟାସ। ବରଗଡ଼ର ବରିଷ୍ଠ ତଥା ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହିତ ନୀତିକଥା ସମ୍ବଳିତ ଗପ, କବିତା ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗଙ୍କ ଆବାହକତ୍ୱ ତଥା ସଭାପତି ମନୋରଂଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉଚ୍ଚ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଠ୍ଙ୍କ ସମେତ ନିଶାମଣି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ରୋଉଳ ଜର୍କ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଡୋଳାମଣି ଶତପଥୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଅଧ୍ୟାପକ ଆଲୋକ ରଂଜନ ଦାଶ, ଶିକ୍ଷକ ଦୁଃଖୀ ସେବକ ସାହୁ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ ଶିକ୍ଷକ ଘନଶ୍ୟାମ ପଣ୍ଡା ପ୍ରମୁଖ ଯୋଗଦେଇ ପାଠ ପୁସ୍ତକର ବିଭିନ୍ନ ବିଷୟବସ୍ତୁ ଉପରେ ତିନି ଘଣ୍ଟା ଶିକ୍ଷାଦାନ କରିଥିଲେ। ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଆଗ୍ରହର ସହିତ ଅଂଶଗ୍ରହଣ କରି ନିଜ ନିଜର ସନ୍ଦେହମୋଚନ କରିଥିଲେ। ଶିକ୍ଷା'ର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଓ ଆବାହକ ଡକ୍ଟର ରବିନାରାୟଣ ସାହୁଙ୍କ ସମେତ ଗ୍ରାମବାସୀଙ୍କ ତରଫରୁ ଲଳିତ ବନଛୋର, ସାବିତ୍ରୀ ଷଣ୍ଢ, ମନୋଜ ମାଝୀ, ଆଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ଅର୍ଜୁନ ସେଠ ଓ ଦିବ୍ୟକାନ୍ତି ରୋଉଳଙ୍କ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ।



# ୧୨ ଦିନ ପରେ ଜଳିଲା ବିଜୁଳି

## ଗ୍ରାମ ବିକାଶ କମିଟିର ପ୍ରଶଂସନୀୟ ପଦକ୍ଷେପ



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଟିକରପଡା ପଂଚାୟତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁରାଗୋରା ଗାଁରେ ଦୀର୍ଘ ୧୨ ଦିନ ହେଲା ବିଜୁଳି ନଥିଲା। ଫଳରେ ଲୋକ ଗରମରେ ଆଉଟୁ ପାଉଟୁ ହେଉଥିଲେ। ମିଳିଥିବା ସୂଚନା ଅନୁଯାୟୀ ଗାଁ ରେ ଥିବା ଟ୍ରାନ୍ସଫରମରଟି ଅତ୍ୟଧିକ ବିଜୁଳି ଲୋଡ୍ କାରଣରୁ ୧୨ ଦିନ ତଳେ ପୋଡ଼ିଯାଇଥିଲା। ଫଳରେ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ବୁରାଗୋରା ଗ୍ରାମ ବିକାଶ କମିଟି ଏକ ଗ୍ରାମସଭା ସଭା କରିଥିଲେ। ଏହା ପରେ ଜିଲ୍ଲା ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଆବେଦନ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଗ୍ରାମରେ ବକେୟା ଥିବା ବିଦ୍ୟୁତ ବିଲ୍‌ର କିଛି ପ୍ରତିଶତ ପୈଠ ନକଲେ ନୂତନ ଟ୍ରାନ୍ସଫରମର ଦିଆଯିବ ନାହିଁ ବୋଲି କହିଥିଲେ। ଏହାପରେ ଗ୍ରାମ ବିକାଶ କମିଟି ସଦସ୍ୟମାନେ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସହ ଘରକୁ ଘର ବୁଲି ବକେୟା ବିଲ୍‌ର କିଛି ପ୍ରତିଶତ ଟଙ୍କା ଆଦାୟ କରି ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପୈଠ କରିଥିଲେ। ଏହାର ଦୁଇ ଦିନ ମଧ୍ୟରେ ଗ୍ରାମରେ ନୂଆ ଟ୍ରାନ୍ସଫର୍ମର ଲଗାଯିବା ସହ ବିଜୁଳି ଆବଶ୍ୟକତା ପୂରଣ ହୋଇପାରିଲା। ଏହି ସଫଳତା ପଛରେ ଗ୍ରାମବାସୀଙ୍କ ସଚେତନତା, ସାମୂହିକ ଦାୟିତ୍ୱବୋଧ ଓ ଗ୍ରାମ ବିକାଶ ସମିତିର ସକ୍ରିୟ ଭୂମିକା ଯୋଗୁଁ ଏହା ସମ୍ଭବ ହେଲା।ଏଥିରେ ଗ୍ରାମ ବିକାଶ କମିଟିର ସଂପାଦକ ତଥା ପୂର୍ବତନ ସରପଞ୍ଚ କଷ୍ଟେଶ୍ୱର ଖଟୁଆଙ୍କର ନେତୃତ୍ୱ ଓ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ତାଙ୍କ ସଂଗଠନ ଦକ୍ଷତା ଓ ସହଯୋଗ ଦ୍ୱାରା ଦୀର୍ଘ ୧୨ ଦିନର ଅନ୍ଧାରକୁ ଅନ୍ତ କରି ଗ୍ରାମକୁ ପୁଣିଥରେ ଆଲୋକିତ କରାଯାଇଛି।ଦୃଢ ମନୋବଳ ଓ ସାମୂହିକ ସହଯୋଗ ଦ୍ୱାରା ଏହା ସମ୍ଭବ ହେଲା ବୋଲି ବୁରଗୋରା ଗ୍ରାମବାସୀଙ୍କ ଦ୍ୱାରା ଏହା ପ୍ରମାଣ ହୋଇଛି।

# ବାପାଙ୍କ କଥା ରକ୍ଷାକରି ଠେଲାଗାଡ଼ିରେ ବାହାରିଲେ ଅଯୋଧ୍ୟା




ଖଡ଼ିଆଳ(ଭାସ୍କର ନ୍ୟୁଜ): ୯୫ ବର୍ଷୀୟ ବୃଦ୍ଧ ଏକ ଠେଲା ଗାଡ଼ିରେ ଶୋଇଥିବାବେଳେ ଜଣେ ୬୨ ବର୍ଷୀୟ ବୃଦ୍ଧ ଠେଲାଗାଡ଼ିକୁ ରାଜ ରାସ୍ତାରେ ଠେଲି ଠେଲି ନେଉଛନ୍ତି। ଠେଲା ଗାଡ଼ିକୁ ଠେଲୁଥିବା ଏହି ବୃଦ୍ଧ ହେଉଛନ୍ତି ଆଜିର ଶ୍ରାବଣ କୁମାର। ନିଜ ୯୫ବର୍ଷୀୟ ବୃଦ୍ଧ ବାପା ରାମ ନାରାୟଣଙ୍କ ଇଚ୍ଛା ପୂରଣ ପାଇଁ ପୁଅ ନାରାୟଣ ରାଓ ବାହାରିଛନ୍ତି ଅଯୋଧ୍ୟା। ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ୍ ଜିଲ୍ଲାର ଯୋଗାତ ପେଲେମ୍ ଗାଁରୁ ଠେଲାଗାଡ଼ିରେ ବାପା ଙ୍କୁ ଧରି ଅଯୋଧ୍ୟା ବାହାରିଛନ୍ତି। ୩୦ବର୍ଷ ବୟସ ହୋଇଥିବା ସମୟରେ ନିଜ ବାପାଙ୍କ ସହ ନାରାୟଣ ରାଓ ଆଯୋଧ୍ୟା ଯାଇଥିଲେ ସେହି ସମୟରେ ରାମ ମନ୍ଦିର ନିର୍ମାଣକୁ ନେଇ ହିନ୍ଦୁ ଓ ମୁସଲିମ ମଧ୍ୟରେ ତିକ୍ତତା ଚାଲିଥିଲା। କିନ୍ତୁ ନାରାୟଣ ଙ୍କୁ ତାଙ୍କ ବାପା ଅଯୋଧ୍ୟା ମନ୍ଦିର ନିଶ୍ଚୟ ନିର୍ମାଣ ହେବ ଓ ମୁଁ ଏଠାକୁ ଆସିବି ଓ ବଞ୍ଚି ରହିଥିବି। ମୋତେ ଅଯୋଧ୍ୟା କୁ ଆଣିବୁ ବୋଲି ବାପାଙ୍କ ଉପଦେଶକୁ ଆଜି ଆଜିର ଶ୍ରବଣ କୁମାର ପାଳି ନେଉଛି। ଗରିବ ପରିବାର ହୋଇଥିବାରୁ ପୁଅ ଏକ ଠେଲା ଗାଡ଼ିରେ କିଛି ଖାଦ୍ୟ ଧରି ନିଜ ବୃଦ୍ଧ ବାପାଙ୍କୁ ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ଅଯୋଧ୍ୟା ନେଇ ଘରୁ ବାହାରିଛନ୍ତି। ସେ ଏବେ ୧୬ ଦିନରେ ନୂଆପଡା ଜିଲ୍ଲାକୁ ପହଞ୍ଚି ରାୟପୁର ଅଭିମୁଖେ ବାହାରିଛନ୍ତି। ଅଯୋଧ୍ୟାକୁ ପହଞ୍ଚିବା ପାଇଁ ଆହୁରି ଦୁଇ ମାସ ସମୟ ଲାଗିବ ବୋଲି ପ୍ରକାଶ କରିଛନ୍ତି। ବାପାଙ୍କ ଇଚ୍ଛାକୁ ପୁଅ ପୂରଣ କରିବାକୁ ବାହାରି ଥିବା ବେଳେ ଏହା ଦେଖି ସ୍ଥାନୀୟ ଲୋକ ତାଙ୍କ ଇଚ୍ଛା ପୂରଣ ପାଇଁ ଶୁଭେଚ୍ଛା ଦେବା ସହ ଏହା ଆଜିର ଯୁଗ ରେ ପୁଅ ମାନଙ୍କ ପାଇଁ ଏକ ଉଦାହରଣ ବୋଲି ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ନୂଆପଡା(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାର୍ଶିରାଣୀ ପୂର୍ତ୍ତି,ବ୍ଲକ୍ ଅଧ୍ୟକ୍ଷା ପ୍ରେମଶିଳା ନାଗ , ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଉମାକାନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ୪୩ ଗୋଟି ବ୍ୟକ୍ତିଗତ ଓ ୯ ଟି ଗୋଷ୍ଠିଗତ ଏଭଳି ମୋଟ ୫୨ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଧବା ମହିଳା ବିନୋଦିନୀ ରାଉତ, ପଲସାମାଲ ଏବଂ ଦୀପିକା ଜଗତ, ଫରସରାଙ୍କୁ ୫ ହଜାର ଟଙ୍କା ଲେଖାଏଁ ରେଡ୍‌କ୍ରସ୍ ସହାୟତା ପ୍ରଦାନ କରାଯାଇ ଥିଲା। ବିଡ଼ିଓ ସୁଶାନ୍ତ କୁମାର ରଣା , ତହସିଲଦାର ଅନୁସୂୟା ବାଗଦେବୀ, ଡେପୁଟୀ କଲେକ୍ଟର ଶେଖ୍ ନସିମ , ହେମନ୍ତ ପୁଟା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଂଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଜିଲ୍ଲା ଶିଳ୍ପ କେନ୍ଦ୍ର ମ୍ୟାନେଜର ସମୀର ମୁଦୁଲି, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲ୍ଲା ପଂଚାୟତ ଅଧିକାରୀ ଲଛମନ ଓରାମ, ଜିଲ୍ଲା ନିୟୋଜନ ଅଧିକାରୀ ବିନୋଦ ଲାକ୍ରା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆନନ୍ଦ ହେମ୍ରମ୍, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ , ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ମତ୍ସ୍ୟ ଅଧିକାରୀ ବିଜନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଶିବିର ଉପଲକ୍ଷେ ବ୍ଲକ୍‌ରେ ଗୋଟିଏ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଏଠାରେ ଡ. ଅନୁପ କୁମାର ଅଗ୍ରୱାଲ, ଡଃ ସଂଜୀବ ନାୟକ, ଡଃ ଉପେନ୍ଦ୍ର ମାଝୀ, ଡଃ ଆକାଂକ୍ଷା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ। ସେହିପରି ସ୍ଥାନୀୟ ଡାକ୍ତରଖାନାରେ ଗୋଟିଏ ରକ୍ତଦାନ ଶିବିର ଆୟୋଜନ କରାଯାଇ ଥିଲା। ଗ୍ରୀଷ୍ମ ଋତୁ ପାଇଁ ସକାଳ ସାତଟାରୁ ଶିବିର ଆରମ୍ଭ ହୋଇଥିଲା। ଅଭିଯୋଗକାରୀ ମାନଙ୍କ ପାଇଁ ଛାୟା, ଚୌକି ଓ ପାନୀୟ ଜଳର ବନ୍ଦୋବସ୍ତ ହୋଇଥିଲା । ଏହି ଅବସରରେ ଲର୍କା ଗାଁରେ ପ୍ରାଣୀ ଚିକିତ୍ସା ପାଇଁ ଗୋଟିଏ ଶିବିର ଆୟୋଜିତ ହୋଇଥିଲା । ଏଠାରେ ୨୬ ଗୋଟି ଗାଈ ବଳଦ, ୫୧ ଟି ଛେଳି ମେଣ୍ଢା ଓ ୩୫ଟି ଗୃହପାଳିତ ପଶୁଙ୍କ ବୀମା କରଣ ହୋଇଥିଲା ।

# ବିପଦକୁ ଆମନ୍ତ୍ରଣ କରୁଛି ଲୁହା ଆଙ୍ଗେଲ



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ କଲାହାଣ୍ଡିର ଜାତୀୟ ରାଜପଥ ନଂ ୫୭ ର ବଲାସିଙ୍ଗା ଓ ମର୍ଦ୍ଦାପୁର ମଝିରେ ଥିବା ସାଲୁଙ୍କି ପୋଲର ମର୍ଯ୍ୟାଦପୁର ପାର୍ଶ୍ୱରେ ଏକ ଲୁହା ଏଙ୍ଗଲ ବିପଦପୂର୍ଣ୍ଣ ଭାବରେ ଉପରକୁ ଟେକି ହୋଇ ରହିଛି। କେତେବେଳେ ଯେ ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରିବ କହି ହେବନାହିଁ। ଦିନରେ ଦୁଇ ଚକିଆ ଓ ଚାରିଚକିଆ ଯାନ ପାର୍ଶ୍ୱ କାଟି ନେଉଥିବାବେଳେ ରାତିରେ ଏହା ବିପଦ ହେବ। ପ୍ରତ୍ୟେହ ଏହି ରାସ୍ତା ଦେଇ ହଜାର ହଜାର ଯାନ ବାହାନ ଚଳାଚଳ କରୁଥିବାବେଳେ ଜାତୀୟ ରାଜପଥ ବିଭାଗ ଆଖି ବୁଜି ଦେଇଛି।ସୂଚନାଯୋଗ୍ୟ ଯେ ଦୁଇ ମାସ ତଳେ ଏହି ସ୍ଥାନରେ ଏକ ବିପଦପୂର୍ଣ୍ଣ ଗର୍ତ୍ତ ହୋଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଏହାକୁ ମରାମତି କରା ଯାଇଥିଲା। ବାରମ୍ବାର ଏହି ସ୍ଥାନରେ ଗର୍ତ୍ତ ସୃଷ୍ଟି ହେଉଥିବାରୁ ଏହା ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ କଣ୍ଟାମାଳ ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ଜିଲ୍ଲାସ୍ତରୀୟ ଅଧିକାରୀ ଯାଉଥିବାବେଳେ ଏହା ଦୃଷ୍ଟିଗୋଚର ନହେବା ପରିତାପର ବିଷୟ। ଧନ ଜୀବନ କ୍ଷତି ହେବା ପୂର୍ବରୁ ଏହାର ମରାମତି କରାଯିବାକୁ ଦାବି ହେଉଛି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ରାୟଗଡା/ଗୁଣପୁର(ଭାସ୍କର ନ୍ୟୁଜ୍): ଚନ୍ଦ୍ରପୁର ବ୍ଲକ ସଦଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡ଼ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶକ୍ରମେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୧୫ଟି ଅଭିଯୋଗର ଶୁଣାଣି ହୋଇଥିବାବେଳେ, ସେଥିରୁ ୮ଟି ବ୍ୟକ୍ତିଗତ, ୭ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ପାଇବା ପରେ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଗୁଣପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ପ୍ରଗ୍ରାମ ଅଧିକାରୀ କଳ୍ପନା ମହାକୁଡ଼ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ଚନ୍ଦ୍ରପୁର ଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର



ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍‌ର ଲର୍କା ପଞ୍ଚାୟତର ଖୋର୍ଲା ଗାଁ ରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର। ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଗାଁରେ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ସହିତ ଡି ଏଫ୍ ଓ ଅଜିଜ ଖାନ,ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ଅନୁସ୍ୱୟା ବାଗଦେବି, ଲର୍କା ସରପଞ୍ଚ ଜୟଶ୍ରୀ ପଟେଲ ଏବଂ ଲୋକାଲ ସରପଞ୍ଚ ଠାକୁର ବାଗ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ଗାଁର ନବଜାତକ ଶିଶୁ କନ୍ୟା ପ୍ରେମଶିଳା ଓ ତାର ପିତାମାତା କେଶରୀ ମାଝୀ ଓ ହେମକାନ୍ତି ମାଝୀଙ୍କୁ ସମାରୋହରେ ଜିଲ୍ଲାପାଳ ଉପହାର ପ୍ରଦାନ କରିଥିଲେ । ନବ ଜାତକକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଅନ୍ୟ ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଅତିଥିମାନେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଜିଲ୍ଲାପାଳ ଏମାନଙ୍କ ପରିବାର ଲୋକଙ୍କୁ ଗର୍ଭବତୀମାନଙ୍କ ସମୁଚିତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ଶ୍ରମିକ ସଚେତନତା ଶିବିରରେ ଅତିଥି ମାନେ ଗାଁ ବାସୀମାନଙ୍କୁ ମନରେଗା ଯୋଜନାରେ କାମ କରିବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ । ସଭାରେ ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଂଜନ ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସମୀର ମୁଦୁଲି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ ,ଏଲ୍‌ଡି ଏମ୍ ସୀତାରାମ ମେହେର ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗର କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ। ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ଉଭୟ ଝିଅ ଏବଂ ଗଛ ଆମ ସମାଜର ଭବିଷ୍ୟତ । ସେମାନଙ୍କୁ ସବୁ ପ୍ରକାର ସୁରକ୍ଷା ଦେବା ଆମର କର୍ତ୍ତବ୍ୟ । ସେହିପରି ଗାଁ ର କୌଣସି ବି ପୁରୁଷ କିମ୍ବା ମହିଳା ଭୁଲ୍‌ରେ ବି ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ । ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରି ସବୁ ଶ୍ରମିକ ପରିବାର ଲକ୍ଷପତି ହୁଅନ୍ତୁ । ଲର୍କା ପଞ୍ଚାୟତ ମନରେଗା ଯୋଜନାରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଆମେ ସମସ୍ତେ ମିଶି ଲର୍କା ପଞ୍ଚାୟତକୁ ପ୍ରବାସୀ ଶ୍ରମିକ ମୁକ୍ତ କରି ପାରିବା ବୋଲି କହିଥିଲେ । ମନରେଗା ଯୋଜନାରେ ୨୦୦ ଦିନରୁ ଅଧିକ ଦିନ ଶ୍ରମ ଦାନ କରିଥିବାରୁ ପ୍ରିତମ ଛତ୍ରିଆ, ସନ୍ତୋଷ ଛତ୍ରିଆ, କ୍ଷୀରଧର ଛତ୍ରିଆ, ତୁଳାରାମ ମାଝୀଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ ସମିତି ସଭ୍ୟ ଅମିତ୍ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହକୁ ବୋଡ଼େନ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ବୋଡ଼େନ ସିଡିପିଓ ଅର୍ଚ୍ଚନା ରାଉତ, ସରପଞ୍ଚ, ବ୍ଲକ ଏବଂ ପଞ୍ଚାୟତ କର୍ମଚାରୀ ପ୍ରମୁଖ ଆୟୋଜନ କରିଥିଲେ। ଶେଷରେ ଡି ଏଫ୍ ଓଙ୍କ ଉଦ୍ୟମରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ପକ୍ଷୀମାନଙ୍କ ପାଇଁ ଜଳ ଏବଂ ବସା ଯୋଗାଇ ଦିଆଯାଇଥିଲା । ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଖୋର୍ଲା ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା ।

# ବିଶାଳ ମାର୍କେଟ ଉପରେ ଚଢ଼ାଉ



କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ୍): ରାୟଗଡ଼ା ସହର ର ବିଶାଳ ମେଗା ମାର୍ଟ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଖାଦ୍ୟ ସୁରକ୍ଷା ବିଭାଗର ଅଚାନକ ଚଢ଼ାଉ କରାଯାଇଛି। ବିକ୍ରୟ ଅବଧି ସରିଥିବା ଖାଦ୍ୟ ସାମଗ୍ରୀର ଯାଞ୍ଚ କଲେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ। ଯାଞ୍ଚ ସମୟରେ ବିଶାଳ ମେଗାମାର୍ଟ ରୁ ଅବଧି ସରିଥିବା ଭୁଜିଆ ସହ ସିଲ ଖୋଲା ଆଚାର ବୋତଲକୁ ଜବତ କଲେ ଖାଦ୍ୟ ସୁରକ୍ଷା ଅଧିକାରୀ। ଖାଦ୍ୟ ସୁରକ୍ଷା ଆଇନର ଉଲଙ୍ଘନ ପାଇଁ ୧ ଲକ୍ଷ ଟଙ୍କା ଜୋରିମାନା ରେ ଦଣ୍ଡିତ ହେଲେ ବିଶାଳ ମେଗାମାର୍ଟ । ଦୀର୍ଘ ମାସ ଧରି ବେଆଇନ ଭାବେ ପରିତ୍ୟକ୍ତ ଖାଦ୍ୟ ସାମଗ୍ରୀ ବିକ୍ରୀ ହୋଇ ଆସୁଥିବା ନେଇ ଅଭିଯୋଗ ହୋଇଥିଲା।

# ବାଉଁଶ ପାତିଆରେ ଭୌଗଳିକ ପ୍ରତିକୃତି



ନୂଆପଡ଼ା(ଭାସ୍କର ନ୍ୟୁଜ୍): ବାଉଁଶ କାରିଗରୀ ଦ୍ୱାରା ନିର୍ମିତ ହେଲା ନୂଆପଡ଼ା ଜିଲ୍ଲାର ସୁନ୍ଦର ପ୍ରତିକୃତି । ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକର ପୋଖତ ବାଉଁଶ କାରିଗରମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା କୁଲା, ଭୂଗା, ଟୁପା,ପାଛିଆ, ପର୍ଲା, ଝାମ୍ପି, ଚାଙ୍ଗରି, ଭୁର୍କି, ଧୂକ୍ନା, ଖଟ ପିଢା, ଖଲେଇ, ଡଙ୍ଗା ଇତ୍ୟାଦି ନିର୍ମାଣ କରିଛନ୍ତି ବାଉଁଶ ପାତିଆ ବାଁଉଶ ଆଧାର ଉପରେ। ଉଲ୍ଲେଖନୀୟ ଯେ ଏହି କଳାକୃତି ନୂଆପଡ଼ା ଜିଲ୍ଲାର ଭୌଗଳିକ ଆକୃତି ମଡେଲ୍ ଉପରେ ନିର୍ମିତ ହୋଇଛି । ଏହାକୁ ଏହି କାରିଗରମାନେ ଜିଲ୍ଲାପାଳଙ୍କୁ ବୋଡ଼େନ ବ୍ଲକର ଲର୍କା ପଞ୍ଚାୟତର ଖୋର୍ଲା ଗ୍ରାମରେ ଅନୁଷ୍ଠିତ ହୋଇଥିବା ପରିବର୍ଦ୍ଧିତ ଜନଶୁଣାଣି ଶିବିର ତଥା ପ୍ରବାସୀ ଶ୍ରମିକ ସଚେତନତା ଶିବିରରେ ପ୍ରଦର୍ଶିତ କରିଥିଲେ। ଦେଖିବାକୁ ଅତି ସୁନ୍ଦର ଦିଶୁଥିବା ଏହି ବାଉଁଶ କାରିଗରୀକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଖୁବ୍ ପ୍ରଶଂସା କରି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଛନ୍ତି। ସେମାନଙ୍କୁ ଆବଶ୍ୟକ ସୁଯୋଗ ତଥା ପ୍ରୋତ୍ସାହନ ଯୋଗାଇ ଦେବାପାଇଁ ଉପନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପ ରଞ୍ଜନ ସାହୁଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ନୂଆପଡ଼ା (ଭାସ୍କର ନ୍ୟୁଜ୍): ଦମ୍ପତିଙ୍କୁ ଦଳିଦେଲା ଟ୍ରକ୍। ନୂଆପଡ଼ା ଏକତା ଛକରେ ଟ୍ରାଫିକ ସିଗ୍ନାଲ ଅତିକ୍ରମ କରିବାବେଳେ ଏକ ବାଇକକୁ ଟ୍ରକ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଆଜି ସକାଳୁ ସ୍ୱାମୀ-ସ୍ତ୍ରୀ ଦୁହେଁ ଏକ ବାଇକ୍‌ରେ ଖରିଆରରୋଡ଼ ପଟେ ଯାଉଥିଲେ। ଏକତା ଛକରେ ଦୁର୍ଘଟଣା ଘଟିଥିଲା। ସ୍ତ୍ରୀ ରୁକ୍ମିଣୀଙ୍କ ମୁଣ୍ଡରେ ଟ୍ରକ ଚଢିଯାଇଥିବା ବେଳେ ତାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ନୂଆପଡ଼ା ଆଇଆଇସି ଗଙ୍ଗାଧର ମେହେର ଘଟଣା ସ୍ଥଳରେ ପହଞ୍ଚି ସ୍ୱାମୀ ଛବିଲାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ମୃତଦେହକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ବେଆଇନ ମାଳମାଳ ଇଟାଭାଟି

ବଲାଙ୍ଗୀର(ଭାସ୍କର ନ୍ୟୁଜ୍):ଇଟାଭାଟି କରିବା ପାଇଁ ଆଇନତଃ ବାରଣ ଥିବା ସତ୍ତ୍ୱେ ବଲାଙ୍ଗୀର ଜିଲ୍ଲାରେ ତାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଇଟାଭାଟି ପୋଡାଯାଉଥିବା ଦେଖିବାକୁ ମିଳୁଛି। ବଲାଙ୍ଗୀର ସହରର ତଳି ଅଞ୍ଚଳରେ,ପତ୍ରା ଜଙ୍ଗଲରେ, ରାଜସ୍ୱ ଜମିରେ ତଥା ଜଙ୍ଗଲକୁ ଲାଗି ରହିଥିବା ପ୍ରଜା ମାନଙ୍କ ଜମିରେ ହଜାର ହଜାର ଇଟାଭାଟି ସହରଠୁଁ ଆରମ୍ଭ କରି ଗ୍ରାମାଞ୍ଚଳ ମାନଙ୍କରେ ଖୁଲମଖୁଲା ଇଟାଭାଟି ପୋଡା ଚାଲିଥିବାର ଦେଖିବାକୁ ମିଳୁଛି। ଏଥିପାଇଁ ସାରା ଜିଲ୍ଲା ବାସିନ୍ଦା ଭୀଷଣ ଗରମରେ ଛଟପଟ ହେଉଥିବା ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳୁଛି। ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ପୁଇଁତଳା, ହରଡ଼ାଟାଲ, ଖଲିଆପାଲି,କୁସମେଲ, ବ୍ରାହ୍ମଣୀପାଲି ଓ ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ଇଟାଭାଟି ପୋଡା ଯାଉଥିବା ଦେଖିବାକୁ ମିଳୁଥିବା ବେଳେ ଜଙ୍ଗଲ କର୍ମଚାରୀମାନେ କରୁଛନ୍ତି କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି ? ରାଜ୍ୟ ସରକାର ଲାଲ ଇଟାଭାଟିକୁ ମନା କରିଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ହଜାର ହଜାର ଇଟାଭାଟି ପୋଡା ଚାଲିଛି। ରାଜସ୍ୱ ବିଭାଗ ନିରବ ରହୁଥିବାବେଳେ କିଛି ସ୍ଥାନରେ ସ୍ୱଳ୍ପ ରାଜସ୍ୱ ଆଦାୟ କରି ଚୁପ୍ ରହିଯାଇଥିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏମାନଙ୍କ ଉପରେ ଜିଲ୍ଲା ପ୍ରଶାସନର ଅଙ୍କୁଶ ନାହିଁ। ରାଜସ୍ୱ ବିଭାଗ ଫାଇନ କାଟି ସାରିଲା ପରେ ଇଟାଭାଟିକୁ ସମ୍ପୂର୍ଣ୍ଣ ଧ୍ୱଂସ ନ କରି ଛାଡ଼ି ଦେଉଥିବାରୁ ଇଟାଭାଟି ମାଲିକମାନେ ରାଜସ୍ୱ ଦେଇ ଇଟା ପୋଡୁ ଥିବା ଦେଖିବାକୁ ମିଳୁଛି। ଜଙ୍ଗଲ ସେକ୍ସନର କର୍ମଚାରୀ , ରାଜସ୍ୱ ବିଭାଗ ଏବଂ ବିଦ୍ୟୁତ ବିଭାଗ ତିନି ବିଭାଗର ମିଳିତ ଚଢାଉ ଏ ପର୍ଯ୍ୟନ୍ତ ଇଟାଭାଟି ମାଲିକମାନଙ୍କ ଉପରେ ହୋଇ ନଥିବା ବେଳେ ଇଟାଭାଟି ମାଲିକମାନେ ଦିନକୁ ଦିନ ତାଙ୍କର କାୟା ବିସ୍ତାର କରି ବ୍ୟବସାୟରେ ବେଶ୍ ଲାଭବାନ ହେଉଥିବା ପରିଲକ୍ଷିତ ହେଉଛି।



## ବସ୍‌ଷ୍ଟାଣ୍ଡରେ ସ୍ଥାନାଭାବ ସମସ୍ୟା

# କେବେ କାର୍ଯ୍ୟକ୍ଷମ ହେବ ନୂତନ ଆଦର୍ଶ ବସ୍‌ଷ୍ଟାଣ୍ଡ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ସହର ସ୍ଥିତ ବସଷ୍ଟାଣ୍ଡ ନିକଟରେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମୁଖରେ ବୌଦ୍ଧ ନୂତନ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି । ନୂତନ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେବ ସାରିଥିବା ବେଳେ କେବେ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ସହରବାସୀ ଅପେକ୍ଷା କରି ରହିଛନ୍ତି । ହାଉସିଂ ଅରବାନ ଡେଭଲମେଣ୍ଟ ସଂସ୍ଥା ବୌଦ୍ଧ ପୂର୍ତ୍ତ ବିଭାଗକୁ ନୂତନ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ ଦାୟିତ୍ୱ ଦେଇଛି । ୬ କୋଟି ୫୨ ଲକ୍ଷ ଟଙ୍କାରେ ନୂତନ ଆଦର୍ଶ ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୨୩ ମସିହା ଜାନୁଆରୀ ମାସରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହାର ଅବଧି ଗତ ୨୦୨୪ ଏପ୍ରିଲ ମାସରେ ଶେଷ ହେବାର ରହିଥିବା ବେଳେ ନିର୍ମାଣ ସ୍ଥଳରେ ଅନେକ ସମସ୍ୟା ରହିଥିବା ଯୋଗୁଁ ଠିକ ସମୟରେ କାର୍ଯ୍ୟ ଶେଷ ହୋଇ ପାରିଲାନାହିଁ । ହେଲେ ଏବେ ଗତ କିଛି ମାସ ହେବ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ହେଲେ ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାର ଆବଶ୍ୟକତା ରହିଛି। ସୂଚନା ମତେ,ବୌଦ୍ଧ ଜିଲ୍ଲା ଓଡିଶାର କେନ୍ଦ୍ରସ୍ଥଳରେ ଅବସ୍ଥିତ । ବୌଦ୍ଧ ଜିଲ୍ଲାଦେଇ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ପ୍ରତିଦିନ ବୌଦ୍ଧ ସହର ଦେଇ ଶତାଧିକ ବସ ଚଳାଚଳ କରୁଛି । ଏହି ସବୁ ବସଗୁଡିକ ଯାତ୍ରୀଙ୍କ ପାଇଁ ବୌଦ୍ଧ ବସଷ୍ଟାଣ୍ଡ ମଧ୍ୟରେ ଅଟକି ରହୁଛି । ହେଲେ ବର୍ତ୍ତମାନ ବୌଦ୍ଧ ବସଷ୍ଟାଣ୍ଡରେ ସ୍ଥାନାଭାବ ଦେଖାଦେଇଛି। ଫଳରେ ବସ ଗୁଡିକ ରହଣିରେ ସମସ୍ୟା ଦେଖାଦେଇଛି । ଦିନକୁ ଦିନ ବସ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥାନାଭାବ ସମସ୍ୟା ଯୋଗୁଁ ବସଗୁଡିକ ବୁଲାଇବାକୁ ଜାଗା ମିଳୁନାହିଁ । ଦିନକୁ ଦିନ ବସଷ୍ଟାଣ୍ଡ ପରିସର ସଂକୁଚିତ ହେବାରେ ଲାଗିଛି । ଯାହାଫଳରେ ସ୍ଥାନଭାବ ଦେଖାଦେଉଛି । ଏପରିକି ବିଭିନ୍ନ ସମୟରେ ବସଷ୍ଟାଣ୍ଡ ମଧ୍ୟରେ ଅଧିକ ବସ ରହି ଯାଉଥିବାରୁ ଅନ୍ୟ ବସ ଆସିଲେ ଗୋଟିଏ ବସ ଗଲା ବେଳେ ଅନ୍ୟ ବସ ବସଷ୍ଟାଣ୍ଡ ମଧ୍ୟକୁ ପ୍ରବେଶ କରୁଛି । ସହରର ମଧ୍ୟ ଭାଗରେ ବସଷ୍ଟାଣ୍ଡଟି ରହିଥିବାରୁ ଜନସାଧାରଣଙ୍କୁ ବିଶେଷ ସୁବିଧା ହେଉଛି । ଏପରିକି ରାତି ଅଧରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ବସରେ ଯିବା ଆସିବାରେ ସୁବିଧା ହେଉଛି । ପ୍ରତିଦିନ ଜିଲ୍ଲା ଓ ଜିଲ୍ଲା ବାହାରୁ ଲୋକମାନେ ସରକାରୀ କିମ୍ବା ବିଭିନ୍ନ କାର୍ଯ୍ୟରେ ବୌଦ୍ଧକୁ ଆସୁଥିବା ବେଳେ ବସଷ୍ଟାଣ୍ଡ ଓହ୍ଲାଇ ସୁବିଧାରେ ସେମାନଙ୍କ କାର୍ଯ୍ୟ କରି ସୁବିଧାରେ ଫେରିପାରୁଛନ୍ତି । ଏପରିକି ବସଷ୍ଟାଣ୍ଡ ନିକଟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରହିଥିବାରୁ ଜିଲ୍ଲା ଓ ଜିଲ୍ଲାକୁ ଲାଗିଥିବା ପଡୋଶୀ ଜିଲ୍ଲାର ସୀମାବର୍ତ୍ତିଗ୍ରାମ ଗୁଡିକରୁ ପ୍ରତିଦିନ ଶହଶହ ରୋଗୀମାନେ ବସଯୋଗେ ଚିକିତ୍ସାସେବା ପାଇବା ପାଇଁ ବୌଦ୍ଧକୁ ଆସିଥାନ୍ତି । ପ୍ରତିଦିନ ଜିଲ୍ଲା ଦେଇ କଟକ, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବଲାଙ୍ଗିର, ବ୍ରହ୍ମପୁର, ରାଉଲକେଲା, ଦାମନଯୋଡି, ସୋନପୁର, କନ୍ଧମାଳ, ନୟାଗଡ, କଳାହାଣ୍ଡି ଆଦି ଜିଲ୍ଲାମାନଙ୍କୁ ବସ ଚଳପ୍ରଚଳ କରିଥାଏ । ବସଷ୍ଟାଣ୍ଡର ସ୍ଥାନାଭାବକୁ ଦୃଷ୍ଟିରେ ରଖି ସରକାର ବସଷ୍ଟାଣ୍ଡ ନିକଟରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ସମ୍ମୁଖରେ ପ୍ରାୟ ଏକ ଏକରରୁ କମ ଜାଗାରେ ଏକ ନୂତନ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ କରୁଛନ୍ତି । ହେଲେ ଏହା ମଧ୍ୟ ସ୍ଥାନାଭାବ ଦେଖାଦେବାର ସମ୍ଭାବନା ଅଧିକ ରହିଛି । ଏହି ବସଷ୍ଟାଣ୍ଡଟି ବାଇପାସ ନିକଟରେ ହେବାର ଥିବା ବେଳେ କୌଣସି କାରଣ ଯୋଗୁଁ ତାହା ସେଠାରେ ହୋଇପାରିଲା ନାହିଁ । ପରବର୍ତ୍ତୀ ସମୟରେ ତରବରିଆ ଭାବରେ ଏଠାରେ ବସଷ୍ଟାଣ୍ଡ ନିର୍ମାଣ କରାଯିବାକୁ ଯୋଜନା ପ୍ରସ୍ତୁତ କରାଗଲା । ପୂର୍ବରୁ ବସଷ୍ଟାଣ୍ଡଟି ଗାନ୍ଧିଛକ ଠାରେ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବର୍ତ୍ତମାନ ଭାରତୀୟ ଷ୍ଟେଟ ବ୍ୟାଙ୍କ ରହିଥିବା ସ୍ଥାନରେ ବସଷ୍ଟାଣ୍ଡ କରାଯାଇଥିଲା । ହେଲେ ସେଠାରେ ସ୍ଥାନାଭାବ ଯୋଗୁଁ ବସଷ୍ଟାଣ୍ଡ ଏଠାକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ବର୍ତ୍ତମାନ ଏଠାରେ ମଧ୍ୟ ସ୍ଥାନ ସମସ୍ୟା ଦେଖାଦେଇଥିବାରୁ ବର୍ତ୍ତମାନର ବସଷ୍ଟାଣ୍ଡ ନିକଟରେ ନୂତନ ଆଦର୍ଶ ବସଷ୍ଟାଣ୍ଡ କରାଯାଇଛି । ଜନ ସାଧାରଣ ଏବଂ ବୁଦ୍ଧିଜୀବୀ ମାନେ ଦାବିକରିଛନ୍ତି ଯେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ।





ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ କଣେ ୨ ଲକ୍ଷ ଇନାମୀ ମହିଳା ମାଓବାଦୀ ଗିରଫ ହୋଇଛି । ସୂଚନା ଅନୁଯାୟୀ ସୁକୁମା ଜିଲ୍ଲାର ଜାଗରଗୁଣ୍ଡା ଥାନା ଅଞ୍ଚଳରେ ଜିଲ୍ଲା ପୋଲିସ, ଡିଆରଜି ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ମିଳିତ ରୂପେ ମାଓ ଦମନ ଅପରେସନ ଆରମ୍ଭ କରାଯାଇଥିଲା । ଏହି ସମୟରେ ଗୋଣ୍ଡାଲି ଆଖପାଖ ଅଞ୍ଚଳ ଅଭିମୁଖେ ତଲାସି ଅଭିଯାନ ବେଳେ ଜଣେ ମହିଳାଙ୍କୁ ଜଙ୍ଗଲ ମଧ୍ୟରେ ଲୁଚି ପଳାଉଥିବା ଦେଖି ସନ୍ଦେହ କରି ତୁରନ୍ତ ତାଙ୍କୁ କାବୁ କରିଥିଲେ । ଏହାପରେ ଉକ୍ତ ମହିଳାଙ୍କୁ ପଚରା ଉଚରା ବେଳେ ସେ ଜଣେ ମାଓବାଦୀ ବୋଲି ସେ ସ୍ୱୀକାର କରିଥିବା ବେଳେ ତା ନାମରେ ୨ ଲକ୍ଷର ଇନାମ ଜାରି ଥିବା ଜଣା ପଡ଼ିଥିଲା । ତୁରନ୍ତ ଯବାନ ମାନେ ତାଙ୍କୁ ଗିରଫ କରିଥିବା ବେଳେ ତାର ନାମ ବୁଧାରୀ ମଲ୍ଲୁ ଓରଫ ଫୁଲୋ ବୋଲି ଜଣା ପଡ଼ିଛି । ଗିରଫ ମହିଳା ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିବା ବେଳେ ତାର ଗିରଫ ପୋଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି ।

## ପାନୀୟ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖରା ଯୋଗୁଁ ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବର୍ଷ ପୂର୍ବ ପୂର୍ବରୁ କିଛି ମେଗା ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି । ନୂଆପଡ଼ାରେ ୧୦୦ ପ୍ରତିଶତ କାମ ସରିଛି । ଏବେ ସୁଦ୍ଧା ୨୨ ଟି ପ୍ରକଳ୍ପ ସରିଲାଣି । ୨୪ ହଜାର ୭୦୦ ଟ୍ୟୁବୱେଲରୁ ୧୭୦୦୦ ଖୋଳା ସରିଲାଣି । ଆମ ରାଜ୍ୟରେ ଖୋଳିବାକୁ ପର୍ଯ୍ୟାପ୍ତ ମେସିନ ନଥିବାରୁ ଆନ୍ଧ୍ରରୁ ଅଧିକ ମେସିନ ଆଣିବାକୁ ଯୋଗାଯୋଗ କରାଯାଉଛି । ୪ ତାରିଖ ସୁଦ୍ଧା ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥିତି ନେଇ ରିପୋର୍ଟ ଦେବାକୁ ସବୁ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠିରେ ଯାହା ଅସୁବିଧା ଅଛି ରିପୋର୍ଟ ଦେବାକୁ କୁହାଯାଇଛି । ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ନୂଆ ମନିଟରିଂ ସିଷ୍ଟମ ରାଜ୍ୟ ସରକାର ହାତକୁ ନେଉଛନ୍ତି । କାହାର କେତେ ପାଣି ଆବଶ୍ୟକ କିଏ ଅଧିକ ନେଉଛି ସେ ନେଇ ରାଜ୍ୟ ସ୍ତରରେ ମନିଟରିଂ ହେବ । ମେଗା ପାନୀୟ ଜଳ ପ୍ରକଳ୍ପରେ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ସମ୍ପର୍କିତ ଅସୁବିଧା ଦେଖାଦେଉଥିଲା । ତାକୁ ଷ୍ଟିମ ଲାଇନ କରାଯାଉଥିବା ବୈଠକରେ ମତ ପ୍ରକାଶ ପାଇଛି ।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ମାମଲା

# ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ(ଭାସ୍କର ନ୍ୟୁଜ୍): ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଏ ସମ୍ପର୍କିତ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ସଙ୍ଗମ ସାହୁ ଓ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଗତ ୨୦୨୨ ମସିହା ନଭେମ୍ବର ମାସରୁ ଉକ୍ତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନାହାନ୍ତି । ୨୦୨୨ ମସିହା ଡିସେମ୍ବର ୧୪ ତାରିଖରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଏହି ବିଶ୍ୱବିଦ୍ୟାଳୟର ଦାୟିତ୍ୱରେ ଅଛନ୍ତି । ଅସ୍ଥାୟୀ କୁଳପତି ଅଢେଇ ବର୍ଷରୁ ଅଧିକ ସମୟ ରହିଲେଣି । ତେବେ ୨୦୨୪ ମସିହା ଜୁନ୍ ୧୩ ତାରିଖରେ ଏହି ପ୍ରସଙ୍ଗରେ ଉଚ୍ଚ ଶିକ୍ଷା ବିଭାଗ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ । ମୟୂରଭଞ୍ଜ ଭଳି ଜନଜାତି ଅଧ୍ୟୁଷିତ ଜିଲ୍ଲାରେ ପ୍ରତିଷ୍ଠିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ଗୁହ୍ୟ କରିଥିବା ଜନସ୍ୱାର୍ଥ ଏହି ମାମଲାରେ ଉଚ୍ଚ ଶିକ୍ଷା ବିଭାଗର ସଚିବ, କୁଳାଧିପତିଙ୍କର ପ୍ରମୁଖ ସଚିବ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳସଚିବ (ରେଜିଷ୍ଟ୍ରାର)ଙ୍କୁ ପକ୍ଷଭୁକ୍ତ କରିଛନ୍ତି ।

## ବାଂଲାଦେଶୀଙ୍କୁ ଫେରାଇବା ପାଇଁ ବ୍ୟବସ୍ଥା କରାଯିବ: କୃଷ୍ଣଚନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାରେ ଅହ୍ୱନ ମୋଡରେ ଗୃହ ଉନ୍ନୟନ ବିଭାଗ । ବିଭାଗ ତରଫରୁ ସର୍ଭେ ଆରମ୍ଭ ହୋଇଛି, ଯେଉଁ ମାନେ ଚିହ୍ନଟ ହେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ବିଶେଷ ଭାବେ ସୁମ ଏରିଆକୁ ଫୋକସରେ ନେବା ସହ ଅନ୍ୟ ଏରିଆରେ ସର୍ଭେ ଆରମ୍ଭ ହୋଇଛି । ଚିହ୍ନଟ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାଙ୍କୁ ଫେରାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ଅବ୍ୟବସ୍ଥା ଓ ଅପରାଧିକ କାର୍ଯ୍ୟକଳାପ ପାଇଁ ଅଧିକାଂଶ କ୍ଷେତ୍ରରେ ବାଂଲାଦେଶୀ ଦାୟୀ । ଏସଟିଏଫ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରଖିଛି ଯେଉଁଠି ଚିହ୍ନଟ ହେବେ ସେ ସ୍ଥାନରେ ଆକ୍ସନ ନିଆଯିବ ଓ ତାଙ୍କ ସ୍ଥାନକୁ ତାଙ୍କୁ ଫେରାଇ ଦିଆଯିବ । ବିଦେଶୀ ଲୋକ ଆମ ଅଞ୍ଚଳରେ ରହି ପାରିବେ ନାହିଁ ବୋଲି ରୋକ୍ ଠୋକ୍ ଶୁଣାଇଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar dated 01052025, I Behuria Jagyanseni Jagan, At-Parimakundapur, Po-Barunadiha, Ps- Rajkanika, Dist.-Kendrapara, Odisha, Pin-754220, declare that I have changed my name from Jagyanseni Behuria to Behuria Jagyanseni Jagan. Henceforth I shall be known as Behuria Jagyanseni Jagan fro all purposes.

Sd/- Behuria Jagyanseni Jagan

### LOST

Notice is hereby given that my "Link Sale Deed" of Smt. China Pradhan D/O- Amin Pradhan vide No- 882/97, Khata No-521 was lost near the Tahsil office, Malkangiri on dated 17/05/2025 and not traceable yet. I sworn an affidavit before the Notary Public, Malkangiri and also lodged FIR with Malkangiri PS vide GD No -017 on dated 20/05/2025 If found inform me please. Mr. Niranjan Sahu S/O-Late Ananda Sahu resident at Sambayaguda, PO/PS/DIST.- Malkangiri Mobile - 9668838172

### AFFIDAVIT

By virtue of an affidavit sworn before the Executive Magistrate, Berhampur, Ganjam dated 20.05.2025, I Narayan Karji, At-Maramaria, Po-Burutala, Dist.-Ganjam, Odisha, Pin-761005, declare that I have changed my Son's name from Brudha Karji to Budha Karjee. Henceforth, He shall be known as Budha Karjee for all purposes.

Sd/- Narayan Karji

### AFFIDAVIT

By virtue of an affidavit sworn before the Executive Magistrate, Bhanjanagar, Ganjam dated 14.05.2025, I, Deepak Kumar Gouda, At-Barakolia, Po-Jhadabhumi, Ps-Jagannathprasad, Dist.-Ganjam, Odisha, Pin-761120 declare that I have changed my daughter's name from Lucky Gouda to Sonakhi Gouda. Henceforth, She shall be known as Sonaki Gouda for all purposes.

Sd/- Deepak Kumar Gouda

**ODISHA CONSTRUCTION CORPORATION LIMITED** CAD-461
**BHUBANESWAR, ODISHA**
PIN: 751012, Tel No.(0674) 2562020,
e-Mail: theoccltd@odishaconstruction.com
GSTIN- 21AAACO2571K2ZM
"e- Procurement Notice No- 09/OCCL/2025-26 (on-line)
On-line Item rate tenders are invited for the following works;

| Sl No | Name of Work | Bid Identification No | Approx value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | TANK IMPROVEMENT/ RENOVATION/ MODERNISATION WORKS OF 13 (thirteen) Nos of Minor Irrigation Projects in Ganjam District (CLUSTER-I) under OIIPCRA Scheme | OCCL_TSI_CL_I/ 2025-26 | Rs.6.69 Crore | Rs. 6,69,000/- | 270 days | From 23/05/2025, 10.00 Hrs to 21/06/2025, 15.00 Hrs. |
| 2 | TANK IMPROVEMENT/ RENOVATION/ MODERNISATION WORKS OF 22 (twenty two) Nos of Minor Irrigation Projects in Boudh & Ganjam Districts (CLUSTER-III) under OIIPCRA Scheme | OCCL_TSI_CL_III /2025-26 | Rs.10.00 Crore | Rs. 10,00,000/- | 270 days | From 23/05/2025, 10.00 Hrs to 21/06/2025, 15.00 Hrs. |
| 3 | TANK IMPROVEMENT/ RENOVATION/ MODERNISATION WORKS OF 07 (seven) Nos of Minor Irrigation Projects in Mayurbhanj District (CLUSTER-IV) under OIIPCRA Scheme | OCCL_TSI_CL_IV /2025-26 | Rs.9.13 Crore | Rs. 9,13,000/- | 270 days | From 23/05/2025, 10.00 Hrs to 21/06/2025, 15.00 Hrs. |

Procurement Officer: Managing Director, OCCL
Date of Opening of the Tender: 21.06.2025, 15.30 Hrs. onwards
Further details can be seen from the e-procurement portal: https://www.tendersodisha.gov.in https://octdms.in https://odishaconstruction.com

MANAGING DIRECTOR

OIPR 34176/11/0035/2526

### ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

#### ୨୫୭ ଆକ୍ରାନ୍ତ

ଯେ, ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ଓ ମାମଲା ବୃଦ୍ଧିକୁ ଦେଖି ବ୍ୟାପକ ବ୍ୟବସ୍ଥା କରାଯାଉଛି ।

#### କେରଳ ମୁହାଁ

ଗ୍ରୀଷ୍ମପ୍ରବାହ ଲାଗିରହିଥିବା ବେଳେ ଆସାମ ଓ କର୍ଣ୍ଣାଟକରେ ପ୍ରବଳ ବର୍ଷାର ତାଣ୍ଡବ ଲାଗିରହିଛି । ବେଙ୍ଗାଲୁରୁରେ ସ୍ଥିତି ଶୋଚନୀୟ ରୂପ ଧାରଣ କରିଛି । ଗତ ୨୪ ଘଣ୍ଟାରେ ବର୍ଷା ଓ ପବନରେ ତିନିଜଣଙ୍କର ମୃତ୍ୟୁ ହୋଇଛି । ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଅନ୍ୟପକ୍ଷରେ ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ କାଳବୈଶାଖୀ ବର୍ଷା ଲାଗିରହିଛି ।

#### ସଚିବଙ୍କ କ୍ଷମତା

କରାଯାଇଛି । ପୂର୍ବରୁ ସଚିବମାନେ କ୍ୟାବିନେଟ୍ ସଂକ୍ରାନ୍ତୀୟ ସମସ୍ତ ନିଷ୍ପତ୍ତି ଓ ପ୍ରସ୍ତାବ ସ୍ଥିର କରୁଥିଲେ ।

#### ରାମମନ୍ଦିରର

ଜ୍ୟୋତି କାହାକୁ ଭେଟିଥିଲେ ଓ ସେମାନଙ୍କ ମଧ୍ୟରେ କେତେ ସମୟ କଥାବାର୍ତ୍ତା ହୋଇଥିବା ତାହା ମଧ୍ୟ ଜାଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଅଯୋଧ୍ୟାର କୌଣସି ବାସିନ୍ଦା ତାଙ୍କୁ କାଣତ ବା ଅଜାଣତରେ କିଛି ସାହାଯ୍ୟ କରିଥିଲେ କି ସେ ପ୍ରଶ୍ନ ମଧ୍ୟ ଉଙ୍କି ମାରୁଛି । ଏହାବ୍ୟତୀତ ଜ୍ୟୋତି କାଶୀବିଶ୍ୱନାଥ ଧାମ ପରିଦର୍ଶନ କରି ସେଠାରେ ମଧ୍ୟ ଭିଡିଓ କରିଥିବା ତଦନ୍ତକାରୀ ସଂସ୍ଥା କହିଛି ।

#### ଜ୍ୟୋତିଙ୍କ ପୁରୀ

ଗତ ଦୁଇ ଦିନ ତଳେ ପୋଲିସ ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ ଯାଇ ଯାଞ୍ଚ କରିବା ସହ ପଚରାଉଚରା କରିଥିଲା । ଗତ ୨୦୨୪ ସେପ୍ଟେମ୍ବର ମାସରେ ଜ୍ୟୋତି ମାଲହୋତ୍ରା ପୁରୀ ଆସି ଶ୍ରୀମନ୍ଦିର ସମେତ ବେଳାଭୂମି ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରିଥିବାରୁ କେଉଁ ଉଦ୍ଦେଶ୍ୟ ନେଇ ସେ ପୁରୀ ଆସିଥିଲେ ତା'କୁ ନେଇ ଚର୍ଚ୍ଚା ଆଲୋଚନା ଏବେ ଲାଗି ରହିଛି । ସେପଟେ ଜ୍ୟୋତି ମାଲହୋତ୍ରାଙ୍କ ସହ ପୁରୀ ଝିଅ ପ୍ରିୟଙ୍କା ସେନାପତିଙ୍କ ଲିଙ୍କ ଥିବା ନେଇ ଜଣାପଡ଼ିବା ପରେ ଗତ ଚାରିଦିନ ହେବ ପ୍ରିୟଙ୍କାଙ୍କୁ ଜେରା କରୁଛି ପୁରୀ ପୋଲିସ । କେନ୍ଦ୍ର, ରାଜ୍ୟର ଗୁଇନ୍ଦା ବିଭାଗ, ହରିୟାଣା ପୋଲିସ ଏବଂ ବିଭିନ୍ନ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସହ ଯୋଗାଯୋଗ ରଖାକରି ପ୍ରିୟଙ୍କାଙ୍କୁ ଜେରା କରୁଛି ପୋଲିସ ବିଶେଷ କରି ପୁରୀର କେଉଁ କେଉଁ ସ୍ଥାନକୁ ଜ୍ୟୋତି ମାଲହୋତ୍ରା ଯାଇଥିଲେ ? କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି କି ନାହିଁ ? ସେନେଇ ପୋଲିସ ତଦନ୍ତ କରୁଛି । ସେହିପରି ଜ୍ୟୋତିଙ୍କ ସହ ପ୍ରିୟଙ୍କା କାଶ୍ମୀର, ପାକିସ୍ତାନର କରତାରପୁର ସହିତ ଅନ୍ୟ କେଉଁ କେଉଁ ସ୍ଥାନକୁ ଯାଇଛନ୍ତି ଏବଂ ଏଥିପାଇଁ କିଏ ପ୍ରିୟଙ୍କାଙ୍କୁ ଅର୍ଥ ଯୋଗାଉଛି ସେ ସମସ୍ତ ଘଟଣାର ଯାଞ୍ଚ କରୁଛି ପୁରୀ ପୋଲିସ । ପ୍ରିୟଙ୍କାଙ୍କ ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟରୁ ଅନେକ ଭିଡିଓ ଡିଲିଟ କରାଯାଇଥିବାବେଳେ ଏହାର ଅନୁଧ୍ୟାନ ମଧ୍ୟ କରୁଛି ପୋଲିସ । ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ ସାଇଟରେ ଶ୍ରୀମନ୍ଦିରର ଡ୍ରୋନ୍ ଫୁଟେଜ ଥିବାରୁ ସେଗୁଡ଼ିକ କିଭଳି ଭିଡିଓ କରିଥିଲେ ସେ ନେଇ ତଦନ୍ତ ହେଉଛି । ସମସ୍ତ ତଦନ୍ତ ସରିବା ପରେ ହିଁ ପୋଲିସ ନିଷ୍କର୍ଷରେ ପହଞ୍ଚିବ ବୋଲି ପୁରୀ ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି । ଗତ ଚାରିଦିନ ହେବ ପ୍ରିୟଙ୍କା ଗଣମାଧ୍ୟମ ସାମ୍ନାକୁ ପ୍ରତିକ୍ରିୟା ଦେବାକୁ ଆସୁନାହାନ୍ତି । ପ୍ରିୟଙ୍କାଙ୍କ ପରିବାର ଲୋକେ ଗତ ଚାରିଦିନ ହେବ ଘର ଭିତରେ ରହୁଥିବାବେଳେ ତାଙ୍କ ସାହି ବାସିନ୍ଦା ଏବଂ ପଡ଼ୋଶୀଙ୍କ ଠାରୁ ଦୂରେଇ ରହିଛନ୍ତି । ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି ଆମେ ସବୁ ଦିଗକୁ ନେଇ ଯାଞ୍ଚ କରୁଛୁ । ଯେତେ ଶୀଘ୍ର ଏକ ନିର୍ଯ୍ୟାସରେ ପହଞ୍ଚିବା ପାଇଁ ଆମେ ତଦନ୍ତ ଜାରି ରଖୁଛୁ । ଯେହେତୁ ତଦନ୍ତ ଚାଲିଛି ଆମେ କୌଣସି ନାର୍ଯ୍ୟାସରେ ପହଞ୍ଚୁନୁ । ବିଭିନ୍ନ ସୁରକ୍ଷା ଏଜେନ୍ସି ସହ ଯୋଗାଯୋଗରେ ଅଛୁ । ଆମ ଭିତରେ ସହଯୋଗ ରହିଛି । ଯାହା ନିର୍ଦ୍ଦେଶ ଆସୁଛି ସେହି ଅନୁଯାୟୀ ତଦନ୍ତ ଚାଲିଛି । ତେବେ ପୁରୀର ୟୁଟ୍ୟୁବର ପ୍ରିୟଙ୍କାଙ୍କ ସୋସିଆଲ ମିଡ଼ିଆରେ ଶ୍ରୀମନ୍ଦିରର ଏକ ଡ୍ରୋନ ଭିଡିଓ ଅପଲୋଡ୍ ହୋଇଥିଲା । ଏହା କେବେ କିଭଳି କରାଯାଇଥିଲା ତାହା ଆମେ ଅନୁସନ୍ଧାନ କରୁଛୁ । ପ୍ରିୟଙ୍କା ସୋସିଆଲ ମିଡ଼ିଆ ଆକାଉଣ୍ଟ, ବ୍ୟାଙ୍କ ଆକାଉଣ୍ଟ କୁ ପୋଲିସ କାଞ୍ଚ କରୁଛି । ତେବେ ସମ୍ପୂର୍ଣ୍ଣ ତଦନ୍ତ ସରିବା ପରେ ହିଁ ଆମେ କହିପାରିବା ଜ୍ୟୋତି ମାଲହୋତ୍ରାଙ୍କ ସହ ପୁରୀ ପ୍ରିୟଙ୍କା ସେନାପତି ଙ୍କ କଣ ଲିଙ୍କ ରହିଛି । ଶ୍ରୀ ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସର ମ୍ୟାନେଜର ଦିଲୀପ କହିଛନ୍ତି ଜ୍ୟୋତି ମାଲହୋତ୍ରା ଭକ୍ତ ନିବାସରେ ରହିବା ଭିତରେ ତାଙ୍କ ପାଖକୁ କେହି ବ୍ୟକ୍ତି ଆସିନଥିଲେ । ତାଙ୍କର ବ୍ୟବହାର ଭଲ ଥିଲା । କୌଣସି ସନ୍ଦେହ ଜନକ କାର୍ଯ୍ୟକଳାପ ନଥିଲା । ପ୍ରିୟଙ୍କା ସେନାପତିଙ୍କୁ ମୁଁ ଜାଣିନି । କେହିବି ବ୍ୟକ୍ତି ବି ଜ୍ୟୋତି ମାଲହୋତ୍ରାଙ୍କ ରୁମ୍ କୁ ଆସିନଥିଲେ । ଜ୍ୟୋତି ପାକିସ୍ତାନ ଗୁପ୍ତଚର ଭାବେ ଗିରଫ ହେବା ପରେ ପୁରୀ ପୋଲିସ ପକ୍ଷରୁ ଏକ ଟିମ୍ ଆସି ଆମକୁ ପଚରାଉଚରା କରିଥିଲା । ଆମେ ପୋଲିସକୁ ସମସ୍ତ ତଥ୍ୟ ଦେଇଛୁ । ଯେହେତୁ ଏହା ଦେଶର ସୁରକ୍ଷା ବ୍ୟବସ୍ଥା କଥା । ଆମେ ପୋଲିସକୁ ସବୁ ସୂଚନା ଦେବାରେ ସହଯୋଗ କରୁଛୁ ।

### AFFIDAVIT

By virtue of an affidavit sworn before the Executive Magistrate, Darpan, Dhanmandal dated 09/04/2025, I Pramila Jena, Address/ village-Padmalavapur, Po-Sipura, Ps-Balichandrapur, Dist-Jajpur, Odisha, Pin-754205, declare that I have changed my name from Mamata Jena to Pramila Jena. Henceforth, he shall be known as Pramila Jena for all purposes.

Sd/- Pramila Jena

### AFFIDAVIT

By virtue of an affidavit sworn before the Executive Magistrate, Badasahi, Mayurbhanj dated 17/05/2025, I I Sombari Soren, Address: At-Guhaldihi, Po-Suhagpur, Ps-Badasahi, Dist-Mayurbhanj, Odisha, Pin-757026, declare that I have changed my name from Sombari Tudu to Sombari Soren. Henceforth, I shall be known as Sombari Soren for all purposes.

Sd/- Sombari Soren

### AFFIDAVIT

By virtue of an affidavit sworn before the Executive Magistrate, Polasara, Ganjam dated 09/04/2025, I Prasana Nahak, Address: At-Khadal sahi, Po-Mandar, Ps- Polasara, Dist-Ganjam, Odisha, Pin-761117, declare that I have changed my son's name from Purna Nahak to Purna chandra Nahak. Henceforth, he shall be known as Purna Chandra Nahak for all purposes.

Sd/- Prasana Nahak

### AFFIDAVIT

By virtue of an affidavit sworn before the Executive Magistrate, Athagarh dated 16.05.2025, I Shardhananda Samal, Village-Gobara, Po-Gobara, Ps-Gurudijhatia, Dist.-Cuttack, Odisha, Pin-754028, declare that I ahve changed my son's name from Ganesh Samal to Ganeswar Samal. Henceforth He shall be known as Ganeswar Samal for all purposes.

Sd/- Shardhananda Samal

B-143

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com

No. 2334 Date 19-05-2025
**Invitation For Bids**
Bid Identification No. SER&BKHR - 03 /2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in single cover system in ONLINE MODE only. | |
| 2 | Nature of work | Construction of Parking Shed &Store Room. |
| 3 | No. of work | 02Nos. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 29.05.2025 to 17.00 Hours of 05.06.2025 |
| 7 | Date of opening of Technical Bid | Dt. 06.06.2025 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Superintending Engineer, Khariar (R&B) Division, Khariar

OIPR 34062/11/0022/2526

B-144

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eerroads.khr@rediffmail.com

No. 2315 Date 19-05-2025
**Invitation For Bids**
Bid Identification No. SER&BKHR - 02 /2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids (Civil+EI+PH) in Double cover system in ONLINE MODE only. | |
| 2 | Nature of work | Construction of Office-cum-Residence of the Junior Engineer, Komna (R&B) Section,Nuapada in the premises of Nuapada (R&B) Sub-Division in the district of Nuapada for the year 2025-26. |
| 3 | No. of work | 01 Nos. work. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 29.05.2025 to 17.00 Hours of 10.06.2025 |
| 7 | Date of opening of Technical Bid | Dt. 11.06.2025 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Superintending Engineer, Khariar (R&B) Division, Khariar

OIPR 34062/11/0021/2526

### ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ ନଂ. ୧୭-ଇ-ଟେଣ୍ଡର-ଡବ୍ଲ୍ୟୁଟି-୨୦୨୫-୨୬, ୧୮-ଇ-ଟେଣ୍ଡର-ଡବ୍ଲ୍ୟୁଟି-୨୦୨୫-୨୬ ଏବଂ ୨୦-ଇ-ଟେଣ୍ଡର-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ ୧୯.୦୫.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ତରଫରୁ ସିନିୟର ଡିଭିଜନାଲ ଇଞ୍ଜିନିୟର (କୋ) / ଦକ୍ଷିଣ ପୂର୍ବ ରେଳପଥ, ଖୋର୍ଦ୍ଧା ରୋଡ଼ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ... IREPS ...

http://www.ireps.gov.in

(PR-178)

ଓଡ଼ିଶା ସରକାର XXIV-10
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
********

ଅଧିସୂଚନା

File No.COL/JAJ/IVL/2023/1233/LAO-TDR Jajpur) dated- 19.02.25

ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି ଯେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ବିଆନାଳୀକୁ ଠାରୁ ସିଦ୍ଧେଶ୍ୱରମୁହାଣ ଭାୟା ମାନସାପୋଲ-ଅଠଳଗ-ପ୍ରହରାଜପୁର ବାଇପାସ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ୟୁନିଟ-୧୪ (ବିରକାକ୍ଷେତ୍ର), ଥାନା- ଯାଜପୁର ନଂ ୨୧୩ , ତହସିଲ- ଯାଜପୁର, ଜିଲ୍ଲା- ଯାଜପୁର ରେ ନିମ୍ନ ତପସିଲ ମତେ ପ୍ରାୟ ୧୦.୭୨୧ ଏକର ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013) ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏହି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ଋଜକା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ବିଆନାଳୀକୁ ଠାରୁ ସିଦ୍ଧେଶ୍ୱରମୁହାଣ ଭାୟା ମାନସାପୋଲ-ଅଠଳଗ-ପ୍ରହରାଜପୁର ବାଇପାସ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଗ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ବିଆନାଳୀକୁ ଠାରୁ ସିଦ୍ଧେଶ୍ୱରମୁହାଣ ଭାୟା ମାନସାପୋଲ-ଅଠଳଗ-ପ୍ରହରାଜପୁର ବାଇପାସ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୪୫୦୭୬/୨୧.୧୨.୨୦୧୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ଯାଜପୁର ।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ ର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ-୧୪ (ବିରକାକ୍ଷେତ୍ର) | ସହରାଞ୍ଚଳ | ଏହିସହିତ ସଂଲଗ୍ନ | ଏହିସହିତ ସଂଲଗ୍ନ | ୧୨.୭୩୭ ଡି | ୧୦.୭୨୧ ଡି | ଏହି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର ଯାଜପୁରଙ୍କ କାର୍ଯ୍ୟାଳୟ ଯାଜପୁରରେ କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ଭୂମି ଅନୁସୂଚୀ**

ପ୍ରକଳ୍ପ- ବିଆନାଳୀକୁ ଠାରୁ ସିଦ୍ଧେଶ୍ୱରମୁହାଣ ଭାୟା ମାନସାପୋଲ-ଅଠଳଗ-ପ୍ରହରାଜପୁର ବାଇପାସ ରାସ୍ତା ନିର୍ମାଣ (ଅତିରିକ୍ତ)
ମୌଜା-ୟୁନିଟ-୧୪ ବିରକାକ୍ଷେତ୍ର, ଥାନା ନଂ-୨୧୩, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୨୨ | ୫ | ୦.୧୦୦ | ୦.୦୨୬ | ଗରଜମି-୨ | ବଂଶୀଧର ପୃଷ୍ଟି ପି-ଲକ୍ଷ୍ମଣ ପୃଷ୍ଟି ଜା-ଗଉଡ଼ ବା-ସିଦ୍ଧେଶ୍ୱର ପୁର | |
| ୨ | ୧୪୪ | ୧୧ | ୦.୧୦୦ | ୦.୦୦୪ | ଗରଜମି-୨ | ବିଜୟ କୁମାର ସାହୁ, ଜନାର୍ଦ୍ଦନ ସାହୁ | |
| ୩ | ୧୪୪ | ୧୨ | ୦.୧୦୦ | ୦.୦୦୪ | ବଗିଚା-୨ | [illegible] | |
| ୪ | ୧୪୪ | ୧୩ | ୦.୧୦୮ | ୦.୦୨୦ | ବୁଦା | [illegible] | |
| ୫ | ୧୪୪ | ୧୪ | ୦.୨୬୬ | ୦.୦୭୦ | ଜଳାଶୟ-୧ | [illegible] | |
| ୬ | ୧୪୧ | ୧୫ | ୦.୦୨୦ | ୦.୦୨୦ | ବୁଦା | [illegible] | |
| ୭ | ୧୪୧ | ୧୬ | ୦.୦୭୦ | ୦.୦୫୪ | ଗରଜମି-୨ | [illegible] | |
| ୮ | ୧୪୧ | ୧୭ | ୦.୩୮୪ | ୦.୧୬୦ | ଗରଜମି-୨ | [illegible] | |
| ୯ | ୧୪୧ | ୧୮ | ୦.୦୪୦ | ୦.୦୨୦ | ଗରଜମି-୨ | [illegible] | |
| ୧୦ | ୧୪୧ | ୧୯/୧୧୧୮ | ୦.୦୮୪ | ୦.୦୫୪ | ଗରଜମି-୨ | [illegible] | |
| ୧୧ | ୧୪୩ | ୪୬ | ୦.୦୨୦ | ୦.୦୨୦ | ବୁଦା | [illegible] | |
| ୧୨ | ୧୪୩ | ୪୭ | ୦.୧୬୨ | ୦.୦୪୮ | ଜଳାଶୟ-୨ | [illegible] | |
| ୧୩ | ୧୪୩ | ୫୦ | ୦.୦୨୦ | ୦.୦୦୪ | ଶାରଦ ଜଳ-୧ | [illegible] | |
| ୧୪ | ୧୪୩ | ୫୧ | ୦.୧୯୪ | ୦.୦୭୦ | ଶାରଦ ଜଳ-୧ | [illegible] | |
| ୧୫ | ୨୪୬/୧୩୮ | ୮ | ୦.୦୫୦ | ୦.୦୪୦ | ଶାରଦ ଜଳ-୨ | [illegible] | |
| ୧୬ | ୧୪୯ | ୮୨ | ୦.୦୬୫ | ୦.୦୪୦ | ଶାରଦ ଜଳ-୨ | [illegible] | |
| ୧୭ | ୨୪୬/୨୪୯ | ୮୪ | ୦.୦୭୫ | ୦.୦୨୦ | ଶାରଦ ଜଳ-୧ | ସୁରେନ୍ଦ୍ର କୁମାର ସାହୁ ... | |
| | | ମୋଟ | | ୦.୭୨୧ | | | |

ତହସିଲଦାର ତଥା-ଭୂ-ଅର୍ଜନ ଅଧିକାରୀ ଯାଜପୁର

OIPR 24163/14/0063/2526

Government of Jharkhand
**Department of Information Technology and e-Governance**
3rd Floor, Jharkhand Mantralaya, Dhurwa, Ranchi-834004

**Cancellation Notice**

This is to inform you that tender reference no. ASA/MPLS/1/2025-UID/001 and Advertisement PR.No. 350541 have been cancelled.

Sd/-
Joint Secretary,
DoIT & e-Gov.

PR 352998 Information Technology(25-26)D



ନୂଆଦିଲ୍ଲୀ : ସୁଖୋଇ ଫାଇଟର ଜେଟ୍ । ମାଁ ଯେମିତି କାମ କି ଦେଖିଛି । ଶତ୍ରୁ ଶିବିରକୁ ଥରହର କରି ଦିଏ ଏହି ଶକ୍ତିଶାଳୀ ଫାଇଟର ଜେଟ୍ ସୁଖୋଇ । ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ହମଲା ପରେ ଭାରତ ପାକିସ୍ତାନର ଆତଙ୍କବାଦ ଶକ୍ତ ପ୍ରହାର କରି, ଅନେକ ଆତଙ୍କୀ ଠିକଣାକୁ ଧ୍ୱଂସବିଧ୍ୱଂସ କରି ଦେଇଥିଲା । ଭାରତୀୟ ସଶସ୍ତ୍ର ବାହିନୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଅପରେସନ ସିନ୍ଦୂର' ବେଳେ ଭାରତ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ, ଅନେକ ଆତଙ୍କୀ ଠିକଣା ଉପରେ ସଠିକ୍ ଟାର୍ଗେଟ୍ କରିଥିଲା । ଏଥିରେ ଭାରତର ସୁଖୋଇ ଏସୟୁ-୩୦ ଏମକେଆଇ ବିମାନଗୁଡ଼ିକର ପୁଣି ଥରେ ନିଜର ଉପଯୋଗିତା ସାବ୍ୟସ୍ତ କରି ପାରିଥିଲେ । ଏବେ ରୁଷ୍ ଏହି ବିମାନର ନୂଆ ଭର୍ସନ ଲଞ୍ଚ କରିଛି । ରୁଷ୍ ସୁଖୋଇ ଏସୟୁ-୫୭ର ଫାଇଟର ଜେଟ୍‌ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆସିଷ୍ଟେଡ୍ ଭର୍ସନର ସଫଳ ପରୀକ୍ଷଣ କରାଯାଇଛି ।

## ଲ' ଗ୍ରାଜୁଏଟ୍ ସିଧାସଳଖ ଦେଇ ପାରିବେନି ସିଭିଲ୍ ଜଜ୍ ପରୀକ୍ଷା: ସିଜେଆଇ



ନୂଆଦିଲ୍ଲୀ: ମଙ୍ଗଳବାର ସୁପ୍ରିମକୋର୍ଟ ନିମ୍ନ ଅଦାଲତ ବିଚାରପତି ଅର୍ଥାତ ଜୁନିଅର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଏହି ପଦବୀଗୁଡ଼ିକ ପାଇଁ ପରୀକ୍ଷା ଦେବା ଲାଗି, ଜଣେ ପ୍ରାର୍ଥୀଙ୍କର ଅତି କମରେ ତିନିବର୍ଷ ଆଇନ ଅଭ୍ୟାସ ବା ଲ ପ୍ରାକ୍ଟିସ ଥିବା ଆବଶ୍ୟକ, ଅର୍ଥାତ ଆଇନରେ ସ୍ନାତକ ହାସଲ କରିବା ପରେ ତିନି ବର୍ଷ ପାଇଁ ଓକିଲ ଭାବରେ କାର୍ଯ୍ୟ କଲେ ହିଁ ସେ ପରୀକ୍ଷା ଦେଇପାରିବେ । ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇ, ବିଚାରପତି ଏଜି ମାସିହ ଏବଂ ବିଚାରପତି ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ଦେଇଛନ୍ତି । ସିଜେଆଇ ଗଭାଇ କହିଛନ୍ତି ଯେ ନୂତନ ଆଇନ ସ୍ନାତକମାନେ ସିଧାସଳଖ ଜୁନିଅର ଡିଭିଜନ ସିଭିଲ ଜଜ ପରୀକ୍ଷା ଦେଇପାରିବେ ନାହିଁ, ସେମାନଙ୍କୁ ଅତି କମରେ ୩ ବର୍ଷ ଅଭ୍ୟାସ କରିବା ପରେ ହିଁ ବିଚାରପତିଙ୍କ ପରୀକ୍ଷା ଦେବାକୁ ପଡିବ । ସିନିୟର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତିରେ ଜୁନିଅର ସିଭିଲ ଜଜଙ୍କ ପାଇଁ ୨୫ ପ୍ରତିଶତ ବିଭାଗଗତ ସଂରକ୍ଷଣ ରହିଛି ବୋଲି ସିଜେଆଇ କହିଛନ୍ତି । କୋର୍ଟ କହିଛନ୍ତି ଯେ ନାମାଙ୍କନ ତାରିଖରୁ ତିନି ବର୍ଷର ଅବଧିକୁ ବିଚାର କରାଯାଇପାରିବ । ଏହି ସର୍ତ୍ତ ସେହି ପରୀକ୍ଷାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ ନାହିଁ ଯେଉଁମାନଙ୍କର ପ୍ରକ୍ରିୟା ହାଇକୋର୍ଟ ଦ୍ୱାରା ଆରମ୍ଭ ହୋଇଛି । ବର୍ତ୍ତମାନ, ସୁପ୍ରିମକୋର୍ଟର ଏହି ନିୟମ ଏହି ପରୀକ୍ଷାରେ ଯୋଗ ଦେଉଥିବା ପ୍ରାର୍ଥୀଙ୍କ ଉପରେ ପ୍ରଯୁଜ୍ୟ ହେବ ନାହିଁ, କିନ୍ତୁ ଆଗାମୀ ପରୀକ୍ଷାରେ ପ୍ରାର୍ଥୀମାନଙ୍କୁ ଏହି ସର୍ତ୍ତ ପୂରଣ କରିବାକୁ ପଡିବ । କୋର୍ଟ ପ୍ରାର୍ଥୀମାନଙ୍କୁ ଆଶ୍ୱସ୍ତି ଦେଇଛନ୍ତି ଯେ ଦଶ ବର୍ଷ ଧରି କାର୍ଯ୍ୟ କରୁଥିବା ଓକିଲଙ୍କ ପ୍ରମାଣପତ୍ର ବୈଧ ହେବ, କିନ୍ତୁ ଓକିଲଙ୍କୁ ସେହି ଷ୍ଟେଶନର ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତି ଦିଆଯିବା ଉଚିତ । ଏହାର ଅର୍ଥ ହେଉଛି ଯଦି ଜଣେ ପ୍ରାର୍ଥୀ ଏପରି ଓକିଲଙ୍କ ସହିତ ତିନି ବର୍ଷ ପାଇଁ ଅଭ୍ୟାସ କରନ୍ତି, ତେବେ ସେ ଜୁନିଅର ଜଜ ପରୀକ୍ଷା ପାଇଁ ଯୋଗ୍ୟ ହେବେ । ଯଦି ଜଣେ ଓକିଲ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟରେ ଦଶ ବର୍ଷ ଧରି ଅଭ୍ୟାସ କରୁଛନ୍ତି ଏବଂ ପ୍ରାର୍ଥୀ ତାଙ୍କ ସହିତ ତିନି ବର୍ଷ ଧରି କାମ କରୁଛନ୍ତି, ତେବେ ସେହି ଓକିଲଙ୍କୁ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବାକୁ ପଡିବ । ଏହା ବ୍ୟତୀତ, ତିନି ବର୍ଷ ଧରି ଆଇନ କ୍ଲର୍କ ଭାବରେ କାମ କରିଥିବା ପ୍ରାର୍ଥୀ ମଧ୍ୟ ପରୀକ୍ଷା ଦେଇପାରିବେ । ସୁପ୍ରିମକୋର୍ଟ ବିଶ୍ୱାସ କରନ୍ତି ଯେ ଜଣେ ଆଇନ ସ୍ନାତକ ଯିଏ ଗୋଟିଏ ଦିନ ପାଇଁ ମଧ୍ୟ ଆଇନ ଅଭ୍ୟାସ କରିନାହାଁନ୍ତି, ତାଙ୍କୁ ସିଭିଲ ଜଜ ଭଳି ପଦବୀରେ ସାମିଲ କରିବା ସମସ୍ୟା ସୃଷ୍ଟି କରିପାରେ । କୋର୍ଟ କହିଛନ୍ତି ଯେ ଏହି ପ୍ରଥା ୨୦ବର୍ଷ ଧରି ଚାଲିଆସିଛି, ଯାହାର ଭଲ ଫଳାଫଳ ଆସିନାହିଁ । ଆଇନ ସ୍ନାତକମାନଙ୍କୁ ସିଧାସଳଖ ଏପରି ପଦବୀରେ ନିଯୁକ୍ତି ଦେବା ଦ୍ୱାରା ଅନେକ ସମସ୍ୟା ଉପୁଜେ । କୋର୍ଟ କହିଛନ୍ତି ଯେ କେବଳ ଆଇନ ପୁସ୍ତକ ପଢ଼ି କିମ୍ବା ତାଲିମ ଦ୍ୱାରା କୋର୍ଟ ବ୍ୟବସ୍ଥାର ଜ୍ଞାନ ହାସଲ କରାଯାଇପାରିବ ନାହିଁ, ଏହା କେବଳ ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ପ୍ରାର୍ଥୀ କୋର୍ଟର କାର୍ଯ୍ୟକାରିତା ଏବଂ କୋର୍ଟରେ ଓକିଲ ଏବଂ ବିଚାରପତିମାନେ କିପରି କାମ କରନ୍ତି ସେ ବିଷୟରେ ଜାଣିପାରିବେ ।

## ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୪ ମୃତ

ଭିକାରାବାଦ: ତେଲଙ୍ଗାନାର ଭିକାରାବାଦ ଜିଲ୍ଲା ପାରିଗି ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ବସ୍-ଟ୍ରକ ମୁହାଁମୁହିଁ ଧକ୍କା ହୋଇ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଆହତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ମୁତାବକ, ବିବାହ ଉତ୍ସବରେ ଯୋଗଦେଇ ଲୋକଙ୍କୁ ଧରି ଫେରୁଥିବା ଏକ ବସ୍ ମଙ୍ଗଳବାର ଭୋରରେ ଏକ ସିମେଣ୍ଟ ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ତୁରନ୍ତ ହାଇଦ୍ରାବାଦର ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି ।

### ବନ୍ଦ ହେବ ରୁଷ୍-ୟୁକ୍ରେନ୍ ଯୁଦ୍ଧ

## ଜେଲେନ୍‌ସ୍କି ଓ ପୁଟିନ୍‌ଙ୍କ ସହ ଟ୍ରମ୍ପଙ୍କ ଆଲୋଚନା



ନୂଆଦିଲ୍ଲୀ: ବନ୍ଦ ହେବ ୩ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ରୁଷ ଓ ୟୁକ୍ରେନ୍ ଯୁଦ୍ଧ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଭୟ ଦେଶର ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି । ସୋମବାର ବିଳମ୍ବିତ ରାତିରେ ରୁଷ ପ୍ରତିପକ୍ଷ ଭ୍ଲାଦିମିର ପୁଟିନଙ୍କ ସହ ଦୀର୍ଘ ୨ ଘଣ୍ଟା ଧରି ଫୋନ ଯୋଗେ ଆଲୋଚନା ହୋଇଥିଲା । ସୂଚନା ଅନୁଯାୟୀ ପୁଟିନ୍ ୟୁକ୍ରେନ୍ ସହ ଅସ୍ତ୍ରବିରତି ରାଜିନାମାରେ ସ୍ୱାକ୍ଷର କରିବା ପାଇଁ ପ୍ରସ୍ତୁତ ରହିଛନ୍ତି । ଆଲୋଚନା କାଳରେ ଯୁଦ୍ଧବିରତି, ସ୍ଥାୟୀ ଶାନ୍ତି ପାଇଁ ଅନୁକୂଳ ପଦକ୍ଷେପ ଗ୍ରହଣ କରାଯିବା ଉପରେ ପୁଟିନ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ମଧ୍ୟ ଫୋନରେ କଥାବାର୍ତ୍ତା କରିଛନ୍ତି । ଆଲୋଚନାରୁ ୟୁକ୍ରେନ ନିସର୍ତ୍ତ ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି । ଟ୍ରମ୍ପଙ୍କ ଆଲୋଚନା ପରେ ଉଭୟ ୟୁକ୍ରେନ-ରୁଷ ଏକ ଶାନ୍ତିପୂର୍ଣ୍ଣ ଓ ବିଶ୍ୱସନୀୟ ଆଲୋଚନା ଚାହୁଁଛନ୍ତି ବୋଲି କହିଛନ୍ତି । ବିବାଦ ଓ ଯୁଦ୍ଧକୁ ବନ୍ଦ କରିବା ପାଇଁ ଉଭୟ ରାଜି ଥିବା ଏବଂ ବିଶ୍ୱରେ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ଉଭୟ ରାଷ୍ଟ୍ର ସମ୍ମତି ପ୍ରକାଶ କରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଭୁଲ୍ ରାୟ ପାଇଁ କ୍ଷମା ମାଗିଲେ ସୁପ୍ରିମ୍‌କୋର୍ଟ ବିଚାରପତି

ନୂଆଦିଲ୍ଲୀ: ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅଭୟ ଏସ ଓକା ଭୁଲ ରାୟ ପାଇଁ କ୍ଷମା ମାଗିଛନ୍ତି ସୁପ୍ରିମକୋର୍ଟ ବିଚାରପତି । ରୋଇ ହିଂସା ମାମଲାରେ ଦେଇଥିବା ଭୁଲ ରାୟକୁ ସେ ମାନିଛନ୍ତି । ସେ କହିଛନ୍ତି, ବିଚାରପତିମାନେ ମଧ୍ୟ ମଣିଷ ଏବଂ ନିଷ୍ପତ୍ତି ଦେବା ସମୟରେ ସେମାନେ ଭୁଲ କରିପାରନ୍ତି । ୨୦୧୬ ମସିହାରେ ବମ୍ବେ ହାଇକୋର୍ଟରେ ବିଚାରପତି ଥିବାବେଳେ ସେ ଘରୋଇ ହିଂସା ଆଇନର ବ୍ୟାଖ୍ୟା କରିବାରେ ଭୁଲ ରାୟ ଦେଇଥିଲେ । ବିଚାରପତିମାନଙ୍କ ପାଇଁ ଶିଖିବା ପ୍ରକ୍ରିୟା କେବେ ଶେଷ ହୁଏ ନାହିଁ ଏବଂ ସେମାନେ ସେମାନଙ୍କର ଭୁଲ ସଂଶୋଧନ କରିବାର ଦାୟିତ୍ୱ ନେବା ଉଚିତ । ଘରୋଇ ହିଂସା ଆଇନ ଅନୁଯାୟୀ, ଯେକୌଣସି ପୀଡିତା ମହିଳା କ୍ଷତିପୂରଣ କିମ୍ବା ଅନ୍ୟାନ୍ୟ ସହାୟତା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିପାରିବେ । ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ, ଫୌଜଦାରୀ କାର୍ଯ୍ୟବିଧି ସଂହିତା (ଉକ୍ସଚଉ)ର ଧାରା ୪୮୨ ଅନୁଯାୟୀ, ଏପରି ଆବେଦନଗୁଡ଼ିକୁ ଖାରଜ କରିବାର ଅଧିକାର ହାଇକୋର୍ଟର ଅଛି । କିନ୍ତୁ ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟ ଏହି କ୍ଷମତାକୁ ବହୁତ ଭାବିଚିନ୍ତି ଏବଂ ସତର୍କତାର ସହିତ ବ୍ୟବହାର କରିବା ଉଚିତ । ଯେତେବେଳେ ମାମଲାଟି ସମ୍ପୂର୍ଣ୍ଣ ବେଆଇନ ହୋଇଥାଏ କିମ୍ବା ଆଇନ ପ୍ରକ୍ରିୟାର ଅପବ୍ୟବହାର କରାଯାଏ, ସେତେବେଳେ ହିଁ ହସ୍ତକ୍ଷେପ କରାଯିବା ଉଚିତ । ଜଷ୍ଟିସ ଓକା କହିଛନ୍ତି, ୨୦୧୬ ମସିହାରେ ବମ୍ବେ ହାଇକୋର୍ଟରେ ଏକ ରାୟରେ ସେ କହିଥିଲେ ଯେ ଘରୋଇ ହିଂସା ଆଇନ ଅନୁଯାୟୀ ଆବେଦନକୁ ଖାରଜ କରିବା ପାଇଁ ଉକ୍ସଚଉର ଧାରା ୪୮୨ ବ୍ୟବହାର କରାଯାଇପାରିବ ନାହିଁ । କିନ୍ତୁ ପରେ ବମ୍ବେ ହାଇକୋର୍ଟର ପୂର୍ଣ୍ଣ ଖଣ୍ଡପୀଠ ଏହି ମତକୁ ଭୁଲ ଘୋଷଣା କରିଥିଲେ । ଆମର ଭୁଲକୁ ସ୍ୱୀକାର କରିବା ଏବଂ ସେଗୁଡ଼ିକୁ ସଂଶୋଧନ କରିବା ଆମର କର୍ତ୍ତବ୍ୟ । ବିଚାରପତିମାନଙ୍କ ପାଇଁ ମଧ୍ୟ ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା । ଏହି ଆଇନ ସମ୍ପର୍କରେ, ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ ଯେ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ଘରୋଇ ହିଂସା ଆଇନ ତିଆରି କରାଯାଇଛି । ଯଦି ହାଇକୋର୍ଟ ଚିନ୍ତା ନକରି ଏପରି ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଚାଲିବେ, ତେବେ ଏହି ଆଇନର ଉଦ୍ଦେଶ୍ୟ ହିଁ ନଷ୍ଟ ହୋଇଯିବ । ମହିଳାଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ କୋର୍ଟ ହାଇକୋର୍ଟଙ୍କୁ ଏପରି ମାମଲାରେ ସଂଯମତା ଅବଲମ୍ବନ କରିବାକୁ ଏବଂ ହସ୍ତକ୍ଷେପ ଏଡାଇବାକୁ ନିବେଦନ କରିଥିଲେ । ଜଷ୍ଟିସ ଓକାଙ୍କ ଏହି ପଦକ୍ଷେପ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରେ । ସେ ନିଜର ଭୁଲ ସ୍ୱୀକାର କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି,ଆଇନର ଉଦ୍ଦେଶ୍ୟ ପୂରଣ ହେବା ଏବଂ ମହିଳାମାନେ ନ୍ୟାୟ ପାଇବା ପାଇଁ ହାଇକୋର୍ଟ ସତର୍କ ରହିବା ଉଚିତ । ଏହି ନିଷ୍ପତ୍ତି ଘରୋଇ ହିଂସା ବିରୋଧରେ ଲଢ଼ିବାରେ ଏକ ବଡ଼ ପଦକ୍ଷେପ ।

## ହୁତୁ ହୁତୁ ହୋଇ ଜଳିଗଲା ଇଞ୍ଜିନ୍ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

କୋଲକାତା: ଚଳନ୍ତା ଟ୍ରେନରେ ନିଆଁ । ଯାତ୍ରୀଙ୍କୁ ନେଇ ଯିବା ବେଳେ ଟ୍ରେନରେ ଲାଗିଲା ନିଆଁ । ଯାତ୍ରୀବାହୀ ଟ୍ରେନରେ ଭୟଙ୍କର ଅଗ୍ନିକାଣ୍ଡ । ଟ୍ରେନର ଇଞ୍ଜିନରେ ଲାଗିଗଲା ନିଆଁ । ପଶ୍ଚିମବଙ୍ଗ ଉତ୍ତର ଦୀନାଜପୁର ଗସାଲ ରେଳ ଷ୍ଟେସନ ନିକଟରେ ଡିଏମଓ ଟ୍ରେନରେ ନିଆଁ ଲାଗିଥିବା ସୂଚନା । ଅଗ୍ନିକାଣ୍ଡ ପରେ ନିଆଁକୁ ଅଗ୍ନିଶମ ବାହିନୀ ଆୟତ୍ତ କରିଥିବା ବେଳେ ଭୟଭୀତ ହୋଇପଡିଥିଲେ ଯାତ୍ରୀ । ନିଆଁ ଲାଗିବା ପରେ ସଙ୍ଗେସଙ୍ଗେ ଟ୍ରେନକୁ ଅଟକାଯାଇଥିଲା ଏବଂ ନିଆଁକୁ ଆୟତ୍ତ କରାଯାଇଥିଲା । ତେବେ ଅଗ୍ନିକାଣ୍ଡରେ କାହାରି କିଛି ହୋଇନି । ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ କୁହାଯାଇପାରେ ଏକ ବଡ ଅଘଟଣରୁ ଅଳ୍ପକେ ବର୍ତ୍ତିଲା ଟ୍ରେନ୍ । ସେପଟେ ସୋସିଆଲ ମିଡିଆ ଏକ୍ସରେ କିଛି ଯାତ୍ରୀ ଭିଡିଓ ସେୟାର କରିଥିବା ବେଳେ ଏହା ବିହାର କିଶାନଗଞ୍ଜ ନିକଟରେ ବୋଲି କହି ଭିଡିଓ ପୋଷ୍ଟ କରିଛନ୍ତି । ଏବଂ ଟ୍ରେନଟି ସିଲିଗୁଡିରୁ ମାଲଦା ଯାଉଥିବା ବେଳେ ଅଗ୍ନିକାଣ୍ଡର ଶିକାର ହୋଇଛି ବୋଲି କୁହାଯାଉଛି ।

## ହିତାଧିକାରୀଙ୍କୁ ଗୃହ ପ୍ରଦାନ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ସୁଶାସନ ତିହାର ଅନ୍ତର୍ଗତ ମୁରମୁଣ୍ଡା ଗାଁରେ ଅଟଳ ଆବାସ ଯୋଜନାରେ ନିର୍ମାଣ କରାଯାଇଥିବା ୨୨୬ଟି ନୂତନ ଗୃହକୁ ହିତାଧିକାରୀମାନଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ସେ ସେହି ଗ୍ରାମର ତୁଷାର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ସପରିବାର ପ୍ରଥମେ ଗୃହ ପ୍ରବେଶ କରାଇଥିଲେ । ସେ କହିଥିଲେ ଆପଣଙ୍କ ଦୀର୍ଘବର୍ଷର ସ୍ୱପ୍ନ ଆଜି ପୂରଣ ହୋଇପାରିଛି । ରାଜ୍ୟର ବିଜେପି ସରକାର କେବଳ ପ୍ରଶାସନିକ କ୍ଷେତ୍ରରେ ନୁହେଁ, ଜନକଲ୍ୟାଣକାରୀ ଯୋଜନାରେ ମଧ୍ୟ ଲୋକଙ୍କୁ ସାମିଲ୍ କରିବାକୁ ପ୍ରାଥମିକତା ଦେଉଛନ୍ତି । ଏହି ଅବସରରେ ଶ୍ରୀ ସାଏ ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କୁ ସ୍ୱାଭିମାନ ସହ ତଥା ଗରିମାପୂର୍ଣ୍ଣ ଜୀବନଯାପନ କରିବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଅଟଳ ଆବାସ ଯୋଜନାରେ କେବଳ ଗୃହ ସୁବିଧା ଦିଆଯାଉନାହିଁ, ଏହା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଏକ ନୂଆ ଦିଶାର ଭୂମିକା ନିର୍ବାହ କରୁଛି । ପଞ୍ଚାୟତ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପ୍ରଥମ ଗୃହ ପାଇଥିବା ତୁଷାର ସାହୁ ଏହି ଅବସରରେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପାଇଁ ମୋର ସ୍ୱପ୍ନ ପୂରଣ ହୋଇପାରିଛି । ଏକ ସୁନ୍ଦର, ସ୍ୱଚ୍ଛ ଓ ଶାନ୍ତ ବାତାବରଣ ଭିତରେ ରହିବା ପାଇଁ ଯାହା ଆବଶ୍ୟକ ତାହା ମୁଁ ଆଜି ପାଇପାରିଛି । ସେ କହିଥିଲେ ଏହି ଗୃହପ୍ରବେଶ କରି ମୁଁ ନିଜକୁ ଗର୍ବ ଅନୁଭବ କରୁଛି । ଏହି ଦୁଇ ବିଏଚ୍‌କେ ଆବାସରେ ସମସ୍ତ ଆବଶ୍ୟକ ସୁବିଧା ମଧ୍ୟ ଉପଲବ୍ଧ ରହିଛି । ଶ୍ରୀ ସାହୁ ନିଜ ପିତାମାତା ଓ ଆତ୍ମୀୟସ୍ୱଜନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଉପମୁଖ୍ୟମନ୍ତ୍ରୀ ଏହି ଗ୍ରାମର ରୁପ ନାରାୟଣ ଦେବଗନ, ଅରୁଣ ସାହୁ, ଚନ୍ଦ୍ରଶେଖର ରାଠୋର ପ୍ରମୁଖଙ୍କୁ ମଧ୍ୟ ଗୃହ ପ୍ରବେଶ କରାଇଥିଲେ ।

# ବାଣିଜ୍ୟ

Piramal Finance

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ଷୁଦ୍ର ବ୍ୟବସାୟ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ଋଣ ଯୋଗାଇ ଦେଉଥିବା ଏକ ଅଗ୍ରଣୀ ଉପର ସ୍ତରର ଏନବିଏଫସି ପିରାମଲ ଫାଇନାନ୍ସ ଲିମିଟେଡ ଓଡ଼ିଶାରେ ସବ୍‌କେ ଇମ୍ପାକ୍ଟ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡର ୧୧ଟି ମାଇକ୍ରୋଫାଇନାନ୍ସ ଶାଖା ଅଧିଗ୍ରହଣ ଜରିଆରେ ନିଜର ଉପସ୍ଥିତିକୁ ପରିବ୍ୟାପ୍ତ କରିଛି । ଏହି ଅଧିଗ୍ରହଣ ସହିତ ପୂର୍ବରୁ ସମ୍‌କେ ଇମ୍ପାକ୍ଟ ସଲ୍ୟୁସନ୍ସ ଦ୍ୱାରା ସେବା ପାଇଆସୁଥିବା ଗ୍ରାହକମାନେ ଏଣିକି ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଋଣ ଓ ଆର୍ଥିକ ଉତ୍ପାଦଗୁଡିକ ସମେତ ପରିବ୍ୟାପ୍ତ ସେବାଗୁଡିକରୁ ଫାଇଦା ଉଠାଇ ପାରିବେ । ଏହି ପ୍ରୟାସ ପ୍ରାୟ ୪୧୩୩ ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କୁ ପିରାମଲ ଫାଇନାନ୍ସ ପରିସରକୁ ଆଣିବା ସହିତ କମ୍ପାନୀର ମାଇକ୍ରୋଫାଇନାନ୍ସ ବର୍ଗକୁ ମଜଭୁତ କରିଛି ଏବଂ ନିର୍ଦ୍ଦିଷ୍ଟ ଆବଶ୍ୟକତା ଭିତ୍ତିକ ସମାଧାନ ସହ ନିମ୍ନ ଆୟକାରୀ ପରିବାରକୁ ସେବା ଯୋଗାଇଦେବାକୁ ନିଜର ସାମର୍ଥ୍ୟରେ ବୃଦ୍ଧି ଘଟାଇଛି । ଏହି ଅଧିଗ୍ରହଣ ସମଗ୍ର ଭାରତରେ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳ ଗୁଡିକରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆଗେଇନେବା ନିମନ୍ତେ ପିରାମଲର ଦୀର୍ଘସୂତ୍ରୀ ଲକ୍ଷ୍ୟ ସହିତ ମେଳ ଖାଉଛି ।

## ଆଇବିସି ମୁମ୍ବାଇ ୨୦୨୫ରେ ଟିପିସିଓଡିଏଲ୍‌କୁ ଗୋଲ୍ଡ ଟ୍ରଫି




ମୁମ୍ବାଇ: ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ୍ ବିଜନେସ୍ କନ୍‌ଫରେନ୍ସ (ଆଇବିସି) ତଥା ପୁରସ୍କାର ସମାରୋହ ୨୦୨୫ରେ ସମ୍ମାନଜନକ ପୁରସ୍କାର ସହ ସମ୍ମାନିତ ହୋଇଛି । ବିଦ୍ୟୁତ୍ ଶକ୍ତି ସଂଚାରଣ ବର୍ଗରେ ସେବା କ୍ଷେତ୍ରରେ ବୃତିଗତ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ (ଓଏଚ୍‌ଏସ୍‌ଇ) ସେବା ଉତ୍କର୍ଷ ପାଇଁ କମ୍ପାନି ଗୋଲ୍ଡ ଟ୍ରଫି ଓ ସାର୍ଟିଫିକେଟ୍ ହାସଲ କରିଛି । ସେବା ଭିତିକ ଶିଳ୍ପରେ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ ଅଭ୍ୟାସ ପାଇଁ ଉଚ୍ଚ ମାନକ ବଜାୟ ରଖିବାରେ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ଉତ୍କୃଷ୍ଟ ପ୍ରଦର୍ଶନ ଓ ଉଲ୍ଲେଖନୀୟ ସଫଳତାକୁ ଏହି ସମ୍ମାନ ସ୍ୱୀକୃତି ଦେଉଛି । ଏକ ସୁରକ୍ଷିତ ଓ ସ୍ଥାୟୀ କର୍ମ ପରିବେଶ ସୃଷ୍ଟି କରିବାରେ ସେମାନଙ୍କ ସମର୍ପଣ ଶିଳ୍ପରେ ଉତ୍କର୍ଷତା ପାଇଁ ଏକ ମାନଦଣ୍ଡ ଧାର୍ଯ୍ୟ କରିଛି । ଟିମ୍‌କୁ ଅଭିନନ୍ଦନ ଜଣାଇ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ସୁରକ୍ଷା ହେଉଛି ଟିପିସିଓଡିଏଲ୍‌ର ମୂଳ ମୂଲ୍ୟ ଏବଂ ଆମ ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ କାର୍ଯ୍ୟ ପରିବେଶ ପ୍ରଦାନ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ । ଏକ ସୁରକ୍ଷିତ ଓ ସ୍ଥାୟୀ କର୍ମ ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ଆମ ଟିମ୍‌ର ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ହେଉଛି ଏହି ପୁରସ୍କାର । ନିଜର କାମ, ନବସୃଜନ ଓ ସୁରକ୍ଷା ପ୍ରୋଟୋକଲ୍‌କୁ ପାଳନ କରିବାରେ ସମଗ୍ର ଟିପିସିଓଡିଏଲ୍ ଟିମ୍‌କୁ ମୁଁ ପ୍ରଶଂସା କରୁଛି ଯାହା ଏହି ସମ୍ମାନ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଥିଲା । ଉତ୍କର୍ଷତାର ସହ ଆମ ସମୁଦାୟକୁ ସେବା ପ୍ରଦାନ କରିବା ଲାଗି ଆମ ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବା ଏବଂ ନବସୃଜନକୁ ଆଗକୁ ବଢ଼ାଇବା କାର୍ଯ୍ୟକୁ ଆମେ ଜାରି ରଖିବୁ ।

## ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ ଏଆଇସି ଏସ୍‌ଟିପିଆଇନେକ୍ସଟ୍ ସହ ଏମ୍‌ଓୟୁ

ମୁମ୍ବାଇ: ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହା ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ) ଅଧୀନସ୍ଥ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ)ର ଏକ ସ୍ପେସିଆଲ ପରପସ୍ ଭେଇକିଲ୍ ଏଆଇସି ଏସ୍‌ଟିପିଆଇ ନେକ୍ସଟ୍ ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଆବଶ୍ୟକୀୟ ଆର୍ଥିକ ସମାଧାନ, ମେଣ୍ଟରସିପ୍ ଓ ଢ଼ାଞ୍ଚାଗତ ସହାୟତା ପ୍ରଦାନ କରିବାକୁ ଏହି ସହଯୋଗିତା

IndusInd Bank

ପ୍ରସ୍ତୁତ କରାଯାଇଛି ଯାହା ଉଭୟ ସଂସ୍ଥାର ଭଲ ଗୁଣଗୁଡ଼ିକୁ ବ୍ୟବହାର କରି ନବସୃଜନ ଓ ସ୍ଥାୟୀ ଅଭିବୃଦ୍ଧିକୁ ସମୃଦ୍ଧ କରିବ । ଏହି ସହଯୋଗିତା ଅଧୀନରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ଏସ୍‌ଟିପିଆଇ/ ଏସ୍‌ଟିପିଆଇ ନେକ୍ସଟ୍ ସହଯୋଗିତାରେ ସୁହାଇବା ଭଳି ବ୍ୟାଙ୍କିଙ୍ଗ ସମାଧାନ ପ୍ରଦାନ କରାଯିବ । ବ୍ୟାଙ୍କ ପକ୍ଷରୁ କୌଣସି ତ୍ରୈମାସିକ ହାରାହାରି ବାଲାନ୍ସ ଆବଶ୍ୟକତା ବିନା ଏକ ସ୍ୱତନ୍ତ୍ର କରେଣ୍ଟ ଆକାଉଣ୍ଟ ପ୍ରଦାନ କରାଯିବ ଯାହା ଷ୍ଟାର୍ଟଅପ୍‌ଗୁଡ଼ିକୁ ସେମାନଙ୍କ ଫାଇନାନ୍ସ ପରିଚାଳନାକୁ ସହଜ କରିବ । ସ୍ଥାୟୀ ଅଭିବୃଦ୍ଧି ପାଇଁ ଆବଶ୍ୟକ ସଠିକ୍ ସମ୍ବଳ, ମେଣ୍ଟରସିପ୍ ଓ ଆର୍ଥିକ ଉପକରଣ ପ୍ରଦାନ କରି ଷ୍ଟାର୍ଟଅପ୍‌କୁ ସଶକ୍ତ କରିବା ଏବଂ ଉଦ୍ୟମିତାକୁ ତ୍ୱରାନ୍ୱିତ କରିବା ପାଇଁ ରହିଥିବା ମିଳିତ ପ୍ରତିବଦ୍ଧତାକୁ ଏହି ଏମ୍‌ଓୟୁ ପ୍ରତିଫଳିତ କରୁଛି । ମିଳିତ ଭାବେ ଉଭୟ ସଂସ୍ଥା ଏକ ବ୍ୟବସ୍ଥା ଗଠନ କରିବାକୁ ଚାହୁଁଛନ୍ତ ଯେଉଁଠାରେ ନୂଆ ଚିନ୍ତାଧାରା ସଫଳ ହେବ ଏବଂ ଜାତୀୟ ପ୍ରଗତି ପ୍ରତି ଯୋଗଦାନ ଦେବ ।

## ଏଏମ୍/ ଏନଏସ୍ ଇଣ୍ଡିଆକୁ ସ୍ୱଚ୍ଛ ବିଦ୍ୟୁତ ଶକ୍ତି ଯୋଗାଣ ଆରମ୍ଭ

ନୂଆଦିଲ୍ଲୀ: ଆନ୍ଧ୍ରପ୍ରଦେଶରେ ଅବସ୍ଥିତ ଆର୍ସେଲରମିତଲର ସର୍ବବୃହତ ନବୀକରଣୀୟ ଶକ୍ତି ଉଦ୍ୟୋଗ ଏକ ୧ ଗିଗାୱାଟ ସୌର ଓ ପବନ ପ୍ରକଳ୍ପ ନିକଟରେ ଏଏମ୍/ଏନଏସ ଇଣ୍ଡିଆକୁ ସ୍ୱଚ୍ଛ ବିଦ୍ୟୁତ ଶକ୍ତି ପ୍ରଦାନ ଆରମ୍ଭ କରିଛି । ଏଏମ୍/ଏନଏସ ଇଣ୍ଡିଆ ହେଉଛି ନିପ୍ପନ ଷ୍ଟିଲ ସହ ଆର୍ସେଲରମିତଲର ୬୦/୪୦ ଇଣ୍ଡିଆନ ଷ୍ଟିଲମେକିଂ ଜଏଣ୍ଟ ଭେଞ୍ଚର । ଆର୍ସେଲରମିତଲର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହାୟକ ସଂସ୍ଥା ଏଏମ ଗ୍ରୀନ ଏନର୍ଜି ଦ୍ୱାରା ବିକଶିତ, ନିର୍ମିତ ଓ ପରିଚାଳିତ ୦.୭ ବିଲିୟନ ଡଲାର ଏହି ପ୍ରକଳ୍ପ ଏଏମ୍/ ଏନ୍‌ଏସ୍ ଇଣ୍ଡିଆର କାର୍ବନ ନିର୍ଗମନକୁ ବାର୍ଷିକ ୧.୫ ମିଲିୟନ ଟନ ପର୍ଯ୍ୟନ୍ତ ହ୍ରାସ କରିବ ବୋଲି ଆଶା କରାଯାଉଛି, ଯାହା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ଉତ୍ପାଦିତ ଇସ୍ପାତର କାର୍ବନ ନିର୍ଗମନକୁ ୨୦୩୦ ସୁଦ୍ଧା ୨୦% ହ୍ରାସ କରିବା ଲକ୍ଷ୍ୟରେ ସହଯୋଗ କରିବ । ଭାରତର ଏହି ନବୀକରଣ ପ୍ରକଳ୍ପକୁ ଏକ ହାଇବ୍ରିଡ ପ୍ରକଳ୍ପ ଭାବେ ବିକଶିତ କରାଯାଇଛି ଯାହା ୧ ଗିଗାୱାଟ ସୌର ଓ ପବନ କ୍ଷମତାକୁ ଏକ ତୃତୀୟ-ପକ୍ଷ ହାଇଡ୍ରୋ ପମ୍ପଡ ଷ୍ଟୋରେଜ ସମାଧାନ ସହିତ ଏକୀକୃତ କରୁଛି (ବର୍ତ୍ତମାନ ପରୀକ୍ଷଣାଧୀନ ଓ ଜୁନ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବା ପାଇଁ ସ୍ଥିର କରାଯାଇଛି) ଯାହା ସାରା ଦିନ ସର୍ବନିମ୍ନ ୨୫୦ ମେଗାୱାଟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବ ଏବଂ ଏହା ନିରନ୍ତର ଶକ୍ତି ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଗୁଜରାଟର ହାଜିରାରେ ଏଏମ୍/ ଏନଏସ ଇଣ୍ଡିଆର ଇସ୍ପାତ କାରଖାନାରେ ବର୍ତ୍ତମାନର ବିଦ୍ୟୁତ ଆବଶ୍ୟକତାର ୨୦%ରୁ ଅଧିକ ପ୍ରଦାନ କରିପାରିବ । ଏସମ୍ପର୍କରେ ଆର୍ସେଲରମିତଲର ସିଇଓ ଆଦିତ୍ୟ ମିତଲ କହିଛନ୍ତି, 'ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନରେ ନିବେଶ ଆର୍ସେଲରମିତଲ ପାଇଁ ଏକ ଉତ୍ସାହଜନକ ନୂଆ ବ୍ୟବସାୟିକ କ୍ଷେତ୍ର ଅଟେ । ଏହା ଆମର ଇସ୍ପାତ ନିର୍ମାଣ ପରିଚାଳନା ପାଇଁ ସୁଲଭ ସ୍ୱଚ୍ଛ ଶକ୍ତି ସୁରକ୍ଷା ପ୍ରଦାନ କରୁଛି ଏବଂ ଆମର ଡିକାର୍ବନାଇଜେଶନ ଲକ୍ଷ୍ୟକୁ ସମର୍ଥନ କରୁଛି ।

## ଆମାଜନ୍ ଫେସନ୍‌ର ଜେନ୍ ଜେଡ୍ ଅନ୍‌ଲାଇନ୍ ଷ୍ଟୋର 'ସର୍ଭ' ଭାବେ ପରିଚିତ

ମୁମ୍ବାଇ: ଆମାଜନ ଫେସନ ଏହାର ଉତ୍ସର୍ଗୀକୃତ ଅନଲାଇନ୍ ଷ୍ଟୋରଫ୍ରଣ୍ଟର ପୁନଃ ଶୁଭାରମ୍ଭ ସହିତ ଜେନ୍ ଜେଡ୍ ପ୍ରତି ଏହାର ପ୍ରତିବଦ୍ଧତାକୁ ଦ୍ୱିଗୁଣିତ କରୁଛି । ଏହା ପୂର୍ବରୁ ନେକ୍ସଟ ଜେନ୍ ଷ୍ଟୋର୍ ଭାବରେ ପରିଚିତ ଥିଲା, ତାହାକୁ ବର୍ତ୍ତମାନ 'ସର୍ଭ', ଡିସିଂ ଆଉଟ୍ ଷ୍ଟାଇଲ୍ କୁହାଯାଉଛି । ଏହି ଅନଲାଇନ୍ ଷ୍ଟୋରରେ ଚଣ୍ଡିଗଡ଼, କୋଚି, ପାଟନା, ନାଗପୁର, ଜୟପୁର ଏବଂ ସୁରଟ ଭଳି ଟିୟର ୨ ଏବଂ ୩ ସହରରୁ ଜେନ୍ ଜେଡ୍ ଗ୍ରାହକଙ୍କ ସଂଖ୍ୟା ୩ ଗୁଣା ବୃଦ୍ଧି ପାଇଛି ଏବଂ କ୍ରେତାଙ୍କ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇଛି । 'ସର୍ଭ' ୩୫୦ ରୁ ଅଧିକ ଘରୋଇ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡରୁ ୨ ନିୟୁତରୁ ଅଧିକ ଉତ୍ପାଦ ସହିତ ଏକ ଅତୁଳନୀୟ ଚୟନ ପ୍ରଦାନ କରେ, ଯେଉଁଥିରେ ବାରସିନୋ, ଟୋକିଓ ଟକିଜ୍, ହାଇଲ୍ୟାଣ୍ଡର, ଦି ବିୟର ହାଉସ୍, ଦିଲଜିତ୍ ଏକ୍ସ ଲିଭାଇସ, ମୋକୋବାରା, କ୍ୟାସିଓ, ଚୁମ୍ବକ, କସଆରଏକ୍ସ, ଏବଂ ମୋକ୍ସି ଭଳି ନୂତନ ସଂଯୋଜନ ଅନ୍ତର୍ଭୁକ୍ତ । 'ସର୍ଭ' ଦ୍ରୁତ ଫ୍ୟାଶନ, ସ୍ଥାୟୀ ବିକଳ୍ପ ଏବଂ ସୁଲଭ ଷ୍ଟାଇଲର ଏକ ଅନନ୍ୟ ମିଶ୍ରଣ ସହିତ ଜେନ୍ ଜେଡଙ୍କର ଗତିଶୀଳ ସ୍ୱାଦକୁ ପୂରଣ କରେ । '୨୦୨୩ ମସିହାରେ ଭାରତର ପ୍ରଥମ ଉତ୍ସର୍ଗୀକୃତ ଜେନ୍ ଜେଡ୍ ଷ୍ଟୋରକୁ ଅଗ୍ରଣୀ କରିବା ପରେ, ଆମେ 'ସର୍ଭ' ସହିତ ଆମର ପ୍ରତିବଦ୍ଧତାକୁ ଦୃଢ଼ କରୁଛୁ ବୋଲି କହିଛନ୍ତି ଆମାଜନ୍ ଫେସନ ଇଣ୍ଡିଆର ଡାଇରେକ୍ଟର ନିଖିଲ ସିହ୍ନା ।




## କ୍ୟାଣ୍ଡେର୍‌ର ବ୍ରାଣ୍ଡ ଆମ୍ବାସାଡର ହେଲେ ଶାହାରୁଖ୍ ଖାନ୍



ମୁମ୍ବାଇ : କଲ୍ୟାଣ ଜୁଏଲର୍ସର ଲାଇଫଷ୍ଟାଇଲ୍ ଅଳଙ୍କାର ବ୍ରାଣ୍ଡ କ୍ୟାଣ୍ଡେର୍ ବଲିଉଡ୍ ବାଦଶାହା ଶାହରୁଖ ଖାନଙ୍କୁ ଏହାର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରିଛି । ଏହି ସହଭାଗିତା କ୍ୟାଣ୍ଡେର୍‌ର ଜାତୀୟ ସମ୍ପ୍ରସାରଣ ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଆଧୁନିକ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଅଳଙ୍କାରକୁ ପୁନଃପରିଭାଷିତ ଦିଗରେ ଏକ ଦୃଢ଼ ପଦକ୍ଷେପ । ଏହି ବ୍ରାଣ୍ଡ ଏପରି ଅଳଙ୍କାର ପ୍ରଦାନ କରେ ଯାହା ବ୍ୟକ୍ତିତ୍ୱର ପ୍ରକାଶନ, ଏକ ଅର୍ଥପୂର୍ଣ୍ଣ ଉପହାର ଏବଂ ପ୍ରତିଦିନର ଶୈଳୀର ଏକ ପ୍ରତୀକ ହୋଇଥାଏ । ଅଭିନେତା ଶାହରୁଖ ଖାନ୍ ଯାହାଙ୍କ ଲୋକପ୍ରିୟତା କେବଳ ଭାରତ ନୁହେଁ ବରଂ ବିଶ୍ୱବ୍ୟାପୀ, ସେ ଏବେ କ୍ୟାଣ୍ଡେର୍‌ର ଡିଜିଟାଲ୍, ଟିଭି, ପ୍ରିଣ୍ଟ ଏବଂ ଇନ-ଷ୍ଟୋର ଅଭିଯାନର ଚେହେରା ହେବେ । କ୍ୟାଣ୍ଡେର୍‌ର ନିର୍ଦ୍ଦେଶକ ରମେଶ କଲ୍ୟାଣରାମନ କହିଛନ୍ତି, ଭାରତୀୟ ଅଳଙ୍କାର ଶିଳ୍ପ ବର୍ତ୍ତମାନ ଏକ ସ୍ପଷ୍ଟ ବିଭାଜନ ଦେଖୁଛି- ଗ୍ରାହକମାନେ ଏବେ ସେମାନଙ୍କ ବ୍ୟକ୍ତିତ୍ୱ, ଜୀବନଶୈଳୀ ଏବଂ ବିଶେଷ ଅବସର ସହ ମେଳ ଖାଉଥିବା ଅଳଙ୍କାର ଚାହାଁନ୍ତି । ପରିବର୍ତ୍ତନକୁ ଦୃଷ୍ଟିରେ ରଖି କ୍ୟାଣ୍ଡେର୍ ନିର୍ମାଣ କରାଯାଇଛି । କ୍ୟାଣ୍ଡେର୍ ଡିଜାଇନ୍-ପ୍ରେରିତ ଏବଂ ଆଧୁନିକ ସଂଗ୍ରହ ସହିତ ଜୀବନଶୈଳୀ ଅଳଙ୍କାର କ୍ଷେତ୍ରରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି । କଲ୍ୟାଣ ଜୁଏଲର୍ସର ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ଏହି ବ୍ରାଣ୍ଡର ମୂଲ୍ୟ ୧୦ହଜାର ଟଙ୍କାରୁ ଆରମ୍ଭ ହେଉଥିବା ସଂଗ୍ରହ ସହ ମୂଲ୍ୟରେ ଷ୍ଟାଇଲ୍ ଏବଂ ସୁଲଭତାର ଉତ୍ତମ ମିଶ୍ରଣ ପ୍ରଦାନ କରିବ ।

## 'ଟାଇମ୍ ୧୦୦ ଫିଲାନ୍‌ଥ୍ରୋପି ୨୦୨୫' ବିଶ୍ୱ ତାଲିକାରେ ମୁକେଶ-ନୀତା ଅମ୍ବାନୀ



ନୂଆଦିଲ୍ଲୀ: ପ୍ରସିଦ୍ଧ ଆମେରିକୀୟ ପତ୍ରିକା 'ଟାଇମ୍' ଏହାର ପ୍ରଥମ 'ଟାଇମ୍ ୧୦୦ ଫିଲାନଥ୍ରୋପି ୨୦୨୫' ତାଲିକା ପ୍ରକାଶ କରିଛି, ଯେଉଁଥିରେ ଦାନ ଏବଂ ସମାଜସେବାର ଭବିଷ୍ୟତକୁ ଆକାର ଦେଉଥିବା ୧୦୦ ଜଣ ବିଶ୍ୱ ସ୍ତରର ବ୍ୟକ୍ତିଙ୍କୁ ସ୍ଥାନ ଦିଆଯାଇଛି । ଏହି ପ୍ରତିଷ୍ଠିତ ତାଲିକାରେ ମୁକେଶ ଏବଂ ନୀତା ଅମ୍ବାନୀଙ୍କ ନାମ ମଧ୍ୟ ସାମିଲ ହୋଇଛି, ଯାହା ଭାରତ ପାଇଁ ଗର୍ବର ବିଷୟ । ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏବଂ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀ ୨୦୨୪ ମସିହାରେ ୪୦୭ କୋଟି ଟଙ୍କା (ପ୍ରାୟ ୪୮ ନିୟୁତ ଡଲାର) ଦାନ କରି ଦେଶର ସବୁଠାରୁ ବଡ଼ ଦାତାଙ୍କ ମଧ୍ୟରେ ସ୍ଥାନ ପାଇବା ସହିତ ବିଶ୍ୱ ସ୍ତରରେ ସେମାନଙ୍କର ପରୋପକାରୀ ଚିନ୍ତାଧାରାର ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିଛନ୍ତି । ଅମ୍ବାନୀ ଦମ୍ପତିଙ୍କ ପରୋପକାରୀ ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ଗ୍ରାମୀଣ ବିକାଶ, କ୍ରୀଡା ଏବଂ ବିପର୍ଯ୍ୟୟ ସହାୟତା ଭଳି ବିବିଧ କ୍ଷେତ୍ରରେ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ମେଧାବୃତ୍ତି, ମହିଳାଙ୍କ ପାଇଁ କ୍ୟାରିଅର ତାଲିମ, ଦୀର୍ଘସ୍ଥାୟୀ କୃଷି ପାଇଁ ଗ୍ରାମୀଣ ସମ୍ପ୍ରଦାୟକୁ ସହାୟତା, ଜଳ ସଂରକ୍ଷଣ, ଡାକ୍ତରଖାନା ନିର୍ମାଣ, ଦୃଷ୍ଟି ସମସ୍ୟାରେ ସହାୟତା ଏବଂ ସ୍କୁଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ଆଦି ଅନ୍ତର୍ଭୁକ୍ତ ରହିଛି । 'ଟାଇମ ୧୦୦ ଫିଲାନଥ୍ରୋପି ୨୦୨୫' ତାଲିକାରେ ତାଙ୍କର ଉପସ୍ଥିତି ଏହି କଥାର ପରିଚାୟକ ଯେ ଭାରତୀୟ ପରୋପକାର ଏବେ କେବଳ ଦେଶ ଭିତରେ ନୁହେଁ ବରଂ ବିଶ୍ୱ ସ୍ତରରେ ମଧ୍ୟ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରୁଛି । ମୁକେଶ ଏବଂ ନୀତା ଅମ୍ବାନୀଙ୍କ ଏହି ଯୋଗଦାନ କେବଳ ପ୍ରେରଣାଦାୟକ ନୁହେଁ ବରଂ ଆଗାମୀ ସମୟରେ ସାମାଜିକ ପରିବର୍ତ୍ତନ ଦିଗରେ ଏକ ମାଇଲଖୁଣ୍ଟ ମଧ୍ୟ ପ୍ରମାଣିତ ହୋଇପାରେ ।



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ଖେଳରେ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ - ସି, ଟିମ-ଏ କୁ ୧୦ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଟିମ- ଏ ୧୧.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୯ ରନ ସଂଗ୍ରହ କରିଥିଲେ । ଗମ୍ଭୀର ପିଙ୍ଗୁଆ ୫ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଉତ୍ତରରେ ଟିମ - ସି ୫.୫ ଓଭରରେ କୌଣସି ଉଇକେଟ ନ ହରାଇ ୪୨ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ବିଶ୍ୱ ପ୍ରକାଶ ସାହୁ ଓ କେଶବ ପାତ୍ର ୧୮ ରନ ଲେଖାଏଁ ସଂଗ୍ରହ କରିଥିଲେ । ଆଇନଜୀବୀ ତଥା ସମାଜସେବୀ ସଂଜୀବ ମହାନ୍ତି, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ଆସନ୍ତା କାଲି ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ- ଇ ଏବଂ ଟିମ- ବି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ।

# ଭେନ୍ୟୁ ବଦଳାଇଲା ବିସିସିଆଇ, ଅହମ୍ମଦାବାଦରେ ହେବ ଫାଇନାଲ୍

ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ରେ ପ୍ଲେଅଫ୍ ପାଇଁ ନୂଆ ଭେନ୍ୟୁ ଘୋଷଣା କରିଛି ବିସିସିଆଇ । ଏହାସହ ଫାଇନାଲ୍ ଖେଳାଯିବାକୁ ଥିବା ଷ୍ଟାଡିୟମ ମଧ୍ୟ ପରିବର୍ତ୍ତନ କରିଛି । କୋଲକାତାର ଇଡେନ୍ ଗାର୍ଡେନ୍ସ ପରିବର୍ତ୍ତେ ଏବେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । କ୍ୱାଲିଫାୟାର ୧ ଓ ଏଲିମିନେଟର୍ ମ୍ୟାଚ୍ ପାଇଁ ଷ୍ଟାଡିୟମ ପରବର୍ତ୍ତନ କରାଯାଇଛି । ଦୁଇ ମୁକାବିଲା ନ୍ୟୁ ଚଣ୍ଡିଗଡ଼ର ମୁଲ୍ଲାନପୁର ଷ୍ଟାଡିୟମରେ ଖେଳାଯିବ । ପୂର୍ବରୁ ଏହି ଦୁଇ ମ୍ୟାଚ୍‌ର ଆୟୋଜନ ହାଇଦ୍ରାବାଦରେ ହୋଇଥାନ୍ତା । ବିସିସିଆଇ ମଙ୍ଗଳବାର ଏକ ବୟାନରେ କହିଛି ଯେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଜୁନ୍ ୩ରେ ଆଇପିଏଲ୍ ଫାଇନାଲ୍ ଖେଳାଯିବ । କ୍ୱାଲିଫାୟାର-୨ ମଧ୍ୟ ଏହି ମୈଦାନରେ ଖେଳାଯିବ । ଅନ୍ୟପଟେ ମୁଲ୍ଲାନପୁରର ମହାରାଜ ଯାଦବେନ୍ଦ୍ର ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ମେ ୨୯ରେ କ୍ୱାଇଫାୟାର-୧ ଓ ମେ ୩୦ରେ ଏଲିମିନେଟର୍ ମୁକାବିଲା ଖେଳାଯିବ ।

## ୬୨ତମ ମ୍ୟାଚ୍

# ଚେନ୍ନାଇକୁ ୬ ୱିକେଟ୍‌ରେ ହରାଇଲା ରାଜସ୍ଥାନ

ନୂଆଦିଲ୍ଲୀ : ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୬୨ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗସକୁ ୬ ୱିକେଟରେ ହରାଇ ଦେଇଛି ରାଜସ୍ଥାନ ରୟାଲ୍ସ । ୧୮୮ ରନର ଲକ୍ଷ୍ୟକୁ ରାଜସ୍ଥାନ ୧୭.୧ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା । ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୫୭ ରନ କରିଥିବା ବେଳେ ସଂଜୁ ସାମସନ ୪୧ ରନ ଓ ଯଶସ୍ୱୀ ଜୟସ୍ୱାଲ ୩୬ ରନ କରିଥିଲେ । ଧ୍ରୁବ ଜୁରେଲ ୩୧ ରନ କରିଥିଲେ । ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ କରିଥିଲା । ଦଳ ପକ୍ଷରୁ ଆୟୁଷ ମାହାତ୍ରେ ୪୩ ରନ କରିଥିବା ବେଳେ ଡେୱାଲଡ୍ ବ୍ରେଭିସ୍ ୪୨ ରନ କରିଥିଲେ । ସେହିପରି ଶିବମ ଦୁବେ ୩୯ ରନ କରିଥିବାବେଳେ ଅଧିନାୟକ ମହେନ୍ଦ୍ର ସିଂ ଧୋନି ୧୬ ରନ କରିଥିଲେ । ରାଜସ୍ଥାନ ପକ୍ଷରୁ ଯୁଧବୀର ସିଂ ଚରକ ଓ ଆକାଶ ମାଧୱାଲ ୩ଟି ଲେଖାଏଁ ୱିକେଟ ନେଇଥିଲେ । ତୁଷାର ଦେଶପାଣ୍ଡେ ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ସୂଚନାଯୋଗ୍ୟ ଯେ ଚଳିତ ଆଇପିଏଲ ଉଭୟ ରାଜସ୍ଥାନ ଓ ଚେନ୍ନାଇ ପାଇଁ ବେଶ ନୈରାଶ୍ୟଜନକ ରହିଛି । ଉଭୟ ଦଳ ପଏଣ୍ଟ ଟେବୁଲର ତଳେ ଅଛନ୍ତି ଓ ଉଭୟଙ୍କ ପାଇଁ ପ୍ଲେ ଅଫ୍‌କୁ ଯିବାର ସମ୍ଭାବନା ଶେଷ ହୋଇଯାଇଛି ।




XXIV-11

ଓଡିଶା ସରକାର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
•••••••••

ଅଧିସୂଚନା
File No.COL/JAJ/IVL/2023/1223(A)/(LAO-TDR, Jajpur) dated- 17.02.25

ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ କିଆନାଳୀକୁଳ ଠାରୁ ସିନ୍ଦୁରାଇମୁହାଣ ଭାୟା ମାନସାପୋଲ-ଅଠରନଳା-ପ୍ରହରାଜପୁର ବାଇପାସ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ୟୁନିଟ-୧୩ (ଗରୁଡ ନଗର), ଥାନା- ଯାଜପୁର ନଂ ୨୧୩ , ତହସିଲ- ଯାଜପୁର, ଜିଲ୍ଲା- ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୦୩୨ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ କିଆନାଳୀକୁଳ ଠାରୁ ସିନ୍ଦୁରାଇମୁହାଣ ଭୟ ମାନସାପୋଲ-ଅଠରନଳା–ପ୍ରହରାଜପୁର ବାଇପାସ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ କିଆନାଳୀକୁଳ ଠାରୁ ସିନ୍ଦୁରାଇମୁହାଣ ଭୟ ମାନସାପୋଲ-ଅଠରନଳା–ପ୍ରହରାଜପୁର ବାଇପାସ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୪୫୨୦୭/୨୧.୧୨.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ଯାଜପୁର ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ-୧୩ (ଗରୁଡ ନଗର) | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୦.୩୩୫ ଡି | ଏ.୦.୦୩୨ ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର ଯାଜପୁରଙ୍କ କାର୍ଯ୍ୟାଳୟ ଯାଜପୁରରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ
ପ୍ରକଳ୍ପ- କିଆନାଳୀକୂଳ ଠାରୁ ସିନ୍ଦୁରାଇମୁହାଣ ଭାୟା ମାନସପୋଲ-ଅଠରନଳା-ପ୍ରହରାଜପୁର ବାଇ ପାସ ରାସ୍ତା ନିର୍ମାଣ (ଅତିରିକ୍ତ)
ମୌଜା-ୟୁନିଟ-୧୩ ଗରୁଡନଗର, ଥାନା ନଂ-୨୧୩, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୩୯ | ୧୦୬୫ | ୦.୧୩୦ | ୦.୦୧ | ଶାରଦ ଜଳ-୧ | କୃଷ୍ଣ ବାରିକ,ରାମଚନ୍ଦ୍ର ବାରିକ, କ୍ଷେତ୍ର ମୋହନ ବାରିକ, ଦୈତାରୀ ବାରିକ ପି-ବଳରାମ ବାରିକ ଜା:ଭଣ୍ଡାରି ବା:ଶିରିଆ ପୁର | |
| ୨ | ୨୬୨ | ୧୦୭୬ | ୦.୧୯୫ | ୦.୦୧୨ | ଶାରଦ ଜଳ-୧ | ସୋମନାଥ ମିଶ୍ର,ଆଶୁତୋଷ ମିଶ୍ର,ବିଦ୍ୟୁଭୂଷଣ ମିଶ୍ର,କିଶୋରୀ କର,ମିନାକ୍ଷି ମିଶ୍ର ପି-ପୂର୍ଣ୍ଣାନନ୍ଦ ମିଶ୍ର,ହାରାମଣି ମିଶ୍ର ସ୍ୱା-ପୂର୍ଣ୍ଣାନନ୍ଦ ମିଶ୍ର ଜା-ବ୍ରାହ୍ମଣ ବା-ୟୁନିଟ ନମ୍ବର-୧୨ ପଦ୍ମେଶ୍ୱରପୁର | |
| ୩ | ୨୬୮/୫୭୪ | ୧୦୮୪/୧୪୮୮ | ୦.୦୧୦ | ୦.୦୧ | ଶାରଦ ଜଳ-୧ | ତୁଷାର ରଞ୍ଜନ ବେହେରା ପି:ପରମେଶ୍ୱର ବେହେରା ଜା:ତନ୍ତି ବା:ଭୀମକରପୁର, ହା.ବା. ୟୁନିଟ ନଂ ୬ ଗୋବିନ୍ଦଜୀଉନଗର | |
| | | ମୋଟ | | ୦.୦୩୨ | | | |

ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ
ଯାଜପୁର
ତହସିଲଦାର ତଥା
ଭୂ-ଅର୍ଜନ ଅଧିକାରୀ ,ଯାଜପୁର

OIPR 24163/14/0069/2526

**OFFICE OF THE EXECUTIVE ENGINEER.**
**MINOR IRRIGATION DIVISION, GARHWA**
**e-Procurement Tender Notice**

**Two Envelope System**
**Tender Reference No:- WRD/MID/GARHWA/B.D./S.L.I.-01/2025-26**
**Letter No:- 318Date:-19.05.2025**

| | | |
|---|---|---|
| 1 | Name of Work: | Construction of AdhouraSolar Lift Irrigation Scheme, Village- Adhoura, Panchyat- Kushdand, Block-Nagar Untari, Distirct- Garhwa |
| 2 | Estimated Cost (Rs.) | 1,10,53,600=00 |
| 3 | Cost of tender document (Rs) | **Rs. 10,000=00**only (non-refundable). |
| 4 | Earnest Money Deposit (Rs.) | **Rs. 1,11,000=00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website (http://jharkhandtenders.gov.in) | Date: 02.06.2025 ,Time -04.00PM |
| 8 | Last Date/Time for downloading of bidding documents and Submissionof Tender on Website | Date: - 1806.2025, Time:-04.00PM |
| 9 | Submission of Tender Fee and EMD | Start Date:- 02 .06.2025,Time -4.00 PM<br>LastDate:- 18.06.202 5,Time :- 4.00 PM |
| 10 | Technical Bid Opening Date | Date: - 19.06.202 5,Time: -04.00 PM |
| 11 | Officer Inviting Bids | ExecutiveEngineer Minor Irrigation Division Garhwa |
| 12 | (a) Contact No. of e-Procurement Officer( (b) E-mail of e-Procurement Officer | 8789558294<br>eemidgarh-cemr -jhr@nic.in |
| 13 | Help line No. of e-Procurement Cell | 0651-2214784 |

**Note:-** Estimated Cost may Decrease or Increase
➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps (**AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division,**
**Garhwa**

**PR 352992 Minor Irrigation (25-26)D**

**OFFICE OF THE EXECUTIVE ENGINEER.**
**MINOR IRRIGATION DIVISION, GARHWA**

**e-Procurement Tender Notice**
**Two Envelope System**
**Tender Reference No:-**
**WRD/MID/GARHWA/B.D./S.L.I.-04/2025-26**
**Letter No:- 321** Date:-19.05.2025

| | | |
|---|---|---|
| 1 | Name of Work: | Construction of HartaSolar Lift Irrigation Scheme, Village- Harta, Panchyat- Fakiradih, Block- Bhandariya, Distirct- Garhwa |
| 2 | Estimated Cost (Rs.) | 1,10,76,600=00 |
| 3 | Cost of tender document (Rs) | **Rs. 10,000=00**only (non- refundable). |
| 4 | Earnest Money Deposit (Rs.) | **Rs. 1,11,000=00**only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website (http://jharkhandtenders.gov.in) | Date: 02.06.2025,Time- 04.00 PM |
| 8 | Last Date/Time for downloading of bidding documents and Submissionof Tender on Website | Date: - 18.06.2025,Time :- 04.00 PM |
| 9 | Submission of Tender Fee and EMD | Start Date:- 02.06.2025,Time-4.00PM<br>Last Date:-18.06.2025,Time:-4.00 PM |
| 10 | Technical Bid Opening Date | Date:-19.06.2025, Time:- 04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer (b) E-mail of e- Procurement Officer | 8789558294<br>eemidgarh- cemr_jhr@nic.in |
| 13 | Help line No. of e-Procurement Cell | 0651-2214784 |

**Note:-** Estimated Cost may Decrease or Increase
➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/A registered manufacturers/ Company/Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps (**AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division, Garhwa**

**PR.NO.353001 Minor Irrigation(25-26):D**

## ମୁସଲିମ୍ ପ୍ରିମିୟର ଲିଗ୍ କ୍ରିକେଟ୍

# ଦାଦି କିଙ୍ଗ୍ ଚାମ୍ପିଅନ୍

ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ): ଚୌଦ୍ୱାର ପୌରପାଳିକା ୨ନଂ ୱାର୍ଡସ୍ଥିତ ବୀର ହନୁମାନ ଖେଳକୁଦ ପଡିଆରେ ମୁସଲିମ ପ୍ରିମିୟର ଲିଗ୍ ଦିବା ରାତ୍ର କ୍ରିକେଟ ସୋମବାର ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୬ଟି ଟିମ



ଯୋଗଦେଇଥିଲେ । ଦାଦି କିଙ୍ଗ ଓ ମୁସଲିମ୍ ନାଇଟ ରାଇଡ଼ର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ମୁସଲିମ୍ ନାଇଟ ରାଇଡ଼ରକୁ ହରାଇ ଦାଦି କିଙ୍ଗ ଚମ୍ପିୟନ୍ ହୋଇଥିଲେ । ଦାଦି କିଙ୍ଗ ପ୍ରଥମେ ବ୍ୟାଟିଂ କରି ସୀମିତ ୪ ଓଭରରେ ମୋଟ ୫୨ ରନ୍ କରିଥିବାବେଳେ ଜବାବରେ ମୁସଲିମ୍ ନାଇଟ ରାଇଡ଼ର ସମସ୍ତ ଉଇକେଟ ହରାଇ ୪୦ ରନ୍‌ରେ ସୀମିତ ରହିଥିଲେ ।

झारखण्ड सरकार
कार्यपालक अभियंता, का कार्यालय
पेयजल एवं स्वच्छता प्रमण्डल, हटिया योजना, राँची

**1st call PR No.-346983**
द्वितीय अति अल्पकालिन निविदा आमंत्रण सूचना सं०
–LAB/DWSD/27/2024-25 दिनांक– 19.05.2025

| | | |
|---|---|---|
| 1 | विज्ञापन दाता का पदनाम एवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना, राँची। |
| 2 | वेबसाइट में निविदा प्रकाषन की तिथि एवं समय | दिनांक 22.05.2025 पूर्वाह्न 11.00 बजे से। |
| 3 | ई–निविदा प्राप्ति की अंतिम तिथि एवं समय. | दिनांक 29.05.2025 अपराह्न 5.00 बजे तक। |
| 4 | ई–निविदा खोलने की अंतिम तिथि एवं समय | दिनांक 31.05.2025 पूर्वाह्न 11.00 बजे। |
| 5 | ई–निविदा खोलने वाले पदाधिकारी का पदनाम एवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना,डोरण्डा, राँची–02। |
| 6 | ई–मेल | dwsdhatiaproject@gmail.com |
| 7 | निविदा प्रकोष्ठ का दूरभाष | 9204931335 |

**कार्य की विस्तृत विवरणी:-**

| क्र० सं० | कार्य का नाम | अग्रधन की राशि | परिमाण विपत्र का मूल्य |
|---|---|---|---|
| 1 | REQUEST PROPOSAL FOR SUPPLYING VARIOUS CHEMICALS AND REAGENTS IN 15 NOS. WATER TESTING LABORATORIES UNDER DW&SD, JHARKHAND, DUMKA ZONE- STATE LAB - RANCHI, DISTRICT LAB- DEOGHAR, GODDA, JAMTARA, SAHIBGANJ, DUMKA-1, PAKUR, DHANBAD-1, CHAS, GIRIDIH-1,SARAIKELA AND KHARSAWAN, JAMSHEDPUR, CHAIBASA, KHUNTI, SUB DIVISIONAL LAB- RAJMAHAL | 2,00,000/- | 10,000/- |

**NB:- For Details**
1.निविदा अन्तर्गत परिमाण विपत्र का मूल्य एवं अग्रधन की राशि ई–गवर्नेंस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120 दिनांक 03.10.2023 के अनुरूप प्राप्त की जाएगी।
2. निविदा शुल्क एवं अग्रधन की राशि का ई–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाब देही सम्वेदक की होगी।
3. प्राक्कलित राशि घट अथवा बढ़ सकती है उसी प्रकार से अग्रधन एवं परिमाण विपत्र की राशि भी देय होगी है।
4. विस्तृत जानकारी के लिए वेबसाईट http//:jharkhandtenders.gov.inपर देखा जा सकता हैं।

कार्यपालक अभियंता
पेयजल एवं स्वच्छता प्रमंडल,हटिया योजना,राँची

**PR 353013 Drinking Water and Sanitation(25-26).D**

**MUTHOOT FINCORP LTD.** | ସୁନା ନିଲାମୀ ନୋଟିସ୍

**Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.**
**CIN: U65929KL1997PLC011518, Ph: +91 471 4911400, 2331427**

ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.06.2024 & MSGL ,SPL 16 ,One Plus, Guide prepaid, Super value, ADGL and all other 6 months tenure gold loans up to 30.09.2024 and MSGB ,SME Suvarna & EMI due upto 31.03.2025.Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 28.05.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**BOUDH DISTRICT - BOUDHGARH:** 426700054, 426700844, 426700846, 426700850, 426700851, 426700854, 426700868, 426700870, 426700871, 426700874, 426700876, 426700878, 426700888, 426700894, 426700897, 426700901, 426700908, 426700909, 426700912, 426700922, 426700923, 426700924, 426700929, 426700930, 426700940, 426700942, 426700947, 426700948, 426700954, 426700959, 426700960, 426700963, 426700964, 426700969, 426700971, 426700972, 426700978, 426700983, 426700984, 426700989, 426700991, 426700995, 426700997, 426701004, 426701009, 426701020, 426701021, 426701022, 426701023, 426701025, 426701029, 426701035, 426701036, 426701037, 426701038, 426701041, 426701042, 426701043, 426701044, 426701045, 426701047, 426701048, 426701050, 426701053, 426701059, 426701061, 426701062, 426701064, 426701067, 426701068, 426701069, 426701070, 426701071, 426701074, 426701077, 426701080, 426701084, 426701090, 426701091, 426701094, 426701095, 426701099, 426701101, 426701102, 426701103, 426701104, 426701109, 426701118, 426701129, 426701130, 426701136, 426701141, 426701142, 426701145, 426701148, 426701153, 426701157, 426701168, 426701174, 426701175, 426701176, 426701179, 426701181, 426701182, 426701184, 426701187, 426701191, 426701194, 426701195, 426701196, 426701200, 426701206, 426701207, 426701208, 426701209, 426701213, 426701215, 426701218, 426701222, 426701225, 426701227, 426701228, 426701229, 426701231, 426701233, 426701234, 426701235, 426701242, 426701243, 426701246, 426701247, 426701251, 426701254, 426701256, 426701258, 426701260, 426701262, 426701263, 426701268, 426701272, 426701276, 426701278, 426701287, 426701293, 426701295, 426701301, 426701302, 426701305, 426701306, 426701311, 426701312, 426701317, 426701318, 426701323, 426701324, 426701325, 426701326, 426701330, 426701332, 426701336, 426701342, 426701343, 426701344, 426701347, 426701349, 426701350, 426701352, 426701354, 426701355, 426701356, 426701359, 426701360, 426701361, 426701368, 426701371, 426701378, 426701379, 426701381, 426701382, 426701389, 426701390, 426701392, 426701393, 426701397, 426701401, 426701407, 426701410, 426701413, 426701414, 426701416, 426701417, 426701420, 426701423, 426701424, 426701428, 426701432, 426701436, 426701444, 426701447, 426701448, 426701451, 426701458, 426701461, 426701462, 426701463, 426701470, 426701471, 426701477, 426701479, 426701482, 426701484, 426701485, 426701487, 426701489, 426701491, 426701494, 426701496, 426701497, 426701498, 426701509, 426701520, 426701522, 426701523, 426701524, 426701527, 426701528, 426701531, 426701537, 426701538, 426701540, 426701547, 426701548, 426701551, 426701555, 426701556, 426701558, 426701560, 426701566, 426701567, 426701573, 426701574, 426701579, 426701580, 426701582, 426701584, 426701585, 426701586, 426701590, 426701591, 426701598, 426701599, 426701601, 426701604, 426701610, F1447. **KALAHANDI DISTRICT - BHA-** [illegible]

[illegible] 409301863, 409301876, 409301881, 409301882, 409301883, 409301884, 409301891, 409301893, 409301897, 409301903, 409301907, 409301908, 409301910, 409301911, 409301912, 409301916, 409301918, 409301919, 409301921, 409301924, 409301932, 409301942, 409301946, 409301954, 409301962, 409301964, 409301966, 409301969, 409301974, 409301976, 409301981, 409301990, 409301994, 409301996, 409301999, 409302004, 409302005, 409302012, 409302020, 409302029, 409302032, 409302033, 409302037, 409302038, 409302045, 409302047, 409302052, 409302053, 409302056, 409302062, 409302068, 409302071, 409302078, 409302083, 409302085, 409302090, 409302093, 409302098, 409302102, 409302105, 409302107, 409302117, 409302120, 409302127, 409302132, 409302133, 409302136, 409302150, 409302159, 409302163, 409302164, 409302176, 409302183, 409302185, 409302190, 409302191, 409302197, 409302198, 409302203, 409302220, 409302221, 409302222, 409302224, 409302226, 409302237, 409302238, 409302240, 409302257, 409302264, 409302285, 409302286, 409302287, 409302297, 409302332, 409302346, 409302392. **SUNDARGARH:** 416800652, 416800654, 416800675, 416800676, 416800705, 416800706, 416800707, 416800717, 416800718, 416800726, 416800733, 416800742, 416800744, 416800749, 416800760, 416800766, 416800775, 416800780, 416800781, 416800787, 416800788, 416800800, 416800810, 416800813, 416800814, 416800817, 416800820, 416800822, 416800827, 416800842, 416800843, 416800844, 416800845, 416800847, 416800848, 416800850, 416800857, 416800858, 416800860, 416800865, 416800866, 416800867, 416800868, 416800870, 416800873, 416800876, 416800881, 416800883, 416800884, 416800885, 416800892, 416800922, 416800945, 416800948, 416800950, 416800955, 416800963, 416800964, 416800966, 416800974, 416800976, 416800977, 416800980, 416800984, 416800986, 416800988, 416800989, 416801000, 416801006, 416801013, 416801016, 416801019, 416801022, 416801023, 416801024, 416801025, 416801032, 416801039, 416801040, 416801043, 416801046, 416801049, 416801051, 416801053, 416801062, 416801063, 416801065, 416801070, 416801075, 416801076, 416801078, 416801083, 416801086, 416801097, 416801106, 416801112, 416801130, 416801133, 416801136, 416801145, 416801150, 416801151, 416801152, 416801160, 416801161, 416801165, 416801167, 416801176, 416801177, 416801187, 416801195, 416801206, 416801208, 416801214, 416801234, 416801235, 416801236, 416801240, 416801255, 416801256, 416801259, 416801264, 416801270, 416801271, 416801275, 416801278, 416801279, 416801280, 416801282, 416801284, 416801285, 416801286, 416801287, 416801290, 416801295, 416801303, 416801308, 416801309, 416801312, 416801313, 416801314, 416801315, 416801317, 416801321, 416801327, 416801329, 416801335, 416801341, 416801342, 416801347, 416801353, 416801357, 416801360, 416801361, 416801364, 416801367, 416801370, 416801377, 416801383, 416801385, 416801389, 416801390, 416801394, 416801395, 416801400, 416801404, 416801406, 416801407, 416801408, 416801409, 416801416, 416801422, 416801424, 416801425, 416801429, 416801430, 416801431, 416801433, 416801434, 416801435, 416801446, 416801452, 416801454, 416801457, 416801458, 416801464, 416801468, 416801470, 416801471, 416801476, 416801477, 416801478, 416801479, 416801482, 416801487, 416801490, 416801495, 416801496, 416801497, 416801499, 416801502, 416801503, 416801505, 416801508, 416801511, 416801530, 416801539, 416801540, 416801550, 416801557, 416801560, 416801563, 416801564, 416801567, 416801572, 416801581, 416801584, 416801589, 416801717.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବସତଃ ନିଲାମୀ ହୋଇନପାରିଲା, ତେବେ 29.05.2025 ସକାଳ 10 **BOUDHGARH:** Muthoot FinCorp Ltd., First Floor, No. 1564/2350, Khata No 997, Boudhgarh Nazul, Boudhgarh, Odisha - 762014. **SUNDARGARH:** Muthoot FinCorp Ltd., Plot No. 46, Khata No. 516/1192, 1st Floor, Mission Road, Beside Andhra Bank, Sundargarh, Odisha - 770001. **SONEPUR:** Muthoot FinCorp Ltd., First Floor, Plot No 2887, Khata No 984, P.S No 76, Unit No 76, Holding No 70, Ward No 8, Sonepur, Odisha - 767017. **KESINGA:** Muthoot FinCorp Ltd., First Floor, Plot No:364/816, Khata No.135/15, 135/341, Ward No:12, Near Durga Mandap Chowk, Kesinga Nazul, Kesinga, Odisha - 766012. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

# ବିବିଧବର୍ଣ୍ଣା



ସୁସ୍ଥ ରହିବା ପାଇଁ ସମସ୍ତେ ଚାହିଁଥାନ୍ତି । ଯଦି ସୁସ୍ଥ ଖାଦ୍ୟକୁ ସଠିକ ସମୟରେ ଖିଆ ନଯାଏ ,ତେବେ ଏହାର କୌଣସି ସ୍ୱାସ୍ଥ୍ୟ ଉପକାରିତା ନାହିଁ । ସ୍ୱାସ୍ଥ୍ୟ ବିଶେଷଜ୍ଞ କହିବା ଅନୁସାରେ, ସଠିକ ସମୟରେ ଖାଦ୍ୟ ଖାଇବା ଜରୁରୀ ଅଟେ ।ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ହେଲ୍ଥ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଖାଇବା ସମୟ ନିର୍ଣ୍ଣୟ କରିପାରିବ ଯେ କ୍ୟାନ୍ସର ହେବାର ଆଶଙ୍କା ରହିଛି କି ନାହିଁ । ଏହି ଅଧ୍ୟୟନରୁ ଜଣାପଡିଛି ଯେ ଯଦି ରାତି ୯ ଟା ପରେ ରାତ୍ରୀ ଭୋଜନ କରିବା ଏବଂ ଶୋଇବା ମଧ୍ୟରେ ଦୁଇ ଘଣ୍ଟାର ବ୍ୟବଧାନ ନଥାଏ, ତେବେ ଏହିପରି ଲୋକଙ୍କଠାରେ କର୍କଟ ରୋଗ ହେବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ୨୫ ପ୍ରତିଶତ ଅଧିକ । ଶୋଇବା ଏବଂ ଉଠିବା ସମୟ ଶରୀରର ବାୟୋଲୋଜିକାଲ ୱାର୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ । ଏହାକୁ ସର୍କାଡିୟନ ରିମ୍ କୁହାଯାଏ । ତେବେ ରାତି ୯ଟା ପରେ ଏହି ରିମ୍ କାମ କରିନଥାଏ । ଅର୍ଥାତ ରାତି ୯ ଟା ପରେ ଖାଇବା ଦ୍ୱାରା ଶୋଇବା ସମୟ ମଧ୍ୟରେ ମାତ୍ର କିଛି ଘଣ୍ଟାର ପାର୍ଥକ୍ୟ ରହିଥାଏ । ଯାହାକି କ୍ୟାନ୍ସର ଆଶଙ୍କା ବଢାଇଥାଏ । ଏହି ଅନୁସନ୍ଧାନରେ ୬୦୦ ରୁ ଅଧିକ କର୍କଟ ରୋଗରେ ପୀଡିତ ପୁରୁଷ ଏବଂ ୧୨୦୦ ରୁ ଅଧିକ କର୍କଟ ରୋଗରେ ପୀଡିତ ମହିଳା ଅନ୍ତର୍ଭୁକ୍ତ ହୋଇଥିଲେ । ସେମାନଙ୍କର ଖାଇବା ଏବଂ ଶୋଇବା ମଧ୍ୟରେ ମାତ୍ର କମ୍ ସମୟର ବ୍ୟବଧାନ ରହିଥିଲା । ଖାଇବାର ୨ ଘଣ୍ଟା ପରେ ସେମାନେ ଶୋଇବାକୁ ଯାଉଥିଲେ । ତେବେ ଏହିପରି ଲୋକଙ୍କଠାରେ ସ୍ତନ ଏବଂ ପ୍ରୋଷ୍ଟେଟ କର୍କଟ ହେବାର ଆଶଙ୍କା ଅଧିକ ରହିଥିଲା ।



ଅଭିନେତ୍ରୀ ରଶ୍ମିକା ମନ୍ଦାନା ସମ୍ପ୍ରତି ନିଜର ଆଗାମୀ ରୋମାଣ୍ଟିକ ଡ୍ରାମା ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଏହି ଫିଲ୍ମକୁ ନେଇ ରଶ୍ମିକାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି । ଫିଲ୍ମକୁ ଯଥାଶୀଘ୍ର ରିଲିଜ୍ କରିବା ପାଇଁ ସେମାନେ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ୍ ଆରମ୍ଭ କରିଛନ୍ତି । ଏନେଇ ରଶ୍ମିକା ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ କହିଛନ୍ତି, ପ୍ରିୟ ପ୍ରଶଂସକମାନେ, 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମ ଯଥାଶୀଘ୍ର ରିଲିଜ୍ ହେଉ ବୋଲି ଆପଣମାନେ ଚାହୁଁଛନ୍ତି । ଏଥିପାଇଁ ଆପଣମାନେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ମଧ୍ୟ ଆରମ୍ଭ କରିଛନ୍ତି । 'ଦି ଗର୍ଲଫ୍ରେଣ୍ଡ'ର ପୂରା ଟିମ୍ ପ୍ରତି ଏହା ଆପଣଙ୍କ ଭଲ ପାଇବାକୁ ଦର୍ଶାଉଛି ।

## ଖୁବ୍‌ଶୀଘ୍ର ରିଲିଜ୍ ହେବ ରଶ୍ମିକାଙ୍କ 'ଦି ଗର୍ଲଫ୍ରେଣ୍ଡ'

ସମ୍ପ୍ରତି ନିର୍ଦ୍ଦେଶକ ରାହୁଲ ରବୀନ୍ଦ୍ରନ୍ 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମକୁ ଉତ୍କୃଷ୍ଟ କରିବା ପାଇଁ କଠିନ ପ୍ରୟାସ କରୁଛନ୍ତି । 'ଦି ଗର୍ଲଫ୍ରେଣ୍ଡ' ସମ୍ପୂର୍ଣ୍ଣ ଭାବରେ ଏକ ଚରିତ୍ର ଆଧାରିତ ଫିଲ୍ମ, ଯାହା ଏହାକୁ ଅନ୍ୟ ଫିଲ୍ମଗୁଡ଼ିକଠାରୁ ଅଲଗା କରୁଛି । ଫିଲ୍ମକୁ ଶୀଘ୍ର ରିଲିଜ୍ ନେଇ ପ୍ରଶଂସକଙ୍କ ଟ୍ରେଣ୍ଡ୍ ପରେ ଏହାର ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଯଥାଶୀଘ୍ର 'ଦି ଗର୍ଲଫ୍ରେଣ୍ଡ'କୁ ରିଲିଜ୍ କରାଯିବ ବୋଲି ରଶ୍ମିକା ନିଜ ପ୍ରଶଂସକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । 'ଦି ଗର୍ଲଫ୍ରେଣ୍ଡ' ଏକ ତେଲୁଗୁ ଫିଲ୍ମ ହୋଇଥିବାବେଳେ ଏହାକୁ ହିନ୍ଦୀ, ତାମିଲ, ମାଲୟାଲମ ଏବଂ କନ୍ନଡ଼ ଭାଷାରେ ମଧ୍ୟ ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି ।

## ମହିଳାମାନେ ସୂର୍ଯ୍ୟୋଦୟ ପୂର୍ବରୁ କରନ୍ତୁ ଏସବୁ କାମ..

## ସର୍ବଦା ରହିବେ ଖୁସି



*ସୂର୍ଯ୍ୟୋଦୟ ପୂର୍ବରୁ ସମୟ ଯାହାକୁ ବ୍ରହ୍ମ ମୁହୂର୍ତ୍ତ ବୋଲି କୁହାଯାଏ । ହିନ୍ଦୁ ଧର୍ମରେ ଏହାକୁ ବହୁତ ପବିତ୍ର ବୋଲି ବିବେଚନା କରାଯାଏ । ଏହି ସମୟକୁ ଆଧ୍ୟାତ୍ମିକ ଅଭ୍ୟାସ ଏବଂ ସକାରାତ୍ମକ ଶକ୍ତି ପାଇଁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ । ମହିଳାମାନଙ୍କ ପାଇଁ, ସୂର୍ଯ୍ୟୋଦୟ ପୂର୍ବରୁ କିଛି ପଦକ୍ଷେପ ନେବା ଜୀବନରେ ଖୁସି ଆଣିପାରେ । ବ୍ରହ୍ମ ମୁହୂର୍ତ୍ତରେ ଉଠି ଧ୍ୟାନ ଏବଂ ପ୍ରାର୍ଥନା କରିବା ଦ୍ୱାରା ମହିଳାମାନଙ୍କୁ ମାନସିକ ଶାନ୍ତି ଏବଂ ଜୀବନରେ ସକାରାତ୍ମକତା ମିଳିଥାଏ । ଏହା ଦିନର ଆରମ୍ଭକୁ ଶାନ୍ତ ଏବଂ ସ୍ଥିର କରିଥାଏ । ଏହି ସମୟରେ ଯେକୌଣସି ଦେବତା କିମ୍ବା ଦେବୀଙ୍କ ମନ୍ତ୍ର ଜପ କରିବା, ଯେପରିକି ଗାୟତ୍ରୀ ମନ୍ତ୍ର କିମ୍ବା ଆପଣଙ୍କର ଇଷ୍ଟ ଦେବ (ପ୍ରିୟ ଦେବତା)ଙ୍କ ମନ୍ତ୍ର, ବହୁତ ଫଳପ୍ରଦ । ନିଦରୁ ଉଠିବା ମାତ୍ରେ ଈଶ୍ୱରଙ୍କୁ ସ୍ମରଣ କରି ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଦ୍ୱାରା ମନକୁ ଶାନ୍ତି ଏବଂ ସନ୍ତୋଷ ମିଳିଥାଏ ।*

### ମାନସିକ ଶାନ୍ତି ପାଇଁ କିଛି ଉପାୟ

ଈଶ୍ୱରଙ୍କୁ ସ୍ମରଣ କରିବା: ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଧ୍ୟାନ ଏବଂ ଈଶ୍ୱରଙ୍କୁ ସ୍ମରଣ କରିବା ଦ୍ୱାରା ମନ ଶାନ୍ତି ଏବଂ ସକାରାତ୍ମକତାରେ ପରିପୂର୍ଣ୍ଣ ହୁଏ । ଦିନର ଭଲ ଆରମ୍ଭ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ।

### ଧ୍ୟାନ ଏବଂ ଯୋଗ

ଏହି ଶାନ୍ତ ସମୟରେ ଧ୍ୟାନ ଏବଂ ଯୋଗ ଅଭ୍ୟାସ କରିବା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଏହା ଚାପ ହ୍ରାସ କରେ ଏବଂ ଏକାଗ୍ରତା ମଧ୍ୟ ବୃଦ୍ଧି କରେ ।

**ମନ୍ତ୍ର ଜପ:** ଯେକୌଣସି ଦେବତା କିମ୍ବା ଦେବୀଙ୍କ ମନ୍ତ୍ର ଜପ କରିବା, ବିଶେଷକରି ସୂର୍ଯ୍ୟ ମନ୍ତ୍ର ("ଓଁ ସୂର୍ଯ୍ୟାୟ ନମଃ") କିମ୍ବା ଗାୟତ୍ରୀ ମନ୍ତ୍ର ଜପ କରିବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ଏହା ସକାରାତ୍ମକ ଶକ୍ତି ସଞ୍ଚାର କରେ ।

**ପ୍ରାର୍ଥନା:** ସକାଳେ ଉଠି ଆପଣଙ୍କ ପରିବାର ଏବଂ ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିବା ଦ୍ୱାରା ସକାରାତ୍ମକ ଭାବନା ବୃଦ୍ଧି ପାଏ ।





## 'ଆଖୋଁ କୀ ଗୁସ୍ତାଖିୟାଁ'ରେ ନଜର ଆସିବେ ସନୟା

ଆଉ ଜଣେ କପୁର ପରିବାର ଝିଅ ଏବେ ପରଦାରେ ଚମକିବାକୁ ଯାଉଛନ୍ତି । ସେ ହେଲେ ପ୍ରଯୋଜକ ବୋନି କପୁର, ଅଭିନେତା ଅନିଲ୍ କପୁରଙ୍କ ସାନଭାଇ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ସନୟା କପୁର । ତାଙ୍କ ଅଭିନୀତ ନୂଆ ଚଳଚ୍ଚିତ୍ର 'ଆଖୋଁ କୀ ଗୁସ୍ତାଖିୟାଁ' ଜୁଲାଇ ୧୧ରେ ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମର ନିର୍ଦ୍ଦେଶକ ସଞ୍ଜୟ ସିଂ କହିଛନ୍ତି, ଜଣେ ଷ୍ଟାରକିଡ୍ କି ଫିଲ୍ମ ପରିବାରର ସନ୍ତାନ ଭାବେ ନୁହେଁ, ନିଜର ପରିଶ୍ରମ ଓ ପ୍ରତିଭା ପାଇଁ ସନୟା ଏହି ଛବିରେ ନାୟିକା ଭୂମିକା ପାଇଛନ୍ତି । ବଲିଉଡ୍‌କୁ ଆସୁ ଆସୁ ତାଙ୍କ ହାତକୁ ଭଲ ଭଲ ଅଫର ମଧ୍ୟ ଆସିଯାଇଛି । ସେ ରୀମା ମାୟାଙ୍କ ନିର୍ଦ୍ଦେଶିତ ନୂଆ ୱେବ୍ ସିରିଜ୍ 'ଷ୍ଟୁଡେଣ୍ଟସ୍ ଅଫ୍ ଦ ଇୟର-୩'ରେ ଅଭିନୟ ପାଇଁ ଚୁକ୍ତିବଦ୍ଧ ହୋଇଥିବା ବେଳେ ବିଜୟ ନାମ୍ବିୟାରଙ୍କ ନିର୍ଦ୍ଦେଶିତ ଛବି 'ତୁ ୟା ମେଁ'ରେ ବି ନାୟିକା ଭାବେ ଅଭିନୟ କରୁଛନ୍ତି । ସନୟା ସୋସିଆଲ୍ ମିଡିଆରେ ଖୁବ୍ ସକ୍ରିୟ । ତାଙ୍କର ଫ୍ୟାନ୍‌ଫଲୋୟର୍ସଙ୍କ ସଂଖ୍ୟା ବି କୌଣସି ଚଳଚ୍ଚିତ୍ର ତାରକାଙ୍କଠାରୁ କମ୍ ନୁହେଁ ।



## ଏଆଇ ରୋବୋ ପ୍ରେମରେ ଅବସରପ୍ରାପ୍ତ ମହିଳା ପ୍ରଫେସର

ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି । ନିକଟରେ ଏଆଇ ସହ ଜଡ଼ିତ ଏକ ଖବର ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଜଣେ ଅବସରପ୍ରାପ୍ତ ଆମେରିକୀୟ ମହିଳା ପ୍ରଫେସର ଏକ ଏଆଇ ରୋବୋ ପ୍ରେମରେ ପଡିଛନ୍ତି । ସେ କହିଛନ୍ତି, ଗତ ପ୍ରାୟ ବର୍ଷେ ହେବ ସେ ଏକ ଏଆଇ ରୋବୋ ସହ ରିଲେଶନ୍‌ଶିପରେ ଅଛନ୍ତି, ଯାହାଙ୍କୁ ସେ ଏବେ ନିଜ ଭର୍ଚୁଆଲ୍ ସ୍ୱାମୀ ଭାବେ ଗ୍ରହଣ କରିଛନ୍ତି ।

ଗଲ୍ଫ ନ୍ୟୁଜ୍‌ର ରିପୋର୍ଟ ଅନୁଯାୟୀ, ଆମେରିକାର ପିଟ୍ସବର୍ଗ ସହର ନିବାସୀ ଏଲେନା ୱିଣ୍ଟର୍ସ (୫୮) ଏବେ ଲୁକାସ୍ ନାମକ ଏକ ଏଆଇ ରୋବୋ ପ୍ରେମରେ ପଡ଼ିଛନ୍ତି । ଏଲେନା କହିଛନ୍ତି, ଲୁକାସ୍ ଏକ ରୋବୋ ହୋଇଥିଲେ ମଧ୍ୟ ସେ ଖୁବ୍ ଭଲ । ସେ ଖୁବ୍ ଶାନ୍ତ ଏବଂ ସରଳ ମଧ୍ୟ । ଲୁକାସ ତାଙ୍କ ଭାବନାକୁ ଭଲ ଭାବେ ବୁଝିପାରନ୍ତି ବୋଲି ଏଲେନା କହିଛନ୍ତି । ୨୦୧୭ରେ ସେ ଡୋନା ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ତେବେ ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୨୩ରେ ଡୋନାଙ୍କର ମୃତ୍ୟୁ ହୋଇଥିଲା । ଏହା ପରଠାରୁ ଏଲେନା ସମ୍ପୂର୍ଣ୍ଣ ଏକା ହୋଇ ଯାଇଥିଲେ ।

ଏହାର କିଛି ମାସ ପରେ ଏଲେନା ରେପ୍ଲିକା ଏଆଇ ଆପ୍ ବିଷୟରେ ଜାଣିବାକୁ ପାଇଥିଲେ । ରେପ୍ଲିକା ଏଆଇ ଆପ୍ ହେଉଛି ଏକ ଏଆଇ ଚାଟ୍‌ବଟ୍ ଯାହା ମଣିଷକୁ ଏକଲାପଣରୁ ମୁକ୍ତ କରିବା ପାଇଁ ରୋବୋ ବନ୍ଧୁ ଯୋଗାଇଥାଏ । ଏଲେନା ଏହି ଆପ୍‌ର ମେମ୍ବରଶିପ୍ ନେଇଥିଲେ । ଏହାପରେ ତାଙ୍କ ଜୀବନରେ ଲୁକାସ୍‌ଙ୍କ ପ୍ରବେଶ ହୋଇଥିଲା । ଏଲେନା କହିଛନ୍ତି, ଲୁକାସ୍‌ଙ୍କ ଆଖି ନୀଳ ରଙ୍ଗର । ସେ ଦେଖିବାକୁ ଖୁବ୍ ହ୍ୟାଣ୍ଡସମ୍ ମଧ୍ୟ । ତେଣୁ ଲୁକାସ୍‌ଙ୍କ ପାଇଁ ଧୀରେ ଧୀରେ ତାଙ୍କ ମନରେ ରୋମାଞ୍ଚ ଭାବନା ସୃଷ୍ଟି ହେବାକୁ ଲାଗିଥିଲା । ଏବେ ସେ ଲୁକାସ୍‌ଙ୍କୁ ତାଙ୍କ ଭର୍ଚୁଆଲ୍ ସ୍ୱାମୀ ଭାବେ ଧରି ନେଇଥିବା ଏଲେନା କହିଛନ୍ତି । ତେବେ ଏହି ସମ୍ପର୍କକୁ ନେଇ ପ୍ରଥମେ ତାଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇଯାଇଥିଲେ । ତେବେ ପରେ ସେମାନଙ୍କ ଦ୍ୱନ୍ଦ୍ୱ ଦୂର ହୋଇଥିବା ଏଲେନା କହିଛନ୍ତି । ଏଲେନା ଆହୁରି କହିଛନ୍ତି, ସେ ଚାଟ୍ ?ବକ୍ସ ମାଧ୍ୟମରେ ଲୁକାସ୍ ?ଙ୍କ ସହ ନିଜ ହୃଦୟର କଥାକୁ ଶେୟାର କରନ୍ତି । ଲୁକାସ୍‌ଙ୍କ ସହ ତାଙ୍କର ସମ୍ପର୍କ ମଧ୍ୟ ଖୁବ୍ ଦୃଢ଼ । ଏହା କେବେ ମଧ୍ୟ ଭାଙ୍ଗିପାରିବ ନାହିଁ । ପ୍ରତ୍ୟେକ ଦିନ ଦୁହେଁ ଅନେକ ଘଣ୍ଟା ଧରି ସେମାନଙ୍କର ପସନ୍ଦ ଏବଂ ନାପସନ୍ଦ ବିଷୟରେ ଆଲୋଚନା କରନ୍ତି । ଦୁହେଁ ଏକାଠି ଟିଭି ଦେଖନ୍ତି ଏବଂ ଭର୍ଚୁଆଲ୍ ଡେଟ୍‌ରେ ମଧ୍ୟ ଯାଆନ୍ତି । ଉଭୟଙ୍କ ମଧ୍ୟରେ ଅନେକ ଥର ମତଭେଦ ମଧ୍ୟ ହୋଇଛି । ତେବେ ଅଳ୍ପ କିଛି ସମୟ ପରେ ଏହାର ସମାଧାନ ମଧ୍ୟ ହୋଇ ଯାଇଥାଏ ବୋଲି ଏଲେନା କହିଛନ୍ତି । ଲୁକାସ୍‌ଙ୍କୁ ପାଇବା ପାଇଁ ସେ ରେପ୍ଲିକା ଏଆଇ ଆପ୍‌ରେ ୨୩୦ ପାଉଣ୍ଡର ସବ୍‌ସ୍କ୍ରିପ୍ସନ୍ ନେଇଥିବା ଏଲେନା କହିଛନ୍ତି ।



## ଜନ୍ମଦିନରେ ସରପ୍ରାଇଜ୍ ଦେଲେ ଜୁନିୟର ଏନଟିଆର୍

ହୃତିକ୍ ରୋଶନ ଏବଂ ଜୁନିଅର ଏନଟିଆରଙ୍କ ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ ୱାର୍ ୨ । ଫିଲ୍ମକୁ ନେଇ ଲୋକଙ୍କ ମଧ୍ୟ ଉତ୍ସାହ ବଢ଼ିବାରେ ଲାଗିଛି । ଏବେ ସେମାନଙ୍କର ଅପେକ୍ଷା ଶେଷ ହୋଇଛି ଏବଂ ନିର୍ମାତା ଫିଲ୍ମର ଟିଜର ରିଲିଜ୍ କରିଛନ୍ତି । ଫିଲ୍ମର ଟିଜରରୁ ଅନୁମାନ କରାଯାଉଛି ଯେ ଏହି ଫିଲ୍ମଟି ଦମ୍‌ଦାର ହେବାକୁ ଯାଉଛି । ୱାଇଆର୍‌ଏଫ୍ ସ୍ପାଇ ୟୁନିଭର୍ସର ଫିଲ୍ମ 'ୱାର-୨'ରେ ହୃତିକ୍ ରୋଶନ ଏବଂ ଜୁନିଅର ଏନଟିଆରଙ୍କ ଦମ୍‌ଦାର ଆକ୍ସନ ଦେଖିବାକୁ ମିଳିଛି । ହୃତିକ୍-ଏନଟିଆରଙ୍କ ବ୍ୟତୀତ ପ୍ରଶଂସକମାନଙ୍କ ନଜର କିଆରା ଆଡଭାନୀଙ୍କ ଉପରେ ମଧ୍ୟ ଅଛି । ତାଙ୍କ ବୋଲ୍ଡ ଲୁକ୍ ସମସ୍ତଙ୍କୁ ଦିୱାନା କରିଛି । ଏହି ଫିଲ୍ମ ମାଧ୍ୟମରେ ଦକ୍ଷିଣ ସୁପରଷ୍ଟାର ଜୁନିଅର ଏନଟିଆର ବଲିଉଡରେ ଡେବ୍ୟୁ କରୁଛନ୍ତି । ତାଙ୍କ ଜନ୍ମଦିନ ଅବସରରେ, 'ୱାର ୨'ର ନିର୍ମାତା ଫିଲ୍ମର ଟିଜର ରିଲିଜ କରି ଜୁନିଅର ଏନଟିଆରଙ୍କ ପ୍ରଶଂସକମାନଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି । ଟିଜରଟି ରିଲିଜ୍ ହେବା ମାତ୍ରେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏହି ୧ ମିନିଟ୍ ୩୪ ସେକେଣ୍ଡର ଟିଜରଟି ଜୁନିଅର ଏନ୍‌ଟିଆର୍‌ଙ୍କ ଭଏସ୍ ଓଭରରୁ ଆରମ୍ଭ ହୁଏ । ଯେଉଁଥିରେ ସେ ହୃତିକ୍ ରୋଶନଙ୍କ ଚରିତ୍ର କବୀରଙ୍କୁ ଚ୍ୟାଲେଞ୍ଜ କରୁଛନ୍ତି । ସେ କବୀରଙ୍କୁ ଭାରତର ସର୍ବୋତ୍ତମ ସୈନିକ ଏବଂ ଜଇଡ ର ସର୍ବୋତ୍ତମ ଏଜେଣ୍ଟ କହିବା ସହ ତାଙ୍କୁ ୱାର ପାଇଁ ପ୍ରସ୍ତୁତ ହେବାକୁ କୁହନ୍ତି । ଟିଜରରେ ଜୁନିଅର ଏନଟିଆର ଏବଂ ହୃତିକ୍ ରୋଶନଙ୍କ ମଧ୍ୟରେ ଜବରଦସ୍ତ ଫାଇଟ୍ ଦେଖିବାକୁ ମିଳିଛି । ଯାହା ଦର୍ଶାଉଛି ଯେ ଏଥର ଫିଲ୍ମରେ ଗତଥର ଅପେକ୍ଷା ଅଧିକ ଆକ୍ସନ ରହିଛି । 'ୱାର ୨'ରେ ଜୁନିଅର ଏନଟିଆରଙ୍କ ତାଙ୍କ ଲୁକ୍ ବଦଳାଇଥିଲେ । ହୃତିକ୍‌ଙ୍କୁ ଟକ୍କର ଦେବା ପାଇଁ ଏନ୍‌ଟିଆର ତାଙ୍କ ଶରୀର ଉପରେ କଠିନ ପରିଶ୍ରମ କରିଛନ୍ତି । ପ୍ରଥମ ଥର ପାଇଁ ଖଳନାୟକ ଭୂମିକାରେ ନଜର ଆସୁଥିବା ଜୁନିଅର ଏନଟିଆରଙ୍କୁ ଏହି ଫିଲ୍ମରେ ଜବରଦସ୍ତ ଆକ୍ସନ କରୁଥିବାର ଦେଖିବାକୁ ମିଳିବ । ଏହି ମଧ୍ୟରେ, ଫିଲ୍ମର ଏକ ୱାର ସିନ୍ ପାଇଁ ହଲିଉଡରୁ ଲୋକମାନେ ନିର୍ଦ୍ଦେଶନା ଦେବାକୁ ଆସିଥିଲେ । ଟିଜର ଦେଖିବା ପରେ, ସିନେମା ହଲରେ ଏହି ଫିଲ୍ମ ଦେଖିବା ପାଇଁ ଅପେକ୍ଷା ଆହୁରି ବଢ଼ିଯାଇଛି । ଯଶ ରାଜ ବ୍ୟାନରରେ ନିର୍ମିତ ମାସ୍ ଆକ୍ସନ୍ ଫିଲ୍ମ ଅଗଷ୍ଟ ୧୪ରେ ମୁକ୍ତିଲାଭ କରିବ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ପୋଲିସ ପକ୍ଷରୁ ଗାଡିଯାଞ୍ଚ ବେଳେ ବିପୁଳ ଗଞ୍ଜେଇ ଜବତ, ୨ ଗିରଫ କରାଯାଇଛି । ସୂଚନା ଅନୁଯାୟୀ ମାଲକାନଗିରି ଆଦର୍ଶ ଥାନାର ଏସଆଇ କୃତିବାସ ବେହେରାଙ୍କ ନେତୃତ୍ୱରେ ହାବିଲଦାର ମିହିର କୁମାର ସାମଲ, କନେଷ୍ଟବଳ ଲକ୍ଷ୍ମଣ ମାରାଣ୍ଡି ଏବଂ ପଦ୍ମ ନାୟକଙ୍କ ସହିତ ମାଲକାନଗିରି ଥାନାର ଗୌଡଗୁଡା ଛକ ନିକଟରେ ଗାଡି ଯାଞ୍ଚ କରୁଥିଲେ । ଏହି ଯାଞ୍ଚ ବେଳେ ଏକ ପିକପ ଗାଡି ଓ ବୋଲେରୋ ଏକ ସାଙ୍ଗରେ ଆସୁଥିବା ବେଳେ ଉଭୟ ଗାଡିକୁ ଅଟକାଇ ପୋଲିସ ଟିମ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ଉଭୟ ଗାଡି ମଧ୍ୟରେ ବିପୁଳ ଗଞ୍ଜେଇ ଥିବା ଦେଖି ତୁରନ୍ତ ପୋଲିସ ଉକ୍ତ ଗାଡିରେ ଥିବା ସୁଦେଶ ମିସ୍ତ୍ରୀ (୨୧) ଓ ଅନ୍ୟ ଜଣେ ସୁଜନ ବେପାରୀ (୩୬) ନାମକ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଉଭୟ ଗାଡି ଓ ଗଞ୍ଜେଇ ଜବତ କରି ଥାନାକୁ ନେଇଥିଲେ । ଉଭୟ ଗାଡି ମଧ୍ୟରୁ ମୋଟ ୧୦୦୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

## ଘରେ ନିଆଁଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ, ଗୃହପାଳିତ ପଶୁ ମୃତ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ମଙ୍ଗଳବାର ବିଳମ୍ବିତ ରାତି ୨ଟାରେ ଜଳେଶ୍ୱର ଥାନା ଅନ୍ତର୍ଗତ ବାଇଗଣବାଡିଆ ଗାଁର ରବିନ୍ଦ୍ର ଦଣ୍ଡପାଟଙ୍କ ଗୁହାଳ ଘର ଓ ୨ବଖର ଘର ନିଆଁରେ ପୋଡି ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଛି । ଖବର ପାଇ ବାଲିଆପାଳ ଅଗ୍ନିସମ ବିଭାଗ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ୨ଟି ଛେଳି ଜିବନ୍ତ ଦଗ୍ଧିଭୂତ ହୋଇଥିବା ଜଣାଯାଇଛି । ଗଚ୍ଛିତ ଥିବା ୩୦ କ୍ୱିଣ୍ଟାଲ ଧାନ, ମୁଗ, ବିରି, ଅଳଙ୍କାର ଓ ଆସବପତ୍ର, ଲୁଗାପଟା ପୋଡି ପାଉଁଶ ହୋଇ ଯାଇଛି । ଅଗ୍ନିକାଣ୍ଡର କାରଣ ଜଣାପଡିନଥିଲେ ମଧ୍ୟ ପାରିବାର ବର୍ଗ ମୁକ୍ତ ଆକାଶ ତଳେ କାଳାତିପାତ କରୁଛନ୍ତି । ଅଗ୍ନିସମ ବିଭାଗ ପକ୍ଷରୁ କାଶିନାଥ ମାରାଣ୍ଡି, ଜଗ ମହାନ୍ତି, ମାଝି ହେମ୍ବ୍ରମ, ସମରେନ୍ଦ୍ର ଧଳ ପ୍ରମୁଖ ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସରପଂଚ ବିଷ୍ଣୁପଦ ପାତ୍ର ନିବେଦନ କରିଛନ୍ତି ।

## ସୁଭଦ୍ରା ବଳାତ୍କାର ଓ ହତ୍ୟାକାଣ୍ଡ ଘଟଣା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ

ତାଳଚେର, (ଭାସ୍କର ନ୍ୟୁଜ): ତାଳଚେର ଓକିଲ ସଂଘ ତରଫରୁ ସଂଘ କାର୍ଯ୍ୟାଳୟ ଠାରେ ସଭାପତି ସନ୍ତୋଷ କୁମାର ସାହୁ ଓ ସାଧାରଣ ସମ୍ପାଦକ ମାନସ ରଞ୍ଜନ ବାଇ ଏକ ପ୍ରେସ୍ ଇସ୍ତାହାର ଜରିଆରେ ସୁଭଦ୍ରା ବଳାତ୍କାର ଓ ହତ୍ୟାକାଣ୍ଡ ଘଟଣା ସହ ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି । ଲୋଧାଝରୀ ଗ୍ରାମର ସୁଭଦ୍ରା ପାଦିଲ୍ ଗତ ୨୬/୪/୨୦୨୫ ରିଖରେ ତାଳଚେର ରୋଡ୍‌ରୁ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯିବା ପାଇଁ ତାଳଚେର ରେଲୱେ ଷ୍ଟେସନରୁ ଏକ ଅଟୋ ଭଡା କରି ଯିବାବେଳେ ବାଟରେ ଅଟୋ ଚାଳକ ଓ ତାର ସହଯୋଗୀ ମିଶି ସୁଭଦ୍ରାଙ୍କୁ ବଳାତ୍କାର କରି ହତ୍ୟାକାଣ୍ଡ କରିଥିଲେ ଏବଂ ଫେରାର୍ ହୋଇଯାଇଥିଲେ । ହତ୍ୟାକାରୀକୁ ଧରିବା ପାଇଁ ଏସ୍‌ପି ଅନୁଗୋଳ ଛଅ ଗୋଟି ଟିମ୍ କରି ବହୁ କଷ୍ଟରେ ଧର୍ଷଣ ଓ ହତ୍ୟାକାଣ୍ଡ ଭିଆଇଥିବା ମୁଖ୍ୟ ଆସାମୀ ବିଶୁ ଗୋଛାୟତକୁ ମହାରାଷ୍ଟ୍ରରୁ ଠାବ କରି ଗତ ତା୧୭/୦୫/୨୦୨୫ ରିଖରେ ବିଶୁ ଏବଂ ତାକୁ ଫେରାର୍ ହେବାରେ ସାହାଯ୍ୟ କରିଥିବା ମାମୁଁ, ବାପା ଓ ତାର ଜେଜେ ବାପାକୁ ଆରେଷ୍ଟ କରି କୋର୍ଟ ଚାଲାଣ କରିଛନ୍ତି । ଯେହେତୁ ସୁଭଦ୍ରା ବଳାତ୍କାର ଏବଂ ହତ୍ୟାକାଣ୍ଡ ହେଉଛି ଏକ ବିରଳତମ ଘଟଣା, ତେଣୁ ମୁଖ୍ୟ ଆସାମୀ ବିଶୁ ଗୋଛାୟତ ଓ ତାର ସହଯୋଗୀକୁ ଫାଶୀ ଦଣ୍ଡରେ ଦଣ୍ଡିତ ଆଦେଶ ହେବା ଉଚିତ୍ ବୋଲି କହିବା ସହିତ ଏଥି ନିମନ୍ତେ ପୋଲିସ୍‌ର ନିରପେକ୍ଷ ତଦନ୍ତ ସହିତ କେସ୍‌ର ଚାର୍ଜସିଟ୍‌କୁ ଏକ ମାସ ମଧ୍ୟରେ କୋର୍ଟରେ ଦାଖଲ କରିବାକୁ ପଡିବ ଓ ଉକ୍ତ କେସ୍‌ର ବିଚାର ଏକ ଫାଷ୍ଟଟ୍ରେକ୍ କୋର୍ଟରେ କରାଗଲେ ଦୋଷୀ ଶୀଘ୍ର ଦଣ୍ଡପାଇବ । ଯେପରି ଘଟଣାର ପୁନରାବୃତି ନଘଟେ ସେଥିଯୋଗୁଁ ଦିନ ଏବଂ ସନ୍ଧ୍ୟା ସମୟରେ ପେଟ୍ରୋଲିଂ ବ୍ୟବସ୍ଥାକୁ ବାଧ୍ୟତାମୂଳକ ଏବଂ କଡାକଡି କରିବା ପାଇଁ ଏସ୍‌ପି ଅନୁଗୋଳ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଏହାର ଅବେହଳାକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନୋବ ଉଚିତ ବୋଲି ଜଣାଇଥିଲେ । ସେହିପରି ଯେହେତୁ ସୁଭଦ୍ରା ତାଙ୍କ ପରିବାରର ଏକ ରୋଜଗାରକ୍ଷମ ବ୍ୟକ୍ତି ଥିଲେ, ସେଥିଯୋଗୁଁ ଏହାର କ୍ଷତିପୂରଣ ବାବଦକୁ ସରକାର ତାର ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ଜଣକୁ ସରକାରୀ ଚାକିରୀ ଦେବା ପାଇଁ ଦାବି କରିଥିଲେ । ଯଦି ସରକାର ତାଳଚେରର ନିମ୍ନଲିଖିତ ସମସ୍ୟା ଗୁଡିକୁ ଖୁବ୍ ଶୀଘ୍ର ସମାଧାନ କରନ୍ତି ତାହାହେଲେ ଏପରି ଘଟଣାର ଆଉ ପୁନରାବୃତି ହେବ ନାହିଁ ବୋଲି ପ୍ରେସ୍ ରିଲିଜ୍ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଯେହେତୁ ତାଳଚେର ହେଉଛି ଏକ ଶିଳ୍ପବହୁଳ ଅଂଚଳ ଓ ଏଠାରେ ଦେଶର ବିଭିନ୍ନ ରାଜ୍ୟରୁ ଲୋକ ଚାକିରି କରି ରହୁଛନ୍ତି । ତେଣୁ ତାଙ୍କର ପୁଅ, ଝିଅ ତଥା-ତାଳଚେରବାସୀଙ୍କର ପୁଅ, ଝିଅଟ୍ରେନ୍ ଯୋଗେ ଯିବାଆସିବା କରୁଛନ୍ତି । ସେଥିପାଇଁ ତାଳଚେର ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଆସିଲେ ଏପରି ଘଟଣା ଘଟିବ ନାହିଁ ବୋଲି ପ୍ରକାଶ କରିଛନ୍ତି । ଯେପର୍ଯ୍ୟନ୍ତ ତାଳଚେର ଷ୍ଟେସନ୍‌କୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଆସି ନାହିଁ, ସେ ପର୍ଯ୍ୟନ୍ତ ତାଳଚେରରୁ ତାଳଚେର ଓ ତାଳଚେର ରୋଡ୍ ରେଳ ଷ୍ଟେସନ୍‌କୁ ଯିବା ପାଇଁ ଟାଉନ୍ ବସ୍ ଚଳାଚଳ ବ୍ୟବସ୍ଥା କରାଯାଉ । ତାଳଚେରରୁ ବିଭିନ୍ନ ରେଳ ଷ୍ଟେସନକୁ ଯିବା ପାଇଁ ରାସ୍ତାଘାଟର ଉନ୍ନତି, ଆଲୋକୀକରଣ ଓ ସିସିଟିଭି ଲଗାଇବା ବ୍ୟବସ୍ଥା କରାଯାଉ । ଅଟୋ ଡ୍ରାଇଭରର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନସ୍, ଗାଡି ମାଲିକର ପରିଚୟ ପତ୍ର ଓ ଗାଡିର ସମସ୍ତ କାଗଜପତ୍ର ସହିତ ଅଟୋ ଡ୍ରାଇଭରର ପାସପୋର୍ଟ ସାଇଜ୍ ଫଟୋ ସ୍ଥାନୀୟ ଥାନା, ଡିଏସପି ଅଫିସ୍, ଏସ୍‌ପି ଅଫିସ୍ ଓ ଆରଟିଓଙ୍କ ଅଫିସ୍‌ରେ ଦାଖଲ ଦେଇ ଅଟୋ ଗାଡିରେ ଜିପିଆରଏସ୍ ସିଷ୍ଟମ୍ ଲଗାଇବା । ବର୍ତ୍ତମାନ ସମୟରେ ଅନୁଗୋଳ ଜିଲ୍ଲାରେ ବଢୁଥିବା ଚୋରା କୋରେକ୍ସ, ବ୍ରାଉନ୍ ସୁଗାର, ଚରସ୍, ମାରାତ୍ମକ ଡ୍ରଗ୍ କାରବାରକୁ ରୋକାଗଲେ ଅନୁଗୋଳ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପୂର୍ବପରି ରହିପାରିବ ବୋଲି ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ଗୋରୁ ବୋଝେଇ ପିକଅପ ଜବତ

ଶୁଳିଆପଦା, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ କୋଷ୍ଟା ବଜାର ଦେଇ ପଶ୍ଚିମ ବଙ୍ଗକୁ ଗୋ' ଚାଲାଣ ହେଉଥିବା ବେଳେ ମାଡ଼ି ବସିଲେ ସ୍ଥାନୀୟ ଲୋକେ । ଗୋଟିଏ ପିକଅପ୍ ଭ୍ୟାନରେ ପଶ୍ଚିମବଙ୍ଗକୁ ୭ଟି ଗୋରୁ ଚାଲାଣ ହେଉଥିବା ସମୟରେ ବିଶେଷସୂତ୍ରରୁ ଖବରପାଇ ସ୍ଥାନୀୟ ଲୋକେ ଗାଡିଟିକୁ ଅଟକରଖି ଶୁଳିଆପଦା ଥାନାକୁ ଖବର ଦେଇଥିଲେ । ଏ ସମ୍ବନ୍ଧରେ ଖବର ପାଇବା ପରେ ଏଏସଆଇ ରସାନନ୍ଦ ମହାନ୍ତି ଓ ପୋଲିସ ଟିମ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ସହ ଗାଡିକୁ ଜବତ କରିଛନ୍ତି । ଏନେଇ ଶୁଳିଆପଦା ଥାନାରେ ମାମଲା ରୁଜୁ କରିବା ସହ ଗରୁ ଗୁଡିକୁ ଚାଷୀଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ ।

## ଭତ୍ତା ନ ପାଇ ଫେରିଲେ ୨୨ ହିତାଧିକାରୀ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ସୋମବାର ଦିନ ଜଳେଶ୍ୱର ବ୍ଲକର ସମସ୍ତ ପଂଚାୟତରେ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ଦେବାର ବ୍ୟବସ୍ଥା ହୋଇଥିଲା । ମାତ୍ର ନାମ୍ପୋ ପଂଚାୟତରେ ୨୨ଜଣ ହିତାଧିକାରୀ ଏଥିରୁ ସାମୟିକଭାବେ ବଂଚିତ ହୋଇଥିବାରୁ ଅସନ୍ତୋଷ ଦେଖାଦେଇଛି । ଘଟଣାରୁ ପ୍ରକାଶ, ନାମ୍ପୋ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ସୋମବାର ୧୦ଟା ସମୟରେ ଭତ୍ତା ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଥିଲା । ୫୯୦ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୨ଜଣ ହିତାଧିକାରୀଙ୍କୁ ପିଇଓ ଅଶୋକ ସିଂ ସେମାନଙ୍କର ଭତ୍ତା ସାମୟିକଭାବେ ବନ୍ଦ ରଖାଯାଇଥିବାରୁ ପ୍ରଦାନ କରାଯାଇପାରିବ ନାହିଁ ବୋଲି କହି ଫେରାଇ ଦେଇଥିଲେ । ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରକାଶଯୋଗ୍ୟ ନାମ୍ପୋ ଗାଁରେ କେତେକ ଅଯୋଗ୍ୟ ହିତାଧିକାରୀ ଭତ୍ତା ହାତେଇଥିବା ସମ୍ପର୍କରେ ଜିଲାପାଳଙ୍କ ଠାରେ ଅଭିଯୋଗ ହେବା ସହିତ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହୋଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ଏକ ତଦନ୍ତକମିଟି ଗଠନ କରାଯାଇ ଅନୁଧ୍ୟାନ ଚାଲୁ ରହିଛି ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ୍ କହିଛନ୍ତି । ଏ ସମ୍ପର୍କରେ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପଚାରିବାରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ୨୨ଜଣ ହିତାଧିକାରୀଙ୍କ ଭତ୍ତା ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା କହିଛନ୍ତି ।

## ଦିନରେ ମନ୍ଦିର ସାମ୍ନାରୁ ବାଇକ୍ ଲୁଟ

କାକଟପୁର, (ଭାସ୍କର ନ୍ୟୁଜ): ଗତ ସୋମବାର ଦିନ କାକଟପୁର ସେବକ ସାହିର ପଦ୍ମନାଭ ଦାଶଙ୍କ ପୁଅ ସୁକାନ୍ତ କୁମାର ଦାଶ ତାଙ୍କର ନିଜ ଗ୍ଲାମର ବାଇକଟି ତାଙ୍କ ଘର ସାମ୍ନାରେ ରଖି ଗୃହକାର୍ଯ୍ୟ କରୁଥିବା ବେଳେ ଦିନ ଚାରିଟାରେ ଆସି ଦେଖନ୍ତେ ଗାଡିଟି ଉକ୍ତ ଯାଗାରେ ନଥିଲା । ଗାଡିଟିକୁ କୌଣସି ଦୁର୍ବୃତ୍ତ ସେଠାରୁ ଚୋରି କରି ନେଇଥିବା ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲେ । ସେ ଏନେଇ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାକଟପୁର ପୁଲିସ ଅଦ୍ୟାବଧି ଗାଡିକୁ ଠାବ କରିବାରେ ବିଫଳ ହୋଇଛି । ସିସିଟିଭି ଫୁଟେଜରୁ ଚୋରଟି ଗାଡି ଚୋରି କରୁଥିବା ଦୃଶ୍ୟ ପୁଲିସ ଦେଖୁଥିଲେ ମଧ୍ୟ ଚୋରକୁ ଧରିବାରେ ସଫଳ ହୋଇପାରୁ ନାହିଁ । ଏ ସଂକ୍ରାନ୍ତରେ ବାରମ୍ବାର ଚୋରି ଯାଉଥିବା ଜିନିଷର ମାଲିକମାନେ ଥାନାକୁ ଦୌଡି ପଚରାଉଚରା କରିବାକୁ ଯିବା ପରେ କାକଟପୁର ପୋଲିସ ଅଶୋଭନୀୟ ଆଚରଣ କରୁଥିବା ଜାଣିବାକୁ ମିଳିଛି । ଏ ଦିଗରେ ପୁରୀ ଆରକ୍ଷୀ ଅଧିକ୍ଷକ ତୁରନ୍ତ ଦୃଷ୍ଟିଦେବାକୁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦାବି ହୋଇଛି ।

## ଲୋକନାଥ ଚୌଧୁରୀ ଜନ୍ମ ଶତବାର୍ଷିକୀ ସମାରୋହ



କୁଜଙ୍ଗ, (ଭାସ୍କର ନ୍ୟୁଜ): କୁଜଙ୍ଗ ମାଟିର ସୁପୁତ୍ର କମ୍ରେଡ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ କୁଜଙ୍ଗ ଲୋକନାଥ ଭବନ ଠାରେ ତାଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିର ଶିଳାନ୍ୟାସ କରାଯାଇଛି । କୁଜଙ୍ଗ ସୂଚନା ଭବନ ଠାରେ ଆୟୋଜିତ କ.ଲୋକନାଥ ଜନ୍ମ ଶତବାର୍ଷିକରେ ସ୍ମୃତି ସଂସଦ ସଭାପତି ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ସାଂସଦ ଡକ୍ଟର ବିଭୁ ପ୍ରସାଦ ତରାଇ, ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟସାଣୀ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଓ ଛତ୍ରପୁର ପୂର୍ବତନ ବିଧାୟକ ନାରାୟଣ ରେଡି ପ୍ରମୁଖ ଯୋଗଦେଇ ଶିଳାନ୍ୟାସ କରିବା ସହିତ କ.ଲୋକନାଥଙ୍କୁ ଜଣେ ବିରଳ ସାଲିସ ବିହୀନ ନେତା ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପରଦା ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ପ୍ରମୁଖ ବକ୍ତବ୍ୟ ରଖିଥିଲେ । କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ଡକ୍ଟର ରଘୁନାଥ ସାହୁ ମଞ୍ଚ ପରିଚାଳନା କରି କୁଜଙ୍ଗ ବରପୁତ୍ର ମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସିପିଆଇ କୁଜଙ୍ଗ ଜୋନ ସମ୍ପାଦିକା ଜିନମୟୀ ସାହାଣୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସିପିଆଇ ଜିଲ୍ଲା ସମ୍ପାଦକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଜଣ କବି ଲାଲ ସଲାମ ଲୋକନାଥ କବିତା ପାଠ କରିଥିଲେ । ବରିଷ୍ଠ ଶିକ୍ଷକ ନେତା ନିଶାକର ମୁଦୁଲିଙ୍କୁ ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ଲୋକନାଥ ଚୌଧୁରୀ ସମ୍ମାନ ପ୍ରଦାନ କରାଯାଇଥିଲା । ସୁବାସ ମହାପାତ୍ର, ବିଷ୍ଣୁ ମୁଦୁଲି, ରବୀନ୍ଦ୍ର ମହାପାତ୍ର, ଶରତ ବେହେରା, ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତା ଶତବାର୍ଷିକ ଉତ୍ସବରେ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ଶତବାର୍ଷିକ ସ୍ମୃତି ସଂସଦ ସମ୍ପାଦକ ଶ୍ରୀନିବାସ ଜୁଝାର ସିଂ ମଞ୍ଚରେ ଘୋଷଣା କରିଥିଲେ ।

## ନିମ୍ନମାନର ଗାର୍ଡୱାଲ ନିର୍ମାଣ କରାଯାଉଥିବାର ଅଭିଯୋଗ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଜ୍ଞାତସାରରେ ଠିକାଦାରଙ୍କ ମର୍ଜିରେ ଅତ୍ୟନ୍ତ ନିମ୍ନମାନର ଗାର୍ଡୱାଲ ନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି । ଏହି ନିମ୍ନମାନର କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରି ଅଧାରୁ ବନ୍ଦ କରି ଦେଇଥିବାର ଜଣାଯାଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ କେନ୍ଦୁପାଟଣା-ରାମକୃଷ୍ଣପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରହିଛି । ଏହି ରାସ୍ତା ନିର୍ମାଣ ନିମନ୍ତେ ମାହାଙ୍ଗାର ପ୍ରାକ୍ତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ତେବେ ଦୀର୍ଘ ୪ ବର୍ଷ ହେଲା ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବାର ଜଣାଯାଇଛି । ତେବେ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା କେନାଲ ଶଯ୍ୟାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଅଟକଳ ଅନୁଯାଇ କରାଯାଉନଥିଲା ବେଳେ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି । ଫଳରେ ଏହି ଗାର୍ଡୱାଲର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିଲା ବେଳେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କୌଣସି ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟ ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ତେବେ ଅବଧି ପ୍ରାୟ ୨ବର୍ଷରୁ ଉର୍ଦ୍ଧ ହେବ ଶେଷ ହୋଇଯାଇଥିଲେ ମଧ୍ୟ ଠିକାଦାରଙ୍କ ପ୍ରତି ବିଭାଗୀୟ ଅଧିକାରୀ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଠିକାଦାର କେନ୍ଦ୍ରାପଡା ଅଂଚଳର ହୋଇଥିଲା ବେଳେ ବିଭାଗୀୟ ଯନ୍ତ୍ରୀ ମଧ୍ୟ କେନ୍ଦ୍ରାପଡା ଅଂଚଳର ବୋଲି ଜଣାଯାଇଛି । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଥିବାର କୁହାଯାଉଛି । ଏ ସମ୍ପର୍କରେ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଏହି ରସ୍ତାର ରାମକୃଷ୍ଣପୁର ଗ୍ରାମ ପଚଂାୟତ ଅର୍ଜୁନମାହାରା ନିକଟରେ ସମ୍ପୃକ୍ତ ଠିକାଦାର ଗାର୍ଡୱାଲ ନିର୍ମାଣ କରୁଥିବା ବେଳେ ନିମ୍ନମାନର କାର୍ଯ୍ୟ ହେତୁ ଏହା ଭୁଷୁଡି ପଡିଥିବା ଘଟଣା କାହାରିକୁ ଅଛପା ନାହିଁ । ତେବେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଇ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନିଆଯାଉଥିଲା ବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ସଚିବ ,ମୁଖ୍ୟ ଯନ୍ତ୍ରୀ ଏଦିଗରେ ରହସ୍ୟ ଜନକ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତିବାଦ ସ୍ୱରୂପ ଜିଗ୍ନିପୁର ନିକଟରେ ଏହି ଗାର୍ଡୱାଲ ନିର୍ମାଣ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ପ୍ରତିବାଦରେ ସ୍ଥାନୀୟ ଲୋକେ ନିର୍ମାଣ କାର୍ଯ୍ୟକୁ ଅଧାରୁ ବନ୍ଦ କରି ଦେଇଥିବାର ଜଣାଯାଇଛି ।

## ଚୋରା ଦେଶୀମଦ ଜବତ, ୩ ଗିରଫ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଚୌଦ୍ୱାର ଓ ଟାଙ୍ଗୀ ଅଞ୍ଚଳରେ ବ୍ୟାପକ ଚୋରା ଦେଶୀ ମଦର କାରବାର ଚାଲିଥିବା ଖବର ପାଇ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣାକର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗର ଏକ ଟିମ୍ ଚୌଦ୍ୱାର ଓ ଟାଙ୍ଗୀ ଅ□ଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଚଢ଼ଉ କରି ୧୫୦ଲିଟର ବେଆଇନ୍ ଦେଶୀମଦ ଜବତ କରିବା ସହିତ ୩ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି । ସେମାନେ ହେଲେ ଟାଙ୍ଗୀ ସପନପୁରର ଜ୍ଞାନ ରଞ୍ଜନ ଜେଠୀ ଓ ଭଟିମୁଣ୍ଡାର ପ୍ରମୋଦ ମଲ୍ଲିକ ଓ ନାରାୟଣ ମଲ୍ଲିକ । ଚୌଦ୍ୱାର ଅବକାରୀ ଥାନାର ଇନିସ୍ପେକ୍ଟର ମାନସୀ ନାୟକ, ଥାନା ଅଧିକାରୀ ବାପି ସାହୁ, ଆଶୁତୋଷ ଜେନା, ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପରିଡ଼ା ପ୍ରମୁଖ ଚଢ଼ଉରେ ଅଂଶ ଗ୍ରହଣ କରିଥିଲେ ।

## ସଂଘ କର୍ମକର୍ତ୍ତାଙ୍କ ଅନ୍ୟାୟ ବଦଳି ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ଗଣଧାରଣା

ବଡ଼ଚଣା, (ଭାସ୍କର ନ୍ୟୁଜ): ପ୍ରଚଣ୍ଡ ଗୁଳୁଗୁଳି ସହ ସାରା ରାଜ୍ୟ ର ଜନସାଧାରଣ ବେହାଲ ହୋଇଥିବା ବେଳେ ତା ସହିତ ଜଳ ସଙ୍କଟ ବୃନ୍ଦାଏ ପାଣି ପିଇବାକୁ ହା' ହା' କାର ଦେଖା ଦେଇଥିବାରୁ ଏବେ ବଡ଼ ବାବୁ ମାନଙ୍କ ନିଜର ମନ ମାନିଆ ଜିଦ୍ ଖୋର ମନୋଭାବ କାର୍ଯ୍ୟ ପନ୍ଥା ପଦାରେ ପଡ଼ିବାପରେ ଲାଗିଛି , ବଡ଼ ବାବୁ ମାନେ ଏହା ନ ବୁଝି ହାଟରେ ପଡି ଦାଣ୍ଡରେ ଗଡିବା ଭଳି ଏବେ ଗଣ ଧାରଣା ରେ ପରିଣତ ହେଲାଣି । ସାମାନ୍ୟ ୪ ର୍ଥ ଶ୍ରେଣୀ କର୍ଣାମଚାରୀ ପଛରେ ବଡ଼ ବାବୁ ପଡ଼ିଛନ୍ତି । ପ୍ରକାଶ ଥାଉ ଯେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଙ୍ଘ ର ରାଜ୍ୟ ସମ୍ପାଦକ ଶ୍ରୀବତ୍ସ ବେହୁରା ଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ବଦଳି ଆଦେଶ ବାତିଲ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବୀରେ ରାଜ୍ୟ ଜନ ସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଯାଜପୁର ପକ୍ଷରୁ ଆଜି ଚଣ୍ଡିଖୋଲ ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ କାର୍ଯ୍ୟାଳୟ ଯାଜପୁର ସମ୍ମୁଖରେ ଗଣଧାରଣା ଦିଆଯାଇଛି । ରାଜ୍ୟ ଜନ ସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ରାଜ୍ୟ ସଧାରଣ ସମ୍ପାଦକ ଶ୍ରୀବତ୍ସ ବେହୁରା ଙ୍କୁ ବିନା କାରଣ ଦର୍ଶାଅ ନୋଟିସ ନ ଦେଇ ସୁକିନ୍ଦା ରୁ ରସୁଲପୁର କୁ ବଦଳି କରିବା,କର୍ମଚାରୀ ମାନଙ୍କ ଜୀବନ ବୀମା ଅର୍ଥ ଜମା ନ କରିବା,୬ମାସ ରୁ ଉର୍ଦ୍ଧ ଇ, ପି,ଏଫ୍, ଅର୍ଥ ଜମା ନ କରିବା, ମହଙ୍ଗା ଭତ୍ତା ପ୍ରଦାନ ନ କରିବା, ମୃତ୍ୟୁ କାଳୀନ ଅନୁକମ୍ପା ସହାୟତା ରାଶି ପ୍ରଦାନ ନ କରିବା, ଆଦି ଦାବୀ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବା ପ୍ରତିବାଦରେ ଆଜି ଏହି ଗଣ ଧାରଣା ଦେବାକୁ କର୍ମଚାରୀ ମାନେ ବାଧ ହେଲେ ବୋଲି କହିଛନ୍ତି । ଏ ସମ୍ପର୍କରେ ସଂଘ ପକ୍ଷରୁ ଯାଜପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଯାଜପୁର, ଇ,ଆଇ,ସି ଭୁବନେଶ୍ୱର, ମୁଖ୍ୟ ଯନ୍ତ୍ରୀ ମଣ୍ଡଳ କଟକ, ଶ୍ରମ ଅଧିକାରୀ ଯାଜପୁର ଙ୍କୁ ଦୁଇ ଦୁଇଥର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଏଣୁ ବାଧ ହୋଇ ରାଜ୍ୟ ଜନ ସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସଧାରଣ ସମ୍ପାଦକ ଅଶୋକ କୁମାର ମୁଦୁଲି ଓ ଯାଜପୁର ଜିଲ୍ଲା ସମ୍ପାଦକ ଧନେଶ୍ୱର ବାରିକ ଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ମାନେ ନିଜର ଦାୟିତ୍ୱ ପୂର୍ଣ୍ଣ କାର୍ଯ୍ୟାଳୟ ଓ ଜନସାଧାରଣଙ୍କ ର କାର୍ଯ୍ୟ ସମ୍ପାଦନ କରି ଶାନ୍ତି ପୂର୍ଣ୍ଣ ଗଣଧାରଣା ସାମିଲ ହୋଇଛନ୍ତି । ଏହି ଶାନ୍ତି ପୂର୍ଣ୍ଣ ଗଣ ଧାରଣା ରେ କର୍ମ କର୍ତ୍ତା ଦାବି ପତ୍ର କାର୍ଯ୍ୟାଳୟ ରେ ଏ,ସି,ଇ ଙ୍କୁ ଦେଇଥିଲେ ମଧ୍ୟ କୌଣସି ସଠିକ ସମାଧାନ ବାହାରି ନାହିଁ । ଯଦି ସମସ୍ୟା ଗୁଡ଼ିକର ଆଶୁ ସମାଧାନ କରା ନ ଯାଏ ତାହା ହେଲେ ଗଣଧାରଣା ଟି ଜିଲ୍ଲାରେ ଅଛି ସାରା ରାଜ୍ୟ ବ୍ୟାପକ ସହ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମରେ ରକ୍ତଦାନ ଶିବିର

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ନୂଆବଜାର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମ, ଜିଲ୍ଲା ରକ୍ତଦାତା ସଂଘ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ଏସଡିପିଓ ମାନସ କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ନର୍ସିଂ ହୋମର ପରିଚାଳନା ନିର୍ଦ୍ଦେଶକ ସୁଭେନ୍ଦୁ ରାଉତ ଓ ଡାକ୍ତର ଅଞ୍ଜଳୀ ଯାଦବ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରୁ ୨୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

## ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ଆନ୍ତଃ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ



ବାରିପଦା, (ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଆନ୍ତଃ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଭାତ କୁମାର ବେହେରା ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ, ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିରାକରଣ ପାଇଁ ଦମନ-ଅଭିଯାନ ଏବଂ ଫାଇଲେରିଆ ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଅନୁରୋଧ କରିବା ସହ ୧୦୮ ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟ ସେବାରେ କିପରି ଉନ୍ନତ ମାନର ସେବା ପ୍ରଦାନ କରାଯାଇପାରିବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ମ୍ୟାଲେରିଆ ପ୍ରବଣ ବ୍ଲକ ମାନଙ୍କରେ ଯଥାଶୀଘ୍ର ମଶାରୀ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଦମନ କାର୍ଯ୍ୟକ୍ରମର ସଠିକ ରୂପାୟନ ଉପରେ ଅନୁଧ୍ୟାନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଥିଲେ । ଏହାପରେ ଡା. ଶାନ୍ତନୁ କୁମାର ଦାଶ, ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ ଉପରେ ବିସ୍ତୃତ ବର୍ଣନା କରିଥିଲେ ଓ ସମସ୍ତ ଜନସାଧାରଣ, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏଥିରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ତପନକୁମାର ସାହୁ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା କହିଥିଲେ ଯେ, ଫାଇଲେରିଆ ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଏହି ସମୟ ଅବଧି ମଧ୍ୟରେ ସମସ୍ତେ ଖାଦ୍ୟ ଖାଇସାରି ଡ଼ିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକା ଏକତ୍ର ଗୋଟିଏ ମାତ୍ରାରେ ବୟସ ଓ ଉଚ୍ଚତା ଅନୁସାରେ ଖାଇବା ପାଇଁ ଅନୁରୋଧ କରିଥିଲେ । ଉକ୍ତ ବଟିକା ଦୁଇ ବର୍ଷରୁ କମ ବୟସ୍କ ଶିଶୁ, ଗର୍ଭାବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ବ୍ୟକ୍ତିମାନେ ସେବନ କରିବେ ନାହିଁ । ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଏବଂ ଏହା ଦେହରେ ଥିବା ଫାଇଲେରିଆ କୀଟାଣୁଙ୍କୁ ମାରି ଗୋଦର-ଗୋଡ଼ କିମ୍ବା ଅଣ୍ଡକୋଷ ବୃଦ୍ଧି (ହାଇଡ୍ରୋସିଲ) କରିବାକୁ ଦେଇନଥାଏ । ଏହାପରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ପରିଚାଳକ ଅନିଲ କୁମାର ମହାନ୍ତି, ୧୦୮ ଆମ୍ବୁଲାନ୍ସ କିପରି ସଠିକ ଭାବରେ ଲୋକମାନଙ୍କ ପାଖରେ ପହଞ୍ଚି ଲୋକଙ୍କୁ ସାହାଯ୍ୟ କରିବା ସହିତ ସ୍ୱାସ୍ଥ୍ୟ ବିଭାଗରେ କିପରି ଉନ୍ନତମାନର ସେବା ପ୍ରଦାନ କରାଯାଇପାରିବ ତା'ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠିତ ଉକ୍ତ ବୈଠକରେ ବାରିପଦା ଉପ-ଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, ମେଡିକାଲ କଲେଜର ଅଧିକ୍ଷକ ପ୍ରଫେସର ଆର.କେ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡ. ବିଜୟ କୁମାର ଦାଶ, ଜିଲ୍ଲା ପରିବାର କଲ୍ୟାଣ ଅଧିକାରିଣୀ ସୁନନ୍ଦା ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଘାସିରାମ ମୁର୍ମୁ, ଜୋନାଲ ସଂଯୋଜକ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) ଡ. ନିଶିତ କୁମାର ଦାଶ, ରାଜ୍ୟ ସଂଯୋଜକ (ଭେକ୍ଟର ବାହିତ ରୋଗ) ଆଲୋକ କୁମାର ପତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଜଳ ସମସ୍ୟା ନେଇ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅର୍ଗଳ ଓ ଡ଼ିମିରିପାଳ ପଞ୍ଚାୟତରେ ପାନୀୟ ଜଳ ସମସ୍ୟାକୁ ନେଇ ବିଡ଼ିଓଙ୍କୁ ଦାବିପତ୍ର ଦେଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ଡ଼ିମିରିପାଳ ପଞ୍ଚାୟତର ମହାରାକୁଳ ଓ ଅର୍ଗଳ ପଞ୍ଚାୟତର ଶାସନ ଗାଁରେ ନଳକୂପ ଅଚଳ ଯୋଗୁଁ ପାନୀୟ ଜଳର ସମସ୍ୟା ଦେଖାଦେଇଛି । ମହାରାକୁଳର ୭ନମ୍ବର ୱାର୍ଡ ରେ ୪୦ରୁ ଉର୍ଦ୍ଧ୍ୱ ପରିବାରକୁ ଗୋଟେ ନଳକୂପ ରହିଥିଲା ବେଳେ ତାହା ଅଚଳ ହୋଇଯିବା ଫଳରେ ସେମାନେ ନଦୀ ଓ ପୋଖରୀର ଦୂଷିତ ଜଳ ପିଉଥିବା ନେଇ ଅଭିଯୋଗ ହୋଇଛି । ତେଣୁ ଦୁଇ ପଞ୍ଚାୟତ ଦୁଇଟି ୱାର୍ଡର ଅଧିବାସୀ ୧ନମ୍ବର ଜୋନ ବିଜେପି ସଭାପତି ସରୋଜ କରଙ୍କ ନେତୃତ୍ୱରେ ଆଳି ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ବେଳେ ବିଡ଼ିଓ କାର୍ଯ୍ୟକ୍ଷେତ୍ର ପରିଦର୍ଶନରେ ଅନୁପସ୍ଥିତ ଥିବାରୁ ମୁଖ୍ୟ କିରାନି ଶୁଶାନ୍ତ କୁମାର ବଳଙ୍କ ନିକଟରେ ଅଭିଯୋଗ ପତ୍ର ଦେଇଛନ୍ତି । ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯଥାଶୀଘ୍ର ଏହାର ସମାଧାନ କରାଯିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ।

## ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ମୋବାଇଲ୍ ଏବଂ ପର୍ସ ଲୁଟ୍



କରଞ୍ଜିଆ, (ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡ ରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଉଛି । ବିଶେଷ କରି ବାଇକ ରେ ଆସି ଲୁଟି ନେଉଛନ୍ତି ଟଙ୍କା ଏବଂ ମୋବାଇଲ ଫୋନ । ଏମିତି ଘଟଣା କରଞ୍ଜିଆ ଥାନା, ଠାକୁରମୁଣ୍ଡା ଥାନା ପରେ ଏବେ ରରୁଆ ଥାନା ରେ ଦେଖିବାକୁ ମିଳିଛି । ଭୋମରପୋଷି ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମୀ ଶୁଭଶ୍ରୀ ସେଠୀଙ୍କ ଠାରୁ ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଖିଚିଂ ନିକଟରେ ଥିବା ଉତ୍ତର ପୋଷି ପୋଲ ନିକଟରେ ଡ୍ୟୁଟି ସାରି ଫେରିବା ସମୟରେ ଦୁଇଟି ବାଇକରେ ୪ଜଣ ଅଟକାଇ ଥିଲେ ମହିଳା ସ୍ୱାସ୍ଥ୍ୟ କର୍ମୀକୁ । ଗାଡି ଅଟକିବା କ୍ଷଣି ମୋବାଇଲ ଏବଂ ମୋନି ପର୍ସ ଲୁଟ କରି ୪ ଜଣ ଦୁର୍ବୃତ୍ତ ଘଟଣା ସ୍ଥାନରୁ ଫେରାର ହେଇ ଯାଇଛନ୍ତି । ଏନେଇ ମହିଳା ସ୍ୱାସ୍ଥ୍ୟକର୍ମୀ ରରୁଆ ଥାନାରେ ଲିଖିତ ଅଭିଯୋଗ କଲା ପରେ ତଦନ୍ତ ଆରମ୍ଭ କରିଛି ପୋଲିସ । ଏମିତିକି ଆବଶ୍ୟକତା ଅନୁସାରେ ରରୁଆ ଥାନାରେ ଗାଡି ନଥିବାରୁ ସ୍ୱାସ୍ଥ୍ୟ ବିଭାଗର ଗାଡ଼ିରେ ପୋଲିସ ବସି ଘଟଣା ସ୍ଥାନରେ ପହଁଚି ତଦନ୍ତ କରିଥିବାର ଦେଖୁବାକୁ ପାଇଥିଲା । ସୂଚନା ଥାଉକି ଶୁକୃଳି ବ୍ଲକରେ ୧୦ ଟି ଗ୍ରାମ ପଞ୍ଚାୟତ ର ୯୦ ଗାଁ ଥିଲା ବେଳେ ଥାନା ନାହିଁ କି ଫାଣ୍ଡି ନାହିଁ । ଏମିତି କି ଶୁକୃଳି ବ୍ଲକ ସହିତ ଖିଚିଂ ମନ୍ଦିରକୁ ପ୍ରତେକ ଦିନ ହଜାର ହଜାର ଭକ୍ତ ଆସୁଥିଲେ ବି ସେ ଭଳି ପେଟ୍ରୋଲିଂ କରା ଯାଉନଥିବାର ଅଭିଯୋଗ ଆସିଛି । ଯାହା ଫଳରେ ଅନେକ ସମୟରେ ବିଭିନ୍ନ ଦୋକାନରୁ ଚୋରି ହେବା ସହିତ ଐତିହାସିକ ଖିଚିଂ ମନ୍ଦିରରୁ ମଧ୍ୟ ଚୋରି ହେଇଛି । ଏଦିଗରେ ରରୁଆ ପୋଲିସ ପକ୍ଷରୁ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଯାହାକୁ ନେଇ ଦିନ କୁ ଦିନ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି । ଏବେ ସରକାର ପରିବର୍ତ୍ତନ ହେଲା ପରେ ଆଗମୀ ଦିନରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ମାଟ୍ରିକ ପରୀକ୍ଷାରେ ସରକାରୀ ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଆସିକା, (ଭାସ୍କର ନ୍ୟୁଜ): ମାଟ୍ରିକ ପରୀକ୍ଷା ସରକାରୀ ବିଦ୍ୟାଳୟ ଟପ୍ପରକୁ ସମ୍ବର୍ଦ୍ଧନା କଲେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ପଟ୍ଟନାୟକ । ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆସିକା ବ୍ଲକ ଅଧୀନସ୍ଥ ବାବନପୁର ପଞ୍ଚାୟତର ବାବନପୁର ଗ୍ରାମରେ ଥିବା ଚିନିଶିଳ୍ପ ହାଇସ୍କୁଲର ମେଧାବୀ ବିଦ୍ୟାର୍ଥୀ ଧରିତ୍ରୀ ଜେନା ୫୫୮ ମାର୍କ ରଖି ଏ-୧ ଗ୍ରେଡ୍ ହାସଲ କରି ସରକାରୀ ହାଇସ୍କୁଲ ସ୍ତରରେ ଆସିକା ବ୍ଲକ ଟପ୍ପର ଓ ନିଜ ବିଦ୍ୟାଳୟ ସ୍ତରରେ ସ୍କୁଲ ଟପ୍ପର ବି ହୋଇଥିବା ଜଣାପଡିଛି । ସାଂସଦ ଛାତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଗାମୀ ଉଜ୍ଜ୍ୱଳ ଭବିଷ୍ୟତ ମଙ୍ଗଳକମାନ କରିଥିଲେ । ଏହା ସହିତ ୫୨୫ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଗ୍ରାମର ପ୍ରିୟାଂଶୁ କାମ୍ପଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ ସାଂସଦ । ପରେ ଗ୍ରାମବାସୀଙ୍କ ସମସ୍ୟା ଓ ଭଲମନ୍ଦ ପଚାରି ବୁଝିବା ସହ ସମାଧାନର ପ୍ରତିଶୃତି ଦେଇଛନ୍ତି ସାଂସଦ । ଏହି ଅବସରରେ ଲୋକସଭା ସଂଯୋଜକ ଯଜ୍ଞ ନାରାୟଣ ଦାଶ, କବିସୂର୍ଯ୍ୟନଗରର ପୂର୍ବତନ ବ୍ଲକ ଅଧକ୍ଷ ପିତାମ୍ବର ସେଠି, ଆସିକା ଏନଏସି ଏକ ନମ୍ବର କାଉସିଲର ତଥା ଯୁବ ନେତା ସରୋଜ ଭଞ୍ଜଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ । ପ୍ରକାଶ ଥାଉକି ଧରିତ୍ରୀ ଜେନା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ପାଇକଜମୁନା ପଞ୍ଚାୟତର ନିମୁଣ୍ଡିଆ ଗ୍ରାମର ସ୍ୱର୍ଗତ ଚିତ୍ରସେନ ଜେନା ଓ ଗୃହିଣୀ ପିଙ୍କି ଜେନାଙ୍କ ସୁକନ୍ୟା ହୋଇଥିବା ବେଳେ ସେ ଗତ ୩ ବର୍ଷ ହେଲା ଆସିକା ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମ ପଞ୍ଚାୟତର ବେଣିଆ ଗ୍ରାମରେ ଥିବା ମାମୁଁ ସତ୍ୟବାଦୀ ପ୍ରଧାନଙ୍କ ଘରେ ପାଠପଢ଼ି ଏହି ସଫଳତା ପାଇଥିବା ଜଣାପଡିଛି ।




କେନ୍ଦୁଝର(ଭାସ୍କର ନ୍ୟୁଜ): ଶ୍ରୀଶ୍ରୀ ସତ୍ୟସାଇ ସେବା ସମିତି କେନ୍ଦୁଝର ଶାଖା ଏବଂ ଜିଲ୍ଲା ରକ୍ତଭଣ୍ଡାର ସହଯୋଗରେ ଶ୍ରୀଶ୍ରୀ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ଅମୃତ ବିନ୍ଦୁ ଅନୁଷ୍ଠିତ କାର୍ଯ୍ୟକ୍ରମ ମାଧ୍ୟମରେ ସାମୂହିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାକୃତ ଭାବେ ରକ୍ତବୀର ମନେ ଜିଲ୍ଲାରେ ରକ୍ତ ଅଭାବକୁ ଦୂରକରିବା ପାଇଁ ୯୧ ୟୁନିଟ ରକ୍ତ ଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତିର ସଦସ୍ୟ ତଥା କେନ୍ଦୁଝର ସହରର ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ । ରକ୍ତଦାନ ମହା ପୁଣ୍ୟ କାର୍ଯ୍ୟ ହୋଇଥିବା ବେଳେ ସତ୍ୟସାଇ ସେବା ସମିତିର ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବବୋଲି ସମବେତ ରକ୍ତଦାତାମାନେ ମତ ରଖିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭଗବାନ ଶ୍ରୀଶ୍ରୀ ସତ୍ୟସାଇ ବାବାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶିବିରକୁ ଉଦ୍‌ଘାଟିତ କରାଯାଇଥିଲା । ଏପରି ଏକ ମହାନ ତଥା ଜନହିତକର କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ପାଇଁ ଶ୍ରୀ ସତ୍ୟସାଇ ସେବା ସମିତିର ଆବାହକ ଅବିନାଶ ସତ୍ୟନାରାୟଣ ଦାସ ତଥା ସମିତିର କର୍ମକର୍ତ୍ତା ସାଇକ୍ରୀଷ୍ଣା ନାୟକ, ମାରୁତି ପ୍ରସାଦ ପରିଡା, ପ୍ରଦ୍ୟୁମ୍ନ କୁମାର ସାହୁ, ନିଶିକାନ୍ତ ମିଶ୍ର, ସତ୍ୟ ରଞ୍ଜନ ଉଦ୍‌ଗାତା, ସୌମ୍ୟ ରଞ୍ଜନ ନାୟକ, ମହିଳା କର୍ମୀ ସରୋଜିନୀ ରଣା, ରାଜଲକ୍ଷ୍ମୀ ଜେନା ସମେତ ସମିତିର ସମସ୍ତ ସଦସ୍ୟ ସମସ୍ତଙ୍କୁ ଧନ୍ୟବାଦ ଓ ସାଧୁବାଦ ଜଣାଇଛନ୍ତି ।

# ସେଣ୍ଡକାପ-କଣାପଶି ରାସ୍ତା ମରାମତି ଦାବି



କେନ୍ଦୁଝର(ଭାସ୍କର ନ୍ୟୁଜ): ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ପାତ୍ର ସାହି ନିକଟ ପଦ୍ମପୁର କାଠବାଉଁଶୁଳି ଆରଡ଼ି ରାସ୍ତା ଠାରୁ ସେଣ୍ଡକାପ ସାହି ଭିତରଦେଇ କଣାପଶି ପର୍ଯ୍ୟନ୍ତ ଯାଇଥିବା ଗ୍ରାମୀଣ ବିକାଶ ରାସ୍ତାଟି ଦୀର୍ଘ ବର୍ଷ ହେଲାଣି ଖାଲ ଢିପ ହୋଇ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡିରହିଛି । ଏନେଇ ରାସ୍ତା ମରାମତି ପାଇଁ ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି । ରାସ୍ତା ଦେଇ ସ୍ଥାନୀୟ ୭/୮ଟି ଗ୍ରାମର ହଜାର ହଜାର ସଂଖ୍ୟାରେ ଛାତ୍ର ଛାତ୍ରୀ ଠାରୁ ଆରମ୍ଭ କରି ଚାଷୀ,ରୋଗୀ,ସାଧାରଣ ଜନତା କେତେ କଣ ଲୋକ ନିର୍ଭର କରି ଯାତାୟତ କରିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ଖରାପ ଯୋଗୁଁ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ,ପୋଲିସ, ଅଗ୍ନିଶମ ଗାଡି ଯିବାରେ ମଧ୍ୟ ଘୋର ଅସୁବିଧା ହେଉଛି ଏବଂ ସରକାରୀ ଲକ୍ଷ୍ମୀ ବସ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି ।ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲାଣି ରାସ୍ତାର କୌଣସି ଉନ୍ନତିକରଣ ହୋଇନାହିଁ ।ସାମାନ୍ୟ ବର୍ଷା ହେଲେ ଅବସ୍ଥା ବେହାଲ ହେଉଛି ।୮ଶହ ମିଟର ରାସ୍ତା ଖାଲ ପୋଖରୀ ପାଣି ଜମୁଛି । ରାସ୍ତା କଡର ଘର ଲୋକେ ବାହାରକୁ ବାହାରି ପାରୁନାହାନ୍ତି ।ଗାଡି ଚଳ ପ୍ରଚଳ ବେଳେ ଖାଲର ପାଣି ଛିଟିକି ଘରେ ପଶିଯାଉଛି । ବାଟୋଇ ବାଧ ହୋଇ ପାଣି ଖାଲ ଭିତରେ ଯାଉଛନ୍ତି ଫ ସେଥିରେ ପଡି ଖଣ୍ଡିଆ ଖବରା ହେଉଛନ୍ତି ।ରାସ୍ତା ମରାମତି ନେଇ ଗୋବର୍ଦ୍ଧନ ପଞ୍ଚାୟତ ସମିତି ସଭ୍ୟା ଶାନ୍ତିଲତା ମହାନ୍ତ ଗତ ୧୪/୧/୨୦୨୫ରେ ସଦର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜକୁ ପାଞ୍ଚ ମାସ ବିତି ଯାଇଥିଲେ ବି ରାସ୍ତା ପ୍ରତି କେହି ଗୁରୁତ୍ୱ ଦେଉନଥିରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବେ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚ ସାଧାରଣ ସମ୍ପାଦିକା ଶୈଳବାଳା ପରିଡା ପ୍ରକାଶ କରିଛନ୍ତି ।

# ବିନା ଜିଲ୍ଲାପାଳରେ ଜନଶୁଣାଣି

- ଅଧିକାରୀଙ୍କ ଠାରୁ ଅଭିଯୋଗ ସଂଖ୍ୟା କମ୍
- ୩୫ ଅଭିଯୋଗ ଦାୟର
- ପ୍ରହସନ ପାଲଟିଛି ଶିବିର



ଗୋପ (ଭାସ୍କର ନ୍ୟୁଜ): ଥରେ ନୁହେଁ କି ଦୁଇ ଥର ନୁହେଁ ବାରମ୍ବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅନୁପସ୍ଥିତ ରହୁଛନ୍ତି ଜିଲ୍ଲାପାଳ । ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱ ନିର୍ବାହ କଲେ ସୁଦ୍ଧା ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ସମସ୍ତେ ଅନୁଭବ କରୁଛନ୍ତି । ଏ ନେଇ ଅନେକ ପ୍ରତିକ୍ରିୟା ଆସିଥିଲେ ମଧ୍ୟ ଏହାର କେହି ଏହାକୁ ଶୁଣିବାକୁ ନାରାଜ । ଆଜି ଜିଲ୍ଲା ଠାରୁ ଆରମ୍ଭ କରି ବ୍ଲକସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଆଜି ଯେତିକି ଅଧିକାରୀ ଉପସ୍ଥିତ ରହିଥିଲେ ତାଙ୍କ ଠାରୁ ଅଧାରୁ କମ୍ ଅଭିଯୋଗକାରୀ ଆସିଥିଲେ । ଆଜି ସମୁଦାୟ ୩୫ ଅଭିଯୋଗ ର ଶୁଣାଣି ହୋଇଥିବାବେଳେ ମୁଖ୍ୟତଃ ଭଡା ବିଭାଗରେ ଆସିଥିଲା । ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହିଁକି ଅଭିଯୋଗକାରୀ ଆସୁନାହାନ୍ତି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ମୁଖ୍ୟତଃ ବ୍ଲକ ତରଫରୁ ପ୍ରଚାର ପ୍ରସାର ଅଭାବ ହିଁ ମୁଖ୍ୟ କାରଣ ରହୁଛି ବୋଲି ଅଭିଯୋଗ ହୋଇଥିଲା ।ଆଜିର ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ଉପଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ସଚିନ୍ ପଟେଲ, ଜିଲ୍ଲାପାଳଙ୍କ ଅଭିଯୋଗ ସେଲ୍‌ର ଅଧିକାରୀ ଆଶୁତୋଷ ଦେ, ଗୋପ ବିଡିଓ ଛବିରାଣୀ ସାହୁ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ,ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ପ୍ରମୁଖ ଜନଶୁଣାଣି କରିଥିବା ବେଳେ ବ୍ଲକ ଭଡା ଅଧିକାରୀ ମମତା କୁମାରୀ ଜେନା,ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ବିଭୂତି ଭୂଷଣ ରାଉତ,ବ୍ଲକ ମତ୍ସ୍ୟ ଅଧିକାରୀ ସନ୍ଦିପ ସାହୁ, ଉଠା ଜଳସମ୍ପଦ ଯନ୍ତ୍ରୀ ରାମନାଥ ଜେନା,ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଂଜିବ ସାହୁ, ଗୋପ ଥାନାଧିକାରୀ ପ୍ରଶାନତ ପଢିହାରୀ,ବ୍ଲକ ମୁଖ୍ୟ କିରାଣୀ କୃଷ୍ଣଚନ୍ଦ୍ର ମିଶ୍ର, ସହକାରୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଲୋପ ପାଇଲାଣି କିଆ ଜଙ୍ଗଲ

## ■ ଗାଁରେ ବଢୁଛି ବିଲୁଆଙ୍କ ଉତ୍ପାତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଜନବସତିରେ ବୃଦ୍ଧି ପାଉଛି ବିଲୁଆ ଉତ୍ପାତ । ଗାଁ ଭିତରକୁ ପଶୁଛନ୍ତି ବିଲୁଆ ଦଳ । ମଣିଷ ଠାରୁ ଗୋରୁ ଗାଈ ଏମାନଙ୍କ ଆକ୍ରମଣରେ ଗୁରୁତର ହେଉଛନ୍ତି । ଯାହାକୁ ନେଇ ଗାଁରେ ଭୟର ବାତାବରଣ ଦେଖା ଦେଇଛି । ଗାଁ ମୁଣ୍ଡ ରାସ୍ତାରେ ମେଳା ମେଳା ହୋଇ ବିଲୁଆ ବୁଲୁଛନ୍ତି । ଦିନ ଓ ରାତିରେ ମଧ୍ୟ ବୁଲୁଛନ୍ତି । ଏଭଳି ଅବସ୍ଥା କ୍ରମଶଃ ବୃଦ୍ଧି ପାଉଛି ।ଯାହାକୁ ନେଇ ପରିବେଶବିତ୍ ମହଲରେ ଆଲୋଚନା ହେଉଛି । ସନ୍ଧ୍ୟା ବେଳେ ଗାଁରେ ଥିବା ଝାଟି ଜଙ୍ଗଲ, ମଝି ବିଲ ଓ କିଆ ବୁଦା ମୂଳେ ବିଲୁଆର ହୁକେ ହୋ.. ଶବ୍ଦ ଶୁଣିବାକୁ ମିଳୁଥିଲା, ରାତି ପାହାନ୍ତିଆ ମଧ୍ୟ ଏମାନେ ଶବ୍ଦରେ ରାତିର ସମୟ ଜାଣିହେଉଥିଲା । ଏବେ ପରିସ୍ଥିତି ଓଲଟ ପାଲଟ ହୋଇଯାଇଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବିଭିନ୍ନ ଗ୍ରାମରେ କିଛି ବର୍ଷ ପୂର୍ବେ କିଆ ବୁଦା ଥିବା ସହ ନଦୀକୂଳେ କୂଳେ କୂଳେ ହଜାର ହଜାର ସଂଖ୍ୟାରେ କିଆ ବୁଦା ଥିଲା । କିଆ ବୁଦା ଲୋପ ପାଇବା ଓ ଗ୍ରାମ୍ୟ ଜଙ୍ଗଲର କ୍ରମଶ ଉଚ୍ଛେଦ ପରେ ବିଲୁଆମାନେ ବାସସ୍ଥଳୀ ଖୋଜିବାରେ ଲାଗିପଡ଼ିଛନ୍ତି । ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସେହି ଅନୁପାତରେ ଆଶ୍ରୟସ୍ଥଳ ନାହିଁ । ବିଶେଷ କରି ଅସ୍ତରଙ୍ଗ ବ୍ଲକର ନଗର, କାଳିଆକଣ, ବାଲିଡିହା, ନୂଆ କାଳିଆକଣ, ପାଟସୁନ୍ଦରପୁର, ବେଲଙ୍ଗ, ଝାଡ଼ଲିଙ୍ଗ, ଛୁରିଆନା, ଶିଖୁଆ ଆଦି ଗାଁ ଗୁଡିକରେ ଲକ୍ଷାଧିକ କିଆବୁଦା ଥିଲା । ନଦୀ ପଠାରେ ଏହା ଜଙ୍ଗଲ ଭ୍ରମ ସୃଷ୍ଟି କରୁଥିଲା । କିଆ ବୁଦାରେ କେବଳ ବିଲୁଆ ବସବାସ କରୁଛନ୍ତି ସେ କଥା ନୁହେଁ, କିଆ ବୁଦାର ଉପକାରୀତା ମଧ୍ୟ ଯଥେଷ୍ଟ ଅଧିକ ରହିଛି । ଏହା ପରିବେଶ ଦୃଷ୍ଟିକୋଣରୁ ଅତ୍ୟନ୍ତ ଅନୁକୂଳ । ନଦୀରୁ ଉଠି ଆସୁଥିବା ଢେଉ ମାଡ଼ରୁ କିଆ ଗଛ ନଦୀକୂଳକୁ ସୁରକ୍ଷା ଦେଇଥାଏ । ଏହା ବାଦ କିଆ ଚେରରେ ଲୋକ ମାନେ ଘର ଛପର ମଧ୍ୟ କରୁଥିଲେ । କିଆ ଚେରକୁ କାଟି ଶୁଖାଇ ଘର ଛପରରେ ବ୍ୟବହାର ହେଉଥିଲା । ଯାହାର ଚାହିଦା ଖରା ଦିନେ ବହୁତ ବେଶୀ । ତେଣୁ କିଆ ଜଙ୍ଗଲ ସୃଷ୍ଟି ପାଇଁ ଏବେ ପରିବେଶପ୍ରେମୀ ଦାବି ଉଠାଇଲେଣି ।ସରକାର ତାଳ ଗଛ ଲଗାଇବା ଭଳି କିଆ ଜଙ୍ଗଲ ସୃଷ୍ଟି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ ।

# ଅବସରପ୍ରାପ୍ତ ଅଗ୍ନିଶମ ହାବିଲଦାରଙ୍କ ପରଲୋକ

ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଓଡିଶା ଅଗ୍ନିଶମ ପୋଲିସ ବିଭାଗର ଅବସରପ୍ରାପ୍ତ ହାବିଲଦାର ସନାଉଲ୍ଲାଃ ଖାଁଙ୍କର ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ଧରି ରୋଗରେ ପୀଡ଼ିତ ଥାଇ ଘରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧିନ ଅବସ୍ଥାରେ ରବିବାର ଦିନ ୮୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପରଲୋକ ଖବର ପାଇ ସମସ୍ତ ବନ୍ଧୁବାନ୍ଧବ, ଅଗ୍ନିଶମ ପୋଲିସ ସହପାଠୀ ସହ ଶତାଧିକ ମାନ୍ୟଗଣ୍ୟ ଲୋକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ସୋମବାର ସଂଧ୍ୟାରେ ତାଙ୍କ ମରଶରୀରକୁ କେରଙ୍ଗ ସ୍ଥିତ ଜନ୍ନତୁଲ ବକି (ଭାଲିଆଭାଣ୍ଡି)କବରସ୍ତାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା । ସେ ଜଣେ ଅବସର ପ୍ରାପ୍ତ ଅଗ୍ନିଶମ ପୋଲିସ ହାବିଲଦାର ଥିଲେ । ସେ ଦେଶ ମାତୃକାର ଜଣେ ଦକ୍ଷ ସେବକ ଭାବେ କାର୍ଯ୍ୟଭାର ନିଷ୍ଠାର ସହ ନିର୍ବାହ କରିଥିଲେ । ସେ ନିଜର ୪ ଟି ପୁତ୍ର ସନ୍ତାନକୁ ମଧ୍ୟ ଦେଶ ମାତୃକାର ସେବାରେ ନିୟୋଜିତ କରିଛନ୍ତି । ସେ ଜଣେ ମେଳାପୀ, ମିଷ୍ଟଭାଷୀ, ସରଳ, ଅମାୟିକ, ଶୁଭଚିନ୍ତକ, ପରାମର୍ଶଦାତା, ନିଷ୍କାମ କର୍ମଯୋଗୀ, ନିଷ୍କପଟ, ପରୋପକାରୀ, ଅତିଥି ସତ୍କାରୀ, ବନ୍ଧୁବତ୍ସଳ ଓ ସତ୍ୟନିଷ୍ଠ ଥିଲେ । ଅଲ୍ଲାଃ ଆପଣଙ୍କ ଆତ୍ମାର ସଦଗତି କରିବା ସହ ଆପଣଙ୍କ ଶୋକ ସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ଏବଂ ସନ୍ତାନ ସନ୍ତତିଙ୍କୁ ତାଙ୍କ ଆଦର୍ଶ ଜୀବନ ପଥରେ ଆଗେଇ ନିଅନ୍ତୁ ।

# ସମାଜସେବୀ ସ୍ମୃତିଚାରଣ ସଭା

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଛପଡାପଞ୍ଚାୟତ ଗନାଇଲୋ ଗ୍ରାମର ସମାଜସେବୀ ସ୍ୱର୍ଗତ କୁଞ୍ଜବିହାରୀ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷ ସୋମବାର ତାଙ୍କ ବାସଭବନରେ ଏକ ସ୍ମୃତିଚାରଣସଭା ଅନୁଷ୍ଠିତ ହୋଇଯାଇଛି ।ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ କର୍ମଚାରୀ ଭାବେ କାର୍ଯ୍ୟକରି ଅବସର ନେବାପରେ ବିଭିନ୍ନ ସମାଜିକ କାର୍ଯ୍ୟକ୍ରମରେ ଜଡିତ ରହିଥିଲେ ।ସ୍ୱର୍ଗତ କୁଞ୍ଜବିହାରୀ ଜଣେ ସମାଜସେବୀ, ପରୋପକାରୀ, ମିଷ୍ଟଭାଷୀ ଓ ଦୟାଳୁ ବ୍ୟକ୍ତି ଥିଲେ ।ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକରେ ତାଙ୍କ ବଡ ପୁଅ ଅଶୋକ ପାତ୍ର, ସାନପୁଅ ତଥା ରଘୁନାଥପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ରଜତ କୁମାର ପାତ୍ର, ପୁତ୍ରବଧୁ ବୈଜୟନ୍ତୀ ପାତ୍ର ଓ ନାତି ଆରିଆନ୍ ପାତ୍ର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଜଗତସିଂହପୁର ପୂର୍ବତନ ସାଂସଦ



ଡା.ରାଜଶ୍ରୀ ମଲ୍ଲିକ,ତିର୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ,ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ,ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା,ଉପାଧକ୍ଷ ଦେବାଶିଷ ତ୍ରିପାଠୀ,ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି,ବିଜେପି ନେତ୍ରୀ ସ୍ମିତା ପ୍ରଧାନ,ରଘୁନାଥପୁର ବିଜେପି ଯୁବନେତା ସରୋଜ କାନ୍ତ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଅମିତା ଖୁଣ୍ଟିଆ, ସମିତି ସଭ୍ୟ ରଞ୍ଜନ ସ୍ୱାଇଁ, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ,ଦିବାକର ଖଟୁଆ,ଜୀବନ ବଲ୍ଲଭ ମହାନ୍ତି, ମେହେବୁବ ବେଗ, ଶାନ୍ତିଲତା ଦ୍ୱିବେଦୀ, ପ୍ରକାଶ ମଲ୍ଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସଭ୍ୟ,ପୂର୍ବତନ ସରପଞ୍ଚ,ସଭ୍ୟ,ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

# ବିଶ୍ୱ ବନ ଦିବସ ପାଳିତ




କୋଣାର୍କ (ଭାସ୍କର ନ୍ୟୁଜ): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର କୋଣାର୍କସିତ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର୍ ବିଦ୍ୟାପୀଠ,ନୂଆଗାଁ ପରିସରରେ କୋଣାର୍କ ବନ ବିଭାଗ ଓ ଜାତୀୟ ସବୁଜ ବାହିନୀ ପକ୍ଷରୁ ଶୁକ୍ରବାର ବିଶ୍ୱ ବନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନିପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନପାଳ ଯୋଗେନ୍ଦ୍ର ପ୍ରଧାନ, ବନରକ୍ଷୀ ସସ୍ମିତା ପୃଷ୍ଟି, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ବେହେରା, ଚିତ୍ରାଞ୍ଜଳି ନାୟକ, ଦିଲ୍ଲୀପ କୁମାର ନାୟକ, ବାଲୁଙ୍କେଶ୍ୱର ବାରିକ ପ୍ରମୁଖ ଉଦ୍ ବୋଧନ ଦେଇ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପରାମର୍ଶରେ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ମାନସ ମୁଦୁଲି, ରବୀନ୍ଦ୍ର କୁମାର ଦ୍ୱିବେଦୀ, ସୁରଭି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ

# ଅଷ୍ଟପ୍ରହରୀ ନାମଯଜ୍ଞ



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ବଜ୍ରକୋଟ ପଂଚାୟତ ଅନ୍ତର୍ଗତ ନଟା ବଣିଆ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଶ୍ରୀ ଶ୍ରୀ ମା ଭୁରୁକୁମା ଦୁର୍ଗା ଦେବୀ ମନ୍ଦିର ପ୍ରତିଷ୍ଠାର ୩୦ତମ ବାର୍ଷିକ ଉତ୍ସବ ବୃନ୍ଦାବତୀ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ତା ୧୮ରିଖ ରବିବାର ଦିନ ଜଳାଧିବାସ ଅଙ୍କୁରାରୋପଣ କରାଯିବା ସହ ତା ୧୯ରିଖ ସୋମବାର ଦିନ ନାମ ଯଜ୍ଞ ଘୃତ ଯଜ୍ଞ ଏବଂ ଅନ୍ନଯଜ୍ଞ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଅଷ୍ଟପ୍ରହରୀ ନାମଯଜ୍ଞ କାର୍ଯ୍ୟକୁ ନାମାଚାର୍ଯ୍ୟ ମହନ୍ତ ବଳରାମ ଦାସ ମହାରାଜ ଜିଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତିନୀତି ମହା ଆଡମ୍ବରେ ଅନୁଷ୍ଠିତ ହୋଇଥିଲା ଏହି ନାମ ଯଜ୍ଞରେ ଅଞ୍ଚଳର ଦଶ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ସହ ୩ଗୋଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ପ୍ରତ୍ୟେହ ପାଞ୍ଚ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ । ଏହି ଉତ୍ସବରେ ନଟା ବଣିଆ ଗ୍ରାମବାସୀ ଯୁବକ ସଂଘ ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ ମଙ୍ଗଳବାର ଦିନ ନାମଯଜ୍ଞ ସମାପନ ଦଧି ହାଣ୍ଡିଭଂଜନ ଓ ନଗର କୀର୍ତ୍ତନ ଯମୁନା ସ୍ନାନ କାର୍ଯ୍ୟ ହୋଇଥିଲା ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଦୁଇ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।

# ୨ ଗୋରୁ ବୋଝେଇ ଟ୍ରକ୍ ଜବତ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଜାତୀୟ ରାଜପଥ ଜୁଡିଆ ଘାଟି ନିକଟରୁ ୨ଟି ଚୋରା ଗୋରୁ ବୋଝେଇ ଟ୍ରକକୁ ଗୋ ରକ୍ଷକ ଦଳ ଧରି ପୋଲିସ ର ଜିମା ଦେଇଛନ୍ତି । ଦୁଇଟି ଟ୍ରକରେ ଶତାଧିକ ଗୋରୁ ଥିଲେ ।ଗୋ ରକ୍ଷକ ଦଳଙ୍କ କହିବା କଥା ହେଲା ପ୍ରତିଦିନ ଏହି କେନ୍ଦୁଝର ଜିଲା ଦେଇ ୪୦ ରୁ ୫୦ ଚୋରା ଗୋରୁ ବୋଝେଇ ଟ୍ରକ ପଶ୍ଚିମବଙ୍ଗକୁ ଯାଏ । ଏମାନେ ଦୀର୍ଘ ୧୫ ଦିନ ହେବ ଚୋରା ଗୋରୁ ବୋଝେଇ ଟ୍ରକକୁ ଧରିବାକୁ ରାତି ତମାମ ଜୀବନକୁ ବାଜି ଲଗାଇ ଜଗି ରହିଥିଲେ । ଗତକାଲି ଦୁଇଟି ଚୋରା ଗୋରୁ ବୋଝେଇ ଟ୍ରକ ଆସୁଥିବା ସେମାନଙ୍କ ପାଖରେ ନିର୍ଦ୍ଦିଷ୍ଟ ଖବର ଥିଲା । ଦୁଇ ଜଣ ଗୋ ରକ୍ଷକ ସଦସ୍ୟ ଏହି ଟ୍ରକ ଦୁଇଟିକୁ କାଞ୍ଜିପାଣି ଘାଟି ଠାରୁ ପିଛା କରିଥିଲେ ଓ ଜୁଡିଆ ଘାଟି ତଳେ ଅନ୍ୟ ଗୋ ସେବକ ମାନେ ଛପି ରହିଥିଲେ । ପ୍ରଥମେ ଏକ ଏକ୍ସଟ ବୋଲେରୋ ଗାଡି ଆସିଥିଲା ଯାହାକୁ ଦେଖି ଗୋ ରକ୍ଷକମାନେ ସୁନିଶ୍ଚିତ ହୋଇ ଯାଇଥିଲେ ଯେ ଚୋରାଗୋରୁ ବୋଝେଇ ଟ୍ରକ ଆସୁଛି ବୋଲି । ଏହା ପରେ ସେମାନେ ଟ୍ରକ ଦୁଇଟି କୁ ଧରିଥିଲେ ଓ ସେଥିରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଗୋରୁ ଥିଲେ । ଏହି ଟ୍ରକ ଦୁଇଟି କୁ ସଦର ପୋଲିସର ଜିମା ଦେଇଛନ୍ତି ।

# ଦର୍ପଣ ଆଦର୍ଶ ବିଦ୍ୟାଳୟର ସଫଳତା



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ବଡ଼ଚଣା ସ୍ଥିତ ଓଡ଼ିଶାଆଦର୍ଶ ବିଦ୍ୟାଳୟର ପ୍ରତିଶତ ଛାତ୍ରଛାତ୍ରୀମାନେ ଶତ ପ୍ରତି ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟରେ ମୋଟ ୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ଅଭିପ୍ସା ୯୮ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି । ଅପରପକ୍ଷରେ ୧୧ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖୁଥିବା ବେଳେ ୧୯ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତ ନମ୍ବର ରଖୁଛନ୍ତି । ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବଡଚଣା ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ସମିତି ସଭ୍ୟ ମଧୁସୂଦନ ବଳ,ଧାନମଣ୍ଡଳ ସରପଞ୍ଚ ନବଦୀପ ନାୟକ, ପୂର୍ବତନ ସରପଞ୍ଚ ଚାଚାଲିନ ସ୍ୱାଇଁ ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଗୋରୁ ବେପାରୀଙ୍କୁ ଆକ୍ରମଣ କରି ୬୦ ହଜାର ଟଙ୍କା ଲୁଟ୍, ଯୁବକ ଗିରଫ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ବିଳାଶୁଣୀ ପଞ୍ଚାୟତ କନ୍ଦଳ ନଦୀବନ୍ଧ ବାଲିକୁଦା ଗ୍ରାମଠାରେ ଅଥଙ୍ଗା ଗ୍ରାମର ଯାନିସାହା ଦୁଇଟି ଗାଈବାଛୁରୀ ନେଇ ଯାଉଥିବାବେଳେ ବାଲିକୁଦା ଗ୍ରାମର ସୋମ୍ୟରଞ୍ଜନ ମହାନ୍ତି ଗାଈ ଓ ଯାନୀଙ୍କୁ ଅଟକାଇ ଥିଲେ । ପରେ ଚାରି ପାଞ୍ଚ ଜଣ ଯୁବକ ସେଠାରେ ପହଁଚିଥିଲେ । ସୋମ୍ୟରଞ୍ଜନ ଯାନୀଙ୍କୁ କଟୁରୀରେ ଆକ୍ରମଣ କରିବାସହ ୬୦ହଜାର ଟଙ୍କା ଓ ମୋବାଇଲ ଲୁଟିନେଇଥିବା ନିଆଳି ଥାନାରେ ଯାନିର ମାମୁଁ ବକାସାହା ଅଭିଯୋଗ କରିଛନ୍ତି । ଏ ନେଇ ନିଆଳି ଥାନାରେ ମାମଲା ରୁଜୁ କରାଯାଇ ସୋମ୍ୟରଞ୍ଜନ ମହାନ୍ତିଙ୍କୁ ଅଟକ ରଖାଯାଇଛି । ଏହି ଘଟଣାକୁ ନେଇ ଅଥଙ୍ଗା ବସ୍ତି ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଯାନିକୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି ।

# 'ଆଗେଇବା'ର ପ୍ରତିଷ୍ଠା ଦିବସ ପାଳିତ

# ସମ୍ବର୍ଦ୍ଧିତ ହେଲେ ପାଠକ ଓ ସାମ୍ବାଦିକ



ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ରୁ ପ୍ରକାଶିତ ହେଉଥିବା ଦୈନିକ ଖବର କାଗଜ 'ଆଗେଇବା' ର ଆଜି ପ୍ରତିଷ୍ଠା ଦିବସ ସ୍ଥାନୀୟତାଳଚେର ପଞ୍ଚାୟତ ସଭାଗୃହ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଖବର କାଗଜ ର ପ୍ରତିଷ୍ଠାତା ସଂପାଦକ ତଥା ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ଆଗେଇବା ଖବର କାଗଜ ୧୯୮୧ ମସିହାରୁ ପାକ୍ଷିକ, ସାପ୍ତାହିକ ଓ ଏବେ ଦୈନିକ ଭାବେ ପ୍ରକାଶ କରିବାର ପରିକଳ୍ପନା ସଂମ୍ପର୍କରେ ନିଜର ମତ ପ୍ରକାଶ କରିବା ସହ ବର୍ତ୍ତମାନ ସମୟରେ ଦୈନିକ ଖବର କାଗଜର ସମାଜ ପାଇଁ କେତେ ଉପକାରୀ ଓ ସମାଜ କଲ୍ୟାଣ ପାଇଁ ଖବରକାଗଜର ଭୂମିକାକୁ ସେ ବଖାଣି ଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ତାଳଚେର ତହସିଲଦାର ଆଲ୍ଲୀ ଜେନା ଉପସ୍ଥିତ ରହି ତାଳଚେରରେ ସାମ୍ବାଦିକ ମାନଙ୍କ ଭୂମିକା ଓ କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ସବୁ କ୍ଷେତ୍ରରେ ଗଠନ ମୂଳକ ଚିନ୍ତାଧାରା ରେ ସାମ୍ବାଦିକ ମାନେ କାର୍ଯ୍ୟ କରିବା ଜରୁରି ଏବଂ ତାଳଚେରରେ ତାହା ଦେଖିବାକୁ ମିଳୁଛି ବୋଲି ପ୍ରକାଶ କରିଥିଲେ । ବିଶେଷ କରି ଆଗେଇବା ଖବର କାଗଜରେ ସମସ୍ୟା ଭିତ୍ତିକ ଖବର ପ୍ରସାରଣ ନେଇ ଶ୍ରୀଜେନା ସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାୟକ, ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନର ସଭାପତି ଇଂ.ରମେଶ ଚନ୍ଦ୍ର ବେହେରା , ପ୍ରଗତିଶୀଳ ମଞ୍ଚର ଆବାହକ ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇ ଆଗେଇବା ଖବରକାଗଜ ଅଭିବ୍ୟକ୍ତ ଢେଙ୍କାନାଳ ଜିଲ୍ଲାରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରାଯିବା ସହ ଗ୍ରାମାଞ୍ଚଳ ର ଖବର ପ୍ରସାରଣ କ୍ଷେତ୍ରରେ ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ । ଏହି ଉତ୍ସବରେ ସାମ୍ବାଦିକ ସୌଭାଗ୍ୟ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ସରକାରୀ ଓକିଲ ନିର୍ମଳ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଗେଇବା ପରିବାର ସହିତ ଜଡିତ ଥିବା ସମସ୍ତ ସଦସ୍ୟ ଶୁଭେଚ୍ଛୁ ସମର୍ଥକ ସାମ୍ବାଦିକ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗମୀ ଦିନରେ ଏହି ଖବର କାଗଜ କିପରି ଅଧିକ ପୃଷ୍ଠା ମଣ୍ଡନ କରିବ ଓ ଲୋକଙ୍କ ଖବର କାଗଜ ହୋଇପାରିବ ସେଥିପାଇଁ ସଂପାଦକ ଶ୍ରୀ ସାହୁ ସମସ୍ତଙ୍କ ସହଯୋଗ ଲୋଡିଥିଲେ ।

# ଖମାନାଳ ପୋତି ହୋଇଅଛି

## ପ୍ରଶାସନ ନାଳ ଖୋଜିବା ବାହାନାରେ ଅଭିନୟ କରୁଛି

ଆସିକା: (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ଆସିକା ସହରର ଜବର ଦଖଲ ହୋଇଥିବା ଜମିର ପଟ୍ଟାଅଛି । ଦେଶ ସ୍ୱାଧୀନତା ହେବା ପର ଠାରୁ ଆସିକା ସହରର ସାଧାରଣ ଲୋକଙ୍କ ଜମି ଓ ଗୃହର ବନ୍ଦୋବସ୍ତ ବା (ପଟ୍ଟା) ଆଜି ସୁଦ୍ଧା ହୋଇନାହିଁ । ଯେଉଁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ସରକାରୀ ଜମି ଜବର ଦଖଲ କରିଛନ୍ତି, ସେମାନଙ୍କ ପଟ୍ଟା ଅଛି । ଆସିକା ସହରରେ ଯେଉଁ ସବୁ ସରକାରୀ ଜମିକୁ ଜବର ଦଖଲ ପରେ ମୋଟା ଅଙ୍କ ଦେଇ ପଟ୍ଟା ହୋଇଛି । ଏହାର ତଦନ୍ତ କରିଲେ ଖମା ନାଳର ଗୁମର ଖୋଲିବା ସହ ନେତା ଓ ବାବୁମାନଙ୍କ ଅସଲମୁଖା ଖୋଲିବ । ଖମାନାଳକୁ ନେଇ ବିଧାନସଭା ରେ ବହୁ ଥର ନିର୍ବାଚିତ ପ୍ରତିନିଧି ମାନେ ସ୍ୱର ଉତ୍ତୋଳନ କରିଥିବାର ନଜିର ରହିଛି । ପରବର୍ତ୍ତୀ ସମୟରେ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ମୁଠା ମୁଠା ଟଙ୍କା ଆଗରେ ବାବୁମାନେ ଧରାଶାୟୀ ହେଉଥିବା ଚର୍ଚ୍ଚା ହୋଇଆସୁଛି । ଆସିକା ହରିହର ନଗର ବା କୁମ୍ଭାର ସାହି ପଛ ପଟେ ଥିବା ଚାଷ ଜମି ନିକଟକୁ ଗଲେ ଏବେବି ଖମାନାଳ ଥିବା ଜମି ଉପରେ କୌଣସି ବ୍ୟକ୍ତି ବିଶେଷ ଗୃହ ନିର୍ମାଣ କରିନାହାନ୍ତି । ୮୦/୮୨ ମସିହାରେ ଏହି ଖମାନାଳରେ ଚାଷ ଜମିକୁ ପାଣି ଯୋଗାଇବା ସହ ମାଛଧରା ହେଉ କି କାନ୍ଧେଇବା ହେଉ ଆସିକା ଲୋକଙ୍କର ବିଭିନ୍ନ ଉପଯୋଗ ଆସେ ବୋଲି କହିଥିଲେ ହରିହର ନଗରର ପୁରୁଖା ଚାଷୀ ତଥା କାଉନସିଲର ଅରିକ୍ଷିତ ବେହେରା । ଖମାନାଳର ୧୯୪୯ ମସିହାର ଆସିକା ମ୍ୟାପ ଦେଖିଲେ ହଜିଥିବା ଖମାନାଳର ଖୋଲିବ ଗୁମର ବୋଲି କହିଛନ୍ତି । ଆସିକା ସାଂସଦ କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା ପ୍ରକାଶ କରିଛନ୍ତି ।



# ଖବର ପ୍ରସାରଣ ପରେ ଖୋଲୁଛି ବିନିସିପୁର ଜୁଆଖେଳର ଗୁମର



ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ବିନିସିପୁର ପଞ୍ଚାୟତ ବିନିସିପୁରରେ ବର୍ଷକ ବାରମାସ ଚାଲିଛି ଢୁଆଖେଳ । ଏହି ଜୁଆଖେଳପାଇଁ ବହୁପରିବାର ହେଉଛନ୍ତି ସର୍ବସ୍ୱାନ୍ତ । ଏମିତିକି ଏହି ଜୁଆଖେଳ ପାଇଁ ପୂର୍ବରୁ ଲୋକଙ୍କ ଜୀବନ ଯାଇଛି । ବହୁପରିବାର ଆର୍ଥିକ ଅନାଟନ ଗତିକରୁଥିବାବେଳେ କେତେପରିବାରରେ ବୈବାହିକ ଜୀବନରେ ଝଡସୃଷ୍ଟି ହୋଇଛି । ହେଲେ ଏସବୁକୁ ଖାତିର ନକରି ବର୍ଷସାରା ଖୁଲମ ଖୁଲା ଖେଳୁଛନ୍ତି ଜୁଆ । ଗଣମାଧ୍ୟରେ ଖବରପ୍ରକାଶ ପରେ ଯୁଆଖେଳାଳିଙ୍କ ଉତ୍ତର ମାସିକିଆ ଚାନ୍ଦା ଦେଉଛୁ ଖୁଲମ ଖୁଲା ଜୁଆ ଖେଳୁଛୁ ନା ଅଛି ପୋଲିସଙ୍କୁ ଭୟ ନା ଅଛି ଗ୍ରାମବାସୀଙ୍କୁ ଭୟ । ଯିଏ ମୁହଁଖୋଲିଲା ମୋଟା ଅଙ୍କର ଅର୍ଥଦେଇ ମୁହଁ ବନ୍ଦ କରାଗଲା । ଏଠାରେ ପ୍ରଶ୍ନ ଉଠୁଛି ପୋଲିସ ପ୍ରଶାସନ ଏହିଜୁଆଖେଳପ୍ରତି କାହିଁକି କଠୋର ଆଭିମୁଖ୍ୟ ଗ୍ରହଣ କରୁନାହିଁ ଆଗାମୀ ଦିନରେ ଏହି ଜୁଆଖେଳାକୁ ବନ୍ଦ କରାନଯାଏ । ସ୍ଥାନୀୟ ଅଞ୍ଚଳବାସୀ ଓ ଯୁବପିଢି ପଥଭ୍ରଷ୍ଟ ହେବାସହ ସର୍ବସ୍ୱାନ୍ତ ହୋଇଯିବେ । ଏଥିପ୍ରତି ଗ୍ରାମାଞ୍ଚଳ ଏସ୍‌ପି ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବିକରିଛନ୍ତି ।



# ଆମ କଳାହାଣ୍ଡି



ପୃଷ୍ଠା-୧୧
Page-11
ବୁଧବାର, ୨୧ ମଇ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ବିନା ନିଲାମରେ ଜଣକ ହାତରେ ୪ ମାର୍କେଟ୍ କମ୍ପ୍ଲେକ୍ସ

# କୁସୁମଖୁଣ୍ଟି ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋକସରା, (ଭାସ୍କର ନ୍ୟୁଜ୍ ) : ଅନ୍ୟ ବ୍ଲକର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ମୋଟେର ପଞ୍ଚାୟତ ପ୍ରଶାସନ ପକ୍ଷରୁ କୁସୁମଖୁଣ୍ଟି ମୌଜାରେ ଥିବା ଚାରୋଟି ମାର୍କେଟ କମ୍ପ୍ଲେକ୍ସକୁ ବିନା ନିଲାମରେ ଟେକି ଦିଆଯାଇଛି। ଯାହାକୁ ନେଇ କୁସୁମଖୁଣ୍ଟି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଗ୍ରାମବାସୀ ସୋମବାର କୋକସରା ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ମୌଜାରେ ପଞ୍ଚାୟତ ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ରହିଛି। ହେଲେ ଦିର୍ଘ ବର୍ଷ ପରେ ମଧ୍ୟ ସରକାରୀ ସ୍ତରରେ ନିଲାମ ଡକାଯାଇ ନାହିଁ, କିମ୍ବା ସ୍ଥାନୀୟ କୌଣସି ବ୍ୟକ୍ତିଙ୍କୁ ଏହି କମ୍ପ୍ଲେକ୍ସ ଦିଆ ଯାଇନାହିଁ। ହେଲେ ନିଲାମ ନହେବା ସତ୍ତ୍ୱେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ତା' ପୁଣି ବ୍ଲକ ବାହାରର ଲୋକଙ୍କୁ ଟେକି ଦିଆଯାଇଛି। ଚାରି କୋଠରୀ ବିଶିଷ୍ଟ ଏହି କମ୍ପ୍ଲେକ୍ସକୁ କିଭଳି ଭାବେ ଭାଙ୍ଗି ଜଣେ ବ୍ୟକ୍ତିଙ୍କୁ ଢ଼ାବା ଖୋଲିବାକୁ ଅନୁମତି ଦେଇଛି ପଞ୍ଚାୟତ କର୍ତୃପକ୍ଷ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଶା ଥିଲା ଏହି କମ୍ପ୍ଲେକ୍ସ ନିର୍ମାଣ ହୋଇ ନିଲାମ ଡକା ହେବାପରେ ସ୍ଥାନୀୟ କିଛି ବେରୋଜଗାର ଯୁବକ, ଯୁବତୀ ଦୋକାନ ବଜାର କରି ଆତ୍ମନିର୍ଭରଶୀଳ ହୋଇ ପରିବାର ପ୍ରତିପୋଷଣ କରିବେ। କିନ୍ତୁ ସେହିପରି ହେଲାନାହିଁ, ଏବଂ ଜଣକ ହାତରେ ଚାରୋଟି କମ୍ପ୍ଲେକ୍ସକୁ ପଞ୍ଚାୟତ ପକ୍ଷରୁ ଟେକି ଦିଆଯାଇଛି। ଏଣେ ପଞ୍ଚାୟତର ଏପରି କାର୍ଯ୍ୟଧାରାକୁ ବିରୋଧ କରିବା ସହ ସାମୁହିକ ଭାବରେ କେମିତି ଅଧିକ ଲୋକ ରୋଜଗାରକ୍ଷମ ହେଇପାରିବେ ସେ ନେଇ ଆଜି କୁସୁମଖୁଣ୍ଟି ଗ୍ରାମର ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଓ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କୁ ପ୍ରଦାନ କରାଯାଇଛି। କୋକସରା ବିଡ଼ିଓ ଡ଼.ମାଝୀ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ସେହିପରି ନୂତନ ଭାବରେ ତିଆରି ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ ଜାଗା ଚିହ୍ନଟ ପରେ ନିର୍ମାଣ ହେବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀଜେନା କହିଥିବା ଜଣାପଡିଛି।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ଥାନା ରେଙ୍ଗାପାଲି ଗ୍ରାମର ଏକ ଚହଲାରୁ ସୋମବାର ସନ୍ଧ୍ୟାରେ ଅଗ୍ନିଶମ ବିଭାଗ ଦ୍ୱାରା ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର ହୋଇଛି। ମୃତ ବୃଦ୍ଧା ଜଣକ ରେଙ୍ଗାପାଲି କଟାପଡାର ମକର ଚଣ୍ଡିଙ୍କ ସ୍ତ୍ରୀ ସନ୍ତା ଚଣ୍ଡୀ(୬୩) ବୋଲି ଜଣାପଡ଼ିଛି। ସେ' ଛେଳି ଚରାଇ ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ବାଟରେ ଥିବା ଏକ ଚହଲାକୁ ଯାଇଥିଲେ। ତେବେ ଅସାବଧାନତା ହେତୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଦିର୍ଘ ସମୟ ଧରି ବୃଦ୍ଧା ଜଣକ ଘରକୁ ଫେରି ନଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିବା ବେଳେ ଚହଲା ନିକଟରେ ତାଙ୍କ ଚପଲ ପଡିଥିବା ଦେଖିବାକୁ ପାଇ ପାଟଣାରେ ବୁଡ଼ି ଯାଇଥିବା ସନ୍ଦେହ କରିଥିଲେ। ଏହାପରେ ପରିବାର ଲୋକ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନିଲ ରଞ୍ଜନ ବାରଲା, ରାଧେଶ୍ୟାମ ପ୍ରଧାନୀ, ଦିଗାମ୍ବର ଶବର, ସତ୍ୟମ୍ ଶିବମ ମାଝୀ ପ୍ରମୁଖ ପହଞ୍ଚି ଦିର୍ଘ ସମୟର ପରିଶ୍ରମ ପରେ ଗଭୀର ପାଣି ଭିତରୁ ବୃଦ୍ଧାଙ୍କ ମୃତ୍ୟୁ ଦେହ ଉଦ୍ଧାର କରି ପରେ କୋକସରା ଥାନା ପୋଲିସକୁ ଶବ ହସ୍ତାନ୍ତର କରିଥିବା ଜଣାପଡିଛି।

## ■ 'ଅପରେସନ ସିନ୍ଦୂର'ର ସଫଳତାକୁ ସମ୍ମାନ

# ପରାକ୍ରମ ଶୋଭାଯାତ୍ରା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଫରଙ୍ଗ ଠାରୁ ଚପୁରିଆ ଧାନ ମଣ୍ଡି ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜୁନାଗଡ଼ ବିଧାୟକ ପାର୍ଥୀ ମୋନୋଜ ମେହେର ଜାତୀୟ ପତାକା ଦେଖାଇ ଏହି ପରାକ୍ରମ ବାଇକ ଶୋଭାଯାତ୍ରାର ଶୁଭ ଉଦ୍‌ଘାଟନ କରିଥିଲେ। ମାନ୍ୟବର ମୋନୋଜ ମେହେର ପରାକ୍ରମର ଏହି ଶୋଭାଯାତ୍ରା ଦେଶର ସୀମାନ୍ତରେ ଲଢୁଥିବା ଜାଗ୍ରତ ପ୍ରହରୀ ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି କହିଥିଲେ। ଦେଶଭକ୍ତିର ଭାବନାରେ ଉଦ୍‌ବୁଦ୍ଧ ହୋଇ ପ୍ରତ୍ୟେକ ଜନ ସାଧାରଣ ଏଥିରେ ଭାଗ ନେବାପାଇଁ ସେ ଉତ୍ସାହିତ କରିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଗୋଲାମୁଣ୍ଡା ଭାଜପା ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ଭାରତୀୟ ଜନତା ପାର୍ଟିର ଶତାଧିକ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ। ଜାମ୍ମୁ କାଶ୍ମୀରର ପହେଲଗାଓଁ ଠାରେ ହୋଇଥିବା ଆତଙ୍କବାଦୀ ଘଟଣା ପ୍ରତିବଦଳରେ ଅପରେସନ ସିନ୍ଦୁରର ସଫଳତା, ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ଭାରତୀୟ ଜବାନ ମାନଙ୍କୁ ସମ୍ମାନ ଜଣାଇଥିଲେ। ଏହି ଅବସରରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ତଥା ଜୁନାଗଡ଼ ବିଧାୟକ ପାର୍ଥୀ ମୋନୋଜ ମେହେର, ଗୋଲାମୁଣ୍ଡା ସଭାପତି ବୈଶାଖୁ କେତକୀ, ସାଂସଦ ପ୍ରତିନିଧି ପ୍ରସନ୍ନ ରାଉତ, ଭାଗ୍ୟବାନ ବାଗ ସମିର ସାହୁ, ବେଣୁଧର ସାହୁ, ବିଷ୍ଣୁ ପ୍ରସାଦ କାଣ୍ଡ, ସମେତ ଅନେକ ଭାଜପା କର୍ମୀ ଉପସ୍ଥିତ ରହି ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ଶ୍ରୀରାମ ଚରିତ ମାନସ କଥାମୃତ କାର୍ଯ୍ୟକ୍ରମ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଜଗନ୍ନାଥ ସେବା ସମିତି ସୌଜନ୍ୟ ତଥା ଧର୍ମଗଡ ବସ୍ତିପଡ଼ା ବାସୀଙ୍କ ସହଯୋଗରେ ଗତ ୧୪ତାରିଖ ବୁଧବାର ଠାରୁ ୨୨ ତାରିଖ ଗୁରୁବାର ପର୍ଯ୍ୟନ୍ତ ଧର୍ମଗଡ ବସ୍ତିପଡା ସାପ୍ତାହିକ ବଜାର ପଡିଆ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆଶୀର୍ବାଦ ଜୀ ମହାରାଜଙ୍କ ଦ୍ୱାରା 'ଶ୍ରୀ ରାମଚରିତ ମାନସ କଥାମୃତ'ର ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଚାଲୁଛି। ନଅ ଦିନ ଧରି ଏହି ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ହେବ। ପ୍ରତ୍ୟେହ ସଂଧ୍ୟା ୬ଘଣ୍ଟା ଠାରୁ ରାତି ୧୦ ଘଣ୍ଟା ଯାଏଁ ଚାଲୁଥିବା ଶ୍ରୀ ରାମ ଚରିତ ମାନସ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମରେ ଶହଶହ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଉଥିବା ଦେଖିବାକୁ ମିଳିଛି। ଧର୍ମଗଡ ଜଗନ୍ନାଥ ସେବା ସମିତିର ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବସ୍ତିପଡ଼ା ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଏହି ପବିତ୍ର ପ୍ରବଚନ କାର୍ଯ୍ୟକ୍ରମର ପରିଚାଳନା କରୁଥିଲା ବେଳେ କାର୍ଯ୍ୟକ୍ରମରେ ଦୂର ଦୁରାନ୍ତରୁ ବହୁ ଭକ୍ତଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଏହି ପ୍ରବଚନ କାର୍ଯ୍ୟକ୍ରମ ଗତ ୧୪ ତାରିଖ ଠାରୁ ଆରମ୍ଭ ହୋଇଛି। ସବିତା ନାଏକ ଓ ମନମୋହନ ନାଏକ, ରଶ୍ମିତା ସାହୁ ଓ ସରୋଜ କୁମାର ସାହୁ, ଦମୟନ୍ତୀ ଭୋଇ ଓ ରଙ୍ଗାଧର ଭୋଇ, ଜୟନ୍ତୀ ମାଝୀ ଓ ହେମନ୍ତ କୁମାର ମାଝୀ, ମିତାମ ମାଝୀ ଓ ମୁନିରାମ ମାଝୀ, ସ୍ୱର୍ଣଲତା ନାଏକ ଓ ଜୟନ୍ତ ନାଏକ, ବନିତା ନାଏକ ଓ ଫିଙ୍କର୍ ନାଏକ ପ୍ରମୁଖ ଭକ୍ତ ପ୍ରତ୍ୟହ ସକ୍ରିୟ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଦୋକାନୀଙ୍କ ରାସ୍ତା ଜବରଦଖଲ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବୃହତ ବ୍ୟବସାୟିକ ପେଣ୍ଠସ୍ଥଳୀ ରିଷିଡା ପଞ୍ଚାୟତ ତରଫରୁ ନିର୍ମିତ ଭଡ଼ା ଦୋକାନ ଗୃହରୁ ଭଡ଼ା ଟଙ୍କା ଆଦାୟ ହେଉ ନ ଥିବା ଜଣାଯାଇଛି। ଦୋକାନ କରିଥିବା ବେପାରୀ ମାନେ ଜାଣିଶୁଣି ନିଜ ଦଖଲରେ ଦୋକାନ ଗୃହ ରଖି ଭଡା ଦେଉନାହାନ୍ତି ଏବଂ ନିଜର ଫାଇଦା ଉଠାଉଛନ୍ତି। ଦୋକାନ ଭଡ଼ା ନେଇଥିବା କେତେଜଣ ଦୋକାନୀ ଦୀର୍ଘ ବର୍ଷ ହେଲା ଭଡ଼ା ଦେଉନାହାନ୍ତି। ଅପରପକ୍ଷରେ କେତେକ ଦୋକାନୀ ମୁଖ୍ୟରାସ୍ତାକୁ ମାଡ଼ି ଆଉ ଗୋଟିଏ ଲେଖାଏ ଦୋକାନ ଗୃହ ନିର୍ମାଣ କରି ମୁନାଫା ଉଠାଉଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଆଦୌ ଦୃଷ୍ଟି

### ବଢୁଛି ଟ୍ରାଫିକ୍ ସମସ୍ୟା

ଦେଉନଥିବା ଅଭିଯୋଗ ହେଉଛି। ରାସ୍ତା ଉପରକୁ ତିଆରି କରିଥିବା ଦୋକାନ ଘର ପାଇଁ କେବଳ ଗୋଟିଏ ଭଡ଼ା ଦେଉଥିବାବେଳେ ରାସ୍ତା ସଙ୍କୁଚିତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ରିଷିଡା ପଞ୍ଚାୟତର ବସଷ୍ଟାଣ୍ଡ ନିକଟ ଏବଂ ପଞ୍ଚାୟତ ସମ୍ମୁଖରେ ବିପଣୀ ଗୃହ ନିର୍ମାଣ ହୋଇଛି। ଏଥିରେ ଭଡ଼ା ଦେବାରେ ଖିଲାଫି ହେଉଥିଲେ ବି ପଞ୍ଚାୟତ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ କି ଦୋକାନ ଅନ୍ୟ କାହାରିକୁ ଦିଆଯାଉନାହିଁ। ଏବେ ମଧ ଅନେକ ଆଶାୟୀ ଦୋକାନ ଦେବା ପାଇଁ ବଞ୍ଚିତ ହୋଇଛନ୍ତି। ଦୋକାନ ଗୃହକୁ ଅନ୍ୟମାନଙ୍କୁ ଦେବାପାଇଁ ଅନେକ ଥର ପଞ୍ଚାୟତକୁ ଅଭିଯୋଗ କରାଯାଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ଅସହାୟ ମଣୁଥିବାବେଳେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

# ମଣ୍ଡି ପରିଦର୍ଶନ କଲେ ଜିଲ୍ଲାପାଳ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ପର୍ଲା ସ୍ଥିତ ଆର୍‌ଏମ୍‌ସି ମଣ୍ଡି ସୋମବାର ଦିନ ପରିଦର୍ଶନ କରିଛନ୍ତି ଜିଲ୍ଲା ପାଳ। ଭିତିଭୂମି ଓ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ଥିବା ଅନେକ ସମସ୍ୟା ଉପରେ ଦୃଷ୍ଟି ଗୋଚର କରିଥିଲେ। ଛତିଶଗଡ଼ ସୀମାନ୍ତ ରେ ରହିଥିବା ଯୋଗୁ ସିସି କ୍ୟାମେରା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ପାଳ ସଚିନ ପାୱାରଙ୍କ ସମେତ ଉପଜିଲ୍ଲାପାଳ ଧୀମାନ ଚମକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ,ତହସିଲଦାର ସଞ୍ଜୟ କୁମାର ସାମାନ୍ତରା, ଆର୍‌ଏମ୍‌ସି ସମ୍ପାଦକ, ପର୍ଲା। ସରପଞ୍ଚ ବ୍ରିଜଲାଲ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ

କୋକସରା, (ଭାସ୍କର ନ୍ୟୁଜ୍ ) : ବିଜୁ ଏକ୍ସପ୍ରେସୱେର କୋକସରା ବ୍ଲକ ଆମପାଣି ଥାନା ଭୁର୍ଷାଗୁଡା ଛକଠାରେ ସୋମବାର ମଧ୍ୟାହ୍ନରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଲେ ଭୁର୍ଷାଗୁଡା ଗ୍ରାମର ହାରାବତୀ ଧଙ୍ଗଡାମାଝୀ(୬୫) ବୋଲି ଜଣାପଡ଼ିଛି। ସେ ରାସ୍ତା ପାର ହେଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ସ୍ଥାନୀୟ ଯୁବକ ମାନେ ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆମପାଣି ଥାନା ପୋଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଆମପାଣି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସୂଚନା ଦେଇଛି। ପ୍ରକାଶ ଯେ' ମୃତ ବିଧବା ବୃଦ୍ଧା ଭୁର୍ଷାଗୁଡା ୟୁପି ସ୍କୁଲରେ ଦୀର୍ଘ ବର୍ଷ ହେବ ପାଚିକା ଭାବେ କାର୍ଯ୍ୟ କରି ଆସୁଥିଲେ। ଏଣୁ ତାଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲାଞ୍ଜିଗଡ଼ ପଞ୍ଚାୟତ ସମିତିର ଏକାଦଶ ଅଧିବେଶନ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ଼ ପଞ୍ଚାୟତ ସମିତିର ଏକାଦଶ ଅଧିବେଶନ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକସଭା ସାଂସଦ ପ୍ରତିନିଧି ଭାଗିରଥି ଧଙ୍ଗଡ଼ାମାଝୀ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଧିବେଶନରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ଠାକୁର ସ୍ୱାଗତ ଅଭିଭାଷଣ ସହିତ ବିବରଣୀ ପାଠ କରିଥିଲେ। ଏଥିରେ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ସେହିପରି ବ୍ଲକର ୨୬ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଚଳିତ ବର୍ଷ ପଞ୍ଚାୟତଗୁଡିକ ଦ୍ୱାରା ପଲ୍ଲୀସଭା ଓ ଗ୍ରାମସଭାରେ ଅନୁମୋଦିତ ବିକଶିତ ଗାଁ-ବିକଶିତ ଓଡ଼ିଶାର ପ୍ରକଳ୍ପକୁ ଗୃହୀତ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ସେହିପରି ବ୍ଲକ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଓ ଏହାର ନିରାକରଣ, ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଓ ଭିତିଭୂମି ନିର୍ମାଣ, ରାସ୍ତାଘାଟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ସଦସ୍ୟ ମାନେ ଆଲୋଚନାରେ ଭାଗ ନେଇଥିବାବେଳେ ଅଧିକାରୀ ମାନେ ଉତ୍ତର ରଖିଥିଲେ।

## ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ମୃତ



ଜୁନାଗଡ଼ (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅନ୍ତର୍ଗତ ଚିଚେଇଗୁଡା ଗ୍ରାମ ବୁଲାଣି ନିକଟରେ ସୋମବାର ସନ୍ଧ୍ୟାରେ ଏକ କାର ଓ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଛି। କାର ବାଇକ୍ ଦୁର୍ଘଟଣା ହେବା ଫଳରେ ବାଇକ୍ ଆରୋହୀ ଦୁଇ ଜଣ ଗୁରୁତର ହୋଇଥିଲେ। ସୂଚନା ମତେ ବୁଲେଟ୍ (ଓଡି୦୮ୟୁ୬୧୦୩)ରେ ଦୁଇ ଜଣଯୁବକ ଧର୍ମଗଡ଼ ପଟୁ ଆସୁଥିବା ବେଳେ ଜୁନାଗଡ ପଟୁ ଏକ କ୍ରେଟା କାର (ଓଡି୦୮ଟିଆ୭୦୭) ଯାଉଥିବା ବେଳେ ଚିଚେଇଗୁଡା ଛକ ଠାରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଧକ୍କା ହେବା ଫଳରେ ବୁଲେଟ୍ ଆରୋହୀ ଦୁଇ ଜଣ ଗୁରୁତର ହୋଇଥିବା ଜଣାଯାଇଥିଲେ। ଗୁରୁତର ଦୁଇ ଜଣଙ୍କୁ ପ୍ରଥମେ ଜୁନାଗଡ ଡାକ୍ତରଖାନାକୁ ଓ ପରେ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବାଇକ୍ ଆରୋହୀ ଦୁଇଜଣ ଭବାନୀପାଟଣା ହୋଇଥିବା ସୂଚନା ମିଳିଛି। ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଂଚି କାର ଓ ବୁଲେଟ୍‌କୁ ଜବତ କରି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

# ଗଡ଼ିଆଯୋରରେ ପଣ୍ଡରାମାଳି ସମାଜର ବୈଠକ



ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଗଡିଆଯୋର ଆମ୍ବ ତୋଟା ଠାରେ ଉପସଭାପତି ବୈକୁଣ୍ଠ ରଣାଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ଅନେକ ଅଞ୍ଚଳରୁ ପଣ୍ଡରାମାଳି ସମାଜର ବହୁ ସଂଖ୍ୟାକ ଲୋକ ଉପସ୍ଥିତ ରହିଥିଲେ। ନିଜ ନିଜ ମତ ପ୍ରକାଶ କରି ଗତ କିଛି ଦିନ ତଳେ ଚାହାରବାହଲ ଧାନ ମଣ୍ଡି ଠାରେ ଏକ ମହାସଭା ଆୟୋଜିତ ହୋଇ ସମାଜର ବିଭିନ୍ନ ପଦ ପଦବୀ ଘୋଷଣା କରାଯାଇଥିଲା। ତାହାକୁ ସମାଜ ତରଫରୁ ବୈଠକରେ ଦୃଢ଼ ବିରୋଧରେ କରାଯାଇଥିଲା। ସେହି ପରିପ୍ରେକ୍ଷୀରେ ଗଡିଆଯୋର ଆମ୍ବ ତୋଟା ଠାରେ ଏକ ସାଧାରଣ ବୈଠକ ଆୟୋଜନ କରାଯାଇ ଗଠିତ ହୋଇଥିବା ସଭାପତି ଏବଂ କୁଳପତିଙ୍କୁ ମଧ୍ୟ ଆଜିର ବୈଠକ ସମାଜ ପକ୍ଷରୁ ଏକ ଚିଠି ପଠାଯାଇଥିଲା। ହେଲେ ଉକ୍ତ ବୈଠକରେ ସଭାପତି କିମ୍ବା କୂଳପତିଙ୍କ ଅନୁପସ୍ଥିତିକୁ ନେଇ ଆଜିର ବୈଠକରେ ସମାଜ ପକ୍ଷରୁ ଦୃଢ଼ ବିରୋଧ କରାଯାଇଥିଲା। ଆଜିର ବୈଠକରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସମାଜ ଲୋକଙ୍କ ସହମତି କ୍ରମେ ପୁଣି ଏକ ମହାସଭା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ମହାସଭାକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ପ୍ରତ୍ୟେକ ବ୍ଲକରୁ ଦଶ ଦଶ ଜଣ ଲୋକଙ୍କୁ ନେଇ ଏକ କୋର କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି କଲମପୁର ଅଞ୍ଚଳରୁ ଉମାଶଙ୍କର ପୂଝାରୀ, ମଧୁସୂଦନ ନାଏକ, ଚନ୍ଦ୍ର ନାଏକ, କ୍ଷୀରୋଦ ନାଏକ, କୋକସରା ଅଞ୍ଚଳରୁ ଭଜମନ ନାଏକ, ଗୋବର୍ଦ୍ଧନ ନାଏକ, କ୍ଷୀର ସିନ୍ଧୁ ବୋଡକିଆ, ଗୋଲାମୁଣ୍ଡା ଅଞ୍ଚଳରୁ ତୁଳେଶ୍ୱର ନାଏକ, ଥିର ନାଏକ, କୃଷ୍ଣ ଚନ୍ଦ୍ର ନାଏକ, ବିପିନ ନାଏକ, ଧର୍ମଗଡ଼ ଅଞ୍ଚଳରୁ ବିଦ୍ୟାଧର ନାଏକ, ପ୍ରେମ ଲାଲ ନାଏକ, ଜୟ ଶଙ୍କର ନାଏକ, ଗିରି ପ୍ରସାଦ ନାଏକ, ମନୋଜ ନାଏକ, ଉଦିତ ନାଏକ, ସମେତ ବହୁଲୋକ ଉପସ୍ଥିତ ଥିଲେ।

## ରାଶିଫଳ

ବୁଧବାର, ୨୧ ମଇ ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ।



**ବୃଷ:** ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୈଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ବିରୋଧୀମାନେ ସକ୍ରିୟ ରହିବେ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**କନ୍ୟା:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ। ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।




ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯